# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୮/୨୦୨୩ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 28/2023 Page 18 ₹ 7.00

୪୯ଶ ଭାଗ ୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 65 ମୂଲ୍ୟ ₹୭/-




**ପାର୍ଶଭି ପ୍ଲେୟର ଅଫ୍ ଦି ମ୍ୟାଚ**

ନ୍ୟୁଜିଲାଣ୍ଡ ବିପକ୍ଷ ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତର ପାର୍ଶଭି ଚୋପ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୫

୦୭

**ଜ୍ୟାକଲିନଙ୍କୁ ବିଦେଶ ଯିବାକୁ ଅନୁମତି**

୨୦୦ କୋଟି ଟଙ୍କା ଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିସଙ୍କୁ ଦୁବାଇ ଯିବାକୁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଅନୁମତି ଦେଇଛନ୍ତି।








# ହିଣ୍ଡେନ୍‌ବର୍ଗ ଖୋଲିଲା ଆଦାନୀ ପେଡ଼ି

## ବିଶ୍ୱର ତୃତୀୟ ଧନୀରୁ ୭ ନମ୍ବରକୁ ଖସିଲେ ଗୌତମ ଆଦାନୀ

**ୱାଶିଂଟନ/ନୂଆଦିଲ୍ଲୀ, ୨୭।୧**

ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଦେଶର ଏହି ଅଗ୍ରଣୀ କମ୍ପାନୀ ନିଜ ଷ୍ଟକ୍ସ ଓ ଆକାଉଣ୍ଟରେ ଦଶନ୍ଧି ଧରି ବ୍ୟାପକ ହେରଫେର କରିଥିବା ନେଇ ଆମେରିକାର ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଅଭିଯୋଗ ଅଣାଯାଇଛି। ଗତ ମଙ୍ଗଳବାର ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ଏସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଘଟ କରିବା ପରେ ଭାରତୀୟ ପୁଞ୍ଜିବଜାର ଦୋହଲିଯାଇଛି। ଏହାର ପ୍ରଭାବରେ ଲଗାତର ଭାବେ ଆଦାନୀଙ୍କ ସମ୍ପତ୍ତି ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଫଳରେ ବିଶ୍ୱର ତୃତୀୟ ଧନୀ ବ୍ୟକ୍ତି ମାନ୍ୟତା ପାଇଥିବା ଆଦାନୀ ଏବେ ସପ୍ତମ ସ୍ଥାନକୁ ଖସିଯାଇଛନ୍ତି। ଅନ୍ୟପକ୍ଷେ ଆଦାନୀ ସମୂହ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ହିଣ୍ଡେନ୍‌ବର୍ଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ଜବାବରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ କହିଛି, ଆମ ଗବେଷଣାମୂଳକ ରିପୋର୍ଟ ସମ୍ପୂର୍ଣ୍ଣ ଭାବେ ତଥ୍ୟ ଆଧାରିତ। ତେଣୁ ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ। ଅନ୍ୟପକ୍ଷେ ଆଦାନୀ ଗ୍ରୁପ୍ ଅଧୀନରେ ଥିବା ବ୍ୟବସାୟିକ ସଂସ୍ଥାଗୁଡ଼ିକର ଶେୟାର ମୂଲ୍ୟ ବୁଧବାର ଓ ଶୁକ୍ରବାର ରେକର୍ଡ ପରିମାଣରେ ହ୍ରାସ ପାଇଥିବାରୁ ନିବେଶକମାନେ ବହୁ କୋଟି ଟଙ୍କା ହରାଇ ଚିନ୍ତାରେ ପଡ଼ିଛନ୍ତି। ଇତିମଧ୍ୟରେ ଆଦାନୀଙ୍କ କମ୍ପାନୀ ବିରୋଧରେ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ତନାଘନା ଆରମ୍ଭ କରିଛି।

ଜାନୁୟାରୀ ୨୪ରେ ଆମେରିକୀୟ ଶର୍ଟ ସେଲର୍ ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ କରିଥିଲା। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଆଦାନୀ ଗ୍ରୁପ୍ ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଏହି କମ୍ପାନୀ ନିଜ ଷ୍ଟକ୍ସ ଏବଂ ଆକାଉଣ୍ଟରେ ଅନେକ ଦଶନ୍ଧି ଧରି ଏହି କାରସାଦି କରିଥିବା ନେଇ ୨ ବର୍ଷର ଯାଞ୍ଚ ଓ ଖୋଳତାଡ଼ ପରେ ପ୍ରମାଣ ମିଳିଛି। ଆଦାନୀ ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀ ଅସାଧୁ ଉପାୟରେ ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୦ ବିଲିୟନ ଡଲାର ଠୁଳ କରିଛନ୍ତି। ପୁଞ୍ଜି ବଜାରରେ ତାଲିକାଭୁକ୍ତ ହୋଇଥିବା ଉକ୍ତ ସମୂହର



ଗୌତମ ଆଦାନୀ

୭ ମୁଖ୍ୟ କମ୍ପାନୀ ଏହି ଅବଧି ମଧ୍ୟରେ ହାରାହାରି ୮୧୯% ଉପରକୁ ଉଠିଛି। ଗବେଷଣା ବେଳେ ଆଦାନୀ ଗ୍ରୁପ୍‌ର ସିନିୟର ଏକ୍‌ଜିକ୍ୟୁଟିଭମାନଙ୍କ ମତାମତ ନେଇ ଅନେକ ହଜାର ଦସ୍ତାବିଜର ସମୀକ୍ଷା ସହ ପ୍ରାୟ ଅଧ ଡଜନ ଦେଶରେ ଅନୁଧ୍ୟାନ କରାଯାଇଥିବା ଏଥିରେ ଉଲ୍ଲେଖ କରାଯାଇଛି। ଏହି ଗବେଷଣାକୁ ଅଣଦେଖା କରି ଆଦାନୀ ଗ୍ରୁପ୍ ଅଧୀନ ୭ କମ୍ପାନୀର ଶେୟାର କିଣୁଥିବା ନିବେଶକମାନଙ୍କ ଉଦ୍ଦେଶ୍ୟରେ ଆହୁରି କୁହାଯାଇଛି ଯେ, ଏହାର ଫେସ୍ ଭାଲ୍ୟୁ ୮୫% ପର୍ଯ୍ୟନ୍ତ

**■ ଆଦାନୀ ସମୂହ ବିରୋଧରେ ସାଂଘାତିକ ଅଭିଯୋଗ**
**■ ଷ୍ଟକ୍ସ, ଆକାଉଣ୍ଟରେ ବ୍ୟାପକ ହେରଫେର**
**■ ରିପୋର୍ଟ ପ୍ରଘଟ ପରେ ପୁଞ୍ଜି ବଜାର ଧରାଶାୟୀ**

ତଳକୁ ଖସିବ। ତେଣୁ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀଙ୍କ କମ୍ପାନୀଗୁଡ଼ିକର ଶେୟାରଗୁଡ଼ିକୁ ଶର୍ଟ ସେଲ୍ କରିଥିବା ଉକ୍ତ ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

କେବଳ ଏତିକି ନୁହେଁ, ଆଦାନୀଙ୍କ ପରିବାର ସଦସ୍ୟମାନେ ଟିକସ ଫାଙ୍କିବା ପାଇଁ ବିଦେଶରେ ଜାଲ୍ କମ୍ପାନୀ ଖୋଲିଛନ୍ତି। ସେମାନେ ଜାଲ୍ ଦସ୍ତାବିଜ ପ୍ରସ୍ତୁତ କରି ମରିସସ୍, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ କାରିବିଆନ୍ ଆଇଲାଣ୍ଡ ଭଳି ଦେଶ ସହ ଆମଦାନୀ/ରପ୍ତାନି କରିଥିବା ଏଥିରେ ଅଭିଯୋଗ ଅଣାଯାଇଛି। ୨୦୦୪-୨୦୦୫ରେ ହୋଇଥିବା ହୀରା କାରବାରରେ ଗୌତମ ଆଦାନୀଙ୍କ ସାନଭାଇ ରାଜେଶ ଆଦାନୀ ମୁଖ୍ୟ ଭୂମିକା ନେଇଥିବା ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ) ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଏହି ଯୋଜନାରେ ତାଙ୍କ ଜାଲ୍ କମ୍ପାନୀଗୁଡ଼ିକର ସମ୍ପୃକ୍ତି ରହିଥିଲା। ଜାଲିଆତି ଓ ଟିକସ ଠକେଇ ମାମଲାରେ ରାଜେଶ ୨ ଥର ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜେଶ ଆଦାନୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ଗୌତମ ଆଦାନୀଙ୍କ ଶାଳକ ସମୀର ଭୋରା ମଧ୍ୟ ଏହି ମାମଲାର ଅଭିଯୁକ୍ତ। କିନ୍ତୁ ସେ ରେଗୁଲେଟର୍ସଙ୍କୁ ବାରମ୍ବାର ମିଥ୍ୟା ବୟାନ ଦେଇ ଚାଲିଥିଲେ। ଗୌତମ ଆଦାନୀ ତାଙ୍କୁ ଆଦାନୀ ଅଷ୍ଟ୍ରେଲିଆ ଡିଭିଜନ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ ପଦୋନ୍ନତି ଦେଇଥିଲେ ବୋଲି ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଏଥିରେ ଉଲ୍ଲେଖ କରିଛି।

ଅଧିକ ରିପୋର୍ଟ ପୃଷ୍ଠା: ୨

# ନବୀନ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ

**ଇଣ୍ଡିଆ ଟୁଡେ-ସିଭୋଟର ଜନମତ ସର୍ଭେ**



ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୨୭।୧ (ବ୍ୟୁରୋ)**

ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କୁ ପଛରେ ପକାଇ ନବୀନ ପଟ୍ଟନାୟକ ଦେଶରେ ସବୁଠୁ ଅଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଇଣ୍ଡିଆ ଟୁଡେ-ସିଭୋଟର ମୁଡ୍ ଅଫ୍ ନେଶନ(ଏମ୍‌ଓଟିଏନ୍) ଜନମତରେ ନବୀନ ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ନିଜ ରାଜ୍ୟରେ ୭୩.୨ ପ୍ରତିଶତ ଲୋକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ତୁଷ୍ଟ ଅଛନ୍ତି। ନବୀନଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଦିଲ୍ଲୀ ☞ପୃଷ୍ଠା-୪

**ମହାନଦୀକୁ ଡେଇଁ ଅଚିହ୍ନା ଯୁବତୀ ମୃତ**
........୩........

**କଲେଜ ଛାତ୍ରଙ୍କୁ ଅପହରଣ ପରେ ହତ୍ୟା ମାମଲା ୨ ଦିନିଆ ରିମାଣ୍ଡରେ ଅଭିଯୁକ୍ତ**
........୧୩........

**ଆଜିର ସମ୍ପାଦକୀୟ**

ନିଯୁକ୍ତି ଆଲୋଡ଼ନ

**ଆଜିର ମନ୍ତବ୍ୟ**

"ଦେଶରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଜାରି ହୋଇଛି। ନ୍ୟାୟପାଳିକାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଏକ ଅଂଶରେ ପରିଣତ କରିବା ପାଇଁ ଉଦ୍ୟମ ଚାଲିଛି।

-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ



ନେଦରଲାଣ୍ଡ ବିପକ୍ଷ ସେମିଫାଇନାଲ ଜିତିବା ପରେ ଉଲ୍ଲସିତ ବେଲଜିୟମ ଖେଳାଳି।

# ଜର୍ମାନୀ-ବେଲଜିୟମ ଫାଇନାଲ

**ଭୁବନେଶ୍ୱର, ୨୭।୧ (କ୍ରୀଡ଼ା ପ୍ରତିନିଧି)**

ଗତଥରର ଚାମ୍ପିୟନ ବେଲ୍‌ଜିୟମ କ୍ରମାଗତ ଦ୍ୱିତୀୟ ଥରପାଇଁ ହକି ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଏହି ଦଳ ଆସନ୍ତା ରବିବାର ଜର୍ମାନୀକୁ ଭେଟିବ। ବେଲଜିୟମ ଓ ଗତ ସଂସ୍କରଣର ରନରଅପ୍ ନେଦରଲାଣ୍ଡ୍ସ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହାଇ ଭୋଲ୍ଟେଜ ଦ୍ୱିତୀୟ ସେମିଫାଇନାଲ ଖେଳ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ଫଳରେ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ବେଲଜିୟମ ୩ଟି ଗୋଲ ଦେଇଥିବାବେଳେ ନେଦରଲାଣ୍ଡ୍ସ ୨ଟି ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ବେଲଜିୟମ-ନେଦରଲାଣ୍ଡ୍ସ ଦ୍ୱିତୀୟ ସେମିଫାଇନାଲ ୨୦୧୮ ଫାଇନାଲର ରିମ୍ୟାଚ ସଦୃଶ ଥିଲା। ମାତ୍ର ୨ ଥରଯାକ ବେଲଜିୟମ ବିଜୟ ସ୍ୱାଦ ଚାଖିଥିଲା। ଗତ ସଂସ୍କରଣର ଫାଇନାଲରେ ନେଦରଲାଣ୍ଡ୍ସକୁ ପେନାଲ୍ଟି ଶୁଟ୍‌ଆଉଟ ୩-୨ ଗୋଲରେ ବେଲଜିୟମ ପରାସ୍ତ କରିଥିଲା। ଚଳିତ ସଂସ୍କରଣର ପ୍ରଥମ ସେମିଫାଇନାଲରେ ଗତଥରର ବ୍ରୋଞ୍ଜ ମେଡାଲିଷ୍ଟ ଅଷ୍ଟ୍ରେଲିଆକୁ ୪-୩ ଗୋଲରେ ହରାଇ ଜର୍ମାନୀ ଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ପରାଜିତ ଦୁଇ ଦଳ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବେ।

ବିଶ୍ୱର ୨ ନମ୍ବର ବେଲଜିୟମ ଓ ୩ ନମ୍ବର ନେଦରଲାଣ୍ଡ୍ସ ମଧ୍ୟରେ ମ୍ୟାଚ ଆରମ୍ଭରୁ ସ୍ୱାଭାବିକଭାବେ ☞ପୃଷ୍ଠା-୪

**ହକି ବିଶ୍ୱକପ**

**ବ୍ରୋଞ୍ଜ ପାଇଁ ଲଢ଼ିବେ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ**

# 'ଏଚ୍‌ଏସଟିଡିଭି' ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୨୭।୧**

ଡିଆରଡିଓ ପକ୍ଷରୁ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଶୁକ୍ରବାର ଏଚ୍‌ଏସଟିଡିଭି (ହାଇପର୍‌ସୋନିକ ଟେକ୍ନୋଲୋଜି ଡେମନଷ୍ଟ୍ରେଟର ଭେଇକିଲ) କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର



ଶବ୍ଦର ଗତିଠାରୁ ୬ଗୁଣ ଅଧିକ ବେଗରେ ଗତି କରିପାରିବ। ଏଥିରେ ସ୍କାର୍ମଜେଟ ଇଞ୍ଜିନ ବ୍ୟବହାର କରାଯାଇଛି। ଏହା ହାଇପରସୋନିକ ଓ ଦୂରଗାମୀ କ୍ରୁଜ ମିଶାଇଲକୁ ବହନ କରିପାରିବ। ସୂଚନାଯୋଗ୍ୟ, ଏହାର ବେଗର ତୀବ୍ରତା ଯୋଗୁ ଏହି କ୍ଷେପଣାସ୍ତ୍ରକୁ ଅନ୍ୟ ରାଡାର ଠାବ କରିବା ସହଜ ହୋଇ ନ ଥାଏ।

# ଗ୍ରାମସଭା ବର୍ଜନ କଲେ ଜିଲାର ୩୧୭ ସରପଞ୍ଚ

## ଆବାସ ଯୋଜନା ଅନୁମୋଦନ ନୋହିଲା

**ବଲାଙ୍ଗୀର ଅଫିସ, ୨୭।୧**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରାଯିବାକୁ ବଲାଙ୍ଗୀର ଜିଲାର ୩୧୭ ଗ୍ରାମ ପଞ୍ଚାୟତରେ ସର୍ଭେ କରାଯାଇଥିଲା। ଏହାର ନୂଆ ତାଲିକା ପ୍ରସ୍ତୁତ ହୋଇଛି। ଏହାକୁ ଗ୍ରାମସଭାରେ ଅନୁମୋଦନ କରାଯିବା କଥା। ତେବେ ପ୍ରସ୍ତୁତ ହୋଇଥିବା ତାଲିକାରେ ଅନେକ ବିସଙ୍ଗତି ରହିଥିବା ଏବଂ ତାଲିକା ପ୍ରସ୍ତୁତିରେ ସରପଞ୍ଚମାନଙ୍କ କୌଣସି ମତ ନିଆଯାଇ ନ ଥିବାରୁ ଏହା ଗ୍ରହଣଯୋଗ୍ୟ ନୁହେଁ ବୋଲି ଜିଲାର ସରପଞ୍ଚମାନେ କହିଛନ୍ତି। ଅନ୍ୟପକ୍ଷେ ତାଲିକା ଗ୍ରାମସଭାରେ ଅନୁମୋଦନ ହୋଇ ନ ଥିବାରୁ ହିତାଧିକାରୀମାନେ ଆବାସ ଯୋଜନାରେ ଘର ପାଇବା ବିଳମ୍ବ ହେଉଛି। ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଜିଲାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେବା କଥା। ଏହି ଗ୍ରାମସଭାରେ ଆବାସ ଯୋଜନା ତାଲିକା ଅନୁମୋଦନ କରିବାକୁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ସରପଞ୍ଚମାନେ ଅସ୍ୱୀକାର କରି ଗ୍ରାମସଭା ବର୍ଜନ କରିଛନ୍ତି। ଫଳରେ ଜିଲାର ୩୧୭ ଗ୍ରାମ ପଞ୍ଚାୟତରେ ଗ୍ରାମସଭା ହୋଇପାରି ନ ଥିବା ଜଣାପଡିଛି। ଜିଲା ସରପଞ୍ଚ ସଂଘ ସଭାପତି ବୀରଭଦ୍ର ସାହୁ, ☞ପୃଷ୍ଠା-୪

## ସରପଞ୍ଚ, ନିର୍ବାହୀ ଅଧିକାରୀଙ୍କୁ ତାଲା

**ଛେଣ୍ଡିପଦା, ୨୭।୧ (ସ୍ୱ.ପ୍ର.)**

**ଆବାସରୁ ନାମ କଟିବାର ପ୍ରତିବାଦ**

ଆବାସ ଯୋଜନାରୁ ନାମ କଟିଯିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଅନୁଗୋଳ ଜିଲା ବଅଁରପାଳ ବ୍ଲକ ସାନ୍ତାରାପୁର(କ) ପଞ୍ଚାୟତର କେତେଜଣ ବାସିନ୍ଦା। ଅସନ୍ତୁଷ୍ଟ ହିତାଧିକାରୀମାନେ ଗୁରୁବାର ସରପଞ୍ଚ ନବୀନ ବେହେରା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୋଳେଶ୍ୱର ସାହୁଙ୍କୁ ୩ ଘଣ୍ଟା ଧରି ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇଥିଲେ। ଖବରପାଇ ଜରପଡ଼ା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଉତ୍ୟକ୍ତ ହିତାଧିକାରୀମାନେ ତାଲା ଖୋଲିଥିଲେ। ସୂଚନା ଅନୁଯାୟୀ, ସାନ୍ତାରାପୁର(କ) ପଞ୍ଚାୟତର ବହୁ ହିତାଧିକାରୀ ଆବାସ ଯୋଜନାରେ ଘରଟିଏ ପାଇଁ ଦୀର୍ଘବର୍ଷ ହେଲା ଅପେକ୍ଷାରେ ରହିଛନ୍ତି। ହେଲେ ପଞ୍ଚାୟତର ଜଣେ ମାତ୍ର ହିତାଧିକାରୀଙ୍କ ନାମରେ ଘର ଆସିଥିବା ଜଣାପଡ଼ିବା ପରେ ଅନ୍ୟମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜାଣିଶୁଣି ସେମାନଙ୍କ ନାମ କାଟି ଦିଆଯାଇଥିବା ଅଭିଯୋଗ କରି କେତେଜଣ ମହିଳା ହିତାଧିକାରୀ ପଞ୍ଚାୟତ ଅଫିସରେ ପହଞ୍ଚି ସେଠାରେ ଉପସ୍ଥିତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ତାଲା ପକାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଏକପ୍ରକାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ☞ପୃଷ୍ଠା-୪

# ଗ୍ରାଣ୍ଡସ୍ଲାମରୁ ସାନିଆଙ୍କ ବିଦାୟ

**ମେଲବୋର୍ନ, ୨୭।୧ (ପି.ଟି.)**

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସ ବର୍ଗରେ ରନର୍ସ ଅପ୍ ହେବା ସହିତ ଗ୍ରାଣ୍ଡସ୍ଲାମ କ୍ୟାରିୟରକୁ ବିଦାୟ ଜଣାଇଛନ୍ତି ଭାରତୀୟ ଟେନିସ ତାରକା ସାନିଆ ମିର୍ଜା। ଅନ୍ୟତମ ଭାରତୀୟ ଖେଳାଳି ରୋହନ ବୋପାନ୍ନାଙ୍କ ସହିତ ଯୋଡି ହୋଇ ଖେଳୁଥିବା ସାନିଆ ଫାଇନାଲରେ ବ୍ରାଜିଲର ଲୁସିଆ ଷ୍ଟିଫାନି ଓ ରାଫେଲ ମାଟାଓସଙ୍କ ନିକଟରୁ ୬-୭(୨) ଓ ୨-୬ ସେଟରେ ପରାଜିତ ହୋଇଛନ୍ତି। ଶୁକ୍ରବାର ରଡ ଲାଭେର ଆରେନାରେ ଖେଳାଯାଇଥିବା ଫାଇନାଲରେ ଅଣସିଡେଡ୍ ସାନିଆ-ବୋପାନ୍ନା ଯୋଡି ପ୍ରଥମ ସେଟରେ କଡା ଟକ୍କର ଦେଇଥିଲେ। ଟାଇବ୍ରେକରରେ ସାନିଆ-ବୋପାନ୍ନା ପ୍ରଥମ ସେଟ୍‌ରେ ହାରିଥିବା ବେଳେ ଦ୍ୱିତୀୟ ସେଟକୁ ୨-୬ରେ ହାରି ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଫେବୃୟାରୀରେ ଦୁବାଇ ମାଷ୍ଟର୍ସ ଟେନିସ୍ ଟୁର୍ନାମେଣ୍ଟ ପରେ ଅବସର ନେବା ସମ୍ପର୍କରେ ସାନିଆ ଘୋଷଣା କରିଥିଲେ। ଏହା ସାନିଆଙ୍କ



କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ ହୋଇଥିବା ବେଳେ ମିକ୍ସଡ ଡବଲ୍ସରେ ରନର୍ସ ଅପ୍ ହୋଇଛନ୍ତି। ମ୍ୟାଚ ପରବର୍ତ୍ତୀ ଭାଷଣ ସମୟରେ ସାନିଆ ବେଶ୍ ଭାବବିହ୍ୱଳ ହୋଇ ପଡିଥିଲେ। ମେଲବୋର୍ନରୁ ମୁଁ କ୍ୟାରିୟର ଆରମ୍ଭ କରିଥିବା ବେଳେ ମୋର ଗ୍ରାଣ୍ଡସ୍ଲାମ କ୍ୟାରିୟର ଏଠାରେ ଶେଷ କରିବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ସାନିଆ କହିଥିଲେ। ଏହି ଟୁର୍ନାମେଣ୍ଟଟି ଏକାଧିକ କାରଣରୁ ମୋ ପାଇଁ ସ୍ୱତନ୍ତ୍ର। ପ୍ରଥମତଃ ଅଷ୍ଟ୍ରେଲିଆନ ଓପନରୁ ମୋର ଗ୍ରାଣ୍ଡସ୍ଲାମ କ୍ୟାରିୟର ଆରମ୍ଭ ହୋଇଥିଲା ଏବଂ ବୋପାନ୍ନା ମୋର ପ୍ରଥମ ମିକ୍ସଡ ଡବଲ୍ସ ପାର୍ଟନର। ତେଣୁ ଏଠାରେ ନିଜର ଗ୍ରାଣ୍ଡସ୍ଲାମ କ୍ୟାରିୟର ଶେଷ କରିବା ଅତ୍ୟନ୍ତ ଗର୍ବର ବିଷୟ। ୩୬ ବର୍ଷୀୟ ସାନିଆ ନିଜ ଟେନିସ୍ କ୍ୟାରିୟରରେ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୨୦୦୯ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୨ ଫ୍ରେଞ୍ଚ ଓପନ ମହେଶ ଭୂପତିଙ୍କ ସହିତ ଜିତିଥିବା ବେଳେ ବ୍ରାଜିଲର ବ୍ରୁନୋ ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୮ ଜାନୁୟାରୀ, ୨୦୨୩



ଆଇନାନୁସାରେ ଶାସନ ବ୍ୟବସ୍ଥା ଏବଂ କୋର୍ଟଗୁଡ଼ିକରେ ହିନ୍ଦୀ ଓ ଇଂଲିଶ୍ ଭାଷା ବ୍ୟବହାର କରାଯାଉଛି। ଦେଶରେ ସଂସ୍କୃତକୁ ସରକାରୀ ଭାଷା କାହିଁକି କରାଯାଇପାରିବ ନାହିଁ?
-ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ,
ଭାରତର ପୂର୍ବତନ ପ୍ରଧାନ ବିଚାରପତି



## ସଂକ୍ଷେପରେ

### ଓରେଭା ଗ୍ରୁପ୍ ଏମ୍‌ଡି ଅଭିଯୁକ୍ତ

### ମୋର୍ବି ପୋଲ ଭୁଶୁଡ଼ିବା ଘଟଣାରେ ଚାର୍ଜଶିଟ୍

**ଅହମଦାବାଦ,୨୭।୧:** ଗତବର୍ଷ ଅକ୍ଟୋବରରେ ଗୁଜରାଟର ମୋର୍ବି ଝୁଲା ପୋଲ ଭୁଶୁଡ଼ି ୧୩୫ ଜଣଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଥିଲେ। ଏହି ମାମଲାରେ ପୋଲିସ ଶୁକ୍ରବାର ୧,୨୬୨ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ପୋଲ ପରିଚାଳନା ଦାୟିତ୍ୱରେ ଥିବା ଓରେଭା ଗ୍ରୁପ୍‌ର ଏମ୍‌ଡି ଜୟସୁଖ ପଟେଲଙ୍କ ସମେତ ୧୦ ଜଣଙ୍କୁ ଅଭିଯୁକ୍ତ କରାଯାଇଛି। ସେମାନଙ୍କ ବିରୋଧରେ ଆଇପିସିର ଧାରା ୩୦୮, ୩୦୪, ୩୩୬, ୩୩୮ ଏବଂ ୧୧୪ ଲଗାଯାଇଛି। ମୃତକମାନଙ୍କ ପରିବାରକୁ କ୍ଷତିପୂରଣ ଦେବା ଲାଗି ୨ ଦିନ ପୂର୍ବରୁ ଓରେଭା ଗ୍ରୁପ୍ ଦେଇଥିବା ପ୍ରସ୍ତାବରେ ଗୁଜରାଟ ହାଇକୋର୍ଟ ରାଜି ହୋଇଥିଲେ ହେଁ ଏଥିପାଇଁ ସଂସ୍ଥାକୁ ଦୋଷମୁକ୍ତ କରାଯାଇପାରିବ ନାହିଁ ବୋଲି କହିଥିଲେ। ଗତବର୍ଷ ଅକ୍ଟୋବର ୩୦ରେ ଭୁଶୁଡ଼ି ପଡ଼ିଥିବା ବ୍ରିଟିଶ ଅମଳର ମୋର୍ବି ଝୁଲା ପୋଲ ପରିଚାଳନା ଦାୟିତ୍ୱରେ ଓରେଭା ଗ୍ରୁପ୍ (ଅଜନ୍ତା ମ୍ୟାନୁଫାକ୍ଚରିଂ ଲିମିଟେଡ୍) ରହିଥିଲା। ୨୦୨୧ ଡିସେମ୍ବର ୨୯ରୁ ୨୦୨୨ ମାର୍ଚ୍ଚ ୭ରେ ବ୍ରିଜ୍ ବନ୍ଦ ହେବା ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରିବା ଲାଗି ଓରେଭା ଗ୍ରୁପ୍‌କୁ କିପରି ଅନୁମତି ଦିଆଯାଇଥିଲା ବୋଲି ମୋର୍ବି ପୌରସଂସ୍ଥା ଏହାର ସତ୍ୟପାଠରେ ପ୍ରକାଶ କରି ନ ଥିବା ହାଇକୋର୍ଟ କହିଥିଲେ।

### ପାର୍ଲାମେଣ୍ଟ ବଜେଟ ଅଧିବେଶନରେ ଚାଇନା ଉପରେ ଆଲୋଚନା ହେଉ: କଂଗ୍ରେସ

**ନୂଆଦିଲ୍ଲୀ,୨୭।୧(ପି.ଟି.):** ଡିଜିପି-ଆଇଜିପି ବାର୍ଷିକ ସମ୍ମିଳନୀରେ ଉପସ୍ଥାପନ କରାଯାଇଥିବା ରିସର୍ଚ୍ଚ ପେପରକୁ ନେଇ କଂଗ୍ରେସ ଶୁକ୍ରବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଚାଇନା ପ୍ରତି ସରକାରଙ୍କ ଦୁର୍ବଳ ମନୋଭାବକୁ ରିସର୍ଚ୍ଚ ପେପର ପଦାରେ ପକାଇଥିବା କଂଗ୍ରେସ ଅଭିଯୋଗ କରିବା ସହ ଆଗାମୀ ବଜେଟ ଅଧିବେଶନରେ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବି ଚାଇନାକୁ ଭୟ କରନ୍ତି କି ନାହିଁ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ପୱନ ଖେରା ଆହ୍ୱାନ ଦେଇଛନ୍ତି। ଚାଇନାର ବେଆଇନ ଦଖଲ ଏବଂ ଭିତ୍ତିଭୂମି ନିର୍ମାଣ ଅଭିଯୋଗକୁ ମୋଦି ସରକାର କ୍ରମାଗତ ଭାବେ ଖଣ୍ଡନ କରିଆସୁଛନ୍ତି। ଏହା ଚାଇନାକୁ ଉତ୍ସାହିତ କରିବା ସହ ଭାରତର ଜାତୀୟ ସୁରକ୍ଷା ପ୍ରତି ସାଲିସ୍ କରାଯାଉଥିବା ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଭାରତ-ଇଜିପ୍ଟ ସାଂସ୍କୃତିକ ସହଯୋଗ ଏମ୍‌ଓୟୁ

**ନୂଆଦିଲ୍ଲୀ,୨୭।୧(ପି.ଟି.):** ଭାରତ ଓ ଇଜିପ୍ଟ ମଧ୍ୟରେ ସାଂସ୍କୃତିକ ସହଯୋଗ ଲାଗି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁ ଅନୁଯାୟୀ ସଙ୍ଗୀତ, ନୃତ୍ୟ, ଥିଏଟର, ଲାଇବ୍ରେରି, ଗବେଷଣା ଓ ଡକ୍ୟୁମେଣ୍ଟେଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉଭୟ ଦେଶରେ ଆୟୋଜନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସିଙ୍କ ଉପସ୍ଥିତିରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଆରବ ରିପବ୍ଲିକ୍ ଅଫ୍ ଇଜିପ୍ଟର ବହିର୍ବ୍ୟାପାର ମନ୍ତ୍ରୀ ସମେହ ହାସନ ଶୌକ୍ରିଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ସାଂସ୍କୃତିକ ସହଯୋଗ ଜାରି ରଖିବା ନିମନ୍ତେ ୫ ବର୍ଷ ପାଇଁ ଏମ୍‌ଓୟୁ ହୋଇଥିବା ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି।

## ଫେବୃୟାରୀରେ ଆସିବେ ୧୨ ଚିତା



### ଭାରତ-ଦକ୍ଷିଣ ଆଫ୍ରିକା ଚୁକ୍ତି

ଦକ୍ଷିଣ ଆଫ୍ରିକାରୁ ଆସନ୍ତା ମାସରେ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ୧୨ଟି ଚିତାବାଘ ଆସିବେ। ଏଥିପାଇଁ ଗତ ସପ୍ତାହରେ ଦକ୍ଷିଣ ଆଫ୍ରିକା ସହ ଚୁକ୍ତି ସ୍ୱାକ୍ଷର ହୋଇଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଶୁକ୍ରବାର ସୂଚନା ଦେଇଛନ୍ତି। ଫେବୃୟାରୀ ୧୫ରେ ଉକ୍ତ ଚିତାଗୁଡ଼ିକ କୁନୋରେ ପହଞ୍ଚିବା ଆଶା କରାଯାଉଛି। ୭ଟି ଅଣ୍ଡିରା ଓ ୫ଟି ମାଈ ଚିତା ଆଣିବା ଲାଗି ଚୁକ୍ତି ହୋଇଛି। ସେମାନଙ୍କୁ ଗତବର୍ଷ ଜୁଲାଇରୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଦକ୍ଷିଣ ଆଫ୍ରିକା ଭାରତକୁ ପ୍ରତିବର୍ଷ ୧୨ଟି ଲେଖାଏ ଚିତା ୧୦ ବର୍ଷ ପଠାଇବାକୁ ଯୋଜନା କରିଥିବା ଏହାର ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏନେଇ ଭାରତ ସରକାରଙ୍କ ପକ୍ଷରୁ କିଛି କୁହାଯାଇ ନାହିଁ।

## ତୁର୍କୀ ଆକାଶରେ ବିଚିତ୍ର ବାଦଲ



ତୁର୍କୀ ଏବଂ ବୁର୍ସା ଆକାଶରେ ଏକ ବିରଳ ବାଦଲ ସୃଷ୍ଟି ହୋଇଛି, ଯାହା ଅଜଣା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ) ସଦୃଶ ଦେଖାଯାଉଛି। ଗୁରୁବାର ସକାଳେ ଆଖି ସଦୃଶ ଏହି ବିଚିତ୍ର ବାଦଲକୁ ଦେଖିବା ପରେ ଇଣ୍ଟରନେଟରେ ଏହାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଥିଲା। ଏହି ବାଦଲ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆକାଶରେ ଦୃଶ୍ୟ ହୋଇଥିଲା। ଅନେକ ଇଣ୍ଟରନେଟ୍ ୟୁଜର ଉକ୍ତ ବିରଳ ଦୃଶ୍ୟକୁ ସେମାନଙ୍କ ଫୋନ୍‌ରୁ ଉଠାଇ ଶେୟାର କରିଛନ୍ତି। ସୂର୍ଯ୍ୟୋଦୟ ସମୟରେ ଉକ୍ତ ବାଦଲ ସୃଷ୍ଟି ହୋଇଥିଲା, ଯାହାର ମଧ୍ୟଭାଗରେ ଏକ ଗର୍ତ୍ତ ରହିଥିଲା। ତୁର୍କୀରେ ସକାଳ ସମୟ ଅସାଧାରଣ ଥିଲା। ବିରଳ ପ୍ରାକୃତିକ ଅଦ୍ଭୁତ ଘଟଣାର ଫଟୋକୁ ୟୁଏଫ୍‌ଓ ଲେଣ୍ଟିକୁଲାର କୁହାଯାଉଥିବା ଜଣେ ୟୁଜର ଲେଖିଛନ୍ତି। ଏହି ବିଚିତ୍ର ବାଦଲର ଫଟୋ ସାରା ବିଶ୍ୱରେ ଭାଇରାଲ ହୋଇଛି। ତେବେ ଏହା ସାଧାରଣ ଭାବେ ଲେଣ୍ଟିଲ ଭଳି ଦେଖାଯାଉଥିବା ବାଦଲ ବୋଲି ତୁର୍କୀର ପାଣିପାଗ ସେବା ବିଭାଗ ରିପୋର୍ଟରେ କୁହାଯାଇଛି। ଏଭଳି ବାଦଲ ବର୍ତ୍ତୁଳାକାର ଏବଂ ଏକ ପ୍ଲେଟ୍ ଭାସିଲା ଭଳି ଦେଖାଯାଇଥାଏ। ଏଗୁଡ଼ିକ ସାଧାରଣତଃ ୨,୦୦୦ରୁ ୫,୦୦୦ ମିଟର ଉଚ୍ଚତାରେ ଦୃଶ୍ୟ ହୋଇଥାଏ। ବାୟୁ ସ୍ଥିର ଓ ଆର୍ଦ୍ର ଥିବାବେଳେ ପାହାଡ଼ ପର୍ବତ ଉପରେ ବାୟୁ ବେଗରେ ଅସ୍ଥିରତା ଯୋଗୁ ଏଭଳି ବାଦଲ ସୃଷ୍ଟି ହୋଇଥାଏ ବୋଲି ଏକ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ନିବେଶକ ହରାଇଲେ ୧୦.୭୩ ଲକ୍ଷ କୋଟି



**ମୁମ୍ବାଇ,୨୭।୧**

ଆଦାନୀ ଗ୍ରୁପ୍ ଅଧୀନ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟରେ ହ୍ରାସ ଯୋଗୁ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏଥିଯୋଗୁ ପୁଞ୍ଜିବଜାର ଲଗାତର ଦ୍ୱିତୀୟ ଦିନ ଧରି ନିମ୍ନଗାମୀ ହୋଇଛି। ଶୁକ୍ରବାର ସେନ୍‌ସେକ୍ସ ୮୭୪ ପଏଣ୍ଟ ହ୍ରାସ ପାଇ ୫୯,୩୩୧ରେ ରହିଛି। ସେହିପରି ନିଫ୍ଟି ୨୮୮ ପଏଣ୍ଟ ତଳକୁ ଖସି ୧୭,୬୦୪ରେ ସୀମିତ ରହିଛି। ବ୍ୟାଙ୍କ ନିଫ୍ଟିରେ ମଧ୍ୟ ୧୩୦୨ ପଏଣ୍ଟ ହ୍ରାସ ଦେଖିବାକୁ ମିଳିଛି। ବ୍ୟାଙ୍କ ନିଫ୍ଟି ସର୍ବାଧିକ ଚାପଗ୍ରସ୍ତ ହୋଇ ୪୦,୩୪୫ରେ କାରବାର ବନ୍ଦ ହୋଇଛି। ଆଦାନୀ ଏଣ୍ଟରପ୍ରାଇଜେସ୍‌ରେ ୧୮.୫୨% ଅର୍ଥାତ୍ ୬୨୭.୫୦ ପଏଣ୍ଟ ହ୍ରାସ ଦେଖିବାକୁ ମିଳିଛି। ଏହି କମ୍ପାନୀର ଶେୟାର ମୂଲ୍ୟ ବର୍ତ୍ତମାନ ୨୭୬୧ ଟଙ୍କା ରହିଛି। ଆଗକୁ ଏହି ଧାରା ବଜାୟ ରହିପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ଦଲାଲ ଷ୍ଟ୍ରିଟ୍ ଇନ୍‌ଭେଷ୍ଟରମାନେ ଶୁକ୍ରବାର ପ୍ରାୟ ୭ ଲକ୍ଷ କୋଟି ଟଙ୍କା ହରାଇ ଚିନ୍ତାରେ ପଡ଼ିଯାଇଛନ୍ତି। ବୁଧବାର ଟ୍ରେଡିଂ ସେସନ୍‌କୁ ମିଶାଇଲେ ଏହି କ୍ଷତିର ପରିମାଣ ୧୦.୭୩ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଇଛି। ଆଦାନୀ ଏଣ୍ଟରପ୍ରାଇଜେସ୍‌ର ବହୁପ୍ରତୀକ୍ଷିତ (୨୦,୦୦୦ କୋଟି ଟଙ୍କାର) ଫଲୋ-ଅନ୍ ପବ୍ଲିକ ଅଫର୍ (ଏଫ୍‌ପିଓ)କୁ ମାତ୍ର ୧% ସବ୍‌ସ୍କ୍ରାଇବ୍ କରାଯାଇଛି।

## ହିଣ୍ଡେନ୍‌ବର୍ଗ ଝଡ଼




## ଲଗାମ କଷିଲା ସେବି

ଭାରତର ମାର୍କେଟ ରେଗୁଲେଟର ସେବି ଆଦାନୀ ଗ୍ରୁପ୍‌ର ଡିଲ୍ସ ଉପରେ ଲଗାମ କଷିବା ଆରମ୍ଭ କରିଛି। ସେବି ଅଦାନୀ ଗ୍ରୁପ୍‌ର ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟର୍ସଙ୍କୁ ନେଇ ଗତ ଜୁଲାଇରୁ ଚଳାଇଥିବା ତଦନ୍ତରେ ଆମେରିକୀୟ ଶର୍ଟ-ସେଲର୍ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ଅଦାନୀ ସମୂହ କେଉଁ ସମୟରେ କାହା ସହ କିପରି ଡିଲ୍ କରିଛି ସେସବୁର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସେବି ଅଣ୍ଟା ଭିଡ଼ିଥିବା ସୂତ୍ରରୁ ଜଣାପଡ଼ିଛି। ଏହା ପୂର୍ବରୁ ଆଦାନୀ ଗ୍ରୁପ୍ ଉକ୍ତ ରିପୋର୍ଟକୁ ଭିତ୍ତିହୀନ ଦର୍ଶାଇ ନ୍ୟୁୟର୍କଭିତ୍ତିକ ହିଣ୍ଡେନ୍‌ବର୍ଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଥିଲା।

## ଆଦାନୀଙ୍କ କ୍ଷତି ୨.୮୩ ଲକ୍ଷ କୋଟି

**ୱାଶିଂଟନ/ନୂଆଦିଲ୍ଲୀ,୨୭।୧**

ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ରିପୋର୍ଟ ପ୍ରଘଟ ପରେ କମ୍ପାନୀ ମୁଖ୍ୟ ଗୌତମ ଆଦାନୀ ବିଶ୍ୱର ଧନୀ ତାଲିକାରେ ତୃତୀୟରୁ ସପ୍ତମ ସ୍ଥାନକୁ ଖସିଯାଇଛନ୍ତି। ଆଦାନୀ ଗ୍ରୁପ୍ ଅଧୀନ କମ୍ପାନୀଗୁଡ଼ିକର ମାର୍କେଟ କ୍ୟାପିଟାଲାଇଜେଶନ୍ ବୁଧବାର ୯୭,୦୦୦ କୋଟି ଟଙ୍କା ହ୍ରାସ ପାଇଥିବାବେଳେ ଶୁକ୍ରବାର ଏହି କ୍ଷତିର ପରିମାଣ ୨.୮୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୨୨ ବିଲିୟନ୍ ଡଲାର ଖସିଯାଇଛି। ଭାରତ ଓ ଏସିଆର ସବୁଠୁ ଧନୀ ଆଦାନୀଙ୍କ ପାଇଁ ଏହି ଚାଞ୍ଚଲ୍ୟକର ରିପୋର୍ଟ ଏକପ୍ରକାର ଅଭିଶାପ ପାଲଟିଯାଇଛି। ଗତବର୍ଷ ଟେସ୍‌ଲା, ସ୍ପେସେକ୍ସ ଏବଂ ଟୁଇଟର ମାଲିକ ଏଲନ୍ ମସ୍କ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଥିଲେ। ପରେ ବିଭିନ୍ନ କାରଣରୁ ତାଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୧୭୦ ବିଲିୟନ୍ ଡଲାରକୁ ଖସିଯିବାରୁ ଲୁଇସ୍ ଭିଟ୍ଟୋନ୍ ମାଲିକ ବର୍ନାର୍ଡ ଆର୍ନଲ୍ଟ (୨୧୬ ବିଲିୟନ୍ ଡଲାର) ସବୁଠୁ ବଡ଼ ଧନୀ ମାନ୍ୟତା ଲାଭ କରିଛନ୍ତି। ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ (୧୨୨ ବିଲିୟନ୍ ଡଲାର) ତୃତୀୟରେ ରହିଛନ୍ତି। ଗତବର୍ଷ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ପ୍ରାଇସ୍‌ରେ ବଡ଼ ରାଲି ଦେଖିବାକୁ ମିଳିଥିଲା। ଫଳରେ ଆଦାନୀ ମଝିରେ କିଛି ସମୟ ପାଇଁ ଦ୍ୱିତୀୟ ଧନୀ ପାଲଟିଯାଇଥିଲେ। ଫୋର୍ବସ ରିଅଲ ଟାଇମ୍ସ ବିଲିଅନେୟାର ଇଣ୍ଡେକ୍ସରେ ଆଦାନୀଙ୍କ ସମ୍ପତ୍ତି ମୂଲ୍ୟ ଶୁକ୍ରବାର ୨୦% ହ୍ରାସ ପାଇ ୯୬.୮ ବିଲିୟନ୍ ଡଲାରରେ ପହଞ୍ଚିଛି। ସେ ଏବେ ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ (୧୦୪ ବିଲିୟନ୍ ଡଲାର)ଙ୍କ ତଳେ ଅଛନ୍ତି। ଆଦାନୀଙ୍କ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱୀ ତଥା ଏକାଦଶ ସ୍ଥାନରେ ଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତିର ପରିମାଣ ହେଉଛି ୮୩.୬ ବିଲିୟନ୍ ଡଲାର।




## ନାଟେ ଆଣ୍ଡର୍ସନ



ଆମେରିକୀୟ ନାଟେ ଆଣ୍ଡର୍ସନଙ୍କ ଦ୍ୱାରା ପ୍ରତିଷ୍ଠିତ ହିଣ୍ଡେନ୍‌ବର୍ଗ ହେଉଛି ଏକ ଆକ୍ଟିଭିଷ୍ଟ ଫଣ୍ଡ। ୧୯୩୭ରେ ଏକ ହାଇଡ୍ରୋଜେନ୍ ଚାଳିତ ଜର୍ମାନ ବିମାନ ନ୍ୟୁଜର୍ସି ଅଭିମୁଖେ ଯାତ୍ରା କରୁଥିବାବେଳେ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ଉକ୍ତ ଏୟାରଶିପ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ଥିବା ୩୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହି ବିମାନର ନାମ ଥିଲା ହିଣ୍ଡେନ୍‌ବର୍ଗ। ଏହାର ନାମାନୁସାରେ ଆଣ୍ଡର୍ସନ ନିଜ ସଂସ୍ଥାର ନାମକରଣ କରିଥିଲେ।

## କ'ଣ କହୁଛି ହିଣ୍ଡେନ୍‌ବର୍ଗ

ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଶୁକ୍ରବାର ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଷ୍ଟକ୍ସ ମାନିପୁଲେଶନ୍ ଏବଂ ଆକାଉଣ୍ଟିଂ ଫ୍ରଡ୍ ସ୍କିମ୍ ସମ୍ପର୍କିତ ଅଭିଯୋଗଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏର ମଧ୍ୟ ଏହି କମ୍ପାନୀ ଉତ୍ତର ଦେଇନାହିଁ। ଓଲଟା ଆଦାନୀ ଗ୍ରୁପ୍‌ର ଲିଗାଲ ହେଡ୍ ଜତିନ୍ ଜାଲୁନ୍ଧୱାଲା ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛନ୍ତି। ଆଇନଗତ ଲଢ଼େଇ ପାଇଁ ଆମ ପାଖରେ ଦସ୍ତାବିଜ ଆକାରରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି ବୋଲି ହିଣ୍ଡେନ୍‌ବର୍ଗ ଟୁଇଟ୍ କରିଛି।

## ଗୋଫାଷ୍ଟ ଉପରେ ୧୦ ଲକ୍ଷ ଟଙ୍କା ଜରିମାନା

**ନୂଆଦିଲ୍ଲୀ,୨୭।୧**

### ୫୫ ଯାତ୍ରୀଙ୍କୁ ବିମାନ ଛାଡ଼ି ପଳାଇବା ଘଟଣା

ଗୋଫାଷ୍ଟର ବେଙ୍ଗାଲୁରୁ-ଦିଲ୍ଲୀ ବିମାନ ଗତ ୯ ତାରିଖରେ ୫୫ ଯାତ୍ରୀଙ୍କୁ ବିମାନବନ୍ଦରରେ ଛାଡ଼ି ପଳାଇଯିବା ଘଟଣାରେ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଉକ୍ତ ଏୟାରଲାଇନ୍ସ ଉପରେ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ପୂର୍ବରୁ ଡିଜିସିଏ ଉକ୍ତ ଏୟାରଲାଇନ୍ସକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଗୋଫାଷ୍ଟ ଦାଖଲ କରିଥିବା ସ୍ପଷ୍ଟୀକରଣକୁ ଅନୁଧ୍ୟାନ କରିବା ପରେ ଶୁକ୍ରବାର ଡିଜିସିଏ ଦଣ୍ଡବିଧାନ କରିଛି।

ଗୋଫାଷ୍ଟ ଦାଖଲ କରିଥିବା ସ୍ପଷ୍ଟୀକରଣ ଅନୁଯାୟୀ ବିମାନରେ ଯାତ୍ରୀମାନଙ୍କୁ ନେବାରେ ଟର୍ମିନାଲ କୋର୍ଡିନେଟର, ବ୍ୟବସାୟିକ କର୍ମଚାରୀ ଏବଂ କ୍ରିଉ ସଦସ୍ୟଙ୍କ ମଧ୍ୟରେ ଉପଯୁକ୍ତ ଯୋଗାଯୋଗ ଓ ସମନ୍ୱୟ ନ ଥିଲା। ବିମାନବନ୍ଦରରେ ଯାତ୍ରୀ ପରିଚାଳନା ଲାଗି ଉପଯୁକ୍ତ ବ୍ୟବସ୍ଥା କରିବାରେ ଏୟାରଲାଇନ୍ସ ବିଫଳ ହୋଇଥିଲା ବୋଲି ଡିଜିସିଏ କହିଛି। ପୂର୍ବରୁ ଏୟାର ଇଣ୍ଡିଆର ଦୁଇଟି ଅନ୍ତର୍ଜାତୀୟ ବିମାନରେ ଯାତ୍ରୀଙ୍କ ବିଶୃଙ୍ଖଳିତ ଆଚରଣ ଲାଗି ଉକ୍ତ ଏୟାରଲାଇନ୍ସ ଉପରେ ୪୦ ଲକ୍ଷ ଟଙ୍କା ଜରିମାନା ଲଗାଇଥିଲା ଡିଜିସିଏ।

## ୟୁକ୍ରେନ୍ ଉପରେ ରୁଷିଆର କ୍ଷେପଣାସ୍ତ୍ର ମାଡ଼: ୧୧ ମୃତ

**କିଭ୍,୨୭।୧**

ୟୁକ୍ରେନ୍ ଉପରେ ଗୁରୁବାର ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ଅନ୍ୟ ୧୧ ଜଣ ଆହତ ହୋଇଥିବା ୟୁକ୍ରେନ୍ ଜରୁରୀ ସେବା ବିଭାଗ ପକ୍ଷରୁ କୁହାଯାଇଛି। ମୁଖ୍ୟତଃ ୟୁକ୍ରେନ୍‌ର ବିଦ୍ୟୁତ୍ ଭିତ୍ତିଭୂମିକୁ ଟାର୍ଗେଟ କରି ରୁଷିଆ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଫଳରେ ଅନେକ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଛି। ଓଡେଶା କୃଷ୍ଣ ସାଗର ଅଞ୍ଚଳରେ ଥିବା ବିଦ୍ୟୁତ୍ ଭିତ୍ତିଭୂମି ଧ୍ୱଂସ ହୋଇଯାଇଛି। ରାଜଧାନୀ କିଭ୍‌ରେ ଜଣେ ପ୍ରାଣ ହରାଇଥିବାବେଳେ ଅନେକେ ମେଟ୍ରୋ ଷ୍ଟେଶନରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ। ଆମେରିକା, କାନାଡ଼ା ଏବଂ ଜର୍ମାନୀ କିଭ୍‌କୁ ଟ୍ୟାଙ୍କ୍ ଯୋଗାଇବା ଲାଗି ରାଜି ହେବା ପରେ ମସ୍କୋ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି। ରୁଷିଆର ୫୫ଟି କ୍ଷେପଣାସ୍ତ୍ରରୁ ୪୭ଟିକୁ ୟୁକ୍ରେନ୍ ଏୟାର ଡିଫେନ୍ସ ଖସାଇଥିବା ଦାବି କରିଛି।



ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗୁରୁବାର ୭୪ତମ ସାଧାରଣତନ୍ତ୍ର ଦିବସ ପରେଡ୍ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟ ଅତିଥି ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସି, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଞ୍ଚରୁ ଓହ୍ଲାଉଛନ୍ତି।

## ଗାଜା ଉପରେ ଇସ୍ରାଏଲ୍‌ର ବିମାନ ଆକ୍ରମଣ

### ୯ ମୃତ

**ଜେରୁଜେଲମ,୨୭।୧:** ଇସ୍ରାଏଲ୍ ସେନା ଆକ୍ରମଣରେ ୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଜଣେ ୬୧ ବର୍ଷୀୟା ବୃଦ୍ଧା ଓ ୭ ଜଣ ଉଗ୍ରପନ୍ଥୀ ଅଛନ୍ତି। ପ୍ରଥମେ ଗାଜା ଦୁଇଟି ରକେଟ ମାଡ଼ କରିବା ପରେ ଇସ୍ରାଏଲ୍ ସେନା ଏହାର ଜବାବରେ ୱେଷ୍ଟ ବ୍ୟାଙ୍କ ଉପରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା। ଗାଜା ଷ୍ଟ୍ରିପ୍‌ର ଅଲ୍ ମଘାଜି ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲ୍ ଯୁଦ୍ଧବିମାନରୁ ପ୍ରାୟ ୧୫ଟି କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଫଳରେ ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଧ୍ୱଂସ ହେବା ସହ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେବା ଯୋଗୁ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ଗାଜା ସିଟିର ଦକ୍ଷିଣପୂର୍ବରେ ଥିବା ଅନ୍ୟ ଦୁଇଟି ସ୍ଥାନକୁ ଇସ୍ରାଏଲ୍ ଯୁଦ୍ଧବିମାନ ଟାର୍ଗେଟ କରିଥିଲା। ଉକ୍ତ ଅଞ୍ଚଳ ଧ୍ୱଂସ ହୋଇଥିବାବେଳେ କେତେଜଣ ମୃତାହତ ହୋଇଛନ୍ତି ଜଣାପଡ଼ିନାହିଁ।



## ବିବିସି ଡକ୍ୟୁମେଣ୍ଟାରି ବିବାଦ

## ଡିୟୁରେ ୧୪୪ ଧାରା: ୨୪ ଅଟକ

**ନୂଆଦିଲ୍ଲୀ,୨୭।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବିସିର ବିବାଦୀୟ ଡକ୍ୟୁମେଣ୍ଟାରି ଦିଲ୍ଲୀ ୟୁନିଭର୍ସିଟି (ଡିୟୁ)ରେ ପ୍ରଦର୍ଶନ ଲାଗି ଯୋଜନା ହୋଇଥିବାବେଳେ ଏହା ପୂର୍ବରୁ ଶୁକ୍ରବାର କଳା ବିଭାଗରେ ୧୪୪ ଧାରା ଲାଗୁକରାଯାଇଛି। ଅଧିକସଂଖ୍ୟାରେ ପିଲା ଏକାଠି ହେବା ଉପରେ ନିଷେଧାଦେଶ ଲଗାଯାଇଛି। ଏନ୍‌ଏସ୍‌ୟୁଆଇ-କେଏସ୍‌ୟୁ ପକ୍ଷରୁ ଡକ୍ୟୁମେଣ୍ଟାରି ପ୍ରଦର୍ଶନର ବ୍ୟବସ୍ଥା ହୋଇଥିଲା। ଉକ୍ତ ଡକ୍ୟୁମେଣ୍ଟାରିକୁ ସରକାର ବେଆଇନ ଘୋଷଣା କରିଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଦର୍ଶନ ପାଇଁ ଅନୁମତି ଦେବେ ନାହିଁ ଏବଂ ଏନେଇ ପୋଲିସକୁ ଜଣାଇ ଦିଆଯାଇଛି ବୋଲି ଡିୟୁ ପ୍ରୋକ୍ଟର ରଜନୀ ଆବି କହିଥିଲେ। ସେ କହିଛନ୍ତି, ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁମତି ଲୋଡ଼ାଯାଇ ନାହିଁ। ତେବେ ଏନ୍‌ଏସ୍‌ୟୁଆଇ ଆର୍ଟ ଫାକଲ୍ଟିରେ ପ୍ରଦର୍ଶନ ଲାଗି ଯୋଜନା କରିଥିବାରୁ ସୂଚନା ମିଳିଥିବା ସେ କହିଛନ୍ତି।

ବିବିସି ଡକ୍ୟୁମେଣ୍ଟାରି ପ୍ରଦର୍ଶନ ଲାଗି ଶୁକ୍ରବାର ଅପରାହ୍ନ ୪ଟାରେ ଆର୍ଟ ଫାକଲ୍ଟି ଗେଟ୍ ବାହାରେ କେତେଜଣ ପହଞ୍ଚିଥିଲେ। ଏହି ଘଟଣା ଉକ୍ତ ଅଞ୍ଚଳରେ ଶାନ୍ତି ବ୍ୟାହତ କରିବା ଆଶଙ୍କା ଥିବାରୁ ସେମାନଙ୍କୁ ସେଠାରୁ ପଳାଇଯିବାକୁ କୁହାଯାଇଥିଲା। ସେମାନେ ନ ଯିବାରୁ ଶାନ୍ତିପୂର୍ଣ୍ଣ ଭାବେ ଅଟକ ରଖାଯାଇଥିବା ଉତ୍ତର ଦିଲ୍ଲୀ ଡିସିପି କହିଛନ୍ତି। କ୍ୟାମ୍ପସ୍‌ରୁ ମୋଟ ୨୪ ଜଣଙ୍କୁ ଅଟକ ରଖାଯାଇଛି। ବିବିସି ଡକ୍ୟୁମେଣ୍ଟାରି ପ୍ରଦର୍ଶନକୁ ନେଇ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ସମେତ ବିଭିନ୍ନ ୟୁନିଭର୍ସିଟିରେ ଅଶାନ୍ତି ଦେଖାଦେଇଛି। ଡକ୍ୟୁମେଣ୍ଟାରି ପ୍ରଦର୍ଶନ ବନ୍ଦ କରିବା ଲାଗି କର୍ତ୍ତୃପକ୍ଷ ମଙ୍ଗଳବାର କ୍ୟାମ୍ପସ୍‌କୁ ବିଜୁଳି ଯୋଗାଣ ବନ୍ଦ କରିଦେବାରୁ ଉତ୍ତେଜନା ପ୍ରକାଶ ପାଇବା ସହ ଟେକାମାଡ଼ ହୋଇଥିଲା। ଗୁରୁବାର କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ବିବାଦୀୟ ଡକ୍ୟୁମେଣ୍ଟାରି ପ୍ରଦର୍ଶନ କରାଯାଇଥିଲା।

### ସରସ୍ୱତୀ ମେଢ଼ ବିସର୍ଜନ ବେଳେ ବୁଡ଼ିଯାଇ ଯୁବକ ମୃତ

ବରୀ,୨୭।୧(ଡି.ଏନ.ଏ.): ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ବରୀ ତଳସାହି ଗ୍ରାମର ଯୁବକମାନେ ଶୁକ୍ରବାର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ସରସ୍ୱତୀ ମେଢ଼ ବିସର୍ଜନ କରୁଥିବା ବେଳେ ଏକ ଅଘଟଣ ଘଟିଛି। ବିସର୍ଜନ ସମୟରେ ଦୁଇ ଯୁବକ ବୁଡ଼ି ଯାଇଥିବାବେଳେ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଯୁବକ ଦ୍ୱୟ ଗଭୀର ଜଳକୁ ଚାଲି ଯାଇଥିଲେ। ଏହାଦେଖି କୂଳରେ ଥିବା ଅନ୍ୟ ସାଥିମାନେ ସେମାନଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରଜତ କୁମାର ସାହୁ ନାମକ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ଫଳରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଯୁବକଙ୍କ ପରିଚୟ ମିଳି ପାରିନାହିଁ।




## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏଫ୍‌ଆଇଏଚ୍ ସଭାପତି

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସଭାପତି ତୟାବ ଇକ୍ରାମ ଶୁକ୍ରବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଓଡ଼ିଶାରେ ହକି ବିଶ୍ୱକପ୍ ଚାଲିଥିବା ବେଳେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ଏଫ୍‌ଆଇଏଚ୍ ସଭାପତିଙ୍କ ମଧ୍ୟରେ ହକିକୁ ନେଇ କିଛି ସମୟ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ।

## ମହାନଦୀକୁ ଡେଇଁ ଅଚିହ୍ନା ଯୁବତୀ ମୃତ

କଟକ ଅଫିସ,୨୭।୧: କଟକ ତୁଳସୀପୁର ହରିଣ ପାର୍କ ନିକଟ ମହାନଦୀକୁ ଡେଇଁ ଜଣେ ଅଚିହ୍ନା ଯୁବତୀଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ଯୁବତୀଜଣଙ୍କ ମହାନଦୀକୁ ଡେଇଁପଡିବା ଦେଖି ସ୍ଥାନୀୟ ଲୋକମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମହାନଦୀରେ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଯୁବତୀଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




# ବନ୍ଦ ପ୍ରକୋଷ୍ଠରୁ ୨ ଶିଶୁ ଉଦ୍ଧାର

- ପାଳିତ ମା'ବାପା ନିର୍ଯାତନା ଦେଉଥିବା ଅଭିଯୋଗ
- ସିଡବ୍ଲ୍ୟୁସିରେ ହାଜର କରାଗଲା, ତଦନ୍ତ ନିର୍ଦ୍ଦେଶ

ପରଜଙ୍ଗ, ୨୭।୧(ଡି.ଏନ.ଏ.)

ପାଳିତ ମା'ବାପାଙ୍କ ଦ୍ୱାରା ଅକଥନୀୟ ନିର୍ଯାତନାର ଶିକାର ହୋଇଥିବା ୨ କୋମଳମତି ଶିଶୁଙ୍କୁ ବନ୍ଦ ପ୍ରକୋଷ୍ଠରୁ ଉଦ୍ଧାର କରିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ପୋଲିସ। ଡମୋଳ ଗ୍ରାମରୁ ଆସିଥିବା ଏଭଳି ହୃଦୟ ବିଦାରକ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଡମୋଳ ସରପଞ୍ଚ ସୁନୀଲ ଧଳ ଏବଂ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରାଙ୍ଗ ଗ୍ରାମର କାଳିଆ ନାୟକ ହେଉଛନ୍ତି ସମ୍ପୃକ୍ତ ଦୁଇ ଶିଶୁଙ୍କ ପ୍ରକୃତ ବାପା। ସେମାନଙ୍କ ମଧ୍ୟରୁ ବଡ଼ ଝିଅଟିର ବୟସ ୭ବର୍ଷ ଏବଂ ସାନପୁଅର ବୟସ ୪ ବର୍ଷ। ତେବେ ସ୍ତ୍ରୀଙ୍କ ଆକସ୍ମିକ ମୃତ୍ୟୁ ପରେ ଉଭୟ ସନ୍ତାନଙ୍କୁ ଲାଳନପାଳନ କରିବାରେ ଅସମର୍ଥ ହୋଇପଡ଼ିଥିଲେ କାଳିଆ। ଏଭଳି ସ୍ଥିତିରେ ଡମୋଳ ଗ୍ରାମର ଦମ୍ପତି ଅଜୟ ସାହୁ ଓ ସୁକାନ୍ତି ସାହୁଙ୍କ ଉପରେ ଭରସା କରି ପ୍ରାୟ ୮ ମାସ ତଳେ ଉଭୟଙ୍କୁ ସେମାନଙ୍କ ହାତରେ ଟେକିଦେଇଥିଲେ। ହେଲେ ଏହାପରେ ଶିଶୁ ଦୁହିଙ୍କ ଉପରେ ପାଳିତ ମା'ବାପାଙ୍କ ଆରମ୍ଭ ହୋଇଯାଇଥିଲା ନିର୍ଯାତନା। ସେମାନଙ୍କୁ ଘର କାମ କରିବାକୁ ବାଧ କରୁଥିଲେ। ଠିକ୍ ଭାବେ ଖାଇବାକୁ ଦେଉ ନ ଥିଲେ। ସାମାନ୍ୟ ଭୁଲ୍ ହେଲେ ନିସ୍ତୁକ ମାଡ଼ମାରି ଘରେ ତାଲା ପକାଇ ବନ୍ଦ କରିଦେଉଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୌଣସି ସୂତ୍ରରୁ ସୂଚନା ପାଇ ପରଜଙ୍ଗ ପୋଲିସକୁ ଶିଶୁଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ସାହୁ ପହଞ୍ଚି ଜଣେ ଶିଶୁଙ୍କୁ ବନ୍ଦ ପାଇଖାନା ଘରୁ ଏବଂ ଅନ୍ୟଜଣଙ୍କୁ ବନ୍ଦ କୋଠରିରୁ ଉଦ୍ଧାର କରିଥିଲେ। ଶିଶୁ ନିର୍ଯାତନା ଭଳି ଘଟଣାରେ ସମ୍ପୃକ୍ତ ଦମ୍ପତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ଶିଶୁଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ପାଳିତ ମା'ବାପା ସୁକାନ୍ତି ଏବଂ ଅଜୟ। ସେମାନେ କହିଛନ୍ତି, ଶିଶୁମାନେ ଅବାଧ ହେଉଛନ୍ତି। ସ୍କୁଲ ଛୁଟି ପରେ ବହୁ ବିଳମ୍ବରେ ଘରକୁ ଫେରୁଛନ୍ତି। ସେମାନଙ୍କୁ ଘରେ ଛାଡ଼ି ଜରୁରୀ କାମରେ ଗଲେ କଳିଝଗଡ଼ା କରୁଛନ୍ତି। ତେଣୁ ଶୁକ୍ରବାର ଏକ କାମରେ ସରାଙ୍ଗ ଯାଇଥିବାରୁ ଖାଇବାକୁ ଦେଇ ସେମାନଙ୍କୁ ଅଲଗା ଅଲଗା ଘରେ କବାଟ ବନ୍ଦ କରି ରଖି ଯାଇଥିବା କହିଛନ୍ତି। ଏ ସଂକ୍ରାନ୍ତରେ ସରାଙ୍ଗ ଫାଣ୍ଡି ଅଧିକାରୀ କୁହନ୍ତି, ଉଦ୍ଧାର ପରେ ଦୁଇ ଶିଶୁ ଏବଂ ସେମାନଙ୍କ ପାଳିତ ମା'ବାପାଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କରାଯାଇଛି। ସିଡବ୍ଲ୍ୟୁସିଙ୍କ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଘଟଣା ଅତି ସମ୍ବେଦନଶୀଳ ଥିବାରୁ ଏହାର ତଦନ୍ତ କରାଯିବ ବୋଲି ଉପଜିଲାପାଳ କହିଛନ୍ତି।


ଦୁଇ ଶିଶୁଙ୍କୁ ଉଦ୍ଧାର କରି କାଉନ୍‌ସେଲିଂ ପାଇଁ ନିଆଯାଉଛି।






## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକୁଟିଆ ବାଘୁଆ, ମୁଣ୍ଡି ମୁଣ୍ଡି ସାହାଯ୍ୟ**

କାହା ସାଙ୍ଗରେ ମିଳାମିଶା ନାହିଁ କି କାହାକୁ ସାହାଯ୍ୟ କରିବାକୁ ମନୋବୃତ୍ତି ନାହିଁ। ତେବେ ସହଯୋଗ ଓ ସହୃତି ବିନା ମାନବ ଜୀବନର ପରିପୂର୍ଣ୍ଣତା ଅସମ୍ଭବ। ସବୁବେଳେ ଏକୁଟିଆ ହୋଇ ବସି ରହୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ଘରେ ମୁଁ ମରିବି ନାହିଁ
ତାଡିକିନା ମାଡ଼ ସହିବି ନାହିଁ**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଉଗଡମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଗିରଫ

ଦଶମନ୍ତପୁର, ୨୭।୧ (ଡି.ଏନ୍.ଏ.)

ବର୍ଷେ ତଳେ ପ୍ରେମ ବିବାହ କରିଥିବା ଜଣେ ବ୍ୟକ୍ତି ଶୁକ୍ରବାର ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ସେ ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିଲିଗୁମ୍ମା ପଞ୍ଚାୟତ ତକ୍ରିବେଡ଼ା ଗ୍ରାମର ମମିତା ପୁଝୁଲି (୨୦)। ଏହି ଅଭାବନୀୟ ଘଟଣା ଗ୍ରାମୀୟ ଅଞ୍ଚଳରେ ଆଲୋଚନା ଖୋରାକ ହୋଇଛି। ଅଭିଯୁକ୍ତ ସ୍ୱାମୀ ଅଜୟ ପୁଝୁଲିଙ୍କୁ ପୋଲିସ ଗିରଫକରି କୋର୍ଟଚାଲାଣ କରିଛି। ଖବରରୁ ଜଣାପଡିଛି, ବୁଧବାର ମମିତା ଧାନ ବିଲକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ କୌଣସି କଥାକୁ ନେଇ ଅଜୟ ଓ ତାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଜୟ ଏକ ଧାରୁଆ ଟାଙ୍ଗିଆରେ ମମିତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନାଏବ ସରପଞ୍ଚ ଗୋରାଙ୍ଗ ବାଘ ଏ ସମ୍ପର୍କରେ ଜାଣିବା ପରେ ଗ୍ରାମରକ୍ଷୀ ସୁବାସ ଚନ୍ଦ୍ର ହିଆଲଙ୍କୁ ଜଣାଇଥିଲେ। ଗ୍ରାମରକ୍ଷୀ ଏନେଇ ପୁରାନ ଫାଣ୍ଡିକୁ ଅବଗତ କରାଇଥିଲେ। ଗ୍ରାମବାସୀ ଏ ବିଷୟରେ ଜାଣିବା ପରେ ଅଜୟଙ୍କୁ ଏକ ଘରେ କାବୁ କରି ରଖି ଦଶମନ୍ତପୁର ପୋଲିସ ଜିମା ଦେଇଥିଲେ। ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ପହଞ୍ଚି ଘଟଣାର ତଦନ୍ତ କରି ଅଜୟଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଆସି ମଧ ଘଟଣାସ୍ଥଳରେ ତନାଘନା ଚଳାଇଛନ୍ତି। ହତ୍ୟା ମାମଲା ରୁଜୁ କରାଯାଇ ଅଜୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମହାନ୍ତି କହିଛନ୍ତି।

# ଘରୁ ଟେକିନେଇ ଯୁବକଙ୍କୁ ଦଳିଦେଲା ଦନ୍ତା

■ ଆକ୍ରମଣରେ ସାଇକେଲ ଆରୋହୀ ଗୁରୁତର
■ ୨୦ ଦିନ ମଧ୍ୟରେ ୨ ଜଣଙ୍କ ଜୀବନ ନେଲାଣି
■ ୯ ଗ୍ରାମରେ ଭୟ ଆତଙ୍କର ବାତାବରଣ

ରାସୋଳ, ୨୭।୧ (ଡି.ଏନ୍.ଏ.)

ଢେଙ୍କାନାଳ ଜିଲାରେ ଗୋଠଛଡ଼ା ଦନ୍ତା ଆତଙ୍କ ଥମିବାର ନାଁ ଧରୁନାହିଁ। ଖାଦ୍ୟ ଅନ୍ୱେଷଣରେ ପଲରୁ ଅଲଗା ହୋଇ ଜନବସତିମୁହାଁ ହେଉଥିବା ହିଂସ୍ର ହାତୀ ଉପଦ୍ରବରେ ମୂଲ୍ୟବାନ ଧନଜୀବନ ହାନି ହେବାରେ ଲାଗିଛି। ଗତ ୨୧ ତାରିଖରେ ପରଜଙ୍ଗ ଅଞ୍ଚଳରେ ନରହନ୍ତା ଦନ୍ତା ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ସୋମବାର ରାତିରେ ହିନ୍ଦୋଳ ରେଞ୍ଜ ରାସୋଳ ସେକ୍ସନ ଅଧୀନ ପଧାନୀ ଗ୍ରାମର ସୁବ୍ରତ ନାଏକଙ୍କୁ ଏକ ଦନ୍ତା ଘରୁ ଟେକି ନେଇ ଦଳିଦେଇଛି। ଉକ୍ତ ହାତୀ ଗତ ୨୦ ଦିନରେ ୨ ଜୀବନ ନେଲାଣି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଗ୍ରାମବାସୀଙ୍କ କହିବା କଥା, ସୁବ୍ରତ ମେଳା ଦେଖି ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ଘରେ ଧାନ, ଚାଉଳ ସାଙ୍ଗକୁ ମେଳାରେ ହୋଇଥିବ ଭୋଜିର ବଳକା ଖାଦ୍ୟ ସାମଗ୍ରୀ ରଖାଯାଇଥିଲା। ଖାଦ୍ୟ ବାସ୍ନାରେ ହାତୀ ଆକୃଷ୍ଟ ହୋଇ ଘର ଭାଙ୍ଗି ପଶିଥିଲା। ହାତୀକୁ ଦେଖି ସୁବ୍ରତ ଉଠିପଡ଼ି ପ୍ରାଣ ବିକଳରେ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଗୁରୁତର ସୁବ୍ରତଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଗୁରୁବାର ଅପରାହ୍ନରେ ଉକ୍ତ ଦନ୍ତା ଆକ୍ରମଣରେ କାଳିଆପଥର ଗ୍ରାମର ବୁଦ୍ଧିଆ ନାଏକ (୧୬) ଗୁରୁତର ହୋଇଛନ୍ତି। ସେ ବନ୍ଧୁମାନଙ୍କ ସହ ସାଇକେଲରେ ଫେରିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ପ୍ରଥମେ ରାସୋଳ ପରେ ଢେଙ୍କାନାଳ ଏବଂ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ପରେ କଟକ ରେଫର କରାଯାଇଛି। ଉକ୍ତ ଦନ୍ତା ଦିନକୁ ଦିନ ହିଂସ୍ର ହେଉଛି।

କୁନୁଆ ଗାଁ ନିକଟ ଜଙ୍ଗଲରେ ଦିନସାରା ଡେରା ପକାଉଥିବା ଉକ୍ତ ଦନ୍ତା ସନ୍ଧ୍ୟା ହେଲେ ଜନବସତିମୁହାଁ ହେଉଛି। ଏବେ ଧାନ ଅମଳ ସରିଯାଇଥିବାରୁ ବାଡ଼ିବଗିଚାରେ ପଶି ଫସଲ ନଷ୍ଟ କରୁଛି। ୨୦ ଦିନରେ ଉକ୍ତ ହାତୀ ୩ ଜଣଙ୍କୁ ଆକ୍ରମଣ କରିଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଗଣ୍ଡାନାଳୀ, କୁନୁଆ, କରଚୁଲି, କଦଳୀପାଳ, ନାଉକିଆରୀ, ପଧାନୀ, ବାଙ୍କଟିଆ, ଅଁଳାବେଡ଼ା, ବୁହାଳିପାଳ ଆଦି ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଜିଲା ଦାୟିତ୍ୱରେ ଥିବା କଞ୍ଜରଭେଟର ଅଫ୍ ଫରେଷ୍ଟ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଉକ୍ତ ହାତୀ ପାଇଁ ବନ ବିଭାଗର ଚିନ୍ତା ବଢ଼ିଛି। ଏହା ଉପରେ ନଜର ରଖାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ନବୀନ ସର୍ବାଧିକ ...

ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲ ଓ ତୃତୀୟ ସ୍ଥାନରେ ରହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। କେଜରିୱାଲଙ୍କୁ ୬୯.୨ ପ୍ରତିଶତ ଏବଂ ବିଶ୍ୱଶର୍ମାଙ୍କୁ ୬୮.୩ ପ୍ରତିଶତ ଲୋକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ସନ୍ତୁଷ୍ଟ ଅଛନ୍ତି। ଏହା ପଛକୁ ରହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ରଜନୀକାନ୍ତ ପଟେଲ ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ । ପ୍ରତିଷ୍ଠିତ ମାଗାଜିନ ଓ ସଂସ୍ଥାର ଜନମତ ସର୍ଭେରେ ନବୀନ ସବୁବେଳେ ଶୀର୍ଷରେ ରହି ଆସିଛନ୍ତି । ଓଡ଼ିଶାର ବିକାଶକୁ ମୁଖ୍ୟ ଏଜେଣ୍ଡା ଭାବେ ନେଇ ନବୀନ ଶାସନ ଓ ପ୍ରଶାସନକୁ ଲୋକାଭିମୁଖୀ କରି ସମଗ୍ର ଦେଶ ପାଇଁ ରୋଲ ମଡେଲ ପାଲଟିଛନ୍ତି । ଦୀର୍ଘବର୍ଷ କାଳ ଶାସନ କ୍ଷମତାରେ ରହି ମଧ୍ୟ ନବୀନଙ୍କ ଛବି ରାଜ୍ୟବାସୀଙ୍କ ନିକଟରେ ଅମଳିନ ରହିଛି। ତାଙ୍କ ଶାସନରେ ଲୋକମାନେ ସନ୍ତୁଷ୍ଟ ଥିବା ଜନମତ ସର୍ଭେରେ କୁହାଯାଇଛି।

# ଶ୍ରୀମନ୍ଦିରରେ ନୀତି ବିଳମ୍ବ

## ସମସ୍ୟା ଭୋଗିବାରୁ ଭକ୍ତ ଅସନ୍ତୁଷ୍ଟ

■ ଦିନରେ ହେଲା ରାତ୍ର ପହୁଡ଼
■ ମଙ୍ଗଳ ଆଳତି ଦେଢ଼ଘଣ୍ଟା ଡେରି



ପୁରୀ ଅଫିସ, ୨୭।୧

ଶ୍ରୀମନ୍ଦିରରେ ଗତ ଦୁଇଦିନ ନୀତି ବିଳମ୍ବ ହୋଇଛି। ଫଳରେ ମହାପ୍ରଭୁଙ୍କ ଦର୍ଶନ କରିବାରେ ଭକ୍ତମାନେ ସମସ୍ୟା ଭୋଗିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ପବିତ୍ର ବସନ୍ତପଞ୍ଚମୀ ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ତେବେ ନୀତି ବିଳମ୍ବ ଯୋଗୁ ଦାରୁଦିଅଁଙ୍କ ଦର୍ଶନରେ ବିଳମ୍ବ ଘଟିଥିଲା। ସେହିପରି ଶୁକ୍ରବାର ମଧ୍ୟ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ବିଳମ୍ବ ହେବାରୁ ଦର୍ଶନ ପାଇଁ ଅପେକ୍ଷାରତ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପ୍ରଶାସନର ଅବହେଳା ଓ ଦୂରଦୃଷ୍ଟିର ଅଭାବକୁ ଏଥିପାଇଁ ଭକ୍ତମାନେ ଦାୟୀ କରିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ରାତିରେ ମହାପ୍ରଭୁଙ୍କ ପଦ୍ମବେଶ, ଗୁରୁବାର ବେଶ ଓଲାଗି ସହ ସରସ୍ୱତୀ ପୂଜା ଅବସରରେ ଶ୍ରୀମନ୍ଦିରରେ ନୀତିକାନ୍ତି ବିଳମ୍ବ ଯୋଗୁ ଶୁକ୍ରବାର ଭୋର୍‌ରେ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ଏଥିସହ ସକାଳୁ ଦ୍ୱାରଫିଟା ଓ ମଙ୍ଗଳ ଆଳତିରେ ଅହେତୁକ ବିଳମ୍ବ ଘଟିଥିଲା। ଶ୍ରୀମନ୍ଦିର ଦ୍ୱାର ଖୋଲିବା ବିଳମ୍ବ କାରଣରୁ ଦୀର୍ଘ ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭକ୍ତମାନେ ଧାଡ଼ିରେ ଠିଆ ହୋଇ ସମସ୍ୟା ଭୋଗିଥିଲେ। ମହାପ୍ରଭୁଙ୍କ ରାତ୍ରପହୁଡ଼ ରାତିରେ ନ ହୋଇ ଶୁକ୍ରବାର ଭୋର୍ ୫ଟା ୦୫ରେ ହୋଇଥିଲା। ପରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ୭ଟା ୨୫ ଓ ମଙ୍ଗଳ ଆଳତି ୮ଟା ୦୫ରେ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସକାଳ ସାଢ଼େ ୬ଟା ସୁଦ୍ଧା ମହାପ୍ରଭୁଙ୍କ ମଙ୍ଗଳ ଆଳତି ଶେଷ ହେଉଥିବାବେଳେ ଶୁକ୍ରବାର ପାଖାପାଖି ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଳମ୍ବ ହୋଇଥିଲା। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ହଜାର ହଜାର ଭକ୍ତ ବ୍ୟାରିକେଡ୍ ଭିତରେ ଦୀର୍ଘ ସମୟ ଧରି ଠିଆହୋଇ ରହିଥିଲେ। ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ଉପରେ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ। ଏଥିସହ ପୁରୀ ବସ୍‌ଷ୍ଟାଣ୍ଡ, ରେଲ୍‌ୱେ ଷ୍ଟେଶନ, ସମୁଦ୍ରକୂଳ ଓ ବଡ଼ଦାଣ୍ଡରେ ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇ ନୀତିକାନ୍ତି ସମ୍ପର୍କରେ ଟିକିନିଖି ସୂଚନା ଦିଆଯିବାକୁ ଭକ୍ତମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ସେବାୟତ ନିଯୋଗ ସହ ସମନ୍ୱୟ ରକ୍ଷାକରି ଦୈନିକ ନୀତିକାନ୍ତି କିଭଳି ଶୃଙ୍ଖଳିତ ହୋଇପାରିବ ସେନେଇ ବ୍ୟବସ୍ଥା କରିବା ଆବଶ୍ୟକ। ଦେଶ ବିଦେଶରୁ ହଜାର ହଜାର ଭକ୍ତ ଆସୁଥିବା ବେଳେ ଶ୍ରୀମନ୍ଦିରରେ ବିଳମ୍ବ ନୀତିକାନ୍ତି ଯୋଗୁ ମହାପ୍ରଭୁଙ୍କ ଦର୍ଶନ କରି ଫେରିବା ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମତ ପ୍ରକାଶ ପାଇଛି। ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରିବାକୁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ କାହିଁକି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ସେବାପୂଜାରେ ଅନେକ ବିଧିବିଧାନ ଥିବାରୁ ତାହାକୁ ଅନୁପାଳନ କରିବା ବେଳେ ନୀତି ବିଳମ୍ବ ହୋଇଥାଏ। ତେଣୁ ଭକ୍ତମାନେ ଧୈର୍ଯ୍ୟହରା ହେବା ଅନୁଚିତ ବୋଲି ସେବାୟତମାନେ ମତ ରଖିଛନ୍ତି। ଏନେଇ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଯେଉଁଦିନ ମହାପ୍ରଭୁଙ୍କର ଅନେକ ନୀତି ଥାଏ, ସେହିଦିନ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥାଏ। ଗୁରୁବାର ସକାଳ ୧୦ଟା ପର୍ଯ୍ୟନ୍ତ ମହାପ୍ରଭୁ ପଦ୍ମବେଶରେ ଦର୍ଶନ ଦେଇଥିଲେ। ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ତେଣୁ ନୀତିରେ ବିଳମ୍ବ ଘଟିଥିଲା। ପ୍ରଶାସନ ଦାୟିତ୍ୱ ନେଇ କାର୍ଯ୍ୟ କରିଥିଲେ ଏହି ସମସ୍ୟା ଦୂର ହୋଇ ପାରିଥାନ୍ତା ବୋଲି ସେ କହିଛନ୍ତି। ସେହିପରି ସେବାୟତ ଶଙ୍ଖମିତ୍ର ସିଂହାରୀ କହିଛନ୍ତି, ଗୁରୁବାର ବସନ୍ତ ପଞ୍ଚମୀ ରହିଥିଲା। ମହାପ୍ରଭୁ ଯେଉଁ ଘୋଡ଼ ଲାଗି ହେଉଥିଲେ ତାହା ଅଧା ଘୋଡ଼ଲାଗିକୁ ଚାଲିଆସିଲେ। ସେହିପରି ବସନ୍ତପଞ୍ଚମୀରେ ଶ୍ରୀମନ୍ଦିରରେ ଅନେକ ନୀତି ରହିଥିଲା। ଅଧିକ ନୀତି ରହିଲେ ତାହା ସମ୍ପନ୍ନ କରିବାକୁ ବେଶି ସମୟ ଲାଗେ। ଫଳରେ ନୀତିରେ ବିଳମ୍ବ ହୋଇଥାଏ।

# ରାଷ୍ଟ୍ରପତିଙ୍କ ଘର ଆଗରେ ରାସ୍ତାରୋକୋ



ଗରା,ବାଲ୍‌ଟି ରଖି ରାସ୍ତା ଅବରୋଧ କରିଥିବା ବସ୍ତିବାସିନ୍ଦା।

## ପାଣି ପାଇଁ ତାତିଲେ ବସ୍ତି ବାସିନ୍ଦା

ରାଇରଙ୍ଗପୁର,୨୭।୧(ଡି.ଏନ୍.ଏ.)

ପାନୀୟ ଜଳ ସମସ୍ୟା ନେଇ ଉତ୍ୟକ୍ତ ବସ୍ତି ବାସିନ୍ଦା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ବାସଗୃହ ସମ୍ମୁଖ ରାସ୍ତା ଅବରୋଧ କରିବା ଚର୍ଚ୍ଚାର ବିଷୟ ହୋଇଛି। ଖବରପାଇ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍ ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସୂଚନା ଅନୁଯାୟୀ, ରାଇରଙ୍ଗପୁର ପୌର ପରିଷଦ ଅଧୀନ ୨ନଂ. ୱାର୍ଡ ବାଇଦାପୋଷି ବସ୍ତି ଅଞ୍ଚଳର ଲୋକେ ଦୀର୍ଘ ଦିନ ହେବ ଜଳକଷ୍ଟ ସମସ୍ୟା ଭୋଗି ଆସୁଛନ୍ତି। ଏନେଇ ସେମାନେ ବିଭାଗୀୟ ଅଧିକାରୀଙ୍କଠାରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ବାଇଦାପୋଷି ୨ନଂ. ୱାର୍ଡର ଡୁଙ୍ଗୁରିସାହି ଓ କଲୋନିସାହିର ଶତାଧିକ ମହିଳା ଓ ପୁରୁଷ ବାଇଦାପୋଷିସ୍ଥିତ ରାଷ୍ଟ୍ରପତିଙ୍କ ବାସଗୃହ ସମ୍ମୁଖ ୨୨୦ନଂ. ଜାତୀୟ ରାଜପଥକୁ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଗରା, ବାଲ୍‌ଟି ରଖି ମହିଳାମାନେ ରାସ୍ତାରେ ବସିଥିବାରୁ ୩ଘଣ୍ଟା କାଳ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଶତାଧିକ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ୨ନଂ. ୱାର୍ଡ କାଉନସିଲର ଶୁକଦେବ ବେହେରା ଓ ପଞ୍ଚୁ ଲୋହାରଙ୍କ ନେତୃତ୍ୱରେ ଏହି ରାସ୍ତା ଅବରୋଧ କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଗ୍ରାମସଭା ବର୍ଜନ କଲେ ....

କାର୍ଯ୍ୟକାରୀ ସଭାପତି ବଳଦେବ ସାହୁ ଏବଂ ଉପସଭାପତି ସଞ୍ଜୟ ଗଡତିଆ ଜିଲାରେ ସ୍ୱତନ୍ତ୍ର ଗ୍ରାମସଭା ବର୍ଜନ କରାଯାଇଥିବା ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ସଭାପତି ସାହୁ କହିଛନ୍ତି ଯେ, ଆବାସ ଯୋଜନା ପାଇଁ ଯେଉଁ ତାଲିକା ପ୍ରସ୍ତୁତ କରାଯାଇଛି ସେଥିରେ ଅନେକ ବିସଙ୍ଗତି ରହିଛି। ସେ ତାଲିକା କିଏ ପ୍ରସ୍ତୁତ କରିଛି ଜଣାପଡୁନାହିଁ। ଏଭଳିକି ପୂର୍ବତନ ସରପଞ୍ଚମାନେ ମଧ୍ୟ ଆବାସ ଯୋଜନା ସର୍ଭେ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଏଭଳି ସ୍ଥିତିରେ ଏହି ତାଲିକା କାର୍ଯ୍ୟକାରୀ କଲେ ଅଡୁଆ ପରିସ୍ଥିତି ସୃଷ୍ଟି ହେବ। ବହୁ ପ୍ରକୃତ ହିତାଧିକାରୀ ଏବେବି ଘର ପାଇବା ତାଲିକାରେ ନାହାନ୍ତି ବୋଲି ସେ କହିଛନ୍ତି। ଉପସଭାପତି ଗଡତ୍ୟା କହିଛନ୍ତି ଯେ, ଯେଉଁ ତାଲିକାରେ ହିତାଧିକାରୀମାନଙ୍କ ନାମ ଅନୁମୋଦନ କରିବାକୁ କୁହାଯାଉଛି ସେଥିରେ ଅନେକ ତ୍ରୁଟି ରହିଛି। ସରପଞ୍ଚମାନଙ୍କୁ କୌଣସି କଥା ପଚରା ଯାଉନାହିଁ। କେବଳ ଅନୁମୋଦନ କରିବାକୁ ଗ୍ରାମସଭାରେ ଚାପ ସୃଷ୍ଟି କରାଯାଉଛି। ଏଣୁ ଗ୍ରାମସଭା ବର୍ଜନ କରାଯାଇଛି ବୋଲି ସେ କହିଛନ୍ତି। ଏନେଇ ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ପ୍ରଶାନ୍ତ ଶତପଥୀଙ୍କୁ ପଚାରିବାରୁ ଜିଲାର କେଉଁ ଗ୍ରାମପଞ୍ଚାୟତରେ ଗ୍ରାମସଭା ହୋଇଛି ଓ କେଉଁଠି ହୋଇନାହିଁ ତାଙ୍କ ପାଖକୁ ସୂଚନା ଆସିନାହିଁ ବୋଲି କହିଛନ୍ତି। ଆସନ୍ତା ୩୦ ତାରିଖରେ ଡିପିଆରସି କକ୍ଷରେ ଗ୍ରାମସଭା ନେଇ ସରପଞ୍ଚଙ୍କ ବୈଠକ ହେବ। ଏଠାରେ ମଧ୍ୟ ଗ୍ରାମସଭା ବର୍ଜନ କରାଯିବ ବୋଲି ସରପଞ୍ଚ ସଂଘ ନିଷ୍ପତ୍ତି ନେଇଥିବା କାର୍ଯ୍ୟକାରୀ ସଭାପତି ସାହୁ ସୂଚନା ଦେଇଛନ୍ତି।

## ସରପଞ୍ଚ, ନିର୍ବାହୀ ...

ଖବରପାଇ ପୋଲିସ ପହଞ୍ଚି ଉତ୍ୟକ୍ତ ହିତାଧିକାରୀଙ୍କୁ ବୁଝାଶୁଝା କରିବା ସହ ପ୍ରାୟ ୩ ଘଣ୍ଟା ପରେ ଅଟକ ସରପଞ୍ଚ ଓ ହିତାଧିକାରୀଙ୍କୁ ମୁକୁଳାଇଥିଲା। ଏ ସମ୍ପର୍କରେ ସରପଞ୍ଚ ନବୀନ ବେହେରା କହିଛନ୍ତି, ପୋଲିସ ସହ ମିଶି ଲୋକଙ୍କୁ ବୁଝାଶୁଝା କରିଥିଲି। ଆବାସ ତାଲିକା ସମ୍ପର୍କରେ ବିଡିଓଙ୍କ ସହିତ କଥା ହେବି ବୋଲି କହିବା ପରେ ହିତାଧିକାରୀମାନେ ତାଲା ଖୋଲିଥିଲେ।

## ଗ୍ରାଣ୍ଡସ୍ଲାମରୁ ସାନିଆଙ୍କ ...

ସୋରେସଙ୍କ ସହିତ ୨୦୧୪ରେ ୟୁଏସ ଓପନ୍ ମିକ୍ସଡ ଡବଲ୍ସ ଟାଇଟଲ ବିଜୟୀ ହୋଇଥିଲେ। ସେହିପରି ମହିଳା ଡବଲ୍ସରେ ୨୦୧୫ ମସିହାରେ ୟୁଏସ୍ ଓପନ ଓ ୱିମ୍ବେଲଡନ୍ ଚାମ୍ପିୟନ ହୋଇଥିବା ବେଳେ ୨୦୧୬ରେ ଅଷ୍ଟ୍ରେଲିଆନ୍ ଓପନରେ ଚାମ୍ପିୟନ ହୋଇଥିଲେ। ନିଜ ଭାଷଣ ସମୟରେ ସାନିଆ କାନ୍ଦି ପକାଇଥିଲେ। ୧୮ ବର୍ଷ ତଳେ ସେରେନା ୱିଲିୟମ୍ସଙ୍କ ବିପକ୍ଷରେ ଏଠାରୁ ନିଜର ଗ୍ରାଣ୍ଡସ୍ଲାମ ଯାତ୍ରା ଆରମ୍ଭ କରିଥିଲି। ବର୍ଷ ପରେ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ଟୁର୍ନାମେଣ୍ଟ ମୋ ପାଇଁ ବେଶ୍ ଲକି ସାବ୍ୟସ୍ତ ହୋଇଛି ବୋଲି ସାନିଆ କହିଛନ୍ତି। ଏହି ଫାଇନାଲ ମ୍ୟାଚ ଦେଖିବା ପାଇଁ ସାନିଆଙ୍କ ୪ ବର୍ଷର ପୁଅ ଇଝାନ ଓ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ ଡବଲ୍ସ ପାର୍ଟନର କାରା ବ୍ଲାକଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି।

## ଜର୍ମାନୀ-ବେଲଜିୟମ ...

ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆକ୍ରମଣ ଆରମ୍ଭ କରିଥିଲା ନେଦରଲାଣ୍ଡ୍ସ। ମ୍ୟାଚର ୮ମ ମିନିଟରେ ଦଳ ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୧୧ତମ ମିନିଟରେ ଦଳକୁ ଦ୍ୱିତୀୟ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ୧୨ତମ ମିନିଟରେ ଦଳକୁ ଅଗ୍ରଣୀ କରାଇଥିଲେ ଜିପ୍ ଜାନସେନ। ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ନେଦରରଲାଣ୍ଡ୍ସ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମୁକାବିଲା ଜୋରଦାର ହୋଇଥିଲା। ଗୋଲ ପରିଶୋଧ ପାଇଁ ଜର୍ମାନୀ ଉଦ୍ୟମ କରିଥିବାବେଳେ ନେଦରଲାଣ୍ଡ୍ସ ଏହାକୁ ପ୍ରତିହତ କରିଥିଲା। ୨୩ତମ ମିନିଟରେ ଜର୍ମାନୀ ଖେଳାଳି ନେଦରଲାଣ୍ଡ୍ସ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଫାଉଲ୍‌ଯୋଗୁ ସେତେବେଳକୁ ବଲ୍ ଡେଡ୍ ହୋଇ ଯାଇଥିଲା। ୨୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ସିଧାସଳଖ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟର ରୋମାଞ୍ଚକ ହୋଇଥିଲା। ୩୫ତମ ମିନିଟରେ ନେଦରଲାଣ୍ଡ୍ସକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲା। ୩୬ତମ ମିନିଟରେ ଗୋଲଦେଇ ନେଦରଲାଣ୍ଡ୍ସକୁ ଅଗ୍ରଣୀ କରିଥିଲେ ଜାନସେନ। ମ୍ୟାଚରେ ଏହା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। ମାତ୍ର ବେଲଜିୟମ ସହଜରେ ଛାଡ଼ି ନ ଥିଲା। ବିପକ୍ଷ ଦଳ ଉପରେ ଚାପ ଜାରିରଖି ସୁଯୋଗ ସନ୍ଧାନରେ ରହିଥିଲା। ୪୪ତମ ମିନିଟରେ ପେନାଲ୍ଟି କର୍ନର ମିସ୍ ହୋଇଥିଲେ ହେଁ ୪୫ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ଥିତିକୁ ନଇ ଆସିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ନିଜ ନିଜ ରଣନୀତିରେ ଖେଳିଥିଲେ। ୪୬ତମ ମିନିଟରେ ନେଦରଲାଣ୍ଡ୍ସକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହା ବେକାର ଯାଇଥିଲା। ୫୧ତମ ମିନିଟରେ ଅଗ୍ରଣୀ ନେବାପାଇଁ ବେଲଜିୟମ ନିକଟରେ ସୁବର୍ଣ୍ଣ ସୁଯୋଗ ଥିଲା। ମାତ୍ର ଭାଗ୍ୟ ସାଥ୍ ଦେଇ ନ ଥିଲା। ନେଦରଲାଣ୍ଡ୍ସ ରକ୍ଷଣଭାଗ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଦଣ୍ଡ ସ୍ୱରୂପ ୫୧ତମ ମିନିଟରେ ବେଲଜିୟମକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ମାତ୍ର ଟମ୍ ବୁନ୍ ମାରିଥିବା ଶଟ୍‌କୁ ନେଦରଲାଣ୍ଡ୍ସ ଗୋଲକିପର ପିରମିନ ବ୍ଲାକ୍ ଦକ୍ଷତାର ସହ ସେଭ୍ କରି ଦେଇଥିଲେ। ବୁନ୍ ଗୋଲପୋଷ୍ଟର ଲେଫ୍ଟ କର୍ନରକୁ ଶଟ୍ ମାରିଥିବାବେଳେ ବ୍ଲାକ୍ ନିଜ ଡାହାଣ ପଟକୁ ଡାଇଭ୍ ମାରି ବଲ୍‌କୁ ବାହାରକୁ ପଠାଇ ଦେଇଥିଲେ। ନେଦରଲାଣ୍ଡ୍ସ ୧୯୭୩, ୧୯୯୦, ୧୯୯୮ରେ ଚାମ୍ପିୟନ ଏବଂ ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ରନରଅପ୍ ହୋଇଥିଲା। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅତିଥି ଭାବେ ଯୋଗ ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱିଜା ନକ୍ଷତ୍ର କେବଳ କଅଁଳିଆ କଥା କହି ପରକୁ ଆପଣାର କରିପାରିବେ। ଟଙ୍କା, ପଇସାର ଅଭାବ ରହିବ ନାହିଁ କିନ୍ତୁ ବନ୍ଧୁମାନଙ୍କ ଖାପଛଡ଼ା କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।

**ବୃଷ** – କଥା କହୁ ନ ଥିବା ଲୋକଟି ହଠାତ୍ ଶତ୍ରୁତା ଭୁଲି ସୁହାଇଲା ଭଳି କିଛି କହିବ। ରୋହିଣୀ ନକ୍ଷତ୍ରର ସଭାସମିତିରେ ବନ୍ଧୁମିଳନ ଘଟିବ ଏବଂ ହାତକୁ ଦି'ପଇସା ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ କିନ୍ତୁ ଘର କଥା ଯେମିତି ଅଛି ସେମିତି ରହିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ** – ପୁନର୍ବସୁ ନକ୍ଷତ୍ର ବନ୍ଧୁଙ୍କୁ ମନେଇବାକୁ ଯାଇ ବହୁତ କିଛି କହିବାକୁ ପଡ଼ିପାରେ। ଯାହାକୁ ଖୋଜୁଥିବ ସେହି ବ୍ୟକ୍ତି ହଠାତ୍ ପାଖକୁ ସ୍ୱତଃପ୍ରବୃତ୍ତ ଭାବରେ ଚାଲି ଆସିବ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ, କିନ୍ତୁ ବିଶେଷ କିଛି ଅସୁବିଧା ରହିବ ନାହିଁ। ପିଲାମାନଙ୍କ ବିଶୃଙ୍ଖଳିତ ଆଚରଣ ଓ ଘର ଲୋକଙ୍କ ଦାୟିତ୍ୱହୀନତାରୁ ଚିନ୍ତିତ ରହିବେ।

**କର୍କଟ** – କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ବୃଦ୍ଧି ପାଇବ ଏବଂ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପୁଷ୍ୟା ନକ୍ଷତ୍ର ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିବେ। ପ୍ରଶାସନ, ରାଜନୀତି, କୃଷିବାଣିଜ୍ୟ,ବନ୍ଧୁମିଳନରେ ସୁଫଳ ପାଇବେ।

**ସିଂହ** – କର୍ମକ୍ଷେତ୍ରରେ ଅବହେଳାରୁ ବଡ଼ ସୁଯୋଗଟିଏ ହାତଛଡ଼ା ହୋଇପାରେ। ପୂର୍ବାଫାଲଗୁନୀ ପରକଥା ଶୁଣି ଦେବା ଲୋକଟିର ମନ ବିଗିଡ଼ିବା ଆଶଙ୍କା ରହିଛି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଝଟକା ଲାଗିପାରେ। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ।

**କନ୍ୟା** – ଆଜି ଯଦିଓ କିଛି ପାଇବେ ତଥାପି ତାହା ସହଜଲଭ୍ୟ ହୋଇପାରିବ ନାହିଁ। ପରିବାରର ଝଡ଼ଝଞ୍ଜା କାର୍ଯ୍ୟାବଳୀକୁ ଛିନ୍‌ଭିନ୍ କରିଦେଇପାରେ। ଚିତ୍ରା ନକ୍ଷତ୍ର ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କଳା, ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବା ଦୌଡ଼ରେ ରହିପାରନ୍ତି।

**ତୁଳା** – ସକାଳୁ ଜଣେ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ଅଭାବ, ଅସୁବିଧାକୁ ପଛରେ ପକାଇ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେଇପାରନ୍ତି। ବିବାଦୀୟ ଘଟଣାରେ ହତୋତ୍ସାହିତ କିମ୍ବା ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସ୍ୱାତୀ ନକ୍ଷତ୍ର ଗୃହ ନିର୍ମାଣ, ଯାନ ମରାମତିରୁ ଖୁସି ରହିବେ।

**ବିଛା** – ଆଜି ବନ୍ଧୁମିଳନରୁ ଖୁସି ରହିବେ କିନ୍ତୁ ମାନସିକ ସ୍ଥିରତା ରହିବ ନାହିଁ। ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା, ଜାରି ରହିବ କିନ୍ତୁ ପୂର୍ଣ୍ଣ ସନ୍ତୋଷ କେଉଁଠାରୁ ମଧ୍ୟ ମିଳିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ କ୍ଷେତ୍ରରେ ତତ୍ପର ରହିବେ। ଅର୍ଥ, ଜମିଜମା, ସଭାସମିତି ପ୍ରଭୃତି ମଧ୍ୟମ ପ୍ରକାରର ରହିବ।

**ଧନୁ** – ଦୃଢ଼ ମନୋବଳ ନେଇ କାମ କରିବାର ସୁଯୋଗ ପାଇବେ, ଯାହା ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ହୋଇ ନ ପାରେ। ପରିବାର, କର୍ମକ୍ଷେତ୍ର, ବନ୍ଧୁବର୍ଗ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବବତ୍ ରହିବ। ଭଲ କାରବାର ହେତୁ ଆତ୍ମସନ୍ତୋଷ ମିଳିପାରେ। ଉତ୍ତରାଷାଢ଼ା ନକ୍ଷତ୍ରର କାର୍ଯ୍ୟକୁଶଳତା ହେତୁ ମାନସିକ ସ୍ଥିତି ଭଲ ରହିବ।

**ମକର** – ଆଜି ଅନ୍ୟର କାନକୁହା କଥାରେ ପ୍ରଭାବିତ ହୋଇ ବୁଲିଯିବା ମହଙ୍ଗା ପଡ଼ିପାରେ। ମନ କଥା ମନରେ ରଖି ବାପ, ଧନ କହିପାରିଲେ ସୁବିଧାରେ କାମ ହାସଲ କରିବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। କର୍ମକ୍ଷେତ୍ରରେ, ବନ୍ଧୁବାନ୍ଧବରେ ସମସ୍ୟା ସମାଧାନର ରାସ୍ତା ଖୋଜି ପାଇବେ।

**କୁମ୍ଭ** – ଆଜି କିଛି ପାଇବାକୁ ହେଲେ କିଛି ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତୁ। ଆପଣଙ୍କ କାର୍ଯ୍ୟକୁ ବାହ୍ୟଲୋକମାନେ ଯେତିକି ଆଦର କରିବେ ତାହାର ଦୁଇଗୁଣ କରିପାରନ୍ତି। ଅବଶ୍ୟ ଶତଭିଷା ନକ୍ଷତ୍ରର ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** – ଆପଣଙ୍କ ସହଜରେ ମୁଣ୍ଡ ନୁଆଁଇବାରେ ଅସମ୍ମତି, କେତେକ କ୍ଷେତ୍ରରେ ବ୍ୟତିକ୍ରମର କାରଣ ହେବ। ଈର୍ଷାପରାୟଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ଯଥା ସମ୍ଭବ ଦୂରେଇ ରହିବା ଭଲ ହେବ। ପରିବାରରେ ମତାନ୍ତର ଜନିତ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ।

ଆଜି ମାଘମାସ ଶୁକ୍ଳପକ୍ଷର ତିଳସପ୍ତମୀ ଯୁକ୍ତ ଅଷ୍ଟମୀ, ଶନିବାର, ଚନ୍ଦ୍ରଭାଗାସ୍ନାନ ଓ ଯାତ୍ରା, ଜାନୁୟାରୀ ୨୮ ତାରିଖ, ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୩ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ।

## ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି ଜିଲା ମାଥିଲି ଥାନା ତଥା ଛତିଶଗଡ଼ ସୀମାନ୍ତକୁ ଲାଗିଥିବା ତୁଳସୀ ପାହାଡ଼ ନିକଟସ୍ଥ ଜଙ୍ଗଲରୁ ମାଲକାନଗିରି ପୋଲିସ ଓ ଏସ୍ଓଜି ବାହିନୀ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ନିର୍ଦ୍ଦେଶକ (ଅପରେଶନ) ଅମିତାଭ ଠାକୁର, ଡିଆଇଜି ସ୍ୱତନ୍ତ୍ର ଗୋଇନ୍ଦା ସଂସ୍ଥା ଅନିରୁଦ୍ଧ ସିଂ, ଡିଆଇଜି ରାଜେଶ ପଣ୍ଡିତଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀରେ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ଼ ନିକଟସ୍ଥ କିରିମିଟି ଓ କଟୁଆପଦର ଗ୍ରାମ ଜଙ୍ଗଲରେ ଯବାନମାନେ କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ଯବାନମାନଙ୍କୁ ଟାର୍ଗେଟ୍‌କରି ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ପକ୍ଷରୁ ଏହି ସାମଗ୍ରୀ ସବୁ ରଖାଯାଇଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ପ୍ରଜ୍ଞାପନ ମେଢ଼ ଆକର୍ଷଣ

## ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ



ପରେଡ୍‌ରେ ପ୍ରଦର୍ଶିତ ପ୍ରଜ୍ଞାପନ ମେଢ଼ ଏବଂ ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଗୁରୁବାର ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ୭୪ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ରାଜ୍ୟପାଳ ସକାଳ ୮ଟା ୨୮ ମିନିଟ୍‌ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଓ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ସୌମେନ୍ ବାନାର୍ଜୀ ରାଜ୍ୟପାଳଙ୍କୁ ସ୍ୱାଗତ କରି ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ରାଜ୍ୟପାଳ ୮ଟା ୩୦ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଳାହାଣ୍ଡି ଏଏସ୍‌ପି ଯଶପ୍ରତାପ ମାଲ୍ ପରେଡ୍ ପରିଚାଳନା କରିଥିଲେ। ଓଏପିଏସ୍, ତୃତୀୟ ବାଟାଲିୟନ୍, କୋରାପୁଟର ଦୀପକ ଗଡ଼ନାୟକ ଦ୍ୱିତୀୟ ପରିଚାଳକ ଭାବେ ଏବଂ ଭୁବନେଶ୍ୱର ଓଏସ୍ଏପି ସପ୍ତମ ବାଟାଲିୟନ୍‌ର ଆସିଷ୍ଟାଣ୍ଟ କମିଶନର ଭବାନୀପ୍ରସାଦ ଜେନା ଆଡ୍‌ଜୁଟାଣ୍ଟ ଭାବେ ପରେଡ୍ ପରିଚାଳନାରେ ସହାୟତା କରିଥିଲେ।

### ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ

### ସମ୍ମାନିତ ଅତିଥି ଭାବେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ ପରେ ୧୮ ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୮ ବେସାମରିକ ଦଳ ମିଳିତ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ସମ୍ମିଳିତ ପରେଡ୍ ପରେ ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗଞ୍ଜାମ ଜିଲା କବିସୂର୍ଯ୍ୟନଗରର ବାଲୁଙ୍କେଶ୍ୱର ପଶୁମୁଖା ସଂସଦ ପକ୍ଷରୁ ପଶୁମୁଖା ନୃତ୍ୟ ଓ ଘଣ୍ଟ ମୃଦଙ୍ଗ, ବୌଦ୍ଧ ଜିଲା ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଶବର-ଶବରୁଣୀ, କଳାହାଣ୍ଡି ଜିଲା ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନ ପକ୍ଷରୁ ବଜାଶାଳ, ସିଂଘାରୀ ଓ ଘୁମୁରା ନୃତ୍ୟ ଏବଂ ରାୟଗଡ଼ା ଜିଲା ଗାୟତ୍ରୀ କଳା ସଂଗଠନ ପକ୍ଷରୁ ଢେମ୍‌ସା ଜନଜାତି ନୃତ୍ୟ ପରିବେଷଣ ଉତ୍ସବକୁ ମନୋମୁଗ୍ଧକର କରିଥିଲା। ଏହାପରେ ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ (ଆଦି ଅନ୍ନ-ମିଲେଟ୍ ମିଶନ), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା), ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ଓଡ଼ିଶା ଆଦର୍ଶ ବିଦ୍ୟାଳୟ), ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ଗ୍ରାମ୍ୟ ଜଳ ଯୋଗାଣ), ପୂର୍ତ୍ତ ବିଭାଗ (ଭିତ୍ତିଭୂମି ବିକାଶ ପ୍ରକଳ୍ପ), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ (ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଯୋଜନା), ପର୍ଯ୍ୟଟନ ବିଭାଗ (ବୌଦ୍ଧ ସର୍କିଟ), ଓଡ଼ିଶା ରାଜ୍ୟ ଏଡ୍‌ସ ନିରାକରଣ ସମିତି (ଏଡ୍‌ସ ସଚେତନତା), ଓଡ଼ିଶା ଖଣି ନିଗମ (ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ), ଓଡ଼ିଶା ଅଗ୍ନିଶମ ସେବା ଯାନ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ.ପାଣ୍ଡିଆନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଏଥର ୭ ହଜାର ବରିଷ୍ଠ ନାଗରିକଙ୍କ ଲାଗି ବ୍ୟବସ୍ଥା ହୋଇଛି: ନବୀନ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ଭୁବନେଶ୍ୱରଠାରୁ ଆଲ୍ଲାହାବାଦ (ପ୍ରୟାଗରାଜ)-ବାରାଣସୀ ଅଭିମୁଖୀ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରାର ଶୁଭାରମ୍ଭ ହୋଇଛି। ଏହି ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଛନ୍ତି। ଭିଡିଓ ବାର୍ତ୍ତା ଜରିଆରେ ଯାତ୍ରା କରୁଥିବା ସମସ୍ତ ତୀର୍ଥଯାତ୍ରୀଙ୍କୁ ସେ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନା ଯୋଗୁ ୨ ବର୍ଷ ହେବ ବନ୍ଦ ଥିବା ତୀର୍ଥଯାତ୍ରା ପୁଣି ଆରମ୍ଭ ହୋଇଛି। ଚଳିତ ବର୍ଷ ୭୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରା ବ୍ୟବସ୍ଥା କରାଯାଇଛି। ପ୍ରୟାଗରାଜ-ବାରାଣସୀକୁ ଯାଉଥିବା ଏହି ତୀର୍ଥଯାତ୍ରୀମାନେ ଭଗବାନ ବିଶ୍ୱନାଥଙ୍କ ଦର୍ଶନ କରି ନିଜ ତଥା ପରିବାରବର୍ଗ ଏବଂ ଓଡ଼ିଶା ପାଇଁ ବାବାଙ୍କ ଆଶୀର୍ବାଦ ନେଇ ଆସିବେ। ବରିଷ୍ଠ ନାଗରିକଙ୍କ ଯିବା, ଆସିବା, ରହିବା, ଖାଇବା, ସ୍ୱାସ୍ଥ୍ୟସେବା ଓ ସବୁ ପ୍ରକାର ସୁବିଧା ସରକାର କରିଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱର ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରୁ ଶୁକ୍ରବାର ନିର୍ଦ୍ଧାରିତ ଦିନ ୧୨.୪୫ ମିନିଟ୍ ସମୟରେ ଛାଡ଼ିଛି। ବରିଷ୍ଠ ନାଗରିକ ଓ ସେମାନଙ୍କ ପାଇଁ ସୁରକ୍ଷା ଅଧିକାରୀଙ୍କୁ ମିଶାଇ ମୋଟ ୯୮୨ ଜଣ ଯାତ୍ରୀ ଆଲ୍ଲାହାବାଦ (ପ୍ରୟାଗରାଜ) ଏବଂ ବାରାଣସୀକୁ ଯାତ୍ରା କରିଛନ୍ତି। ଏହି ଯୋଜନାରେ ଚୟନ କରାଯାଇଥିବା ଖୋର୍ଦ୍ଧା, ନୟାଗଡ଼, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଆଦି ୭ ଜିଲାରୁ ବରିଷ୍ଠ ନାଗରିକମାନେ ସାମିଲ ହୋଇଛନ୍ତି। ଏଥିପାଇଁ ଭୁବନେଶ୍ୱର ଷ୍ଟେଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସ୍ୱତନ୍ତ୍ର ଟ୍ରେନ୍‌କୁ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଥିଲା। ଏଠାରେ ବିଭିନ୍ନ ଜିଲାରୁ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥିମାନେ ଯୋଗ ଦେଇଛନ୍ତି। ନିମନ୍ତ୍ରିତ ଅତିଥିମାନେ ରେଳ ବଗି ନିକଟରେ ଫିତାକାଟି ଏବଂ ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ସମୀର ରଞ୍ଜନ ଦାସ, ମନ୍ତ୍ରୀ ତୁଷାର କାନ୍ତି ବେହେରା, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ଶଶୀଭୂଷଣ ବେହେରା, ବିଧାୟକ ସୁରେଶ କୁମାର ରାଉତରାୟ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ଅରବିନ୍ଦ ଢାଲି, ବିଧାୟକ ସମ୍ପିତ ରାଉତରାୟ, ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୬ ଜୁଲାଇ ୨୫ରୁ ଆରମ୍ଭ ହୋଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଅଦ୍ୟାବଧି ୧୫ଟି ଯାତ୍ରାର ଆୟୋଜନ କରାଯାଇଛି।

# କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣ ବର୍ତ୍ତମାନର ଆବଶ୍ୟକତା: ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୨୭।୧(ବ୍ୟୁରୋ)**

କୃଷି କ୍ଷେତ୍ରରେ ଯାନ୍ତ୍ରିକୀକରଣ ହେଉଛି ବର୍ତ୍ତମାନର ଆବଶ୍ୟକତା। କୃଷି ସମୁଦାୟର ସାମଗ୍ରିକ ବିକାଶ ପାଇଁ ଆମ ସରକାର ପ୍ରତିବଦ୍ଧ। କୃଷି ଓ କୃଷକର ଉନ୍ନତି ମୁଖ୍ୟ ପ୍ରାଥମିକତା। ତେଣୁ କାଳିଆ, ବଳରାମ, ମିଲେଟ୍ ମିଶନ ଭଳି ଯୋଜନା ଲାଗୁ ହୋଇଛି। ଆଗକୁ ମଧ୍ୟ ଯୋଜନା କାର୍ଯ୍ୟକାରୀ କରାଯିବ। ଓଡ଼ିଶାର ଚାଷୀଙ୍କ ପାଇଁ ରାଜ୍ୟକୁ ନିୟମିତ ବ୍ୟବଧାନରେ ଜାତୀୟସ୍ତରରେ ସମ୍ମାନ ମିଳୁଛି ବୋଲି ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ସମ୍ବଲପୁର ପିଏଚ୍‌ଡି ପଡିଆରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଏବଂ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଳିତ ଭାବେ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ସହଭାଗିତାରେ ପଶ୍ଚିମ ଓଡ଼ିଶା କୃଷିମେଳା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହା କହିଥିଲେ।

## ପଶ୍ଚିମ ଓଡ଼ିଶା କୃଷି ମେଳା-୨୦୨୩ ଉଦ୍‌ଘାଟିତ


ସମ୍ବଲପୁରରେ ପଶ୍ଚିମ ଓଡ଼ିଶା କୃଷିମେଳା ଉଦ୍‌ଘାଟନ ହେଉଛି।

ଉତ୍ସବରେ ଯୋଗଦେଇ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, କୃଷି ପ୍ରତି ରାଜ୍ୟର ଏକ କୈନ୍ଦ୍ରିକ ଆଭିମୁଖ୍ୟ ରହିଛି। ୨୦ବର୍ଷ ମଧ୍ୟରେ ରାଜ୍ୟରେ ସମସ୍ତ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଇଛି। ରାଜ୍ୟ ଦେଶର ୪ର୍ଥ ସର୍ବବୃହତ୍ ମାଛ ଉତ୍ପାଦନକାରୀ ହୋଇଛି। ଚାଷ ଜମିରେ ବନ୍ୟାର ପ୍ରଭାବ ହ୍ରାସ କରିବା ପାଇଁ ରାଜ୍ୟ ସରକାର ୨୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। କୃଷି ବିବିଧତାରେ ଚାଷ କରିବାକୁ ସେ ଆହ୍ୱାନ ଦେଇଥିଲେ।

### ବିବିଧ ଚାଷ ଯୋଗୁ ଆତ୍ମନିର୍ଭର ହୋଇଛନ୍ତି ଚାଷୀ: ମନ୍ତ୍ରୀ

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ କହିଥିଲେ, ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଏଭଳି କୃଷକ ମେଳାର ଆୟୋଜନ କରାଯିବ। କୃଷିକ୍ଷେତ୍ର ଆମ ଅର୍ଥନୀତିରେ ୨୦% ଯୋଗଦାନ ଦେଉଛି। ରାଜ୍ୟ ସରକାର କୃଷକମାନଙ୍କ ଆୟ ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ। ଉତ୍ପାଦର ବାଣିଜ୍ୟିକୀକରଣ ଓ ବଜାର ସଂଯୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାର ମେଶିନ୍‌ଗୁଡିକ ଉପରେ ୭୫% ସବ୍‌ସିଡି ଦେଉଛନ୍ତି। ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇବାକୁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ମଞ୍ଚାସୀନ ଥିଲେ। ମେଳାରେ ୧୦୦ରୁ ଅଧିକ ଷ୍ଟଲ୍ ଖୋଲାଯାଇଛି। ଏହି ଅବସରରେ ପଶ୍ଚିମ ଓଡ଼ିଶାର ୫ ଜଣ ପ୍ରଗତିଶୀଳ କୃଷକଙ୍କୁ କୃଷି ଓ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଏହି ମେଳା ୫ଦିନ ଧରି ଚାଲିବ। ଫସଲ ପ୍ରଣାଳୀକୁ ପୁନର୍ଜୀବିତ କରିବା, ଉଦ୍ୟାନ ବିଜ୍ଞାନ ହସ୍ତକ୍ଷେପ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି କରିବା, ଜଳବାୟୁ ଅନୁକୂଳରେ ଚାଷ, କୃଷି ରପ୍ତାନି ପ୍ରୋତ୍ସାହନ, ମାଛ ଉତ୍ପାଦନ ମାଧ୍ୟମରେ ଆୟ ବୃଦ୍ଧି, ପଶୁପାଳନ ମାଧ୍ୟମରେ ରୋଜଗାର ବଢାଇବା ଆଦି ଉପରେ ଅଧିବେଶନ ଆୟୋଜନ ହେବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Need experience / fresh Graduate with 2-wheeler for Industrial Marketing based Bhubaneswar for Odisha.
Contact: 9861161203

LR CORPORATE SERVICES
Required B.Sc Nursing / ANM / GNM / Attendant for Home Nursing Service at Bhubaneswar.
Experience: 0-1 years.
Contact for Details
9078554939
Email your CV: rajatbarik1984@gmail.com

See Career Appointment on every Wednesday & Saturday

REQUIRED
Office-PLAN B SOLUTIONS
Recovery & Loan Agency of Bank.
Required Freshers from all Odisha Location. (Male & Female)
Tellicaller Reqd. for Cuttack Location. Qualification- 10th/+2, Salary-5000-7000 Additional incentive also.
W App Mobile Number-6370238812

# 'କପିରେ ନୁହେଁ, ସୃଜନଶୀଳତାର ଭଲ ବ୍ୟବହାର କର'



**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ଆଜିକାଲିର ପିଲାଙ୍କଠାରେ ସୃଜନଶୀଳତା ବା କ୍ରିଏଟିଭିଟି ଭରିରହିଛି। ହେଲେ ସେହି ସୃଜନଶୀଳତାକୁ ପରୀକ୍ଷା ସମୟରେ କପି କରିବାରେ ଲଗାଉଛନ୍ତି। ଯଦି ପିଲାମାନେ ତାହାକୁ ଭଲ ଦିଗରେ ବ୍ୟବହାର କରନ୍ତେ ତେବେ ସଫଳତାର ଶୀର୍ଷରେ ପହଞ୍ଚିପାରନ୍ତେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦିଲ୍ଲୀ ତାଲକୋଟା ଷ୍ଟାଡିୟମ୍‌ରେ ପ୍ରଧାନମନ୍ତ୍ରୀ ମୋଦି ପରୀକ୍ଷା ପେ' ଚର୍ଚ୍ଚାର ଷଷ୍ଠତମ ସଂସ୍କରଣରେ ଛାତ୍ରୀଛାତ୍ରଙ୍କ ସହ କଥା ହେବା ସମୟରେ ଏହିଭଳି ପରାମର୍ଶ ଦେଇଥିଲେ। ପରୀକ୍ଷା ପେ' ଚର୍ଚ୍ଚାରେ ଦେଶର ବହୁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ ଯୋଗ ଦେଇଥିଲେ। ପିଲାମାନେ ସେମାନଙ୍କ ପରୀକ୍ଷା ବ୍ୟବସ୍ଥା ଉପରେ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଥିବାବେଳେ ପ୍ରଧାନମନ୍ତ୍ରୀ ଏହାର ସିଧାସଳଖ ଉତ୍ତର ଦେଇଥିଲେ। ତେବେ ସବୁଠୁ ରୋଚକ ପ୍ରଶ୍ନଟିଏ ପଚାରିଥିଲେ ଓଡ଼ିଶାର ତନ୍ମୟ ବିଶ୍ୱାଳ। କୋଣାର୍କସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ର ତନ୍ମୟଙ୍କ ପ୍ରଶ୍ନଟି ଥିଲା ଆଜିକାଲି କପି ଏକ ମାରାତ୍ମକ ବ୍ୟାଧି ଭଳି ମାଡ଼ିଯାଉଥିବାବେଳେ ଏହାକୁ କିପରି ରୋକାଯିବ। କପି କରୁଥିବା ଛାତ୍ରୀଛାତ୍ରଙ୍କୁ ଏହା ନ କରିବାକୁ କ'ଣ ବାର୍ତ୍ତା ଦେବେ ବୋଲି ତନ୍ମୟ ପଚାରିଥିଲେ। ପ୍ରଧାନମନ୍ତ୍ରୀ ଏହି ପ୍ରଶ୍ନଟି ଶୁଣିବା ପରେ କିଛି ସମୟ ପାଇଁ ଭାବୁକ ହୋଇଯାଇଥିଲେ ଏବଂ ଅନେକ ଉଦାହରଣ ଦେଇ ଉତ୍ତର ରଖିଥିଲେ। ସେ କହିଥିଲେ, ପିଲାମାନେ ନିଜ କ୍ରିଏଟିଭିଟିକୁ କପି କରିବାରେ ବ୍ୟବହାର କରୁଛନ୍ତି। ସେମାନେ ଏଭଳି ଢଙ୍ଗରେ କପି ନେଉଛନ୍ତି ଯେ, ପରୀକ୍ଷା ହଲ୍‌ରେ ଥିବା ଶିକ୍ଷକମାନେ ବୋକା ବନି ଯାଉଛନ୍ତି। ଏହି କ୍ରିଏଟିଭିଟିକୁ ଯଦି ପିଲାମାନେ ପାଠପଢ଼ାରେ ଲଗାନ୍ତେ, ତେବେ ସେମାନେ ବିନା କପିରେ ବି ଭଲ କରିପାରନ୍ତେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କପି କରି ସିନା ପିଲାମାନେ ପରୀକ୍ଷାରେ ପାସ ହୋଇଯିବେ, କିନ୍ତୁ ଆଗକୁ ଯାଇ ଅଟକି ଯିବେ। ଶର୍ଟକର୍ଟରେ ଜୀବନରେ ସଫଳତା ମିଳେନି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ପରୀକ୍ଷା ପେ' ଚର୍ଚ୍ଚା: ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ ଟିପ୍ସ ଦେଲେ ପ୍ରଧାନମନ୍ତ୍ରୀ

### ଲକ୍ଷ୍ୟ, ଟାଇମ୍ ମ୍ୟାନେଜ୍‌ମେଣ୍ଟକୁ ଗୁରୁତ୍ୱ

ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ପ୍ରଧାନମନ୍ତ୍ରୀ କହିଲେ, ଜୀବନର ଲକ୍ଷ୍ୟ ସ୍ଥିର କରନ୍ତୁ। ଲକ୍ଷ୍ୟ ହାସଲ ପାଇଁ କାମ କରନ୍ତୁ। ଚାପର ବଶବର୍ତ୍ତୀ ହୋଇ ଲକ୍ଷ୍ୟରୁ ବିଚ୍ୟୁତ ହୁଅନ୍ତୁନି। ଟାଇମ୍ ମ୍ୟାନେଜମେଣ୍ଟ ପ୍ରତି ଯତ୍ନଶୀଳ ହୁଅନ୍ତୁ। ନିଜ ମା'ଙ୍କୁ ଦେଖନ୍ତୁ, ଟାଇମ୍ ମ୍ୟାନେଜମେଣ୍ଟର ମହତ୍ତ୍ୱ ବୁଝିପାରିବେ। ସେ ଯେପରି ଘରର ସବୁ କାମ ଠିକ୍ ସମୟରେ କରନ୍ତି, ସେହିପରି ପିଲାଏ ମଧ୍ୟ କରନ୍ତୁ। ଏହାସହ ଚାପମୁକ୍ତ ରହି ପରୀକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଟିପ୍ସ ଦେଇଛନ୍ତି। ଆଗକୁ ଦଶମ, ଦ୍ୱାଦଶ ବୋର୍ଡ ପରୀକ୍ଷା ହେବାକୁ ଯାଉଛି। ପସନ୍ଦ ଲାଗୁ ନ ଥିବା ବିଷୟକୁ ସବୁବେଳେ ଛାତ୍ରୀଛାତ୍ର ବୋଝ ଭଳି ଭାବନ୍ତି। ତେବେ ଅପସନ୍ଦ ବିଷୟକୁ ଯଥେଷ୍ଟ ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ତାଳଚେର ବିଧାୟକଙ୍କୁ ପୁଣି ଇଡି ଜେରା

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ତାଳଚେରର ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୩ ଘଣ୍ଟାରୁ ଊର୍ଦ୍ଧ୍ୱ ଜେରା କରିଛି। ଏହାପୂର୍ବରୁ ଗତ ଜାନୁୟାରୀ ୨୦ରେ ସେ ଇଡି ଦ୍ୱାରା ୭ ଘଣ୍ଟାରୁ ଅଧିକ ସମୟ ଜେରା ହୋଇଥିଲେ। ତେବେ ଅପରାହ୍ନରେ ବିଧାୟକ ବ୍ରଜ ଇଡି କାର୍ଯ୍ୟାଳୟରୁ ବାହାରିବା ସମୟରେ ଗଣମାଧ୍ୟମର ଏକାଧିକ ପ୍ରଶ୍ନରେ କୌଣସି ଉତ୍ତର ନ ଦେଇ ଚାଲି ଯାଇଥିଲେ। ଅନ୍ୟପକ୍ଷରେ ବ୍ରଜଙ୍କ ଜାଣତରେ ତାଳଚେର, ଢେଙ୍କାନାଳ ଏବଂ ଅନ୍ୟ ଜିଲାରେ ଖଣି ଖନନ ଚାଲିଥିବା କୁହାଯାଉଛି।

ସୁଧାଂଶୁ ହୋତା ନାମକ ଜଣେ ଟ୍ରାନ୍ସପୋର୍ଟ କମ୍ପାନୀ ମାଲିକଙ୍କ ସହ ତାଙ୍କ ଲିଙ୍କ୍‌କୁ ନେଇ ଇଡି ଜେରା କରିଥିବା ସୂଚନା ମିଳିଛି। ପୂର୍ବରୁ ସୁଧାଂଶୁଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଆୟକର ବିଭାଗ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ବିପୁଳ ଟଙ୍କା ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଦି ଜବତ ହୋଇଥିଲା। ତଦନ୍ତ ସମୟରେ ସୁଧାଂଶୁଙ୍କ ସହ ବିଧାୟକ ବ୍ରଜଙ୍କ ସମ୍ପର୍କ ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ବ୍ରଜ ଗଣମାଧ୍ୟମ ଆଗରେ ଚୁପ ରହିବା ତାଙ୍କ ଅର୍ଥ କାରବାର ଦିଗକୁ ନେଇ ସନ୍ଦେହ ବଢ଼ାଉଛି। ଆଗାମୀ ଦିନରେ ଇଡି କାର୍ଯ୍ୟାଳୟରେ ସେ ପୁଣି ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି।

# ଜାନୁୟାରୀରୁ ତାତି ଅସମ୍ଭାଳ

## ୩୦ରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଜାନୁୟାରୀ ଶେଷ ହୋଇନି। ଶୀତ ଗାଏବ। ବିନା ପଙ୍ଖାରେ ଆଉ ଶୋଇବା ସମ୍ଭବ ହେଉନାହିଁ। ଗତ ୩/୪ ଦିନ ଭିତରେ ଦିନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ସର୍ବୋଚ୍ଚ ତାପମାତ୍ରାରେ ୫.୬ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଥିବା ବେଳେ ସମ୍ବଲପୁର ୫.୫, ଅନୁଗୋଳ ୪.୮, ଝାରସୁଗୁଡ଼ା ୪.୮, ପାରାଦୀପ ୪.୬, କେନ୍ଦୁଝର ୪.୩, ଭୁବନେଶ୍ୱର ୪.୨, ଚାନ୍ଦବାଲି ୪.୧ ଏବଂ ଫୁଲବାଣୀରେ ୪ ଡିଗ୍ରୀ ସେଲ୍‌ସିୟସ ବଢ଼ିଯାଇଛି। ଶୁକ୍ରବାର ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୩୪.୪, ଗୋପାଳପୁର ୩୩.୮, ଝାରସୁଗୁଡ଼ା ୩୩.୬ ଏବଂ ନବରଙ୍ଗପୁରରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହେବା ସହ ସମୁଦ୍ରରୁ ଆସୁଥିବା ଜଳୀୟ ବାଷ୍ପ ହଠାତ୍ ବନ୍ଦ ହୋଇ ଯାଇଛି। ଏହାର ପ୍ରଭାବରେ ହଠାତ୍ ଗରମ ବଢ଼ିଯାଇଛି। ତେବେ ଗରମ ବଢ଼ିଯାଇଥିବାରୁ ଆସନ୍ତା ୩୦ ଓ ୩୧ରେ ରାଜ୍ୟରେ ବର୍ଷାର ସମ୍ଭାବନା ରହିଛି।






ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା

# ନିଯୁକ୍ତି ଆଲୋଡ଼ନ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ସିକିମ୍ ସରକାର ୧୯୮୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏ.ସୁଧାକର ରାଓଙ୍କୁ ଗୃହ ବିଭାଗରେ ଅତିରିକ୍ତ ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ନେଇ ଏବେ ଆଲୋଡନ ସୃଷ୍ଟି ହୋଇଛି। କାରଣ ରାଓ ଏହା ପୂର୍ବରୁ ସ୍ପେଶାଲ ବ୍ରାଞ୍ଚର ସ୍ୱତନ୍ତ୍ର ପୋଲିସ ମହାନିର୍ଦ୍ଦେଶକ(ଏସ୍‌ଡିଜିପି) ଭାବେ ନିଯୁକ୍ତ ହୋଇଥିଲେ ଏବଂ ଏପରି କି ସେ ରାଜ୍ୟ ଡିଜିପିର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିଲେ। ପର୍ଯ୍ୟବେକ୍ଷକଙ୍କ ମତରେ, ପାରମ୍ପରିକ ଭାବେ ସରକାର ଆଇଏଏସ୍ କ୍ୟାଡର ପାଇଁ ଉଦ୍ଦିଷ୍ଟ ପଦବୀରେ ଜଣେ ଆଇପିଏସ୍ ଅଧିକାରୀଙ୍କୁ ଅବସ୍ଥାପିତ କରିବା ଧାରାକୁ କେହି ଅଟକାଇପାରୁ ନ ଥିବାବେଳେ ବାସ୍ତବରେ ଏଭଳି ନିଯୁକ୍ତି ନିଶ୍ଚିତ ଭାବେ ନିଆରା। ତେବେ ଉକ୍ତ ଘଟଣାରେ ରାଓଙ୍କ ଅତୀତର ସଫଳତା ଓ ବିଫଳତା ନେଇ ଅନ୍ୟମାନେ ଆଲୋଚନା କରିବା ଆରମ୍ଭ କରିଦେଇଛନ୍ତି। ଗତବର୍ଷ ଯେତେବେଳେ ରାଓଙ୍କୁ ରାଜ୍ୟ ଡିଜିପି ଦାୟିତ୍ୱ ଦିଆଯାଇଥିଲା ସେତେବେଳେ ଏହି ଅଧିକାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିବାରୁ ତାଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଦୁଇ ଜଣ କନିଷ୍ଠ ଅଧିକାରୀଙ୍କ ଅଭିଯୋଗକୁ ଭିତ୍ତିକରି ସିବିଆଇ ରାଓଙ୍କୁ ଦୋଷୀ କରିଥିଲା ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଉକ୍ତ ମାମଲାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ)କୁ ପଠାଯାଇଥିଲା, ଯାହା ଏଯାବତ ସେଠାରେ ପଡ଼ିରହିଛି। ରାଓଙ୍କ ବିରୋଧରେ ଅଭିଯୋଗ ସ୍ଥଗିତ ରହିଥିବାରୁ ତାଙ୍କୁ ଜଣେ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ଦେଇ ରାଜ୍ୟ ସରକାର ସମ୍ଭବତଃ ତାଙ୍କ ପସନ୍ଦ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ରାଓଙ୍କ ବିରୋଧରେ ଅଭିଯୋଗ ଥିବାରୁ ଉକ୍ତ ପଦବୀରେ ରହିବା ଲାଗି ଦାବି କରିବା ତାଙ୍କ ପକ୍ଷେ କଠିନ ଥିଲା। ତେବେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ରାଓଙ୍କ ନିଯୁକ୍ତିକୁ ଦେଖିଲେ ଜଣାପଡ଼େ ସେ ଦ୍ୱନ୍ଦ୍ୱରୁ ବାହାରେ ରହିଛନ୍ତି।

### ସରକାରରେ ଅସମାନତା

ମହାରାଷ୍ଟ୍ର ସରକାରର ନେତୃତ୍ୱ ଏବେ ଦୁଇ ଜଣ ନେଉଛନ୍ତି। ଜଣେ ହେଲେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଅନ୍ୟ ଜଣେ ଉପମଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ। ଏଠାରେ ଫଡ଼ନବିସ ଜଣେ ଦୃଢ ନେତା ଓ ପ୍ରକୃତ କ୍ଷମତା କେନ୍ଦ୍ର ଭାବେ ଉଭା ହୋଇଛନ୍ତି। ଏହି ଦୁହିଁଙ୍କ ମଧ୍ୟରେ ଥିବା ଅସହଜ ଓ ଅସମାନ ସମ୍ପର୍କ ଏବେ ରାଜ୍ୟ ପ୍ରଶାସନରେ ପ୍ରତିଫଳିତ ହୋଇଛି। ନିକଟରେ ରାଜ୍ୟ ସରକାର ଫଡ଼ନବିସଙ୍କ ନିକଟତମ କୁହାଯାଉଥିବା ଆଇଏଏସ୍ ଅଧିକାରୀ ଦେବେନ ଭାରତୀଙ୍କୁ ପ୍ରଥମ ଥର ପାଇଁ ମୁମ୍ବାଇ ପୋଲିସ କମିଶନର ଭାବେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଆଇପିଏସ୍ ବିବେକ ଫାନ୍‌ସାଲକର ପୋଲିସ କମିଶନର ଥିବାବେଳେ ସରକାରଙ୍କ ଏଭଳି ନିଯୁକ୍ତି ଫଡ଼ନବିସ ଏବଂ ଶିନ୍ଦେଙ୍କ ମଧ୍ୟରେ ଏକ ଜୋର୍‌ଦାର ଲଢ଼େଇର ସଙ୍କେତ ବୋଲି ପର୍ଯ୍ୟବେକ୍ଷକମାନେ ସୂଚାଇଛନ୍ତି। ମେଣ୍ଟ ଭାବେ ଉଭା ହୋଇଥିବା ଦୁଇ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଏଭଳି ପ୍ରଶାସନିକ ଫାଟ ସମ୍ପର୍କିତ ବହୁ ଘଟଣା ବାବୁ ପର୍ଯ୍ୟବେକ୍ଷକମାନେ ଦର୍ଶାଇଛନ୍ତି। ସୂତ୍ରରୁ ଜଣାପଡ଼ିଛି, ଶିନ୍ଦେଙ୍କୁ ଜଣେ ପ୍ରତୀକାତ୍ମକ ମୁଖ୍ୟମନ୍ତ୍ରୀ ଭାବେ ମନେକରାଯାଉଥିବାବେଳେ ଉପମୁଖ୍ୟମନ୍ତ୍ରୀ ଫଡ଼ନବିସ୍‌ଙ୍କୁ ଜଣେ ପ୍ରଭାବଶାଳୀ ତଥା ଅସଲ ନିୟନ୍ତ୍ରକ ଭାବେ ଦେଖାଯାଉଛି। ଏଭଳି ଅସମାନତା ସଚିବାଳୟ ଏପରିକି ଜିଲା ସ୍ତରୀୟ ପ୍ରଶାସନକୁ ବ୍ୟାପିଛି ଏବଂ ବାବୁମାନେ ଉକ୍ତ ଲଢ଼େଇରେ ଫସୁଛନ୍ତି। ଏହାକୁ ନେଇ ବାବୁ ସ୍ତରରେ ଥିବା ଅତ୍ୟଧିକ ଅସନ୍ତୋଷ ଶିନ୍ଦେ ସରକାରଙ୍କ ପାଇଁ ଶୁଭ ନୁହେଁ।

### ରାଜନୈତିକ ପ୍ରତିଧ୍ୱନି

୨୦୧୪ରେ ଆନ୍ଧ୍ରପ୍ରଦେଶ(ଏପି)ର ବିଭାଜନ ହେବା ପରେ ଅପ୍ରୀତିକର ପରିଣାମ ଏବେ ବି ଲାଗିରହିଛି। ତେଲଙ୍ଗାନାରେ କାର୍ଯ୍ୟ କରୁଥିବା ଏପି କ୍ୟାଡର ଅଧିକାରୀମାନଙ୍କୁ ଆନ୍ଧ୍ରପ୍ରଦେଶ ପ୍ରତ୍ୟାବର୍ତ୍ତନ କରିବା ପାଇଁ ତେଲଙ୍ଗାନାରେ ଦାବି ତୀବ୍ର ହେଉଛି। ଏହି ଘଟଣାକୁ ନେଇ ରାଜନୈତିକ ପ୍ରତିଧ୍ୱନି ସୃଷ୍ଟି ହୋଇଛି। ନିକଟରେ ତେଲଙ୍ଗାନାର ଜଣେ ବରିଷ୍ଠ ଭାଜପା ନେତା ତାଙ୍କ ରାଜ୍ୟରେ କାର୍ଯ୍ୟକରୁଥିବା ଆନ୍ଧ୍ରପ୍ରଦେଶ କ୍ୟାଡରର ୧୫ ଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଅଭିଯୋଗ କରିଛନ୍ତି। ଏପରି କି ସୁପ୍ରିମକୋର୍ଟ ଏହି ଘଟଣା ଉପରେ ତାଙ୍କର ସ୍ପଷ୍ଟୀକରଣ ଦେଇସାରିଥିଲେ ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ଜଣାପଡ଼ିଛି ଯେ, କିଛିଦିନ ପୂର୍ବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୋମେଶ କୁମାରଙ୍କୁ ତାଙ୍କ ଆବଣ୍ଟିତ ଏପି କ୍ୟାଡରକୁ ପଠାଇ ଦିଆଯାଇଥିଲା। ଏବେ ତେଲଙ୍ଗାନା ଡିଜିପି ଅଞ୍ଜାନି କୁମାରଙ୍କୁ ମଧ୍ୟ ଆନ୍ଧ୍ରପ୍ରଦେଶ ପଠାଇଦିଆଯିବା ଉଚିତ ବୋଲି ଦାବି ହେଉଛି। ସୂତ୍ରରୁ ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶ କ୍ୟାଡରର ଅନେକ ଅଧିକାରୀ ତେଲଙ୍ଗାନାରେ ରହିବାକୁ ପସନ୍ଦ କରିଥିଲେ ଏବଂ ତେଲଙ୍ଗାନା କ୍ୟାଡରର କେତେଜଣ ଅଧିକାରୀ ଅବଶିଷ୍ଟ ଆନ୍ଧ୍ରପ୍ରଦେଶରେ ରହିବାକୁ ଚାହିଁଥିଲେ। ପରେ ବିଳମ୍ବରେ କିଛି ପଦବୀ ସୃଷ୍ଟି କରାଯାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବାଦ୍ ଦିଆଯାଇଥିଲା, ଯାହାଙ୍କ ଉପରେ ଏବେ ତର୍ଜମା ଚାଲିଛି। ଏହି ସମୟରେ ୨୦୧୪ରେ ଆନ୍ଧ୍ରପ୍ରଦେଶକୁ ବଦଳି କରାଯାଇଥିବା ୧୨ ଜଣ ଆଇଏଏସ୍ ଏବଂ ଆଇପିଏଓ୍ ଅଧିକାରୀ ସେମାନଙ୍କ ବଦଳିକୁ ଚ୍ୟାଲେଞ୍ଜ କରି ସୁପ୍ରିକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ସେମାନଙ୍କ ଷ୍ଟେକୁ ରଦ୍ଦ କରି ସୋମେଶ କୁମାରଙ୍କୁ ଆନ୍ଧ୍ରପ୍ରଦେଶକୁ ବଦଳି କରିବାକୁ ନିର୍ଦ୍ଦେଶ ଦେବା ପରେ ସେମାନେ ସୁପ୍ରିମକୋର୍ଟକୁ ଯାଇଛନ୍ତି। ତେବେ ବିନା ନ୍ୟାୟିକ ଯୁଦ୍ଧରେ ସେମାନେ ଛାଡ଼ିଦେବାକୁ ଚାହୁଁ ନ ଥିବା ସ୍ପଷ୍ଟ ହେଉଛି।

Email: dilipcherian@gmail.com

# ଶକ୍ତିର ଆଗାମୀ ଉତ୍ସ ଉଦ୍‌ଜାନ



**ଡ. ଜୟକୃଷ୍ଣ ପାଣିଗ୍ରାହୀ**

ଉନବିଂଶ ଶତାବ୍ଦୀ ମଧ୍ୟଭାଗ ବେଳକୁ ଶିଳ୍ପ ବିପ୍ଳବ ପ୍ରଗତିର ପରିଣାମରେ କୋଇଲା ବ୍ୟବହାର ବୃଦ୍ଧି ହେବା ସହ ଶକ୍ତି ଉତ୍ସରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଲା। ପରେ ବିଂଶ ଶତାବ୍ଦୀ ପ୍ରାରମ୍ଭ ବେଳକୁ ମୁଖ୍ୟ ନିର୍ଭରଶୀଳତା କୋଇଲା ଉପରେ ଥିଲା ସତ, କିନ୍ତୁ ଏହା କ୍ରମଶଃ ତୈଳ ପରି ଉଚ୍ଚ ଶକ୍ତିସମ୍ପନ୍ନ ଉତ୍ସକୁ ଧୀରେ ଧୀରେ ପରିବର୍ତ୍ତିତ ହୋଇ ଚାଲିଲା। ବିଂଶ ଶତାବ୍ଦୀର ଶେଷ ଭାଗରେ, ଶକ୍ତିର ମୁଖ୍ୟ ଉତ୍ସ ଭାବରେ ପେଟ୍ରୋଲିୟମ ଉତ୍ପାଦଗୁଡ଼ିକର ପ୍ରାଧାନ୍ୟ ବିସ୍ତାର ଏବଂ ଏହା ଉପରେ ବିଶ୍ୱ ଅର୍ଥନୀତିର ନିର୍ଭରଶୀଳତା ଏକ ଉଚ୍ଚ ସୋପାନରେ ଉପନୀତ ହେଲା। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସହିତ ପ୍ରାକୃତିକ ଗ୍ୟାସ୍ ପରି ଜୀବାଶ୍ମ ଇନ୍ଧନର ଅଧିକ ଦକ୍ଷ ଉତ୍ସଗୁଡ଼ିକ ବିଶେଷ ଆଦୃତ ହେଲା ଏବଂ ଶକ୍ତିର ସମ୍ପୂର୍ଣ୍ଣ ନୂତନ ରୂପ ରୂପେ ନାଭିକୀୟ ବିଭାଜନ (ନ୍ୟୁକ୍ଲିଅର୍ ଫିସନ) ଉପଲବ୍ଧ ହେଲା। ଏହି କ୍ରମରେ ଜଳ ବିଦ୍ୟୁତ୍, ପବନ ଏବଂ ସୌରଶକ୍ତି ପରି ନବୀକରଣଯୋଗ୍ୟ ଉତ୍ସ କ୍ରମଶଃ ବିକଳ୍ପ ଶକ୍ତିର ଉତ୍ସ ଭାବରେ ଉଭାହେଲା, ଯଦିଓ ଏସବୁ ଅକ୍ଷୟ ଶକ୍ତି ଏପର୍ଯ୍ୟନ୍ତ ଆଶାନୁଯାୟୀ ପ୍ରାଧାନ୍ୟ ହାସଲ କରିପାରି ନାହିଁ।

ସମ୍ପ୍ରତି ଏକବିଂଶ ଶତାବ୍ଦୀରେ କୋଇଲା, ତୈଳ ଏବଂ ପ୍ରାକୃତିକ ଗ୍ୟାସ (ତୁଳନାତ୍ମକ ଭାବେ କମ୍) ପରି ଜୀବାଶ୍ମ ଇନ୍ଧନ ଧୀରେ ଧୀରେ ଅନାଦୃତ ହେବା ସହିତ ଶକ୍ତି ଉତ୍ସରେ ପ୍ରମୁଖ ପରିବର୍ତ୍ତନର ସୂତ୍ରପାତ ଘଟୁଛି। ଏହାର ମୌଳିକ କାରଣ ହେଉଛି ଜୀବାଶ୍ମ ଇନ୍ଧନର ବିସ୍ତୃତ ବ୍ୟବହାରରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ଏବଂ ଅନ୍ୟାନ୍ୟ ବହୁ ପ୍ରଦୂଷକ ପଦାର୍ଥ ବାୟୁମଣ୍ଡଳକୁ ନିର୍ଗତ ହୋଇ ପ୍ରଦୂଷଣ, ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନ ପରି ବହୁ ଗମ୍ଭୀର ପରିବେଶୀୟ ସମସ୍ୟାର କାରଣ ପାଲଟିଛି। ପରିଣାମରେ ବାତ୍ୟା, ବନ୍ୟା, ମରୁଡ଼ି, ଭୂସ୍ଖଳନ, ସମୁଦ୍ର ପତ୍ତନ ବୃଦ୍ଧି ପରି ବହୁ ପ୍ରାକୃତିକ ବିପର୍ଯ୍ୟୟ ଘଟିବା ସହ ବିବିଧ ସ୍ୱାସ୍ଥ୍ୟ ସମସ୍ୟାର ସୃଷ୍ଟି ଏବଂ ଜୈବ ବିବିଧତାର ଅବକ୍ଷୟ ହେଉଛି। ଏପରି ଦୃଶ୍ୟପଟରେ ନିର୍ଗତ ଅଙ୍ଗାରକକୁ ଅଧିକୃତ, ଗଚ୍ଛିତ ଏବଂ ବିନିଯୋଗ କରିବାର ପଦ୍ଧତି; ଶକ୍ତି ଉତ୍ପାଦନ ପ୍ରଣାଳୀରେ ଅଙ୍ଗାରକବିହୀନ ପ୍ରକ୍ରିୟା; ଶକ୍ତିଦକ୍ଷତା; ଶକ୍ତି ସଞ୍ଚୟ ଏବଂ ଶକ୍ତି ଅପଚୟ ରୋକିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଶକ୍ତି ଉତ୍ସଗୁଡ଼ିକର ପରିବେଶୀୟ ପ୍ରଭାବ ଏକ ପ୍ରମୁଖ ବିଚାର୍ଯ୍ୟ ପ୍ରସଙ୍ଗ ପାଲଟିଛି। ବିପରୀତ ଦିଗରେ, ବର୍ତ୍ତମାନ ସୌର, ପବନ, ସମୁଦ୍ର ଢେଉ ଏବଂ ଭୂଉତ୍ତାପ ଶକ୍ତି ପରି ସ୍ୱଚ୍ଛ, ନବୀକରଣ-ଯୋଗ୍ୟ ଉତ୍ସ ଶକ୍ତି ଆବଶ୍ୟକତାର ପୂରଣ ନିମନ୍ତେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବା ଦିଗରେ ଅଗ୍ରସର ହେଉଛନ୍ତି। ଏ ଦିଗରେ ବୈଜ୍ଞାନିକମାନଙ୍କର ନିରବଚ୍ଛିନ୍ନ ପ୍ରୟାସ ଜାରି ରହିଛି। ଏହା ସହିତ ଜୈବପ୍ରଯୁକ୍ତିର ଅଗ୍ରଗତି ଜୈବିକ ଉତ୍ସରୁ ଉତ୍ପନ୍ନ ଜୈବ-ଇଥାନଲ୍ ଏବଂ ଜୈବ-ଡିଜେଲ ପରି ଇନ୍ଧନର ସମ୍ଭାବନାକୁ ଅଧିକ ଉଜ୍ଜ୍ୱଳ କରିଛି।



ଯଦି ନାଭିକୀୟ ମିଳନ (ନ୍ୟୁକ୍ଲିଅର୍ ଫ୍ୟୁଜନ) ବ୍ୟବସାୟିକ ଭାବରେ ସଫଳତା ଅର୍ଜନ କରେ, ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସର ଭୂମିକା ନିର୍ବାହ କରିପାରେ। ଏସବୁ ମଧ୍ୟରେ ଏକ ନୂତନ ସମ୍ଭାବନା ଓ ସାଫଲ୍ୟର ପଥ ଉନ୍ମୋଚିତ ହୋଇଛି, ଯାହା ହେଉଛି ଶକ୍ତିର ଉତ୍ସାହଜନକ ଉତ୍ସ ରୂପେ ଉଦ୍‌ଜାନର ବ୍ୟବହାର। ଏହା ପ୍ରାରମ୍ଭିକ ସ୍ତରରେ ମୁଖ୍ୟତଃ ଯାନବାହନ, ଛୋଟ ଶକ୍ତି ପ୍ରଦାନକାରୀ ଜେନେରେଟର୍ ଏବଂ ପୋର୍ଟେବଲ ଉପକରଣକୁ ଶକ୍ତି ଯୋଗାଉଥିବା ଇନ୍ଧନ କୋଷ (ଫୁଏଲ ସେଲ)ଗୁଡ଼ିକରେ ବ୍ୟବହୃତ ହେବା ଆରମ୍ଭ ହୋଇଛି।

ସମ୍ପ୍ରତି ଉଦ୍‌ଜାନ ଶକ୍ତିକୁ ନେଇ ବିତର୍କ ଅଧିକତର ଧ୍ୟାନ ଆକର୍ଷଣ କରିବାରେ ଲାଗିଛି। ଉଦ୍‌ଜାନ ଏକ ରଙ୍ଗହୀନ, ଗନ୍ଧହୀନ, ସ୍ୱାଦହୀନ, ଅଣ-ବିଷାକ୍ତ ଏବଂ ଅତ୍ୟଧିକ ଦହନଶୀଳ ଗ୍ୟାସୀୟ ପଦାର୍ଥ। ଭାରୀ ଶିଳ୍ପ କ୍ଷେତ୍ରକୁ ଉତ୍ତମ ସେବା ପ୍ରଦାନ କରୁଥିବା ଉଦ୍‌ଜାନ ଏବେ ପରିବହନ ଏବଂ ଜାହାଜ ଜଗତକୁ ଅଙ୍ଗାରକ-ଶୂନ୍ୟ କରିବା ଦିଗରେ ସର୍ବାଗ୍ରେ ରହିଛି। ନିଟ୍-ଶୂନ୍ୟ ଅଙ୍ଗାରକ ଲକ୍ଷ୍ୟ ହାସଲ ନିମନ୍ତେ ଏବଂ ଶୂନ-ନିର୍ଗମନ ଇନ୍ଧନ ସୃଷ୍ଟି ଲକ୍ଷ୍ୟରେ ଅଭିନବ ପ୍ରକଳ୍ପଗୁଡ଼ିକରେ ଶହ ଶହ କୋଟି ଡଲାର ଅର୍ଥ ବିନିଯୋଗ ହେଉଛି। ତେବେ ଉଦ୍‌ଜାନ ନିର୍ଗତ ଶକ୍ତି ଏବେ ତିନୋଟି ରୂପରେ ଉପଲବ୍ଧ ହେଉଛି- ଧୂସର, ନୀଳ ଏବଂ ସବୁଜ। ଧୂସର ରୂପ ହେଉଛି ଉଦ୍‌ଜାନ ସବୁଠାରୁ ସାଧାରଣ ରୂପ, ଯାହା ଜୀବାଶ୍ମ ଇନ୍ଧନ ବ୍ୟବହାରରେ ସୃଷ୍ଟ ଏବଂ ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ବାୟୁମଣ୍ଡଳକୁ ମୁକ୍ତ ହୋଇଥାଏ। ନୀଳ ଉଦ୍‌ଜାନ ମୁଖ୍ୟତଃ ପ୍ରାକୃତିକ ବାଷ୍ପରୁ ଉତ୍ପାଦିତ ହୁଏ, ଯେଉଁଥିରେ ଅପେକ୍ଷାକୃତ କମ୍ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହୁଏ। କିନ୍ତୁ ସବୁଜ ଉଦ୍‌ଜାନ ପ୍ରସ୍ତୁତି ନିମନ୍ତେ ସୂର୍ଯ୍ୟାଲୋକ ପରି ସ୍ୱଚ୍ଛ ଉତ୍ସର ଶକ୍ତି ବ୍ୟବହୃତ ହୋଇ ଜଳ ଅଣୁକୁ ଇଲେକ୍ଟ୍ରୋଲାଇସିସ ପ୍ରକ୍ରିୟାରେ ଭଙ୍ଗାଯାଏ, ଯେଉଁଥିରେ ଜଳର ଦୁଇ ମୌଳିକ ଉପାଦାନ ଉଦ୍‌ଜାନ ଓ ଅମ୍ଳଜାନ ସୃଷ୍ଟି ହୁଏ, ଏବଂ ଅଙ୍ଗାରକାମ୍ଳ ପରି କୌଣସି ଉତ୍ତାପ ବୃଦ୍ଧିକାରୀ ସବୁଜଗୃହ ବାଷ୍ପ ନିର୍ଗତ ହୁଏ ନାହିଁ। ତେବେ ଉତ୍ପାଦନ ପ୍ରକ୍ରିୟାରେ ଥିବା କେତେକ ଜଟିଳ ବାଧକର ସମାଧାନର ପନ୍ଥା ହିଁ ଆଗାମୀ ଦିନରେ ଉଦ୍‌ଜାନକୁ ଶକ୍ତିର ଶ୍ରେଷ୍ଠ ଉତ୍ସ ରୂପେ ପ୍ରତିଷ୍ଠିତ କରିବ। ନିକଟରେ ଏକ ବୈଜ୍ଞାନିକ ଗୋଷ୍ଠୀ ସୌରଚାଳିତ କୃତ୍ରିମ ପତ୍ର ଦ୍ୱାରା ବାୟୁରୁ ଜଳ ଅମଳ କରି ସେଥିରୁ ବୃକ୍ଷର ଆଲୋକଶ୍ଲେଷଣ ପ୍ରକ୍ରିୟା ଭଳି ପଦ୍ଧତିରେ ଉଦ୍‌ଜାନ ଗ୍ୟାସ ଉତ୍ପାଦନ କରିବାରେ ସକ୍ଷମ ହୋଇଛନ୍ତି। ପୃଥିବୀରେ ଜଳର ପ୍ରାଚୁର୍ଯ୍ୟ ଭରି ରହିଥିବାରୁ ଆଗାମୀ ଦିନରେ ପ୍ରଯୁକ୍ତିର ଅଧିକତର ଅଗ୍ରଗତି ଏହି ଉତ୍ସରୁ ଲାଭପ୍ରଦ ଉପାୟରେ ଉଦ୍‌ଜାନ ଶକ୍ତି ଉପଲବ୍ଧ କରାଇବାରେ ସଫଳ ହେବ, ଯାହା ଜୀବାଶ୍ମ ଇନ୍ଧନକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବାରେ ସହାୟକ ହେବ।

ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଏବଂ ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୧୫ ଅଗଷ୍ଟ ୨୦୨୧ରେ ଜାତୀୟ ଉଦ୍‌ଜାନ ମିଶନ ଆରମ୍ଭ ହୋଇଥିଲା। ନିକଟରେ ଜାନୁୟାରୀ ୪ରେ ଭାରତ ସରକାର ଜାତୀୟ ସବୁଜ ଉଦ୍‌ଜାନ ମିଶନ ଶୁଭାରମ୍ଭ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଭାରତକୁ ସବୁଜ ଉଦ୍‌ଜାନ ଉତ୍ପାଦନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବା। ଏହି ମିଶନ ୨୦୩୦ ସୁଦ୍ଧା ଦେଶରେ ବାର୍ଷିକ ଅତିକମ୍‌ରେ ୫ ନିୟୁତ ମେଟ୍ରିକ ଟନ୍ ସବୁଜ ଉଦ୍‌ଜାନ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ଏହା ସହିତ ଜଡ଼ିତ ପ୍ରାୟ ୧୨୫ ଗିଗା ୱାଟ୍ ଅକ୍ଷୟ ଶକ୍ତି କ୍ଷମତାର ବିକାଶକୁ ଶକ୍ତିଶାଳୀ କରିବ। ଏହି ମିଶନ ନିମନ୍ତେ ମୋଟ ୧୯,୭୪୪ କୋଟି ଟଙ୍କାର ବଜେଟ ପ୍ରାବଧାନ ହୋଇଥିବା ବେଳେ ଏହା ୨୦୩୦ ସୁଦ୍ଧା ୬ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରଖେ। ଅଏଲ ଇଣ୍ଡିଆ କମ୍ପାନୀ ପୂର୍ବ ଆସାମର ଜୋରହାଟ୍‌ରେ ଭାରତର ପ୍ରଥମ ୯୯.୯୯% ଶୁଦ୍ଧ ସବୁଜ ଉଦ୍‌ଜାନ ପ୍ଲାଣ୍ଟକୁ ଏବେ କାର୍ଯ୍ୟକ୍ଷମ କରିଛି। ବିଶ୍ୱସ୍ତରୀୟ ଅଭିଯାନ ସହ ତାଳ ଦେଇ ଭାରତ ମଧ୍ୟ ନିଟ୍-ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲ ନିମନ୍ତେ କେତେକ ବିକଶିତ ରାଷ୍ଟ୍ରଙ୍କର ଆର୍ଥିକ ଏବଂ ବୈଷୟିକ ସହଭାଗିତାରେ 'ଗ୍ରୀନ୍ ହାଇଡ୍ରୋଜେନ ମିଶନ'ର ସଫଳତା ଦିଗରେ ଅଗ୍ରସର ହେଉଛି। ଶକ୍ତିର ଅଭିନବ ଉତ୍ସର ଉଦ୍ଭାବନ ମାନବସମାଜ ପାଇଁ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ, ଉପଲବ୍ଧ ଶକ୍ତିର ବିଜ୍ଞ ବ୍ୟବହାର ଏବଂ ସଂରକ୍ଷଣ ନିମନ୍ତେ ସଚେତନତା ଜାଗରଣ ଓ ସଂଯମତା ଅବଲମ୍ବନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୭୬୧୦୦

# ଶ୍ରୀସମ୍ମେଦ ଶିଖର



**ସୁଧିରାଜ ରାଉତ**

ଶ୍ରୀସମ୍ମେଦ ଶିଖରକୁ ନିଜ ମୂଳ ଚୈତନ୍ୟରେ ସଂରକ୍ଷିତ ରଖିବା ପାଇଁ ଦାବି ଏହା କେବଳ ଜୈନ ଅନୁଗାମୀଙ୍କ ସ୍ୱର ନୁହେଁ,ନୀରବିଗଲେ ଶୁଣିହେବ ଏହା ଭାରତ ଆତ୍ମାର ସ୍ୱର। ଯେଉଁ ପାବନଭୂମିରେ ଚବିଶ ତୀର୍ଥକରଙ୍କ ମଧ୍ୟରୁ କୋଡ଼ିଏ ତୀର୍ଥକର ମହାନିର୍ବାଣ ନେଇଛନ୍ତି ସେଇ ଭୂମି କେତେ ଯେ କରୁଣାମୟ, କ୍ରାନ୍ତିମୟ, କେତେ ଯେ କଳୁଷ ନାଶକ ଏହାକୁ ଶବ୍ଦରେ କହିବା ସମ୍ଭବ ନୁହେଁ। ସେହି ଅସାଧାରଣ ଭୂଖଣ୍ଡକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା ହେଉଛି ଆମ ଦାସତ୍ୱ ପ୍ରମାଣର ଉଦ୍‌ଘୋଷଣା। ଆଜି ବି ଆମେ କେତେ ୟୁରୋପୀ ଆଚରଣର ଅନୁଗାମୀ ଓ ଭାରତବର୍ଷ ଆତ୍ମାଠାରୁ କେତେ ଦୂରରେ ରହିଛୁ ଏହା ତା'ର ପ୍ରତ୍ୟକ୍ଷ ପ୍ରମାଣ।

ମକା କ'ଣ ବିଶ୍ୱ ପର୍ଯ୍ୟଟନ ତାଲିକାଭୁକ୍ତ ? ଭାଟିକାନ୍ ସିଟି କ'ଣ ପର୍ଯ୍ୟଟନ ସ୍ଥଳୀ? ଧନ୍ୟରେ ଭାରତର ଦାୟାଦ! ଶ୍ରୀସମ୍ମେଦ ଶିଖରକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା କଲ। ପର୍ଯ୍ୟଟନ ସ୍ଥଳୀ ଯେଉଁଠି ମଣିଷ ମଉଜ କରିବାକୁ ଯାଏ, ତୀର୍ଥକ୍ଷେତ୍ର ଯେଉଁଠିକୁ ମଣିଷ ଉତ୍ତରଣ ପାଇଁ ଯାଏ। ପର୍ଯ୍ୟଟନ ସ୍ଥଳୀ ଯେଉଁଠି ମଣିଷ ମଦମାଂସରେ ସ୍ନାନକରେ, ତୀର୍ଥକ୍ଷେତ୍ର ଯେଉଁଠି ମଣିଷ ଚୈତନ୍ୟରେ ଶୁଦ୍ଧ ହୁଏ। ଏଇ ବିରାଟ ପ୍ରଭେଦକୁ କ'ଣ ବର୍ତ୍ତମାନ ଭାରତର ଭାଗ୍ୟବିଧାତାମାନେ ଦେଖିପାରିଲେ ନାହିଁ?

ଯେଉଁ ଆବ୍ରାହିମ ଧର୍ମ ଶାଖା ସମୂହ ଭୟର ଭୂଗୋଳରେ ନିଜ ଚଉତରା ଗଢ଼ିଛନ୍ତି, ସଇତାନ ଆଉ ଈଶ୍ୱର, ସ୍ୱର୍ଗ ଆଉ ନର୍କ, ପ୍ରାର୍ଥନା ଆଉ କ୍ଷମା ଯାଚନା ..ଏଇ ଖୁଣ୍ଟ ଆଉ ପଘାରେ ମଣିଷ ଆତ୍ମାକୁ ମଣକରି ରଖିଛନ୍ତି ସେମାନେ ବି ନିଜ ପୁଣ୍ୟସ୍ଥଳୀକୁ ସାର୍ବଜନୀନ ଭୂମି କରିନାହାନ୍ତି,ପର୍ଯ୍ୟଟନ ସ୍ଥଳୀ କହିନାହାନ୍ତି। ଅଥଚ ସନାତନ ଧର୍ମ, ଆର୍ଯ୍ୟ ଭୂଖଣ୍ଡର ସମସ୍ତ ଧର୍ମ ତା'ର ପାବନ ଭୂମିକୁ ତା' ଉତ୍ତରଣର ଶିଖର ସବୁକୁ ମଉଜ ମସ୍ତିର ଭୂମି କିଭଳି ଘୋଷଣା କରିବ ? ଭାରତ ସରକାର କ'ଣ ତା' ସୁନା, ହୀରାଖଣିକୁ ସାର୍ବଜନୀନ ଭୂମି ଏବଂ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବେ କି ? ସୁନା, ହୀରା ଖଣିଠାରୁ ଏ ତପଭୂମି ଏ କ୍ଷେତ୍ର ଆଉ ଧାମ ସବୁ କ'ଣ ବର୍ତ୍ତମାନ ସରକାରଙ୍କ ପାଇଁ କମ୍ ମୂଲ୍ୟବାନ୍ କି ? ଗୋଟିଏ ବିଜ୍ଞାନାଗାରକୁ ଯଦି ସର୍ବସାଧାରଣ ମଉଜ ମସ୍ତି କରିବାକୁ ଯାଆନ୍ତି ତାହା କ'ଣ ଆଉ ବିଜ୍ଞାନାଗାର ହୋଇ ରହିବ। ମନେରଖ, ନବଭାରତ ନିୟମ ପ୍ରଣେତାମାନେ! ଏଇ କ୍ଷେତ୍ରସବୁ ଚେତନାର ବିଜ୍ଞାନାଗାର। ଅନ୍ତଃଜୀବନ ପରୀକ୍ଷାଗାର, ଭବିଷ୍ୟ ମଣିଷ ନିର୍ମାଣର ନାସା ଆଉ ଇସ୍ରୋ।

ଶ୍ରୀସମ୍ମେଦ ଶିଖରର ଦିଗ୍‌ବଳୟ ଡେଇଁ ବହୁଦୂର ଅହିଂସା ଆଉ ଅନାସକ୍ତିର ମନ୍ତ୍ର ଉଚ୍ଚାରିତ ହେଉଛି, ସାଧନା ଆଉ ସିଦ୍ଧିର ସୂତ୍ର ଟଙ୍ଗା ହୋଇଛି। ଏଇ ଭୂଖଣ୍ଡକୁ ଏବେ ପର୍ଯ୍ୟଟନ ସ୍ଥଳ ଘୋଷଣା ସହ କେହି ବି ଏଠି ହୋଟେଲ ଖୋଲିପାରିବ, ମଦମାଂସ ପସରା ମେଲିପାରିବ। ମୋର ପରିଚିତ ସକଳ ଜୈନ ବନ୍ଧୁ ଯେଉଁମାନେ ମାଛମାଂସ କଟାହେଉଥିବା ରାସ୍ତାରେ ଯିବାକୁ ଅମଙ୍ଗ ହୁଅନ୍ତି ସେଇ ଅନୁଗାମୀଙ୍କ ପବିତ୍ର ଭୂମିକୁ କିଭଳି ପ୍ରଶାସନ ମଦମାଂସ ଚରାଭୂଇଁ କରିବାକୁ ଅନୁମତି ଦେଲା ? ଏ ଅନୁମତିକୁ କେବଳ ପ୍ରତ୍ୟାହାର କରିନେଲେ ପର୍ଯ୍ୟାପ୍ତ ହେବନି, ଏ ଅନୁମୋଦନକାରୀଙ୍କୁ ସମଗ୍ର ଦେଶ ପାଖେ କ୍ଷମା ଯାଚନା କରିବାକୁ ହେବ ଏବଂ ସଂସଦରେ ଗୃହୀତ କରିବାକୁ ହେବ ଏ ଭୂମି ସବୁ, ଏ ଶିଖର ସବୁ ଦିଗ୍‌ବଳୟ ଯାଏ ଚେତନାର ବିଜ୍ଞାନାଗାର ହୋଇ ରହିବ,ମଣିଷକୁ ଦେବତା କରିବାର ପରୀକ୍ଷାଗାର ହୋଇ ରହିବ।



ଜୈନଧର୍ମ ଓ ଦର୍ଶନ ଜଗତକୁ କ'ଣ ଦେଇଛି ଲେଖି ବସିଲେ ଅନେକ ବହି ହେବ। ବୁଦ୍ଧ ଓ ଜୈନ ଦର୍ଶନରେ ମୌଳିକ ଭିନ୍ନତା ହେଉଛି ନିରୀଶ୍ୱରବାଦ ଓ ଈଶରବାଦ ମଧ୍ୟର ଦୂରତା। ଗାନ୍ଧିଜୀଙ୍କ ଅହିଂସା ଏବଂ ଜୈନ ଅହିଂସା ମଧ୍ୟରେ ପ୍ରଭେଦ ଏତିକି ଗାନ୍ଧିଜୀଙ୍କ ଅହିଂସା,ଉପବାସ ଅନ୍ୟକୁ ବାଧ୍ୟକରେ ତାଙ୍କ ସର୍ତ୍ତକୁ ସ୍ୱୀକାର କରିବାକୁ, କିନ୍ତୁ ଜୈନର ଅହିଂସା, ଉପବାସ ନିଜ ନିମ୍ନ ପ୍ରବୃତ୍ତିକୁ ବାଧ୍ୟକରେ ଉତ୍ତରଣ ପାଇଁ। ଅଳ୍ପରେ କହିଲେ – ଏ ମାର୍ଗ ଅନେକ ସକାରାତ୍ମକ ଚୈତନ୍ୟର ଏକ ଅସାଧାରଣ ଯୋଗଫଳ। ଘଟଣାଟିଏ ମନେପଡୁଛି। ଜଣେ ଚିତ୍ରକର ନିଜ ଚିତ୍ରପଟକୁ ନେଇ ଯାଉଥାଏ, ଦୁଇ ବ୍ୟକ୍ତି ନିଜ ମଧ୍ୟରେ ତର୍କ କରିବାକୁ ଲାଗିଲେ ଚିତ୍ର ଲାଲ ରଙ୍ଗର, ଅନ୍ୟ ଜଣକ ମତ ଚିତ୍ର ସବୁଜ ରଙ୍ଗର। ତର୍କ, ସଂଘର୍ଷର ରୂପ ନେଲା। ଏଇ ସମୟରେ ମହାବୀର ପହଞ୍ଚିଲେ ଏବଂ ଉଭୟଙ୍କୁ ଶାନ୍ତ କରାଇ କହିଲେ, ଦୁହେଁ ସତ୍ୟ ଅଟ, ଦୁହେଁ ଚିତ୍ରର ଏକହିଁ ପାର୍ଶ୍ୱ ଲେଖିଛ। ମହାବୀର ସେଇଠି ସଭିଙ୍କୁ ଅନେକାନ୍ତବାଦ ଶିକ୍ଷା ଦେଲେ। ବର୍ତ୍ତମାନ ବିଶ୍ୱର ସବୁ ମୌଳିକ ସମସ୍ୟାର ସମାଧାନ ଏଇ ଶିକ୍ଷାରେ, ଏଇ ଅନେକାନ୍ତବାଦ ମଧ୍ୟରେ ରହିଛି। ଥରେ ଆଇନ୍‌ଷ୍ଟାଇନ୍ ନିଜ ଇଚ୍ଛା ବ୍ୟକ୍ତକରି କହିଥିଲେ, ''ଯଦି ପୂର୍ବଜନ୍ମ ଥାଏ ତେବେ ମୁଁ ଜୈନ ପରିବାରରେ ଜନ୍ମିବାକୁ ଚାହିଁବି।'' ଏ ଉକ୍ତିକୁ ଅନେକ ବାର ପଢ଼ିଛି ଓ ଜଣେ ସନାତନୀ ଭାବେ ଆନନ୍ଦିତ ହୋଇଛି। ଆଜିର ବୁଦ୍ଧିଜୀବୀ ଅବଶ୍ୟ ଏହା ପ୍ରଶ୍ନ କରିବେ ଜୈନ କ'ଣ ସନାତନୀ ? ଶ୍ରୀରାମ ଜନ୍ମଭୂମି ପ୍ରସଙ୍ଗ ଶେଷ ନିଷ୍ପତ୍ତି ଯେଉଁଦିନ ସୁପ୍ରିମକୋର୍ଟ ଘୋଷଣା କଲା, ସେଦିନ ସନ୍ଧ୍ୟାରେ ସବୁ ଜୈନଙ୍କ ଛାତରେ ଦୀପ ଜଳିଥିଲା, ଦୀପାବଳି ହୋଇଥିଲା କାରଣ ପ୍ରତିଟି ଜୈନ ଜଣେ ସନାତନୀ। ସନାତନୀ ହୋଇ ଏହା କହୁଛି – ୮୦ କୋଟି ହିନ୍ଦୁ ଶ୍ରୀସମ୍ମେଦ ଶିଖରକୁ ଜୈନମାନଙ୍କୁ ଅର୍ପଣ କରିବାକୁ ଦାବିକରୁ, ନିଜ ସମ୍ପତ୍ତି ମନେକରି ଲଢୁ।

ଆଜି ଯେବେ ଭାରତର ଧାମ ଆଉ କ୍ଷେତ୍ରସବୁ ନବକଳେବର ହେଉଛି ଜୈନମାନଙ୍କ ବିରୋଧ ଆମକୁ ନୂଆ ଚକ୍ଷୁ ଦେଇ କହୁଛି ନବକଳେବର ଅବଶ୍ୟ ଆବଶ୍ୟକ। କିନ୍ତୁ ନବକଳେବର ଆମ ଧାମ ଆଉ କ୍ଷେତ୍ରର ଆତ୍ମାଠାରୁ ଯେଭଳି ଆମକୁ ଦୂରେଇ ନ ନେଉ,ବାହାରର ଚାକଚକ୍ୟରେ ଆମକୁ ନ ଭଟକାଉ। ମନେରଖିବା ଭାରତ ଆଉ ପାଶ୍ଚାତ୍ୟ କଳା,ଭାସ୍କର୍ଯ୍ୟରେ ମୌଳିକ ଫରକ ୟୁରୋପ କଳା,ଭାସ୍କର୍ଯ୍ୟ ବାହାର ନିପୁଣତା ପାଖେ ଅଟକି ରହିଛି, ଇନ୍ଦ୍ରିୟଗ୍ରାହ୍ୟ ପୂର୍ଣ୍ଣତା ପାଖେ ଶେଷ ହୋଇଛି। ଇନ୍ଦ୍ରିୟାତୀତ ଅନୁଭବ ତା'ର ଶ୍ରେଷ୍ଠରୁ ଶ୍ରେଷ୍ଠ କଳାକୃତିରେ ମଧ୍ୟ ମିଳିବ ନାହିଁ। ମାନବୀୟ ଚେତନାକୁ ସୃଷ୍ଟିର ଆତ୍ମା ପାଖକୁ ନେଇଯିବାକୁ ତାହା ଅକ୍ଷମ। ଅର୍ଦ୍ଧାଙ୍ଗ ଈଶ୍ୱରର ଗୋଟିଏ ପଟ୍ଟଚିତ୍ର ସମଗ୍ର ପାଶ୍ଚାତ୍ୟ କଳାସମୂହର ଯୋଗଫଳଠାରୁ ବହୁଅଧିକ। ଆମ କ୍ଷେତ୍ର ସବୁ ନବକଳେବର କଲାବେଳେ ଏକଥା ଅବଶ୍ୟ ମନେରଖିବା – ଆମ ଧାମ ସବୁ, କ୍ଷେତ୍ରସବୁ ଉତ୍ତରଣର ଭୂମି ହୋଇ ରହୁ, ଆତ୍ମାର ଆରୋହଣ ସ୍ଥାନ ହୋଇ ରହୁ, ପର୍ଯ୍ୟଟନ ସ୍ଥଳୀ ନ ହେଉ।

ଇନ୍ଦ୍ରାବତୀ, ନବରଙ୍ଗପୁର
ମୋ: ୯୮୬୧୯୬୯୬୭୮

## ଏଇ ଭାରତରେ

ପୂର୍ବେ ପିଲାମନେ କାଠ ଖେଳନାକୁ ବେଶି ଭଲ ପାଉଥିଲେ। ଏହା ତାଙ୍କ ମାନସିକ ବିକାଶରେ ପ୍ରମୁଖ ଭୂମିକା ନେଉଥିଲା। କିନ୍ତୁ ପ୍ଲାଷ୍ଟିକ ଖେଳନା ଆସିବା ପରେ କାଠ ଖେଳନାର ଚାହିଦା କମିଛି। ଅପରପକ୍ଷେ ପ୍ଲାଷ୍ଟିକ ଖେଳନା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସେମାନଙ୍କ ମାନସିକ ଦକ୍ଷତା ବୃଦ୍ଧି କରିବା ଲାଗି ପୁଣେର ଦୁଇ ସ୍ଥପତି ପ୍ରିୟଙ୍କା ମନଗାଁଓକର ବୈଦ୍ୟ ଏବଂ ଅଜୟ ବୈଦ୍ୟ ପରିବେଶ ଉପଯୋଗୀ ଖେଳନା ତିଆରି କରୁଛନ୍ତି। ଉଚ୍ଚବେତନର ଚାକିରି କରିବା ପରିବର୍ତ୍ତେ ଏମାନେ ପିଲାମାନଙ୍କ ପାଇଁ କାଠ ଖେଳନା ତିଆରି କରିବାକୁ ପସନ୍ଦ କରିଛନ୍ତି। ସେମାନେ ପରମ୍ପରିକ କାରିଗରମାନଙ୍କ ଦ୍ୱାରା ପରିବେଶ ଉପଯୋଗୀ କାଠ ଓ ଲାଖ ବ୍ୟବହାର କରି ଏହା ତିଆରି କରୁଛନ୍ତି। ସେଥିରେ କେବଳ ଉଦ୍ଭିଦରୁ ପ୍ରସ୍ତୁତ ଜୈବ ରଙ୍ଗ ବ୍ୟବହାର ହେଉଛି। ସେମାନେ ୨୦୨୧ରେ 'ଟୟ ଟ୍ରଙ୍କ' ଷ୍ଟାର୍ଟଅପ ଆରମ୍ଭ କରି ତା' ମାଧ୍ୟରେ ଏହି ଖେଳନା ତିଆରି କରୁଛନ୍ତି। ମୁଖ୍ୟତଃ ପିଲାମାନଙ୍କ ପାଇଁ କାଠରେ କିଚେନ ସେଟ୍ ଠାରୁ ଆରମ୍ଭ କରି ଅନ୍ୟ ସବୁ ପ୍ରକାର ଖେଳନା ତିଆରି କରାଯାଉଛି। ଏବେ ଏହି କାର୍ଯ୍ୟରେ ୩୦ ଜଣ କାରିଗର ନିଯୁକ୍ତ ହୋଇଛନ୍ତି। ବର୍ତ୍ତମାନ ୨୪ ପ୍ରକାର ଖେଳନା ପ୍ରସ୍ତୁତ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜାନୁୟାରୀ ୧୯୯୮

- ଏଲ୍‌ଟିଟିଇ ନେତା ଭି. ପିରଭାକରନଙ୍କୁ ଗିରଫ ପାଇଁ ଶ୍ରୀଲଙ୍କାର ଏକ ଅଦାଲତ ପକ୍ଷରୁ ପରୱାନା ଜାରି କରାଯାଇଛି।
- ମସ୍କଟଠାରେ ଦୁଇ ଜଣ ଓମାନ ନାଗରିକଙ୍କୁ ହତ୍ୟା କରିବା ଘଟଣାରେ ପାକିସ୍ତାନର ୪ ଜଣ ନାଗରିକଙ୍କୁ ଫାଶୀ ଦିଆଯାଇଛି।
- ଶ୍ରୀନଗର ସହର ଉପକଣ୍ଠବର୍ତ୍ତୀ ୱନଧାମା ଗାନ୍ଦରବଲଠାରେ ଉଗ୍ରପନ୍ଥୀମାନେ ୨୩ କାଶ୍ମୀର ପଣ୍ଡିତଙ୍କୁ ଗୁଳିକରି ହତ୍ୟା କରିଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 5 | |
| | | | | | 7 | 3 | 8 | |
| | | 8 | 5 | 2 | 4 | | | |
| | | | | | 5 | | | |
| | | | 2 | | | 4 | | |
| | | 4 | | 9 | 1 | | | |
| 6 | | 9 | | | | | | 8 |
| | 7 | | | | 3 | 6 | | |
| | 3 | | | 7 | | 2 | 9 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 3 | 7 | 2 | 6 | 9 | 5 | 1 |
| 9 | 2 | 5 | 3 | 1 | 8 | 6 | 4 | 7 |
| 1 | 6 | 7 | 9 | 4 | 5 | 2 | 3 | 8 |
| 2 | 9 | 6 | 8 | 3 | 4 | 1 | 7 | 5 |
| 3 | 5 | 8 | 1 | 6 | 7 | 4 | 9 | 2 |
| 7 | 4 | 1 | 5 | 9 | 2 | 8 | 6 | 3 |
| 5 | 1 | 9 | 6 | 8 | 3 | 7 | 2 | 4 |
| 8 | 7 | 4 | 2 | 5 | 9 | 3 | 1 | 6 |
| 6 | 3 | 2 | 4 | 7 | 1 | 5 | 8 | 9 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାର୍ଥକ ବିତର୍କ ହେଉ

ମହାଶୟ,

ଭାରତରେ ସବୁଠାରୁ ବିକଶିତ ରାଜ୍ୟଗୁଡ଼ିକ ମଧ୍ୟରେ ଗୋଆ, କେରଳ, ତାମିଲନାଡୁ, ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର ଓ ଉତ୍ତରାଖଣ୍ଡ ରହିଛନ୍ତି। କମ୍ ଅନଗ୍ରସର ରାଜ୍ୟଗୁଡ଼ିକ ମଧ୍ୟରେ ଅଛନ୍ତି ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଗୁଜରାଟ, ଜାମ୍ମୁ-କଶ୍ମୀର, କର୍ଣାଟକ ଓ ହିମାଚଳ ପ୍ରଦେଶ। ତେବେ ସବୁଠାରୁ ଅନଗ୍ରସର ରାଜ୍ୟଗୁଡ଼ିକ ମଧ୍ୟରେ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା, ଆସାମ, ରାଜସ୍ଥାନ ଓ ଉତ୍ତରପ୍ରଦେଶ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଗତ କିଛିବର୍ଷ ଧରି ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ହାର ଜାତୀୟସ୍ତରଠାରୁ ଉର୍ଦ୍ଧ୍ୱରେ ରହିଛି। ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ମାନବସମ୍ବଳରେ ପରିପୂର୍ଣ୍ଣ ରାଜ୍ୟ। ଏସବୁ ସତ୍ତ୍ୱେ ଓଡ଼ିଶା ବିକଶିତ ଓ କମ୍ ଅନଗ୍ରସର ରାଜ୍ୟଗୁଡ଼ିକ ସମକକ୍ଷ କାହିଁକି ହୋଇପାରୁନାହିଁ ? ଏହାର କାରଣ ଓ ନିରାକରଣ ସମ୍ପର୍କରେ ସାର୍ଥକ ବିତର୍କ ଆବଶ୍ୟକ।

– ଅକ୍ଷୟ କୁମାର ମହାନ୍ତି , ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବରଷା ଜଳେ ଚରଣ ଭିଜେ
ନଳିନୀଦଳ ଭୂମିରେ କି ଯେ !
ପଢ଼ିଛି ଛିଡ଼ି, ପରଶ ତାର ସୁନ୍ଦର,
ଧରଣୀ ତଳେ ହସିଲା କେଉଁ ଚନ୍ଦର।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଗୋପୀନାଥପୁର ଗ୍ରାମ କୂଅରୁ ଗାଡ଼ଭାଲୁ ଉଦ୍ଧାର

**ନିରାକାରପୁର, ୨୭।୧(ଡି.ଏନ୍.ଏ.):** ଟାଙ୍ଗୀ ବନାଞ୍ଚଳ ଅଧୀନ ଡିଆ ପଞ୍ଚାୟତ କାଶୀପୁର ଗୋପୀନାଥପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନିକଟସ୍ଥ ଜଙ୍ଗଲରୁ ଏକ ଗାଡ଼ଭାଲୁ ଉକ୍ତ ଗ୍ରାମରେ ପଶି ଜଣେ ମହିଳାଙ୍କୁ ଆକ୍ରମଣ କରିଥିଲା। ପରେ ମହିଳାଙ୍କ ଚିତ୍କାର ଶୁଣି କେତେକ କୁକୁର ଭାଲୁକୁ ଗୋଡ଼ାଇଥିଲେ। ଭାଲୁଟି ଜୀବନ ବଞ୍ଚାଇବାକୁ ଯାଇ ଏକ ମୁକୁଳା କୂଅରେ ପଡ଼ିଯାଇଥିଲା। ମହିଳାମାନେ କୂଅରୁ ପାଣିନେବାକୁ ଆସିଥିବା ବେଳେ ସେଠାରେ ଏକ ଭାଲୁ ଥିବା ଦେଖିବାକୁ ପାଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଭାଲୁକୁ ଉଦ୍ଧାର କରାଯାଇ ରଣପୁର ଜଙ୍ଗଲରେ ଛଡ଼ାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ ସୂଚନା ଦେଇଛନ୍ତି।

### ଶିକ୍ଷୟିତ୍ରୀଙ୍କଠାରୁ ଝାମ୍ପିନେଲେ ଭ୍ୟାନିଟି

**ଯାଁଳା, ୨୭।୧(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅଧୀନ ଯାଁଳା ମେଡିକାଲ ଛକ ନିକଟରୁ ଜଣେ ଶିକ୍ଷୟିତ୍ରୀଙ୍କ ଭ୍ୟାନିଟି ବ୍ୟାଗ୍ ଦୁର୍ବୃତ୍ତ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଯାଁଳା ପଞ୍ଚାୟତ ଅନ୍ତର୍ଗତ ମା' ବାଟଭୁଆସୁଣୀ ବାଳିକା ବିଦ୍ୟାଳୟ ଶିକ୍ଷୟିତ୍ରୀ ସବିତା ମିଶ୍ର। ସୂଚନା ମୁତାବକ, ଶିକ୍ଷୟିତ୍ରୀ ସବିତା ତାଙ୍କ ଝିଅଙ୍କୁ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ଡିବେଟ୍ ପ୍ରତିଯୋଗିତାରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ସେ ବସ୍‌ରେ ଆସି ଯାଁଳା ମେଡିକାଲ ଛକରେ ଓହ୍ଲାଇଥିଲେ। ସେ ତାଙ୍କ ଘର ମୁଣ୍ଡମୁହାଣକୁ ଯିବା ପାଇଁ ରାସ୍ତା ଅତିକ୍ରମ କରୁଥିବା ବେଳେ ଜଣେ ଦୁର୍ବୃତ୍ତ କଳା ପଲ୍‌ସରରେ ଆସି ହଠାତ୍ ତାଙ୍କ ଭ୍ୟାନିଟି ବ୍ୟାଗ୍ ଝାମ୍ପିନେଇ ପଳାଇଥିଲେ। ଉକ୍ତ ବ୍ୟାଗ୍‌ରେ ଏକ ମୋବାଇଲ, ସ୍କୁଲ ଓ ନିଜ ଘରର ଚାବି ଏବଂ ୪ହଜାର ଟଙ୍କା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା ବୋଲି ସବିତା ଥାନାରେ ଅଭିଯୋଗ କରିଛନ୍ତି।

### ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବେଗୁନିଆ, ୨୭।୧(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଆରଡି ବିଭାଗ ଆନୁକୂଲ୍ୟରେ ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଘର ନିର୍ମାଣ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବିଡିଓ ଲକ୍ଷ୍ମୀଧର ସାହୁ, ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ ବିଇଓ ନିରଞ୍ଜନ ମହାନ୍ତି, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ବିଆରସିସି, ଏବିଇଓ, ସିଆରସିସିଙ୍କ ସହିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସନ୍ତୋଷ ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା କରଯାଇଥିଲା।

# ଅବ୍ୟବସ୍ଥାରେ ଉଦ୍ୟାନ କୃଷି କାର୍ଯ୍ୟାଳୟ

## ବିନା ବିଦ୍ୟୁତ୍, ଜଳ ସଂଯୋଗରେ ଚାଲିଛି

**ଜଟଣୀ, ୨୭।୧(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଉଦ୍ୟାନ କୃଷି କାର୍ଯ୍ୟାଳୟ ଦୀର୍ଘବର୍ଷ ହେବ ଅବ୍ୟବସ୍ଥାରେ ଚାଲିଛି। କାର୍ଯ୍ୟାଳୟରେ ଦୀର୍ଘଦିନ ହେବ କୌଣସି ବିଦ୍ୟୁତ୍ କିମ୍ବା ପାନୀୟ ଜଳ ସଂଯୋଗ ବିନା କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳିଛି। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧୀନ ଉକ୍ତ ବ୍ଲକସ୍ତରୀୟ ଉଦ୍ୟାନ କୃଷି ପ୍ରଶିକ୍ଷଣ ଓ ସମ୍ପ୍ରସାରଣ କେନ୍ଦ୍ର କାର୍ଯ୍ୟାଳୟ ପ୍ରଥମ ଅବସ୍ଥାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଛୋଟିଆ ଘରେ ଚାଲୁଥିଲା। ଏଥିଯୋଗୁ କାର୍ଯ୍ୟରେ ନାନା ଅସୁବିଧା ହେବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଜଟଣୀ ପୌରାଞ୍ଚଳ ବଡ଼ନୂଆଗାଁ ମୌଜାରେ ନୂତନ କାର୍ଯ୍ୟାଳୟ ପାଇଁ ସରକାରଙ୍କ ପକ୍ଷରୁ ୨ଏକର ଜମି ପ୍ରଦାନ କରାଯଇଥିଲା। ଚାଷୀମାନଙ୍କୁ ଅଧିକ ସୁବିଧା ସୁଯୋଗ ଦେବା ଉଦ୍ଦେଶ୍ୟରେ ଗତ ୨୦୧୮ ଅକ୍ଟୋବର ୧୮ରେ ଉକ୍ତ ବ୍ଲକ ଉଦ୍ୟାନ କୃଷି କେନ୍ଦ୍ର ନୂତନ ଭାବେ ନିର୍ମିତ ଘରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜଟଣୀ ବ୍ଲକର ୧୫ଟି ପଞ୍ଚାୟତ ଏବଂ ପୌରାଞ୍ଚଳର ଶତାଧିକ ଚାଷୀ ବିଭିନ୍ନ କୃଷିଭିତ୍ତିକ କାର୍ଯ୍ୟରେ ପ୍ରତିଦିନ ଆସି ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଉକ୍ତ କାର୍ଯ୍ୟଳୟ ନିର୍ମାଣର ୫ବର୍ଷ ବିତିଯାଇଥିଲେ ମଧ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ସେହିପରି ପାଣିର କୌଣସି ବ୍ୟବସ୍ଥା ମଧ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇ ନାହିଁ। କାର୍ଯ୍ୟାଳୟରେ ବିଦ୍ୟୁତ୍ ଓ ପାଣି ଜରୁରୀ ଆବଶ୍ୟକ ଥିବା ବେଳେ ଏଠାରେ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବ କୃଷକ ଏବଂ ଏସଏଚଜି ଗ୍ରୁପର ସଦସ୍ୟମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ଉଦ୍ୟାନ କୃଷି କାର୍ଯ୍ୟାଳୟରେ ଜଣେ ସହାୟକ ଉଦ୍ୟାନ କୃଷି ଅଧିକାରୀ (ମହିଳା), ଜଣେ ଉଦ୍ୟାନ କୃଷି ଅଧୀଦର୍ଶକ, ୨ଜଣ ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ଏବଂ ଜଣେ ମହିଳା ପିଅନଙ୍କ ଦ୍ୱାରା କାର୍ଯ୍ୟାଳୟ ଚାଲୁଥିବା ବେଳେ ପାଣି ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ପାଖଆଖ ସ୍ଥାନ ଉପରେ ନିର୍ଭର କରିବାକୁ ପଡୁଛି। ଏ ନେଇ ଜଟଣୀ ଉଦ୍ୟାନ କୃଷି ଅଧୀଦର୍ଶକ ଶରତ ଚନ୍ଦ୍ର ଓଝା କୁହନ୍ତି, କାର୍ଯ୍ୟାଳୟ ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଚିଠି କରିବା ପରେ ନିକଟରେ ନିର୍ଦ୍ଦେଶ ମିଳିବା ପରେ ବିଦ୍ୟୁତ୍ ବିଭାଗରେ ଆବଶ୍ୟକ ଅର୍ଥ ପୈଠ କରାଯାଇଛି, ଖୁବ୍‌ଶୀଘ୍ର କାର୍ଯ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହେବ। ସେହିପରି ଗ୍ରୀଷ୍ମ ମାସ ପୂର୍ବରୁ ପାଣି ସମସ୍ୟା ସମାଧାନ କରାଯିବ।

# ଖୋର୍ଦ୍ଧାଗଡ଼ରେ ଉଡ଼ିଲା ଜାତୀୟ ପତାକା



## ୨୦୬ ଫୁଟ୍‌ର ପତାକା ଶୋଭାଯାତ୍ରା

**ଖୋର୍ଦ୍ଧା ଅଫିସ, ୨୭।୧**

ସାଧାରଣତନ୍ତ୍ର ଦିବସ ଅବସରରେ ଗୁରୁବାର ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ପକ୍ଷରୁ ଖୋର୍ଦ୍ଧାଗଡ଼ରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏଥିସହ ପାଇକ ବିଦ୍ରୋହର ୨୦୬ ବର୍ଷ ପୂର୍ତ୍ତି ଅବସରରେ ୨୦୬ ଫୁଟ୍‌ର ଜାତୀୟ ପତାକା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଓଡ଼ିଶା ନିଶାମୁକ୍ତି ଆନ୍ଦୋଳନର କର୍ଣ୍ଣଧାର ବର୍ଷୀୟାନ ଜନନେତା ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଖୋର୍ଦ୍ଧାଗଡ଼ରେ ପତାକା ଉତ୍ତୋଳନ କରିଥିବାରୁ ଗର୍ବ ଅନୁଭବ କରୁଛି ବୋଲି ନାୟକ କହିଥିଲେ। ଖୋର୍ଦ୍ଧାଗଡ଼ ଓ ବରୁଣେଇ ବିକାଶ ପରିଷଦର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ନରେନ୍ଦ୍ର ପୁଷ୍ଟି, ଖୋର୍ଦ୍ଧା ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ବିକାଶ ମଞ୍ଚର ସମ୍ପାଦକ ପ୍ରକାଶ ଦାସ, ପାଇକଗୁରୁ କବିରାଜ ପ୍ରଧାନ, ଧରଣୀଧର ଛୋଟରାୟ, ସୁବାସ ବଳିୟାରସିଂହ, ମହାରାଜା କ୍ଲବ୍‌ର ସଦସ୍ୟ, ଖୋର୍ଦ୍ଧା ବିକାଶ ମଞ୍ଚର ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

# ସମ୍ବିଧାନକୁ ସମ୍ମାନ ଦେବା ସମସ୍ତଙ୍କ କର୍ତ୍ତବ୍ୟ



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

**ଖୋର୍ଦ୍ଧା ଅଫିସ, ୨୭।୧**

ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ ଯେ, ପ୍ରତି ପାଞ୍ଚ ବର୍ଷରେ ଥରେ ଜନସାଧାରଣ ଭୋଟ ଦାନ ମାଧ୍ୟମରେ ନିର୍ବାଚିତ ସରକାରଙ୍କ ଦ୍ୱାରା ଶାସନ ପ୍ରଣାଳୀ ପରିଚାଳିତ ହେଉଛି। ଏକତା, ବିଭିନ୍ନତା ସତ୍ତ୍ୱେ ଭାରତ ଅଖଣ୍ଡତା ବଜାୟ ରଖିଛି। ଖୋର୍ଦ୍ଧାର ସାମାଜିକ ଚଳଣି ତଥା ଭାଇଚାରା ବେଶ ନିଆରା। ଜାତି, ଧର୍ମ, ବର୍ଣ୍ଣ ଓ ବିଭିନ୍ନ ଭାଷାଭାଷୀଙ୍କ ସମାହାରରେ ଖୋର୍ଦ୍ଧା ଜିଲା ପରମ୍ପରାକୁ ବଜାୟ ରଖିପାରିଛି। ଉତ୍କଳୀୟ କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ମଧ ପ୍ରତିଷ୍ଠା ଲାଭ କରିପାରିଛି। ସାଂସ୍କୃତିକ କ୍ଷେତ୍ରରେ ସ୍ୱତନ୍ତ୍ରତା ରହିଛି। ଖୋର୍ଦ୍ଧାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିକାଶଧାରାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ଜିଲାକୁ ଆହୁରି ସମୃଦ୍ଧି ପଥରେ ଆଗେଇ ନେଇ ଏକ ଅଗ୍ରଣୀ ଜିଲା ଭାବେ ଗଢିତୋଳିବା ପାଇଁ ସହଯୋଗର ହାତ ବଢ଼ାଇବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ନାଗରିକ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୁଅନ୍ତୁ। ଏକ ସମୃଦ୍ଧ ଭାରତବର୍ଷ ଗଠନ ଲକ୍ଷ୍ୟ ହେଉ ବୋଲି କହିଥିଲେ ଜିଲାପାଳ। ପୋଲିସ ବାହିନୀ ସମେତ ବିଭିନ୍ନ ସ୍କୁଲ, କଲେଜ ସମେତ ୪୧ ଟି ଗ୍ରୁପ, ୬ଟି ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ମାଟ୍ରିକରେ ଶତ ପ୍ରତିଶତ ଫଳାଫଳ ଲାଗି ୧୦ଟି ସ୍କୁଲକୁ ମାନପତ୍ର ସହ ୧ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଜିଲାରେ ବିଭିନ୍ନ ଭଲ କାର୍ଯ୍ୟ ପରିବେଷଣ ଲାଗି ୩୦ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଖୋଳାମୁହଁରେ ୫ ମନ୍ଦିର ପ୍ରତିଷ୍ଠା

**କୃଷ୍ଣପ୍ରସାଦ, ୨୭।୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଖୋଳାମୁହଁରେ ୫ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ତ୍ରିନାଥ ଦେବ, ମା' ବୁଢ଼ୀ ଠାକୁରାଣୀ, ଧୂମାବତୀ ଦେବୀ, କାଳିଜାଈ ଏବଂ ମାରକମୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ହୋଇଛି। ଗତ ୨୪ ତାରିଖରେ ଅଙ୍କୁରାରୋପଣ, ୨୫ରେ ଜଳଯାତ୍ରା, ଦେବତା ଆବାହନ, ଅଗ୍ନି ସ୍ଥାପନ, ନାମଯଜ୍ଞ, ୨୬ରେ ସୂର୍ଯ୍ୟପୂଜା, ଧେନୁପୂଜା ହୋଇଛି। ଶୁକ୍ରବାର ମନ୍ଦିର ପ୍ରତିଷ୍ଠା, ଦେବତା ନ୍ୟାସ ସହ ପୂର୍ଣ୍ଣାହୁତି ହୋଇଥିଲା। ପ୍ରତିଦିନ ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ନାମ ଯଜ୍ଞ, ହୋମ ଯଜ୍ଞ ହୋଇଥିଲା। ୨୦ଟି ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ପ୍ରତିଷ୍ଠାରେ ପାରିକୁଦ ରାଜା ସନ୍ତୋଷ ଦେବ ଯୋଗଦେଇଥିଲେ। ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ଦୁଷ୍ମନ୍ତ ବେହେରା, ସମ୍ପାଦକ ପ୍ରଶାନ୍ତ ଜୟସିଂହ, ଅର୍ଜୁନ ଦାସ, ଯୁଧିଷ୍ଠିର ମଲିକ, ଭାଗୀରଥି ଦାସ, ସୁଦର୍ଶନ ଜୟସିଂହ, ନୃସିଂହ ଜୟସିଂହ ପ୍ରମୁଖ ପରିଚାଳନା କରିଥିଲେ।

# ୨ ବାଇକ୍, ୯ ମୋବାଇଲ ଜବତ: ୩ ଗିରଫ



**ଯାଁଳା, ୨୭।୧(ଡି.ଏନ୍.ଏ.)**

ଇନ୍‌ଫୋଭ୍ୟାଲି ଥାନା ପୋଲିସ ୩ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅଭିଜିତ୍ ବେହେରା (୨୬), ସଂଯତ ଖାନ୍ (୨୩) ଏବଂ ଏସ୍.କେ. ଫିରୋଜ (୩୦)। ଏମାନଙ୍କଠାରୁ ୯ ମୋବାଇଲ ଫୋନ୍, ୨ଟି ବାଇକ୍ ଓ ଗୋଟିଏ ଭ୍ୟାନିଟି ବ୍ୟାଗ୍ ଜବତ ହୋଇଛି। ସୂଚନା ମୁତାବକ, ଜଣେ ଯୁବତୀ ସ୍କୁଟିରେ ଗଙ୍ଗପଡ଼ାଠାରେ ଥିବା ଏକ କଲେଜକୁ ଯାଉଥିଲେ। ଓଗାଳପଡ଼ା ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ ଗାଡ଼ିରେ ଆସି ହଠାତ୍ ତାଙ୍କୁ ଅଟକାଇବା ସହ ମୋବାଇଲ ଫୋନ୍ ନେଇ ପଳାଇଥିଲେ। ଏ ନେଇ ସେ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ମୋବାଇଲ ସଂଯତ ବ୍ୟବହାର କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ପୋଲିସ ସଂଯତଙ୍କୁ ଗିରଫ କରି ପଚରାଉଚରା ବେଳେ ସେ ଅଭିଜିତ୍ ଓ ଅନ୍ୟ ଜଣେ ଅଭିଯୁକ୍ତ ମିଶି ଯୁବତୀଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିବା ସ୍ୱୀକାର କରିଥିଲା। ଏହାପରେ ପୋଲିସ ଅଭିଜିତ୍‌ଙ୍କୁ ଗିରଫ କରିଥିଲା। ଫିରୋଜ ଓ ଅଭିଜିତ୍‌ଙ୍କ ନିକଟରୁ ୩ଟି ଲେଖାଏ ୬ଟି ମୋବାଇଲ ଓ ସ୍କୁଟି ଏବଂ ସଂଯତଙ୍କଠାରୁ ୩ଟି ମୋବାଇଲ, ବାଇକ୍ ସହ ଏକ ଭ୍ୟାନିଟି ବ୍ୟାଗ୍ ଜବତ ହୋଇଛି। ଅଭିଜିତ୍ ଓ ସଂଯତଙ୍କ ନାମରେ ପୂର୍ବରୁ ମଧ ଇନ୍‌ଫୋଭ୍ୟାଲି ଥାନାରେ ଏକ ମାମଲା ରହିଥିବା ପୋଲିସ କହିଛି।

# ଶୃଙ୍ଖଳିତ, ନମ୍ରତା ସ୍ୱଭାବରୁ ପରିଚୟ ସୃଷ୍ଟି

**ବେଗୁନିଆ, ୨୭।୧(ଡି.ଏନ୍.ଏ)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ରମାମଣି ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗଙ୍ଗାଧର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୁରୀ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାପାତ୍ର ବକ୍ତା ଏବଂ ବେଗୁନିଆ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶାନ୍ତ ବେହେରା ଓ ସରପଞ୍ଚ ଲାବଣ୍ୟ ଜୟସିଂହ ଅତିଥି ଭାବେ ଉପସ୍ଥିତ ଥିଲେ। ଶୃଙ୍ଖଳିତ, ନମ୍ରତା ସ୍ୱଭାବରୁ ପରିଚୟ ସୃଷ୍ଟି ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ ସାହୁ ଏବଂ ଇନ୍ଦୁଭୂଷଣ ହରିଚନ୍ଦନ ପରିଚାଳନା କରିଥିଲେ। ସୋମ୍ୟା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୃଷ୍ଣପ୍ରସାଦ, ୨୭।୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ସରସ୍ୱତୀ ଶିଶୁମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଗବନ୍ଧୁ ସେନାପତି, ସମ୍ପାଦକ ଶିବରାମ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ବହୁ ଶିକ୍ଷାବିତ୍, ଅଭିଭାବକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୈତାରୀ ବିଶ୍ୱାଳ, ପ୍ରଦୀପ କୁମାର ଦାସ, କେଶବ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ

**ବେଗୁନିଆ, ୨୭।୧(ଡି.ଏନ୍.ଏ.)**

ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ବେଗୁନିଆ ପରେଡ୍ ପଡିଆରେ ଗୁରୁବାର ପାଳିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଭାତ ଫେରି ଓ ପତାକା ଉତ୍ତୋଳନ ପୂର୍ବକ ଉତ୍ସବରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ବକ୍ତାଭାବେ ଯୋଗଦେଇଥିବା ବେଳେ ଆଇଆଇସି ଲକ୍ଷ୍ମୀଧର ଶତପଥୀ, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏଥିରେ ୧୨ଟି ପରେଡ ଗ୍ରୁପ ପରେଡ ପ୍ରଦର୍ଶନ କରିଥିବାବେଳେ ୬ଟି ଦଳ ନୃତ୍ୟ ପରିବେଷଣ କରିଥିଲେ। ଆଦର୍ଶ କୃଷକ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଆଦି ୬ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଧାକର ସେଠୀ, ସନ୍ତୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସାମ୍ବିଧାନିକ କର୍ତ୍ତବ୍ୟ, ମୌଳିକ ଅଧିକାର ନେଇ ସଚେତନତା

**ଟାଙ୍ଗୀ(ଖୋର୍ଦ୍ଧା), ୨୭।୧(ଡି.ଏନ୍.ଏ.)**

ଚିଲିକା ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଜି ଚିଲିକା ବ୍ଲକ ବିରିବାଡି ପଞ୍ଚାୟତ ଅଧୀନ ଶ୍ରୀ ଲୋକନାଥ ଦେବ ମାନସିଂହ ବିଦ୍ୟାପୀଠରେ "ନାଗରିକର ସାମ୍ବିଧାନିକ କର୍ତ୍ତବ୍ୟ ଓ ମୌଳିକ ଅଧିକାର" ଶୀର୍ଷକ ବିଷୟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଚିଲିକା ଜୁଡିସିଆଲ କୋର୍ଟର ବିଚାରପତି ବିକାଶ ଗୋଏଲ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ହାଇସ୍କୁଲର ପ୍ରଧାନ ଶିକ୍ଷକ କୁନା ମହନ୍ତ, ବିରିବାଡିର ନାଏବ ସରପଞ୍ଚ ପଞ୍ଚାନନ ସାହୁ, ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ସେଣ, ବକ୍ତା ଭାବେ ତଥା ଆଡଭୋକେଟ ଅଶୋକ ଜେନା, ଅଶୋକ ଚମ୍ପତି, ଖଗେଶ୍ୱର ପାତ୍ର, ବିରଞ୍ଚି ବେହେରା, ଚିଲିକା ଜୁଡିସିଆଲ କୋର୍ଟର ମୁଖ୍ୟ କିରାଣି ସିଦ୍ଧଲାଲ ମାରାଣ୍ଡି ଯୋଗଦେଇ ସମ୍ବିଧାନର ନିୟମ ଓ ମୌଳିକ ଅଧିକାର ସମ୍ପର୍କରେ ଲୋକଙ୍କୁ ଜଣାଇବା ସହ ସଚେତନତା କରିଥିଲେ। ଏହି ଅବସରରେ ଶ୍ରୀ ଲୋକନାଥ ଦେବ ମାନସିଂହ ବିଦ୍ୟାପୀଠରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉକ୍ତ ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀ ଭାବେ ପ୍ରଥମ ଶିବ ମହନ୍ତ, ୨ୟ ରୁଦ୍ର ପ୍ରଜ୍ଞାଓଶ ଦାସ, ୩ୟ ରିଙ୍କି ମହନ୍ତଙ୍କୁ କପ ଓ ପୁରସ୍କାର ରାଶି ସହିତ ପ୍ରକାଶ ଗୁମାନସିଂ ଓ ରଶ୍ମିତା ପାଇକରାୟଙ୍କୁ ସାନ୍ତ୍ୱନା ପୁରସ୍କାର ପ୍ରଦାନ କରାଯାଇଥିଲା। ଚିଲିକା ତାଲୁକ ଆଇନ ସେବା କମିଟି ସଭ୍ୟ ଆଡଭୋକେଟ ପ୍ରଦୋଷ କୁମାର ଦାସ ସଭା ସଞ୍ଚାଳନ କରିଥିବାବେଳେ ସଭ୍ୟ ଆଡଭୋକେଟ ଦେବାଶିଷ ରଥ ଧନ୍ୟବାଦ ଦେଇଥିଲେ।

## ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟ

# ଏମ୍‌ବିସିସି ଫାଇନାଲରେ



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

**ବୋଲଗଡ଼, ୨୭।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମ ମା' ରାମଚଣ୍ଡୀ କ୍ରିକେଟ କ୍ଲବ ପକ୍ଷରୁ ବଡ଼ତୋଟା ଖେଳପଡ଼ିଆରେ ଚାଲିଥିବା ଟୁର୍ନାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆୟୋଜକ ରାମଚଣ୍ଡୀ କ୍ଲବ ଓ ଗୁଣ୍ଟୁଣୀର ଏମ୍‌ବିସିସି ଟିମ୍ ମଧ୍ୟରେ ହୋଇଥିଲା। ଏମ୍‌ବିସିସି ଟିମ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଆୟୋଜକ ରାମଚଣ୍ଡୀ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୪.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଏମ୍‌ବିସିସି ଟିମ୍ ୧୫.୩ ଓଭରରେ ୬ ଉଇକେଟ ହରାଇ ୧୧୬ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବବୁଲ ଓ ଜୟନ୍ତ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଜୟନ୍ତ ତ୍ରିପାଠୀ ଓ ସୋମନାଥ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ରତ୍ନାକର, ପ୍ରଦୀପ, ସୁବାସ, ଚନ୍ଦନ, ଅନିଲ, ପ୍ରଭଞ୍ଜନ, ସୋନୁ, ସିପୁ ପ୍ରମୁଖ ସହଯୋଗ କରିଥିଲେ।

# ଆକ୍କା କ୍ଲବ କଟକ ବିଜୟୀ

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

**ଟାଙ୍ଗୀ, ୨୭।୧(ଡି.ଏନ୍.ଏ.)**

ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ କଟକର ଆକ୍କା କ୍ଲବ ବିଜୟୀ ହୋଇଛି। ଶୁକ୍ରବାର ଆକ୍କା କ୍ଲବ ଓ ଭୁବନେଶ୍ୱର ଜଗା ୟୁନାଇଟେଡ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ୨୫ ମିନିଟ୍‌ରେ ଆକ୍କା କ୍ଲବର ସୁନୀଲ ଭୋଇ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଅନ୍‌ସେଲି ଆଉ ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଜଗା ୟୁନାଇଟେଡ୍ କୌଣସି ଗୋଲ୍ ଦେଇ ନ ପାରି ପରାଜିତ ହୋଇଥିଲା। ସୁନୀଲଙ୍କୁ କରୁଣାକର ସ୍ମାରକୀ ଟ୍ରଫି ସହ ୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରାଜୁ ମହାନ୍ତି, ତନ୍ମୟ ବେହେରା, ବିଦ୍ୟାଧର ନାୟକ, ପ୍ରସନ୍ନ ନାୟକ, ଦୟାନ ଖାନ୍ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିଭାବେ ଟୁର୍ନାମେଣ୍ଟ କମିଟି ସଭାପତି କିଶୋର କୁମାର ବେହେରା, ବଡ଼ପାରି ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସମହାପାତ୍ର, ସୁଦର୍ଶନ ପ୍ରଧାନ, ସୁରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।




ଅତିଥିଙ୍କ ଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର, ୨୭।୧(ବ୍ୟୁରୋ): ଟଙ୍କା କାରବାରକୁ ନେଇ ତ୍ରିଲୋଚନ ସାହୁ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ନୟାପଲ୍ଲୀ ପୋଲିସ ୩ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଗଞ୍ଜାମ ଜିଲାର ପ୍ରଭାତ ନାୟକ, ଭଦ୍ରକର ଚନ୍ଦନ ଓଝା ଓ କନ୍ଧମାଳର ଯଶୁଆ ଦିଗସ ଓରଫ ଭୀମ। ପୋଲିସ କେଶ୍ ନଂ ୩୩/୨୩ ରୁଜୁ କରି ସଂପୃକ୍ତ ୩ ଯୁବକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି ।

### ପାଚେରି ଭାଙ୍ଗି ଜଣେ ଗିରଫ

ଭୁବନେଶ୍ୱର, ୨୭।୧(ବ୍ୟୁରୋ): ଜମିବାଡିକୁ କେନ୍ଦ୍ରକରି ଜେସିବି ମେଶିନ୍ ଲଗାଇ ଜଣଙ୍କ ପାଚେରି ଓ ଗେଟ୍ ଭାଙ୍ଗିବା ସହ ଧମକଚମକ ଦେବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଜଣକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯଦୁପୁର ବେଗୁନିଆର ଏସ୍.କେ ନୈମ। ଏହାସହ ବ୍ୟବହୃତ ଜେସିବିକୁ ପୋଲିସ ଜବତ କରିଛି । ସୂଚନା ଅନୁସାରେ, ଗତ ୭ ତାରିଖ ରାତିରେ ଯଦୁପୁରର ମରିୟମ ବିବି ଏବଂ ତାଙ୍କ ପରିବାର ସଦସ୍ୟ ଘରେ ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ନୈମ ତାଙ୍କର କେତେଜଣ ସହଯୋଗୀଙ୍କୁ ଧରି ଏକ ଜେସିବି ମେସିନ ସହାୟତାରେ ତାଙ୍କ ଘରର ଗେଟ୍ ଏବଂ ପାଚେରି ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଶବ୍ଦ ଶୁଣି ମରିୟମ ଏବଂ ତାଙ୍କ ପରିବାର ନିଦରୁ ଉଠି ଏହାକୁ ବିରୋଧ କରିଥିଲେ। ତେବେ ନୈମ ଓ ତାଙ୍କ ସହଯୋଗୀମାନେ ଗାଳିମନ୍ଦ କରିବା ସହିତ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲେ। ଏ ନେଇ ମରିୟମ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ୭୪ତମ ସାଧାରଣତନ୍ତ୍ର ଦିବସ

#### ଶିବାନୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନ

ଭୁବନେଶ୍ୱର, ୨୭।୧(ବ୍ୟୁରୋ) - ଛତାବରଠାରେ ଥିବା ଶିବାନୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିଥିଲେ। ଶିକ୍ଷାନୁଷ୍ଠାନ ଅଧକ୍ଷ, ଉପାଧକ୍ଷ, ଅଧାପକ ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ପରିବେଶକୁ ଉତ୍ସବ ମୁଖରିତ କରିଥିଲେ।

#### ନିସ୍ ଇନ୍‌ଷ୍ଟିଚ୍ୟୁଟ୍

ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ, ଜଏଣ୍ଟ ରେଜିଷ୍ଟ୍ରାର ଭବାନୀ ଶଙ୍କର ରଥଙ୍କ ସମେତ ସମସ୍ତ ଅଧାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ୫ ଅଭିଯୁକ୍ତ ଗିରଫ, ଜେଲ ଗଲେ

## ହକି ତାରକା ପ୍ରବୋଧ ତିର୍କୀଙ୍କ ଘରୁ ଚୋରି ଘଟଣା

- ମେଡାଲ ସମେତ ଚୋରି ସାମଗ୍ରୀ ଜବତ
- ତାଲା ପଡ଼ିଥିବା ଘରକୁ ଟାର୍ଗେଟ୍ କରୁଥିଲେ




ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆଡ୍ ପ୍ରବୋଧ ତିର୍କୀଙ୍କ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ସରକାରୀ ବାସଭବନରୁ ଚୋରି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ଚିତ୍ତରଞ୍ଜନ ଦଳେଇ, ସୁକାନ୍ତ ନାୟକ, ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ମିଲୁ ବେହେରା, ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜି ଗଙ୍ଗା ଓ ରାଜା ମହାଲିକ୍। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୫ ପଦକ ସମେତ ୨ଟି ଟିଭି, ସୁନାଚେନ, ସୁନାମୁଦି, ଗୋଟିଏ କମ୍ପ୍ୟୁଟର ଓ ଏଥିରେ ବ୍ୟବହୃତ ଅଟୋ, ସ୍କୁଟି, ୧୦ଟି ଗ୍ୟାସ ସିଲିଣ୍ଡର ଆଦି ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ତେବେ ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ୨ରୁ ଅଧିକ ଫେରାର ଥିବା ଜଣାପଡ଼ିଛି। ପୋଲିସ ସେମାନଙ୍କୁ ଗିରଫ କରିବାକୁ ଅଧିକ ଖୋଳତାଡ଼ କରୁଛି। ସୂଚନାଯୋଗ୍ୟ, ହକି ବିଶ୍ୱକପ୍ ପାଇଁ ପ୍ରବୋଧ ରାଉରକେଲାରେ ଥିବାବେଳେ ତାଙ୍କ ପରିବାର ଲୋକେ ମଧ୍ୟ କିଛିଦିନ ତଳେ ସୁନ୍ଦରଗଡ଼ସ୍ଥିତ ଗାଁକୁ ଚାଲିଯାଇଥିଲେ। ଜଣେ କେୟାରଟେକର୍ ତାଙ୍କ ଘରର ଦେଖାଶୁଣା କରୁଥିଲେ। ଶୁକ୍ରବାର ଅଭିଯୁକ୍ତମାନେ ତାଲା ଭାଙ୍ଗି ଘରେ ପଶି ଚୋରି କରିଥିଲେ। ଶନିବାର କେୟାର ଟେକର ଜଣକ ଚୋରି ହୋଇଥିବା ଦେଖି ପ୍ରବୋଧଙ୍କୁ ଜଣାଇଥିଲେ। ଏନେଇ ପ୍ରବୋଧଙ୍କ ସମ୍ପର୍କୀୟ ଜନ ଏକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ନମୁନା ସଂଗ୍ରହ କରିଥିଲା। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ବିଭିନ୍ନ ବସ୍ତିରେ ଚଢ଼ାଉ କରାଯାଇଥିଲା। ତେବେ ଦୀର୍ଘଦିନ ପର୍ଯ୍ୟନ୍ତ ତାଲା ପଡୁଥିବା ଘରକୁ ଅଭିଯୁକ୍ତମାନେ ଟାର୍ଗେଟ କରି ଚୋରି କରିଥାନ୍ତି ବୋଲି ଜୋନ୍ଏସିପି ମାନସ ଗଡ଼ନାୟକ କହିଛନ୍ତି।

# ଆରମ୍ଭ ହେଲା 'ନିଧି ଆପ୍‌କେ ନିକଟ-୨.୦'




ଭୁବନେଶ୍ୱର, ୨୭।୧ (ବ୍ୟୁରୋ)

କର୍ମଚାରୀ ଭବିଷ୍ୟନିଧି ସଂଗଠନ ଦ୍ୱାରା 'ନିଧି ଆପ୍‌କେ ନିକଟ-୨.୦' ନାମରେ ଏକ ଅଭିନବ ଜନ ସଚେତନତା ତଥା ଅଭିଯୋଗ ସମାଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ସମସ୍ତ ଜିଲା/ ତାଲୁକ ମୁଖ୍ୟାଳୟରେ ପ୍ରତିମାସ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ନିର୍ଦ୍ଦେଶ ରହିଛି। ଭବିଷ୍ୟନିଧି ସଂଗଠନ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡ଼ିକୁ ଅଧିକ କ୍ରିୟାଶୀଳ ଏବଂ ଲୋକାଭିମୁଖୀ କରିବା ତଥା ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ସମାଧାନ ହେଉଛି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି କ୍ରମରେ ଖୋର୍ଦ୍ଧା ଜିଲା ପାଇଁ ନିଯୁକ୍ତ ନୋଡାଲ ତଥା ଏନ୍‌ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଇଉ୍‌କଲ ଅଡିଟୋରିୟମ୍‌ଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ହିତାଧିକାରୀ ଯୋଗଦେଇ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ତଥା ଅଭିଯୋଗଗୁଡ଼ିକର ସମାଧାନ କରାଇଥିଲେ। ଜିଲାର ନିଯୁକ୍ତିଦାତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସିଟୁ ରାଜ୍ୟ ଉପସଭାପତି ସତ୍ୟାନନ୍ଦ ବେହେରା, ରାଜ୍ୟ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଲେଖା ଅଧିକାରୀ ପ୍ରଶାନ୍ତ କୁମାର, ଡିଇଓ ଦେବେନ୍ଦ୍ର ସେନାପତି, ଏସ୍ଏସ୍ଏସ୍ଏ ବିଜୟ କୁମାର ଷଡଙ୍ଗୀ ଓ ଏସ୍ଏସ୍ଏସ୍ଏ କନକ ମଞ୍ଜରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସାଧାରଣତନ୍ତ୍ର ଦିବସରେ ଗୁରୁବାର ଚନ୍ଦ୍ରଶେଖରପୁରରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରା।

# ଦେଶଭକ୍ତି ଜାଗ୍ରତ କଲା 'ଭାରତୀୟମ୍'

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ' ଦର୍ଶକଙ୍କ ମଧ୍ୟରେ ଦେଶଭକ୍ତି ଜାଗ୍ରତ କରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ରବୀନ୍ଦ୍ର ମଣ୍ଡପ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ କଣ୍ଠରେ 'ବାପୁ ତୁମେ', 'ସ୍ୱର୍ଗଦପିଗରୀୟସୀ ଜନନୀ ମା' ଧରିତ୍ରୀ', 'ଏ ମେରେ ବତନ କେ ଲୋଗୋଁ', 'ଆର୍ଯ୍ୟ ଭୂମି ମାତୃ ଭୂମି', 'ବନ୍ଦେ ମାତରମ' 'ମୋ ପାଇଁ ମୋ ମାଟି' 'ତେରି ଚୁନରୀୟା', 'ସେଇ ମୋ ଦେଶ ଭାରତ ବର୍ଷ', 'ଏହି ଦେଶ ଏଇ ମାଟି' ଆଦି ସଙ୍ଗୀତ ହୃଦୟସ୍ପର୍ଶୀ ହୋଇଥିଲା। କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ, ସୌରଭ ନାୟକ, ସୁଧାକର ମିଶ୍ର, ସୌମ୍ୟଜିତ, ସୌମିତ୍ରୀ ବଡ଼ପଣ୍ଡା, ପଦ୍ମିନୀ ପାଣିଗ୍ରାହୀ, ଶ୍ୱେତା ମିଶ୍ର, ସୋହିନୀ ମିଶ୍ର, ବର୍ଣ୍ଣାଳୀ ହୋତା, ଦେବାଂଶୀ ଦାଶ, ଦିବ୍ୟଜ୍ୟୋତି ଜେଠି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ କୁମାର ଶତପଥୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ଏକାଡେମୀର ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ । ମମତାତ୍ରିପାଠୀମଞ୍ଚସଂଯୋଜନାକରିଥିଲେ।

# ଦେଶ ସେବାରେ ନିୟୋଜିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ପତାକା ଉତ୍ତୋଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ର।

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜାତୀୟ ସଙ୍ଗୀତ ଗାନରେ ସମଗ୍ର ସ୍କୁଲ୍‌ରେ ଏକ ଦେଶାତ୍ମବୋଧକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରିନ୍ସିପାଲ ପାଣିଗ୍ରାହୀ ଭାରତର ସ୍ୱାଧୀନତାର ଇତିହାସ ବିଷୟରେ କହିବା ସହିତ ଛାତ୍ରୀଛାତ୍ରଙ୍କର ଉତ୍ସାହକୁପ୍ରଶଂସା କରିଥିଲେ। ସ୍ୱାଧୀନତାର ପ୍ରକୃତ ପରିଭାଷା ଉପରେ ଆଲୋକପାତ କରିବା ସହିତ ସେ ପିଲାମାନଙ୍କୁ ଦେଶପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ମଧ୍ୟ ଅବଗତ କରାଇଥିଲେ। ଦେଶ ସେବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଜାଦି କା ଅମ୍ରିତ ମହୋତ୍ସବ ଉପରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ସେକ୍ ସମିମ୍ ଓ ସଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ର ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପରେଡ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

# ବାଇକ୍ ଚାଳକ ମୃତ, ସ୍କୁଲ ଛାତ୍ର ଆହତ

## ଲିଙ୍ଗିପୁର ବାଇପାସ୍‌ରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୨୭।୧(ଡି.ଏନ୍.ଏ.)

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବାଇପାସ୍ ନିକଟରେ ବୁଧବାର ସକାଳେ ଏକ ସିରିଜ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ବାଇକକୁ ପଛ ପଟୁ ଜୋରରେ ଧକ୍କା ଦେଇ ପଳାଇଥିଲା। ଫଳରେ ବାଇକ୍ ଚାଳକ ଜଣକ ଭାରସାମ୍ୟ ହରାଇ ସାଇକେଲରେ ଯାଉଥିବା ଜଣେ ସ୍କୁଲ ଛାତ୍ରଙ୍କ ସହ ଧକ୍କା ହୋଇ ଛିଟିକି ପଡିଥିଲେ। ଫଳରେ ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଛାତ୍ର ଜଣକ ଆହତ ହୋଇଛନ୍ତି। ମୃତ ବାଇକ ଚାଳକ ହେଲେ ପୁରୀ ଜିଲା ବଳଙ୍ଗା ଅଞ୍ଚଳର ସନ୍ତୋଷ ପଣ୍ଡା। ସେହିପରି ଆହତ ଛାତ୍ର ହେଲେ ଜେମାଦେଈ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଶୁଭମ ନାୟକ। ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଧଉଳି ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଅନୁସାରେ, ମୃତ ଯୁବକ ଜଣକ ହାଇକୋର୍ଟରେ ଚାକିରୀ କରୁଥିବାବେଳେ ଘରୁ ବାଇକ ଯୋଗେ ଲିଙ୍ଗିପୁର ନିକଟ ଜାତୀୟ ରାଜପଥ ଦେଇ ଯାଉଥିଲେ। ସକାଳ ୯ରୁ ସାଢେ ୯ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ସ୍ଥାନୀୟ ଲୋକେ ଧରିବା ଲାଗି ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏନେଇ ସେମାନେ ଲୋକେ ଧଉଳି ଥାନାରେ ଫୋନ କରି ଘଟଣା ବିଷୟରେ ଜଣାଇଥିଲେ।

# ସାରା ଦେଶ ଶୁଣୁଛି ଦୀପ୍ତିଙ୍କ କଣ୍ଠସ୍ୱର

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଓଡ଼ିଶାର ଜଣାଶୁଣା ଗାୟିକା ଦୀପ୍ତିରେଖା ଜାତୀୟସ୍ତରରେ ଭୋଟରଙ୍କ ପାଇଁ ଗୀତ ଗାଇ ସୁନାମ ଅର୍ଜନ କରିଛନ୍ତି। ଦୀପ୍ତିଙ୍କ ସ୍ୱର ସାରା ଦେଶ ଶୁଣିବା ଆରମ୍ଭ କରିଛି। ଜାତୀୟ ଭୋଟର ଦିବସରେ ମୁଖ୍ୟ ନିର୍ବାଚନ କମିଶନ ପକ୍ଷରୁ ଭୋଟରଙ୍କ ପାଇଁ ଏକ ସଙ୍ଗୀତ ସମର୍ପିତ କରାଯାଇଛି। ତେବେ ଗୀତର ଶୀର୍ଷକ ରହିଛି 'ଆମେ ଭାରତର ମତଦାତା...'। ଏହି ଗୀତକୁ ୧୨ଟି ଭାଷାରେ ପ୍ରସ୍ତୁତ କରାଯାଇଛି। ଜଣାଶୁଣା ସିନେ ନିର୍ମାତା ସୁଭାଷ ଘାଇଙ୍କ ଟିମ୍ ଏହାକୁ ପ୍ରସ୍ତୁତ କରିଛନ୍ତି । ଏହି ଗୀତ ଦେଶର ସମସ୍ତ ଭୋଟରଙ୍କୁ ଉତ୍ସର୍ଗୀକୃତ କରାଯାଇଛି । ଗୀତରେ ଦୀପ୍ତିରେଖାଙ୍କ ସମେତ ୧୮ଜଣ କଣ୍ଠଦାନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଉପସ୍ଥିତ ଥିଲେ।






ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଗୁରୁବାର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅନୁଷ୍ଠିତ ପରେଡ଼ରେ ସାମିଲ ଜନଜାତି ସମ୍ପ୍ରଦାୟର କଳାକାର, ଲୋକକଳା ଶିଳ୍ପୀ, ଡେୟାର ଡେଭିଲ୍ ଗ୍ରୁପ୍, ସ୍କେଟିଂ ଗ୍ରୁପ୍, ଛାତ୍ରୀଛାତ୍ର, ପୋଲିସ ଓ ଯବାନମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ମୁଖରେ କଳା କୌଶଳ ପ୍ରଦର୍ଶନ କରୁଛନ୍ତି।





## ବିଶ୍ୱଶାନ୍ତି ମହାଯଜ୍ଞ

**ଖୁଣ୍ଟୁଣୀ,(ଡି.ଏନ୍.ଏ.):** ଓରନ୍ଦାସ୍ଥିତ ରାଧାକୃଷ୍ଣ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆଧାତ୍ମିକ ଗୁରୁ ଅସିତ୍ ବାବା ଓ ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ ପୂଜା ନୀତି ହୋଇଛି। କଥାକାର ନାରାୟଣ ଓଝାଙ୍କ ପ୍ରବଚନ, ସନ୍ତୋଷ ବେହେରାଙ୍କ ବଂଶୀବାଦନ, କଟକ କାଳୀଗଳିସ୍ଥିତ ସଂସ୍କୃତି ବିହାର ପକ୍ଷରୁ କାଞ୍ଚି ଅଭିଯାନ, ମହାବୀର ରାମଲୀଳା ପକ୍ଷରୁ ରାମ ଜନ୍ମ ନାଟକ ମଞ୍ଚସ୍ଥ ହେଉଛି। ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ଆଠଗଡ଼ ଓ କଟକର ବହୁ ଗଣମାଧମ ପ୍ରତିନିଧିଙ୍କୁ ଅସିତ୍ ବାବା ଓ ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ଉଦୟନାଥ ମହାନ୍ତି, ପ୍ରେମାନନ୍ଦ ବେଉରା, ନିରଞ୍ଜନ ନାୟକ, ମୁରଲୀଧର ବେଉରା ଓ ନବଘନ ମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

# ରାଜ୍ୟ ବାହାରୁ ଆସୁଥିଲା କଞ୍ଚାମାଲ

**ନକଲି ଆକ୍ୱାଗାର୍ଡ ଯନ୍ତ୍ରାଂଶ ଜବତ ମାମଲା**

■ରିମାଣ୍ଡରେ ଆସି ସତ ମାନିଲେ ୨ ଅଭିଯୁକ୍ତ

କଟକ ଅଫିସ,୨୭।୧

କଟକ ବାଦାମବାଡ଼ିରେ ନକଲି ଆକ୍ୱାଗାର୍ଡ ଯନ୍ତ୍ରାଂଶ ଜବତ ମାମଲାରେ ନକଲି ଯନ୍ତ୍ରାଂଶ ତିଆରି ନିମନ୍ତେ କଞ୍ଚାମାଲ ରାଜ୍ୟ ବାହାରୁ ଆସୁଥିଲା। ସେଗୁଡ଼ିକୁ କମ୍ ଟଙ୍କାରେ କିଣି ଅସଲି ଯନ୍ତ୍ରାଂଶ ଦରରେ ବିକ୍ରି କରାଯାଉଥିଲା। ଏହି ମାମଲାରେ ଗିରଫ ୨ ଅଭିଯୁକ୍ତଙ୍କୁ ବାଦାମବାଡ଼ି ପୋଲିସ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ଏହି ତଥ୍ୟ ଜଣାପଡ଼ିଛି। ଆଗକୁ ଗିରଫଦାରି ସଂଖ୍ୟା ବଢ଼ିବ ବୋଲି ଏସିପି ଅମରେନ୍ଦ୍ର ପଣ୍ଡା ଶୁକ୍ରବାର ସୂଚନା ଦେଇଛନ୍ତି।

ବାଦାମବାଡ଼ି ଥାନା ଅଞ୍ଚଳରେ ନକଲି ଆକ୍ୱାଗାର୍ଡ ଯନ୍ତ୍ରାଂଶ ଠାବ ମାମଲାର ତଦନ୍ତରୁ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ଏହି ନକଲି କାରବାର ପଛରେ ଏକ ର‌୍ୟାକେଟ୍‌କୁ ପୋଲିସ ଠାବ କରିଛି। ରାଜ୍ୟ ବାହାରୁ ସେମାନେ କଞ୍ଚାମାଲ ଆଣି ଏଠାରେ ଯୋଗାଇ ଦେଉଥିଲେ। ଅଭିଯୁକ୍ତମାନେ ଆକ୍ୱାଗାର୍ଡରେ ପାଣି ବିଶୁଦ୍ଧୀକରଣ ପାଇଁ ଲଗାଯାଉଥିବା କ୍ୟାଣ୍ଡେଲକୁ ୬୦ ଟଙ୍କାରେ ଆଣି ୪୫୦ ଟଙ୍କାରେ ବିକ୍ରି କରୁଥିବା ସ୍ୱୀକାର କରିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନକଲି ଆକ୍ୱାଗାର୍ଡ ଯନ୍ତ୍ରାଂଶ ବିକ୍ରି କରାଯାଉଥିଲା। ଅଧିକ ରୋଜଗାର ଲକ୍ଷ୍ୟରେ ଏମାନେ ନକଲି ଜିନିଷ ଯୋଗାଣ କରି ଲୋକଙ୍କୁ ଠକୁଥିଲେ। ନାମୀଦାମୀ ୟୁରେକା ଫୋର୍ବସର ଆକ୍ୱାଗାର୍ଡ ଗ୍ରାହକଙ୍କୁ ନକଲି ଯନ୍ତ୍ରାଂଶ ଦେଇ ଠକୁଥିବା ଅଭିଯୋଗରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗତ ୨୨ ତାରିଖରେ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର କାହ୍ନୁ ଚରଣ ପ୍ରଧାନ, ସିଡିଏ ସେକ୍ଟର-୬ରେ ରହି ହରିପୁରଠାରେ ବ୍ୟବସାୟ କରୁଥିବା ଜଗତ୍‌ସିଂହପୁର ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡପୁରର ସଞ୍ଜୟ କୁମାର ଦତ୍ତ।

ବାଦାମବାଡ଼ି ଜଗନ୍ନାଥ ଲେନ୍ ବିକାଶ ଭବନ ନିକଟରେ ଥିବା ଏକ ଭଡ଼ାଘରେ ନକଲି ଯନ୍ତ୍ରାଂଶ ତିଆରି କାରଖାନା ଚାଲିଥିଲା। କାହ୍ନୁ ସେଠାରେ ରହି ନକଲି ଯନ୍ତ୍ରାଂଶ ପ୍ରସ୍ତୁତ କରୁଥିଲେ। ସେଗୁଡ଼ିକୁ ବିକ୍ରି କରିବା ପାଇଁ ସଞ୍ଜୟଙ୍କୁ ଯୋଗାଉଥିଲେ। ଅଭିଯୁକ୍ତଦ୍ୱୟଙ୍କଠାରୁ ଦୁଇଟି ଲାପଟପ୍, ଗୋଟିଏ ମୋବାଇଲ, ଷ୍ଟକ୍ କାର୍ବନ, ଆକ୍ୱାଗାର୍ଡ ସର୍ଭିସ କିଟ୍, ଆଇରନ୍ ଫିଲଟର, କାର୍ବନ ବ୍ଲକ, ସିଲିଂ ମେଶିନ, ହିଟ୍‌ଗନ୍‌ଆଇରନ୍, ବ୍ୟାଚ ଓ ମୂଲ୍ୟ ମୁଦ୍ରଣ ମେଶିନ, ଷ୍ଟିକର, ହୋଲୋଗ୍ରାମ ଭଳି ୨୯ ପ୍ରକାର ସାମଗ୍ରୀ ଓ ଯନ୍ତ୍ରାଂଶ ଜବତ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୯/୨୩) ରୁଜୁ ହୋଇଥିଲା।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ୨ ଗିରଫ

**ମଙ୍ଗୁଳି-ଜଗତପୁର,୨୭।୧(ଡି.ଏନ.ଏ.):** ଚୋରି ଅଭିଯୋଗରେ ଜଗତପୁର ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗରର ସୂର୍ଯ୍ୟକାନ୍ତ ମଲ୍ଲିକ ଓ ଅଶୋକ ଓରଫ ଆଶିଷ କୁମାର ମଲ୍ଲିକ। ସେମାନଙ୍କ ନିକଟରୁ ଚୋରିରେ ବ୍ୟବହୃତ ହୋଇଥିବା ଏକ କାର୍ (ନଂ.ଓଡ଼ି୦୨ଡି-୮୨୧୭), ୨୦ବିଡ଼ା ଆଲୁମିନିୟମ ପ୍ଲେଟ ଜବତ୍ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମାଲଗୋଦାମ ଥାନା ଅଞ୍ଚଳର ଅନିଲ ଗୁପ୍ତାଙ୍କର ଜଗତ୍‌ପୁରସ୍ଥିତ ପୁରୁଣା ଶିଳ୍ପାଞ୍ଚଳରେ ଆଲୁମିନିୟମ ପ୍ଲେଟ୍ ଓ ସ୍କ୍ରାପ ପେପର ଗୋଦାମ ଅଛି। ମଙ୍ଗଳବାର ରାତିରେ ଗୋଦାମ ବନ୍ଦ କରି ସେ ଘରକୁ ଯାଇଥିଲେ। ବୁଧବାର ସକାଳୁ ଜାଣିବାକୁ ପାଇଲେ କି ଗୋଦାମର କବାଟ ତାଲା ଭଙ୍ଗାଯାଇ ଭିତରେ ଥିବା ୨୦ବିଡ଼ା ଆଲୁମିନିୟମ ପ୍ଲେଟ୍ ଓ ସ୍କ୍ରାପ ପେପର ଚୋରି ହୋଇଯାଇଛି। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଶୋକ ପୂର୍ବରୁ ଅନିଲଙ୍କ ନିକଟରେ ଡ୍ରାଇଭର ଭାବେ କାମ କରୁଥିଲେ। ତାଙ୍କ ଚାଲିଚଳନ ଠିକ୍ ନ ଥିବାରୁ ୨ ମାସ ତଳେ ଅନିଲ ତାଙ୍କୁ ଚାକିରିରୁ ବାହାର କରିଥିଲେ। ଅଶୋକ ଏହାର ପ୍ରତିଶୋଧ ନେବା ପାଇଁ ଚୋରି କରିଥିବା ଆଇଆଇସି ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି।

### ହୋମିଓପ୍ୟାଥିକ ଡାକ୍ତର ଗିରଫ

**କଟକ ଅଫିସ,୨୭।୧:** କୁଜଙ୍ଗ ଜେଏମ୍‌ଏଫ୍‌ସି କୋର୍ଟର ଏକ ୱାରେଣ୍ଟ ବଳରେ ଚାଉଳିଆଗଞ୍ଜ ପୋଲିସ ଜଣେ ହୋମିଓପାଥିକ ଡାକ୍ତରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ମହାନଦୀ ବିହାରର ଅବନ୍ତୀ ଦାସ ମହାପାତ୍ର। ତାଙ୍କ ନାମରେ ଚେକ୍ ବାଉନ୍ସ ନେଇ ମାମଲା ଥିବା ଜଣାଯାଇଛି।

### ୪ ବାଇକ ଜବତ, ୨ ଗିରଫ

**କଟକ ଅଫିସ,୨୭।୧:** ଦୁଇଟି ଚୋରି ମାମଲାରେ ଦରଘାବଜାର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମାଧପୁରର ବିଶ୍ୱଜିତ୍ ବେହେରା ଓ ଟାଙ୍ଗୀ ଥାନା ଅନ୍ତର୍ଗତ ଗୋବିନ୍ଦପୁର ସହରସାହିର ଅକ୍ଷୟ ପରିଡ଼ା। ସେମାନଙ୍କ ନିକଟରୁ ୪ଟି ଚୋରା ବାଇକ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ଢେଙ୍କାନାଳ ଜିଲା ଗଁଦିଆ ଥାନା ଅନ୍ତର୍ଗତ କୋକେଇଡ଼ା ଗ୍ରାମର ବିଭୂତି ଭୂଷଣ ବେହେରା ସୁପରଭାଇଜର ଭାବେ କାମ କରନ୍ତି। ସେ ଗତ ୨୫ ତାରିଖରେ ବିଗ୍‌ବଜାର ସମ୍ମୁଖରେ ତାଙ୍କ ବାଇକ୍ ରଖିଥିବାବେଳେ ତାହା ଚୋରି ହୋଇଯାଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୩/୨୩) ରୁଜୁ କରିଥିଲା। ଏହି ଘଟଣାରେ ବିଶ୍ୱଜିତ୍‌ଙ୍କୁ ଗିରଫ କରାଯାଇଥିଲା। ସେହିପରି ପୁରୀଘାଟ ଥାନା ଅନ୍ତର୍ଗତ କେଉଟସାହିର ରାଜେଶ ଶର୍ମା ତାଙ୍କ ବାଇକ୍‌କୁ ବିଗ୍‌ବଜାର ସମ୍ମୁଖରେ ରଖିଥିବାବେଳେ ତାହା ଚୋରି ହୋଇଯାଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅକ୍ଷୟଙ୍କୁ ଗିରଫ କରିଥିଲା।



କଟକ କଳା ବିକାଶ କେନ୍ଦ୍ରରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୋଜ ଟ୍ରି'ର କଳାକାରମାନେ ସମୂହ ସାନ୍ତାଳୀ ନୃତ୍ୟ ପରିବେଷଣ କରୁଛନ୍ତି।

# ସାନ୍ତାଳୀ ନୃତ୍ୟରେ ଦର୍ଶକ ମୁଗ୍ଧ

■ମଞ୍ଚସ୍ଥ ହେଲା ମରାଠୀ, ଆସାମୀ ଓ ହିନ୍ଦୀ ନାଟକ

■ଜାତୀୟ ବହୁଭାଷୀ ନାଟ୍ୟ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା

କଟକ ଅଫିସ, ୨୭।୧

ନାଟ୍ୟସଂସ୍ଥା ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଜାତୀୟ ବହୁଭାଷୀ ନାଟକ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଏବଂ ମହୋତ୍ସବ କଟକ କଳା ବିକାଶ କେନ୍ଦ୍ରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନନ୍ତ ସୂର୍ଯ୍ୟ ନାରାୟଣ ନାଇଡୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ମୁଖ୍ୟବକ୍ତା ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଥିଏଟର ମୁଭ୍‌ମେଣ୍ଟର ନୃତ୍ୟଶିଳ୍ପୀମାନେ ନୃତ୍ୟ ମାଧ୍ୟମରେ ସରସ୍ୱତୀଙ୍କ ବନ୍ଦନା ପରିବେଷଣ କରିଥିଲେ। ଏହାପରେ ରୋଜ ଟ୍ରି'ର କଳାକାରମାନେ ସମୂହ ସାନ୍ତାଳୀ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହାପରେ ଓଡ଼ିଶୀ, ତବଲାବାଦନ, ଲୋକନୃତ୍ୟ ଏବଂ ସମୂହ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ମରାଠୀ, ଆସାମୀ ଓ ଦୁଇଟି ହିନ୍ଦୀ ନାଟକ ମଞ୍ଚସ୍ଥ ହୋଇଥିଲା। ଉକ୍ତ ଉତ୍ସବରେ ମହାରାଷ୍ଟ୍ରର ବିଜୟ ବସନ୍ତ ଘୋଲେ, ଆସାମର ନବ ଶର୍ମା, ଝାଡ଼ଖଣ୍ଡର ପ୍ରୀତି ସାଗର ଓ ଓଡ଼ିଶାର ଗୁରୁ ଜ୍ଞାନ ରଞ୍ଜନ ନାୟକ ସମ୍ମାନିତ ହୋଇଥିଲେ। ଅନୁଷ୍ଠାନର ସଭାପତି ଡ. ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ଅଭ୍ୟର୍ଥନା କମିଟି ସଭାପତି ତଥା ଆଇନଜୀବୀ ଧରଣୀଧର ନାୟକ, ଉତ୍ସବ କମିଟି ସଭାପତି ଡ. ଜୟନ୍ତ କୁମାର ପଣ୍ଡା ବକ୍ତବ୍ୟ ଦେଇଥିଲେ। ସାଧାରଣ ସମ୍ପାଦକ ଗୋଲକ ବିହାରୀ ଦାସ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ, କିରଣ ଜେନା ଓ ତନ୍ମୟୀ ବିଶୋୟୀ କାର୍ଯ୍ୟକ୍ରମ ଉପସ୍ଥାପନା, ପ୍ରଶାନ୍ତ କୁମାର ସାହୁ, ରଶ୍ମିରଞ୍ଜନ ଜେଠୀ, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ମହିଳା ମୃତ

**କଟକ ଅଫିସ,୨୭।୧:** କଟକ-ପାରାଦୀପ ରାସ୍ତାର ଚାଉଳିଆଗଞ୍ଜ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ଭିଙ୍ଗାରପୁର ଗ୍ରାମର ତିଳୋତ୍ତମା ସାହୁ। ସେ ଓ ତାଙ୍କ ସ୍ୱାମୀ ପ୍ରଦୀପ କୁମାର ସାହୁ ଏକ ସ୍କୁଟିରେ ପାରାଦୀପ ପଟୁ ଓଏମ୍‌ପି ଛକ ଆଡ଼କୁ ଆସୁଥିଲେ। ଏହି ସମୟରେ ପଛରୁ ଏକ ଟ୍ରକ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ତିଳୋତ୍ତମାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚାଉଳିଆଗଞ୍ଜ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ଚାଳକଙ୍କୁ ଥାନାରେ ଅଟକ ରଖିଛି।

# ପିଡିଙ୍କ ବିରୋଧରେ ଅଭିଯୋଗର ତଦନ୍ତ ହେବ

**ଟିଏମ୍‌ସି ବିଦ୍ୟୁତ୍ ବିଲ୍ ପଇଠ ପ୍ରସଙ୍ଗ**

କଟକ ସଦର, ୨୭।୧(ଡି.ଏନ୍.ଏ.)

କଟକ ସଦର ସମେତ ଜିଲାର ଅନ୍ୟ ୧୩ଟି ବ୍ଲକର ବିଦ୍ୟାଳୟଗୁଡ଼ିକରେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ର ବିଦ୍ୟୁତ୍ ବିଲ୍ ପଇଠକୁ ନେଇ ବିବାଦ ଦେଖାଦେଇଛି। ପଞ୍ଚାୟତ ଓ ବ୍ଲକ ଉଦ୍ୟମରେ ଖୋଲିଥିବା ଉକ୍ତ କେନ୍ଦ୍ରର ବିଦ୍ୟୁତ୍ ବିଲ୍ ସମ୍ପୃକ୍ତ ବିଦ୍ୟାଳୟକୁ ପରବର୍ତ୍ତୀ ସମୟରେ ପଇଠ କରିବାକୁ ପଡ଼ିଥିଲା। ବ୍ଲକସ୍ତରରେ ବିଡିଓ, ଜିଲାରେ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ନୋଡାଲ ଅଫିସର ଦାୟିତ୍ୱରେ ଥିଲେ। ତେଣୁ ଏଭଳି ଅନିୟମିତତାରେ ପୀଡିଙ୍କ ଭୂମିକା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ରାଜ୍ୟ ସରକାର କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲାପାଳ ନିଜେ ତଦନ୍ତ ନ କରି ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଜଣେ ଉଚ୍ଚ ଅଧିକାରୀଙ୍କ ନାଁରେ ଆସିଥିବା ଅଭିଯୋଗର ତଦନ୍ତ ଜଣେ ଅଧସ୍ତନ ଅଧିକାରୀ କରିବା ନିଶ୍ଚିତ ହୋଇଯାଇଛି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୫୫/୨୧।୧।୨୦୨୩ରୁ ଏହା ଜଣାପଡିଛି। ସୂଚନାଯୋଗ୍ୟ, କୋଭିଡ୍ ପାଇଁ ୨୦୨୦ ଜୁନ୍‌ରୁ ଅଗଷ୍ଟ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ଟିଏମ୍‌ସି ଖୋଲାଯାଇଥିଲା। ଏଥିପାଇଁ ବୈଦ୍ୟୁତିକ ସାମଗ୍ରୀ କିଣିବା ବାବଦକୁ ୫ଲକ୍ଷ ଟଙ୍କା ଦିଆଯାଇଥିଲା। କେନ୍ଦ୍ରରେ ବିଦ୍ୟୁତ୍ ଶକ୍ତି ସମ୍ପୃକ୍ତ ବିଦ୍ୟାଳୟ ମିଟରରୁ ବ୍ୟବହାର କରାଯାଉଥିଲା। ପରବର୍ତ୍ତୀ ସମୟରେ ପିଲାଙ୍କଠାରୁ ଚାନ୍ଦା ଆଦାୟ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଦ୍ୟୁତ୍ ବିଲ୍ ପଇଠ କରାଯାଇଥିଲା। ଏ ସମ୍ପର୍କରେ ଜଣେ ସାମାଜିକ କର୍ମୀ ରାଜ୍ୟ ପଞ୍ଚାୟତିରାଜ ବିଭାଗରେ ଅଭିଯୋଗ କରିଥିଲେ। ରାଜ୍ୟ ସରକାର ପତ୍ରସଂଖ୍ୟା (୨୧୮୪୮/୧୪।୧୧।୨୦୨୨)ରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# 'ବିକଶିତ ରାଷ୍ଟ୍ରରେ ପରିଣତ ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ'




କଟକ ବକ୍ସିବଜାରଠାରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ।

କଟକ ଅଫିସ, ୨୭।୧

କଟକ ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ରାଜନୈତିକ ଅନୁଷ୍ଠାନ, ସଙ୍ଗଠନ, ସ୍କୁଲ, କଲେଜରେ ସାଧାରଣ ତନ୍ତ୍ର ଦିବସ ଗୁରୁବାର ପାଳିତ ହୋଇଥିଲା। ଏହି ଅବସରରେ ସବୁଠାରେ ତ୍ରିରଙ୍ଗା ଉଡିଥିଲା।

**ସମ୍ବାଦପତ୍ର ବିକ୍ରେତା ସଂଘ:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସଂଘ ସଭାପତି ବିଜୟ କୁମାର ପଡିହାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ରବି ପାଲ, ଶ୍ରୀନିବାସ ରେଡି, ମାନସ ଦାସ, ଚିଣ୍ଟୁ ସାମଲ, ନାନୁ ଖାନ, ରଞ୍ଜନ ବେହେରା, ହେମନ୍ତ ପଟ୍ଟନାୟକ, ଉତ୍ତମ ବେହେରା, ଅଶୋକ ସାହୁ, ସନ୍ତୋଷ ମହାନ୍ତି, ହାଡ଼ିବନ୍ଧୁ ବେହେରା, ବାବୁଲି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଡ୍ରିମ୍‌ସ:** ଡ୍ରିମ୍‌ସ ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଜାତୀୟ ପତାକା ଉତ୍ତୋଳନ କରି ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖପତ୍ର 'ଡ୍ରିମ୍‌ସ ଡାଇଜେଷ୍ଟ' ଓ ସୃଜନଶୀଳ ପତ୍ରିକା 'ୟେତ୍ରିକା' ଉନ୍ମୋଚିତ ହୋଇଥିଲା। ଏଥିସହ ପ୍ରାଧ୍ୟାପକ ଡ. ଜୀବନାନନ୍ଦ ମେହେନାଙ୍କୁ ଉତ୍କର ସୁବାସ ଚନ୍ଦ୍ର ରଥ ସ୍ମାରକୀ ଗବେଷଣା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଇଂ. ଲଳିତମୋହନ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପଦ୍ମିନୀ କେୟାରର ପ୍ରଶାସନିକ ମୁଖ୍ୟ ଡା. ଜ୍ୟୋତିପ୍ରକାଶ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଭାରତ ମସଲା:** ରାମଦାସପୁର ଶିଳ୍ପାଞ୍ଚଳସ୍ଥିତ ଭାରତ ମସଲା ପରିସରରେ ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ଦୁର୍ଗା ସାମନ୍ତରାୟ, ଅରୁଣ ରାୟ, ନବକିଶୋର ପ୍ରଧାନଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଭିଜିଲାନ୍ସ ନିର୍ଦ୍ଦେଶାଳୟ:** ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଅତିରିକ୍ତ ଡିଜି (ଭିଜିଲାନ୍ସ) ଅସିତ୍ ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭିଜିଲାନ୍ସ ଏଆଇଜି ତ୍ରିଲୋଚନ ସ୍ୱାଇଁ, କୋଅର୍ଡିନେଶନ ଏସ୍‌ପି ପ୍ରଫୁଲ୍ଲ କୁମାର ମିଶ୍ର ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର ହିମାଂଶୁ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**କଟକ କ୍ରେଡିଟ୍ କୋଅପରେଟିଭ ସୋସାଇଟି ଲିଃ:** ଏଠାରେ ମୁଖ୍ୟ ଅତିଥି କ୍ରେଡିଟ୍‌କୋର ପ୍ରତିଷ୍ଠାତା ସଭାପତି ମହେନ୍ଦ୍ର କୁମାର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶୀଦାର ସଭ୍ୟା, ଜମା ସଂଗ୍ରହକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଶାଖା ପରିଚାଳକ ଅତୀଶ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

**କଣ୍ଟାପଡ଼ା:** କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରରେ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ମହାପାତ୍ର, ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର ସାହୁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି କଣ୍ଟାପଡା ବ୍ଲକ ପରିସରରେ ବିଡିଓ ସନ୍ତୋଷ କୁମାର ପତି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ ଏବଂ କଣ୍ଟାପଡା ତହସିଲରେ ତହସିଲଦାର ମିତାଞ୍ଜଳୀ ଦାଶ ପତାକା ଉତ୍ତୋଳନ କରିଥିଲେ।

**ଚୌଦ୍ୱାର:** ଚୌଦ୍ୱାର ମ୍ୟୁନିସିପାଲ ସରକାରୀ ହାଇସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ସ୍ଥାନୀୟ ଶିଶୁ ସଦନରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଚୌଦ୍ୱାର ଥାନାରେ ଆଇଆଇସି ବିରଞ୍ଚି ନାରାୟଣ ପତି, ଇମ୍ଫା କାରଖାନାରେ ଇମ୍ଫାର ଉପସଭାପତି ବିନୟ କୁମାର ଅଗ୍ରୱାଲ, ଚୌଦ୍ୱାର କଲେଜରେ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ଦେବତା ପତାକା ଉତ୍ତୋଳନ କରିଥିଲେ।

# 'ପୁରୁଣା ପରମ୍ପରାକୁ ଉଜ୍ଜୀବିତ କରେ ମହୋତ୍ସବ'

**ନିଆଳି ମହୋତ୍ସବ ଉଦ୍‌ଘାଟିତ**

ନିଆଳି, ୨୭।୧(ଡି.ଏନ୍.ଏ.)

ନିଆଳି ମାଘ ସପ୍ତମୀ ପଡିଆରେ ନିଆଳି ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଯୋଗଦେଇ ମହୋତ୍ସବ ଦ୍ୱାରା ପୁରୁଣା ପରମ୍ପରା ଉଜ୍ଜୀବିତ ହୋଇଥାଏ ବୋଲି କହିଥିଲେ। ବିଧାୟକ ପ୍ରମୋଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଉମେଶ ବେହେରା, ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ସୂର୍ଯ୍ୟାକାନ୍ତ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ଆଦିତ୍ୟ ପାଣି, ଆମ୍ବାର ଅଧ୍ୟକ୍ଷ ବିଷ୍ଣୁଚରଣ ସ୍ୱାଇଁ, ଯୁବନେତା ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଣପା ନୃତ୍ୟ, ସଙ୍ଗୀତ ପରିବେଷିତ ହୋଇଥିଲା। ଅଭିନେତ୍ରୀ ଚାନ୍ଦିନୀ ଓ ଐଶ୍ୱର୍ଯ୍ୟା ବେହେରାଙ୍କ ନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ।



ନିଆଳି ମହୋତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

# 'ଓଡ଼ିଶାକୁ ଦିଗ୍‌ଦର୍ଶନ ଦେଇଆସିଛି କଟକ'

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

କଟକ ଅଫିସ,୨୭।୧

ଭାରତୀୟ ଚିନ୍ତନ, ଦର୍ଶନ, ଐତିହ୍ୟ, ପରମ୍ପରା ଓ ପରିବେଶ ଆଧାରରେ ଆମ ସମ୍ବିଧାନ ପ୍ରଣିତ ହୋଇଛି। ଜାତୀୟତାର ସ୍ତମ୍ଭ ଉପରେ ଭାରତୀୟ ସମ୍ବିଧାନର ସୌଧ ନିର୍ମାଣ କରାଯାଇଛି। ଭାରତୀୟ ସମ୍ବିଧାନ ଆମ ଐତିହ୍ୟ, ସଂହତି ଓ ଧର୍ମନିରପେକ୍ଷ ଚରିତ୍ରକୁ ମଜଭୁତ କରିଛି ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା କଟକ ବାରବାଟୀ ଷ୍ଟାଡିୟମରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଗୁରୁବାର ପାଳିତ ହୋଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ପୂଜାରୀ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରି କହିଥିଲେ, ଦେଶ ସ୍ୱାଧୀନତା ପ୍ରାପ୍ତିରେ ଅନେକ ସଂଗ୍ରାମୀଙ୍କ ଅବଦାନ ରହିଛି। ସାଂସ୍କୃତିକ ରାଜଧାନୀ ଭାବରେ ଖ୍ୟାତ କଟକ ସହର ଓଡ଼ିଶାର ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଲଳିତକଳା, ରଙ୍ଗମଞ୍ଚ, ସିନେମା ଓ ସର୍ବୋପରି ସଂସ୍କୃତିକୁ ସଦାସର୍ବଦା ଦିଗ୍‌ଦର୍ଶନ ଦେଇଆସିଛି। ଓଡ଼ିଶା ବିକାଶର ନୂଆ ଇତିହାସ ଲେଖୁଛି ମିଶନଶକ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୫୦ ହଜାର କୋଟି ଟଙ୍କାର ଋଣ ପ୍ରଦାନ ଓ ୧୨ଶହ କୋଟି ଟଙ୍କାର ସୁଧ ରିହାତି ରାଜ୍ୟ ସରକାର ଘୋଷଣା କରିଛନ୍ତି। ମହିଳା ଏସଏଚ୍‌ଜିମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ଜିଲାଗୁଡ଼ିକରେ ମାଇକ୍ରୋ ଓ ମିନି ଇଣ୍ଡଷ୍ଟ୍ରିଆଲ ପାର୍କ ସ୍ଥାପନ କରାଯାଉଛି। ଦକ୍ଷ ଶିଳ୍ପନୀତି ଓ ବ୍ୟବସାୟ ଅନୁକୂଳ ପରିବେଶ ପାଇଁ ଓଡ଼ିଶା ନିବେଶକଙ୍କ ପ୍ରଥମ ପସନ୍ଦ ହୋଇଛି ବୋଲି ମନ୍ତ୍ରୀ କହିଥିଲେ।




ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଏହି ଅବସରରେ ଜିଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ କେତେଜଣ କୋଭିଡ୍ ଯୋଦ୍ଧା, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି ଓ ଆଲୋକଚିତ୍ର ଉତ୍ତୋଳନକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲ୍ୟୁଟ୍‌ନାଣ୍ଟ କଲୋନେଲ ସୌମ୍ୟ ପ୍ରକାଶ ଓତାଙ୍କ ଅଧ୍ୟକ୍ଷତାରେ ତିନିଜଣିଆ ବିଚାରକ ମଣ୍ଡଳୀ ଗଠିତ ହୋଇଥିଲା। ସେମାନଙ୍କ ସୁପାରିସକ୍ରମେ ଶ୍ରେଷ୍ଠ ବିବେଚିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ବରିଷ୍ଠ ବର୍ଗରେ ପ୍ରଥମ ଓଡ଼ିଶା ଆର୍ଟିଲେରି ବ୍ୟାଟେରି, କନିଷ୍ଠ ବର୍ଗରେ ପ୍ରଥମ ଓଡ଼ିଶା ଗାର୍ଲସ ବାଟାଲିୟନ, ବରିଷ୍ଠ ବର୍ଗ ମହାବିଦ୍ୟାଳୟସ୍ତରୀୟ ବେସାମରିକ ଦଳ ଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟ, କନିଷ୍ଠ ବର୍ଗ ବିଦ୍ୟାଳୟସ୍ତରୀୟ ବେସାମରିକ ଦଳ ଭାବେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଏବଂ ପୋଲିସ ବାହିନୀର ଆର୍ମଡ୍ ପୋଲିସ ରିଜର୍ଭ ଫୋର୍ସକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ବିଧାୟକ ସୌଭିକ୍ ବିଶାଳ, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ରାଜ୍ୟ ସରକାରଙ୍କ ନିରାମୟ ଯୋଜନାର ପ୍ରମୁଖ ପରାମର୍ଶଦାତା ଡ. ରଞ୍ଜନ କୁମାର ବିଶ୍ୱାଳ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶିବୋ ଟୋପୋ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, କଟକ ସଦର ଉପଜିଲାପାଳ କମଳଜିତ ଦାସଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶା ମୋ ପରିବାର ଓ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ କଟକ ଟାଉନ୍ ହଲ୍‌ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୁନ୍ ପରିବେଷଣ କରାଯାଇଥିଲା।




୨୭।୧।୨୦୨୩

| | |
|---|---|
| ୪,୮୦,୪୫୭ ଟଙ୍କା | |
| ସୁନା | ୪୨୦ ମିଲିଗ୍ରାମ |
| ରୁପା | ୮୩,୨୦୦ ଗ୍ରାମ |

# ଶ୍ରୀବିଗ୍ରହଙ୍କ ଚାଚେରୀ ବେଶ, ବେଷ୍ଟନୀତି

## ସରସ୍ୱତୀ ମନ୍ଦିରରେ ପାଞ୍ଜି ପୂଜା

ପୁରୀ ଅଫିସ, ୨୭।୧

ବସନ୍ତ ପଞ୍ଚମୀରେ ଗୁରୁବାର ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ, ମଇଲମ ପରେ ଶ୍ରୀବିଗ୍ରହମାନଙ୍କୁ ଚନ୍ଦନ ଲାଗି କରାଯାଇଥିଲା। ଦକ୍ଷିଣଘର ଖଟରେ ଶ୍ରୀଦେବୀ ଓ ଭୂଦେବୀ ଏବଂ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ତିନି ଠାକୁର ଚାଚେରୀ ବେଶ ହୋଇଥିଲେ। ଉକ୍ତ ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡ଼ା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୁଜ, ଆଡ଼କାନୀ, ତିଳକ, ଓଡ଼ିଆଣୀ, ସୂର୍ଯ୍ୟଚନ୍ଦ୍ର, ଘାଘଡ଼ାମାଳ ଲାଗିହୋଇଥିଲେ। ମହାପ୍ରଭୁ ଏବଂ ବଡଠାକୁର ଦୁଇଟି ଲେଖାଏ ମକର କୁଣ୍ଡଳ, ଦେବୀ ସୁଭଦ୍ରା ୨ଟି ତଡଗୀ ଲାଗିହୋଇଥିଲେ। ରୋଷଘରକୁ ଚାଚେରୀ ଭୋଗ ଡାକରା ଯାଇଥିଲା। ଭୋଗ ଛାମୁକୁ ଆସିବା ପରେ ଦୁଇ ଦେବୀ ଓ ଦୋଳଗୋବିନ୍ଦ ଭିତରେ ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ। ଧୋପଖାଳ ପରେ ତିନିବାଡ଼ରେ ଚନ୍ଦନ ଫଗୁ ଲାଗି କରାଯାଇଥିଲା। ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଶ୍ରୀଦେବୀ, ଭୂଦେବୀ ଏବଂ ଦୋଳଗୋବିନ୍ଦଙ୍କୁ ଦେବା ପରେ ମହାଜନେ ଉକ୍ତ ତିନିଠାକୁରଙ୍କୁ ବିଜେ କରାଇ ଆଣି ଜୟବିଜୟ ଦ୍ୱାରଠାରେ ଠିଆହୋଇ ରହିଥିଲେ। ଠାକୁରମାନଙ୍କୁ ମୁଦିରସ୍ତ ଫଗୁଚନ୍ଦନ ପ୍ରସାଦ ଲାଗି, ବନ୍ଦାପନା, ଚାମର ଆଲଟ ପରେ ପ୍ରଭା ଉପରକୁ ଫଗୁ ଛିଞ୍ଚିଥିଲେ। ତିନିଦିଅଁ ବଟମୂଳେ ଥିବା ବିମାନରେ ବିଜେ କରିଥିଲେ। ବିମାନବଡୁମାନେ ଘଣ୍ଟ, ଛତା ଓ କାହାଳୀ ସହ ବିମାନକୁ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ଦୁଇ ଠାକୁରାଣୀ ଜଗତି ଉପରେ ଓ ଦୋଳଗୋବିନ୍ଦ ଚଉଦୋଳରେ ବିଜେ କରିଥିଲେ। ଠାକୁର ଓ ଠାକୁରାଣୀଙ୍କ ମଧ୍ୟରେ ଫଗୁଖେଳ ହୋଇଥିଲା। ଦୋଳଗୋବିନ୍ଦ ଜଗତିରେ ଦୁଇ ଦେବୀଙ୍କ ପାଖରେ ବିଜେ ହୋଇଥିଲେ। ଶୀତଳଭୋଗ, ବନ୍ଦାପନା, ଚାମର ଆଲଟ ପରେ ପ୍ରସାଦ ଲାଗି କରାଯାଇଥିଲା। ଏହାପରେ ଦିଅଁମାନେ ବେଷ୍ଟବିନ୍ଧା ନୀତି ନିମନ୍ତେ ଜଗନ୍ନାଥ ବଲ୍ଲଭସ୍ଥିତ ବେଷ୍ଟପୋଖରୀକୁ ବିଜେ କରିଥିଲେ। ଭିତରଛ ତୀରକମାଣକୁ ଦିଅଙ୍କ ଶ୍ରୀଅଙ୍ଗରେ ଛୁଆଁଇ ଲେଙ୍କା ସେବକଙ୍କୁ ଦେଇଥିଲେ। ସେ ସେଠାରେ ଥିବା ପଇଡ଼କୁ ବେଷ୍ଟ ବିନ୍ଧିଥିଲେ। ନୀତି ସମ୍ପନ୍ନ ପରେ ଠାକୁର ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥିଲେ। ପରେ ବଟମୂଳେ ରୁନ୍ଧା ଫିଟାଯାଇଥିଲା। ମହାଜନମାନେ ଚାଚେରୀ ନିମନ୍ତେ ଜୟବିଜୟ ଦ୍ୱାରରେ ରହିଥିଲେ। ସେଠାରେ ପ୍ରସାଦଲାଗି ଓ ବନ୍ଦାପନା ପରେ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ଓ ଠାକୁରାଣୀ ଦ୍ୱୟ ସିଂହାସନକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପରେ ସରସ୍ୱତୀ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ଶୀତଳ ଭୋଗ କରାଯାଇ ପରମ୍ପରା ଅନୁଯାୟୀ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା।


ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରଥମ ବେଷ୍ଟନୀତି ସମ୍ପନ୍ନ କରାଯାଉଛି।

# ନିମାପଡ଼ାରେ ସ୍ଥାପନ ହେଲା ତୁଳସୀ କ୍ଷେତ୍ର

ନିମାପଡ଼ା,୨୭।୧(ଡି.ଏନ୍.ଏ.)

### ଶ୍ରୀମନ୍ଦିରକୁ ଯିବ ଏହି ତୁଳସୀ

ନିମାପଡ଼ା ବ୍ଲକ ଅନ୍ତର୍ଗତ ଅରିକ୍ଷଣ ପଞ୍ଚାୟତର ବାମଦେଇପୁର ଗ୍ରାମରେ ଗୁରୁବାର ସ୍ଥାପନ ହୋଇଛି ତୁଳସୀ କ୍ଷେତ୍ର। ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଆର୍ତ୍ତତ୍ରାଣ ଗାଦି ମଠ ନିକଟରେ ଠାକୁରଙ୍କ ୧୦ ଏକର ଜମିରେ ସୃଷ୍ଟି କରାଯାଇଛି ତୁଳସୀବନ। ଆଗାମୀ ଦିନରେ ଏହି କ୍ଷେତ୍ର ଓ ତୁଳସୀ ବନରୁ ତୁଳସୀ ସଂଗ୍ରହ ହୋଇ ପୁରୀ ଶ୍ରୀମନ୍ଦିରକୁ ଯିବ ବୋଲି ଗାଦିର ପୂଜକ ଭାଗୀରଥି ଦାଶ, ସରପଞ୍ଚ ଝିଲିଆ ସେଠୀ, ସମିତିସଭ୍ୟା ସଂଯୁକ୍ତା ବେହେରା, ଗ୍ରାମବାସୀ ସୁଶାନ୍ତ ସେଠୀ, ମହେନ୍ଦ୍ର ବିଶ୍ୱାଳ, ଜୟନ୍ତ ପାଇଚଶାଣୀ, ଦୁଷ୍ମନ୍ତ ବେହେରା, ବାସନ୍ତୀ ସେଠୀ ପ୍ରମୁଖ କହିଛନ୍ତି। ଗତ ଜୁଲାଇରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାମଦେଇପୁର ଗ୍ରାମର ଆର୍ତ୍ତତ୍ରାଣ ଗାଦିର ପୂଜକ ଭାଗୀରଥି ଦାଶଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ଦାସିଆ ପୀଠ ଭଳି ଆର୍ତ୍ତତ୍ରାଣ ଗାଦି ପୀଠ ଏକ ପବିତ୍ର ପୀଠ। ଏଠାରେ ତୁଳସୀ କ୍ଷେତ୍ର ସୃଷ୍ଟିକରି ପୀଠରୁ ପୁରୀକୁ ପଠାଇବା ପାଇଁ ସ୍ୱପ୍ନାଦେଶ ହୋଇଥିବା ପୂଜକ ଦାଶ ଗ୍ରାମବାସୀଙ୍କୁ ବାରମ୍ବାର ଅବଗତ କରାଇଛନ୍ତି। ଏଥିପାଇଁ ଗ୍ରାମବାସୀଙ୍କ ସହଯୋଗକ୍ରମେ ଆର୍ତ୍ତତ୍ରାଣ ଗାଦିର ୧୦ ଏକର ପରିମିତ ଜମିରେ ଗୁରୁବାର ତୁଳସୀ ବନ, ତୁଳସୀ କ୍ଷେତ୍ର ସ୍ଥାପନ କରାଯାଇଛି। ଏହି ଜମିରେ ଭୂମିପୂଜା, ଯଜ୍ଞ, ସଂକୀର୍ତ୍ତନ ଆଦି କରାଯାଇ ପ୍ରାୟ ୧ ହଜାର ତୁଳସୀ ଚାରା ରୋପଣ କରାଯାଇଛି। ଆଗାମୀ ଦିନରେ ଏହି ବୃକ୍ଷରୁ ତୁଳସୀ ଚାରା ରୋପଣ ହେବ ବୋଲି ଗ୍ରାମବାସୀ ପରିକଳ୍ପନା କରିଛନ୍ତି।


ତୁଳସୀକ୍ଷେତ୍ର ପ୍ରତିଷ୍ଠା ଅବସରରେ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ମହେଶ୍ୱର ମହାରାଜା ବିଦ୍ୟାଳୟ ଗୃହ ଉଦ୍‌ଘାଟିତ

ଡେଲାଙ୍ଗ,୨୭।୧(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକର ଆଙ୍କୁଲାସ୍ଥିତ ଶ୍ରୀ ଶ୍ରୀ ମହେଶ୍ୱର ମହାରାଜା ଉଚ୍ଚ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁମ୍ବାଇ ମଲାଡର ଶ୍ରୀ ଶ୍ରୀ ହଜାର ଆଠ ଶ୍ରୀ ମାଧବାଚାର୍ଯ୍ୟ ଜୀ ମହାରାଜ ଅତିଥି ଭାବେ ଯୋଗଦେଇ ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସ୍ଥାୟୀ ସଭାପତି ତଥା କଣାସ ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ମହାରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ବିଡିଓ ଦିଲୀପ ଷଡ଼ଙ୍ଗୀ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଏବିଇଓ ଯୁଧିଷ୍ଠିର ପରିଡ଼ା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ଦାଶ, ଅଯୋଧ୍ୟାରୁ ବ୍ରଜମୋହନ ଦାଶ ମହାରାଜ, ସୁଖରାମ ଦାଶ ମହାରାଜ, ଉଜ୍ଜୟିନୀରୁ କାଳୀ ଦାଶ ମହାରାଜଙ୍କ ସମେତ ୧୫୦ ସାଧୁସନ୍ଥ ଉପସ୍ଥିତ ଥିଲେ। ସୂଚନା ଯେ, ୧୯୯୪ରେ ମହାରାଜା ଏହି ବିଦ୍ୟାଳୟ ନିର୍ମାଣ କରିଥିଲେ।

### ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

ଡେଲାଙ୍ଗ,୨୭।୧(ଡି.ଏନ.ଏ): ସାଧାରଣତନ୍ତ୍ର ଦିବସ ମହୋତ୍ସବ ଅବସରରେ କୁଞ୍ଜରସ୍ଥିତ ଆନନ୍ଦ ସେବା ସଦନ ପକ୍ଷରୁ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହିରଣ୍ମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବରିଷ୍ଠ ସାହିତ୍ୟିକା ତଥା ଅଧାପିକା ଡ.ପ୍ରତିଭା ମହାରଥୀ, କଟକ ମହାନଦୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମଣ ସାହୁ, ପୂର୍ବତନ ସରପଞ୍ଚ ବାଲୁଙ୍କେଶ୍ୱର ମହାପାତ୍ର, କବି ପ୍ରଶାନ୍ତ ବାହିନିପତି, ଖବରଦାତା ଦିଲୀପ ଧାଉଡିଆ, ସମୀରରଞ୍ଜନ ବଳିୟାରସିଂ ପ୍ରମୁଖ ଯୋଗଦେଇ ଭାଷା ଓ ସାହିତ୍ୟକୁ ଉଜ୍ଜୀବିତ ରଖିବା ଦିଗରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ରାଜ୍ୟସ୍ତରୀୟ କବିତା ସଙ୍କଳନ ଶୁଭ୍ରା ଉନ୍ମୋଚିତ କରାଯାଇଥିଲା। ଆନନ୍ଦ ସେବା ସଦନର ସମ୍ପାଦକ ମହେଶ୍ୱର ବେହେରା ବାର୍ଷିକ ବିବରଣୀ ପାଠ କରିବା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାରସ୍ୱତ ସାଧକ ବିଜୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ରୋହିତ ଚମ୍ପତି, ଶରତ ମହାପାତ୍ର, ଅଧିକାରୀ ସାହୁ, ହିମାଂଶୁ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲାରୁ କବିକବୟିତ୍ରୀମାନେ ଯୋଗଦେଇଥିଲେ।

# ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କ ସମାଗମ


ବୁଡ଼ ପକାଇବା ପାଇଁ ଚନ୍ଦ୍ରଭାଗା ବେଳାଭୂମିରେ ଶ୍ରଦ୍ଧାଳୁମାନେ ଅପେକ୍ଷା କରିଛନ୍ତି।

କୋଣାର୍କ,୨୭।୧(ଡି.ଏନ୍.ଏ.)

### ଆଜି ମାଘ ସପ୍ତମୀ ବୁଡ଼

ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ମାଘ ସପ୍ତମୀ ବୁଡ଼ ପକାଇବା ପାଇଁ ଶୁକ୍ରବାର ଅପରାହ୍ନରୁ ମେଳା ପଡ଼ିଆରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁମାନେ ବାଉଁଶ କଣିରେ କୁଡ଼ିଆ ତିଆରି କରି ବିଶ୍ରାମ ନେଇଛନ୍ତି। ସେମାନେ ମାଟିହାଣ୍ଡିରେ ରୋଷେଇ ସାରି କୁଡ଼ିଆରେ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର, ଈଶାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ରାତି ୮ଟା ପରେ ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିଥିଲେ। ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ସହ କୋଣାର୍କ ଏନ୍‌ଏସି ମଣ୍ଡପ, ତହସିଲ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ପୂଜାର୍ଚ୍ଚନା କରଯାଇଥିଲା। ପୂଜା ପରେ ରାତି ୩ ସୁଦ୍ଧା ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ଚଳନ୍ତି ପ୍ରତିମାଙ୍କ ପୂଜା ହୋମ କର୍ମ ସମ୍ପାଦନ ସରିଲେ ୨୮ ତାରିଖ ସପ୍ତମୀ ତିଥିରେ ମାହେନ୍ଦ୍ରବେଳା ୩ଟା ୫୦ରେ ତୀର୍ଥଜଳରେ ତିନିଠାକୁର ସ୍ନାନ କରିବେ। ରାତି ୪ଟା ୪୧ରୁ ସାଧୁସନ୍ଥ ଓ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ। ଗ୍ରହ ଶାନ୍ତି ନିମନ୍ତେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରୁ ପାଦରେ ଚାଲି ଚାଲି ଆସି ନବଗ୍ରହଙ୍କ ନିକଟରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରିଥାନ୍ତି। ମେଳାପଡ଼ିଆରେ ସ୍ୱାସ୍ଥ୍ୟସେବା ଶିବିର, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ, ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବେଳାଭୂମିରେ ୨ ଦମକଳ ଗାଡ଼ି ମୁତୟନ, ଶୁକ୍ରବାର ସାରା ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ କୋଣାର୍କ ଓ ଚନ୍ଦ୍ରଭାଗାରେ ୩୦ ପ୍ଲାଟୁନ ଫୋର୍ସ ନିୟୋଜିତ ରହିଛନ୍ତି।

### ଶିକ୍ଷକଙ୍କ ଲୁହାରଡ୍ ମାଡ଼ରେ ମହିଳା ଗୁରୁତର

ଗୋପ,୨୭।୧(ଡି.ଏନ୍.ଏ.): ଗୋପ ଥାନା ଅଞ୍ଚଳରେ ଜଣେ ଶିକ୍ଷକ ଜଣେ ମହିଳାଙ୍କୁ ଲୁହାରଡ୍‌ରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୩୯/୨୩) ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗତ ୨୨ ତାରିଖ ରାତିରେ ଉକ୍ତ ଥାନା ଅନ୍ତର୍ଗତ ବଡ଼ତରା ଗ୍ରାମର ବିଜୟ ସାସ୍ମଲ ଓ ତାଙ୍କ ସ୍ତ୍ରୀ ଚୁନିଲତା ନିକଟସ୍ଥ ଧାନ ମଣ୍ଡିକୁ ଯାଉଥିଲେ। କୌଣସି କାରଣକୁ ନେଇ ସେହି ଗ୍ରାମର ଜଣେ ଶିକ୍ଷକ ବାଇକ୍‌ରେ ଆସି ଉକ୍ତ ଟ୍ରାକ୍ଟରକୁ ଅଟକାଇଥିଲେ। ବିଜୟ ପଚାରିବାରୁ ହଠାତ୍ ଏକ ଲୁହାରଡ୍‌ରେ ଶିକ୍ଷକ ଜଣକ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଦମ୍ପତି ଆହତ ହୋଇ ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ: ପ୍ରଶାସନ ଏକାଦଶ ବିଜୟୀ

ପୁରୀ ଅଫିସ, ୨୭।୧

ସାଧାରଣତନ୍ତ୍ର ଦିବସରେ ଗୁରୁବାର ତାଳବଣିଆ ସ୍ପୋର୍ଟ୍ସକମ୍ପ୍ଲେକ୍ସରେ ପୁରୀ ଜିଲା ପ୍ରଶାସନ ଏକାଦଶ ଏବଂ ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରଶାସନ ଏକାଦଶ ୩ ରନରେ ଗଣମାଧ୍ୟମ ଏକାଦଶକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଶାସନ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୨୩ ରନ କରିଥିଲା। ଜବାବରେ ଗଣମାଧ୍ୟମ ଏକାଦଶ ୧୫ ଓଭର ଖେଳି ୬ ଉଇକେଟ ହରାଇ ୧୨୦ ରନ କରିଥିଲା। ପ୍ରଶାସନ ଏକାଦଶ ପକ୍ଷରୁ ସନ୍ତୋଷ କୁମାର ବରାଳ ୩୦, ଜ୍ୟୋତି ଶଙ୍କର ମହାପାତ୍ର ୨୮ ଓ ଜିତେନ୍ଦ୍ର ପାତ୍ର ୧୪ ରନ କରିଥିଲେ। ଗଣମାଧ୍ୟମ ଏକାଦଶର ପ୍ରୀତମ ଦାସ ୧୭ ରନ ଦେଇ ୪ ଏବଂ ସୁକାନ୍ତ ସ୍ୱାଇଁ ୧୮ ରନ ଦେଇ ୨ଟି ଉଇକେଟ ନେଇଥିଲେ। ସେହିପରି ଗଣମାଧ୍ୟମ ଏକାଦଶର ଶିବ ପ୍ରସାଦ ଦାଶ ୩୦, ସୁମନ୍ତ ପରିଡ଼ା ୨୯ ଏବଂ ଅକ୍ଷୟ ମିଶ୍ର ୨୬ ରନ କରିଥିଲେ। ପ୍ରଶାସନ ଏକାଦଶ ପକ୍ଷରୁ ଜ୍ୟୋତି ଶଙ୍କର ମହାପାତ୍ର ୧୫ ରନରେ ୪ଟି ଓ ମନୋଜ ବେହେରା ୧୪ ରନରେ ୨ଟି ଉଇକେଟ ନେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଓ କ୍ରୀଡ଼ା ସଂସଦର ସମ୍ପାଦକ ରବି ଶଙ୍କର ପ୍ରତିହାରୀ ବିଜୟୀ ପ୍ରଶାସନ ଏକାଦଶର ଅଧିନାୟକ କୈଳାସ ଚନ୍ଦ୍ର ନାୟକଙ୍କୁ ଚାମ୍ପିୟନ ଟ୍ରଫି ଏବଂ ଗଣମାଧ୍ୟମ ଏକାଦଶର ଅଧିନାୟକ ଅକ୍ଷୟ କୁମାର ମିଶ୍ରଙ୍କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ଜ୍ୟୋତି ଶଙ୍କର ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ଦିଆଯାଇଥିଲା। ଖବରଦାତା ରଞ୍ଜିତ ମିଶ୍ର ଧାରା ବିବରଣୀ ଦେବା ସହ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ମିଶନ ଶକ୍ତି ମହିଳା କ୍ରୀଡ଼ା ପ୍ରତିଯୋଗିତା

ପିପିଲି,୨୭।୧(ସ୍ୱ.ପ୍ର.)

ପିପିଲି ବ୍ଲକରେ ପ୍ରଥମକରି କୁଳଶିଖରପାଟଣା ପଞ୍ଚାୟତରେ ମିଶନ ଶକ୍ତି ମହିଳା କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ତନୁଜା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତା ପଞ୍ଚାୟତ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ମହିଳାଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ଉପସ୍ଥିତ ମହିଳାଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦ, ଜିଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ବିଶ୍ୱଜିତ ଦାଶ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପଞ୍ଚାୟତର ୮ଟି ମଞ୍ଚ, ୬୫ ସ୍ୱୟଂ ସହାୟକ ଗୋଷ୍ଠୀର ୭୨୦ଜଣ ମହିଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମ୍ୟୁଜିକ୍ ଚେୟାର, ଶଟପୁଟ୍, ଡିସ୍କସ୍, ୫୦ ମିଟର ରେସିଂ, ସ୍କିପିଂ, ଠିଆପୁଞ୍ଚି ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ ଖେଳ ଶିକ୍ଷକ ମନୋଜ ନିଶଙ୍କ, ଉତ୍ତମ ରଞ୍ଜନ ସାମଲ, ମିନତି ସାହୁଙ୍କ ଦ୍ୱାରା ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ଉକ୍ତ ପଞ୍ଚାୟତ ମହିଳା ମହାସଂଘର ସଭାପତି ବନିତା ଭୋଇ, ସମ୍ପାଦକ ବିଷ୍ଣୁପ୍ରିୟା ପରିଡ଼ା, ବ୍ୟାଙ୍କ ମିତ୍ର ସଙ୍ଗୀତା ପ୍ରଧାନ, ଏମ୍‌ବିକେ ସୁପ୍ରିୟା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୃତୀ ମହିଳାମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।


କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ଶାଣ୍ଢରାରେ ବ୍ଲକସ୍ତରୀୟ ଡାକମେଳା

ସାକ୍ଷୀଗୋପାଳ,୨୭।୧(ଡି.ଏନ୍.ଏ./ସ୍ୱ.ପ୍ର.)

ସ୍ଥାନୀୟ ଶାଣ୍ଢରା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଡାକମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଡାକମଣ୍ଡଳ ସହକାରୀ ଅଧୀକ୍ଷକ ସଞ୍ଜୀବ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡାକ ନିରୀକ୍ଷକ ବିଜୟ ନାୟକ, ସରପଞ୍ଚ ବାସନ୍ତୀ ବେହେରା, ସାମାଜିକ କର୍ମୀ ଦୁର୍ଗାପ୍ରସନ୍ନ ରଥ ଡାକଘରେ ଆକର୍ଷଣୀୟ ସଞ୍ଚୟ ଜମା ଓ ବୀମା ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସୁକନ୍ୟା, କିଷାନ ବିକାଶ ପତ୍ର ଓ ଡାକ ଜୀବନ ବୀମା ମାଧ୍ୟମରେ ଲାଭ ଉଠାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। କର୍ମଚାରୀ ସୁରଦୀପ ସାହୁ, ବିଶ୍ୱରଞ୍ଜନ ସାହୁ, ପ୍ରତିମା ନାୟକ ଓ ରଜତ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ଭାରତର ଗଣତନ୍ତ୍ର ବିଶ୍ୱରେ ସ୍ୱତନ୍ତ୍ର

କୋଣାର୍କ/ପିପିଲି/ଡେଲାଙ୍ଗ/କଣାସ, ୨୭।୧(ଡି.ଏନ୍.ଏ./ସ୍ୱ.ପ୍ର.)

### ସାଧାରଣତନ୍ତ୍ର ଦିବସ ପାଳିତ

କୋଣାର୍କ ଏନ୍‌ଏସିରେ ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, କୋଣାର୍କ ଥାନାରେ ଥାନାଧିକାରୀ ରଞ୍ଜନ ମଲ୍ଲିକ, କୋଣାର୍କ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଯନ୍ତ୍ରୀ ଦିଲୀପ ବିଶ୍ୱାଳ, କୋଣାର୍କ ବନ ବିଭାଗ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରାଙ୍କ ଭଳି କୋଣାର୍କର ବିଭିନ୍ନ ବିଦ୍ୟାଳୟ, କାର୍ଯ୍ୟାଳୟ, ସଂଗଠନରେ ଆଦିରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପିପିଲି ବ୍ଲକ ବିଜେଡି ଅଫିସ୍‌ରେ ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ନେତୃତ୍ୱରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ତେଇଶପୁରରେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକରେ ଅଧକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ବିଡିଓ ରଶ୍ମିତା ନାଥଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ପିପିଲି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଆତ୍ମା କମିଟି ଅଧକ୍ଷ ପ୍ରକାଶ ଧଳ, ବିଭିନ୍ନ ସାମ୍ବାଦିକ ସଂଘ, ଥାନା, ତହସିଲ, ଅଗ୍ନିଶମ କାର୍ଯ୍ୟାଳୟ, ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଛି। ଡେଲାଙ୍ଗ ବ୍ଲକ ପରିସରରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଦିଲୀପ ଷଡ଼ଙ୍ଗୀ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଡେଲାଙ୍ଗ ଥାନାରେ ଆଇଆଇସି ଅନିଲ ମହାନ୍ତି, ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ସନ୍ତୋଷ ତ୍ରିପାଠୀ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ନିବେଦିତା ପରିଡ଼ା ପ୍ରମୁଖ ପତାକା ଉତ୍ତୋଳନ କରି ଭାରତର ଗଣତନ୍ତ୍ର ବିଶ୍ୱରେ ସ୍ୱତନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସମିତି ଅଧକ୍ଷା ପ୍ରଭାତି ରାଉତ ପତାକା ଉତ୍ତୋଳନ କରି ଗଣତନ୍ତ୍ର ଦିବସ ପାଳନ କରିଥିଲେ। କଣାସ ଥାନାରେ ଆଇଆଇସି ସୁଜିତ୍ ଦାସ, ଗଡ଼ିଶାଗୋଦା ଥାନାରେ ଆଇଆଇସି ସଞ୍ଜୟ ନାୟକ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଯନ୍ତ୍ରୀ କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ବିଭିନ୍ନ ବିଦ୍ୟାଳୟ, କାର୍ଯ୍ୟାଳୟ, କଲେଜ ଆଦିରେ ପାଳିତ ହୋଇଯାଇଛି।


କୋଣାର୍କଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

# ଶିକ୍ଷକ ପାଠ ବୁଝିଲେ ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ପାଇବେ

### ନିମାପଡ଼ା ସରକାରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ନିମାପଡ଼ା,୨୭।୧(ଡି.ଏନ୍.ଏ.)

ବିଦ୍ୟାଳୟ ଏକ ପବିତ୍ର ମଣିଷ ତିଆରି କାରଖାନା, କାରଖାନାକୁ ଚଳାଉଥିବା ଶିଳ୍ପୀମାନେ ହେଲେ ପ୍ରଶିକ୍ଷଣ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର। ଆଜିର ଦିନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ୍ ଭାବେ ପାଠ ପଢ଼ି ବୁଝିଥିଲେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଦେଇପାରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ନିମାପଡ଼ା ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଆମ ଦେଶ, ରାଜ୍ୟ ନୈତିକ ମୂଲ୍ୟବୋଧ ଶିକ୍ଷା ଉପରେ ପର୍ଯ୍ୟବସିତ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସମାରୋହର ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଶିକ୍ଷକ ଓ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରତାପଇନ୍ଦ୍ର ଦାଶ, ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି ରାଧାକାନ୍ତ ଦାଶ, ବିଇଓ ଦ୍ୱିତିକାନ୍ତ ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, କାଉନ୍‌ସିଲର ଧନୁର୍ଦ୍ଧର ଦାସ, ଶିକ୍ଷାବିତ୍ ପ୍ରଭାକର ତ୍ରିପାଠୀ, ଚଣ୍ଡେଶ୍ୱର ମହାପାତ୍ର, ଶିକ୍ଷକ ତ୍ରିଲୋଚନ କର ପ୍ରମୁଖ ଯୋଗଦେଇ ସମାରୋହର ସଫଳତା କାମନା କରିଥିଲେ। ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷା ଦେବସ୍ମିତା ମହାପାତ୍ର ସମାରୋହର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଜୟନ୍ତୀ ଅବସରରେ ଶିକ୍ଷା ପ୍ରତିଷ୍ଠାନର ସ୍ମରଣିକା ଅର୍କପ୍ରଜ୍ଞା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ ପ୍ରତିଷ୍ଠାନ ପରିସରରେ ନୂଆରେ ହୋଇଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ମହାତ୍ମା ଗାନ୍ଧୀ, ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସ, ଶହୀଦ ଜୟୀ ରାଜଗୁରୁ ପ୍ରମୁଖ ୭ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସମେତ ସମାରୋହର ଲୋଗୋକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଦ୍ୟାଳୟ ଅଧକ୍ଷା, ପୂର୍ବତନ ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ୫୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଧରିତ୍ରୀ
DHARITRI
Bhubaneswar, Saturday, January 28/2023

## ଖସିଲା ଶେୟାର ବଜାରର କାରବାର

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଶୁକ୍ରବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୮୭୪.୧୬ ପଏଣ୍ଟ ଖସି ୫୯,୩୩୦.୯୦ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ଏନ୍ଏସ୍ଇର ନିଫ୍ଟି-୫୦ରେ ମଧ୍ୟ ୨୮୭.୬୦ ପଏଣ୍ଟ ହ୍ରାସ ଘଟି ୧୭,୬୦୪.୩୫ ଅଙ୍କରେ ବଜାର କାରବାର ବନ୍ଦ ହୋଇଥିଲା।



## ରାଜ୍ୟର ପ୍ରମୁଖ ଘରୋଇ, ସରକାରୀ ଅନୁଷ୍ଠାନରେ ୭୪ତମ ସାଧାରଣତନ୍ତ୍ର ଦିବସ




ନବରତ୍ନ ସିପିଏସ୍ଇ ନାଲ୍‌କୋର କ୍ଷେତ୍ରୀୟ କାର୍ଯ୍ୟାଳୟ କୋରାପୁଟର ଦାମନଯୋଡ଼ିଠାରେ ଏହାର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏପରିକି ନାଲ୍‌କୋର କର୍ପୋରେଟ କାର୍ଯ୍ୟାଳୟ ସମେତ ସମସ୍ତ ଉତ୍ପାଦ ୟୁନିଟ୍ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।



ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍(ଓଏଚ୍‌ପିସିଏଲ୍)ର କର୍ପୋରେଟ କାର୍ଯ୍ୟାଳୟ ପରିସରରେ ଗୁରୁବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଏଚ୍‌ପିସିଏଲ୍ ଏମ୍‌ଡି ଅମରେଶ କୁମାର, ନିର୍ଦ୍ଦେଶକ (ଏଚ୍ଆର) ପ୍ରବୋଧ କୁମାର ମହାନ୍ତି ଓ ଅନ୍ୟମାନଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା। ଏପରିକି ଓଏଚ୍‌ପିସିଏଲ୍ ମୁଖ୍ୟାଳୟ ସମେତ ଟ୍ରେନିଂ ସେଣ୍ଟର ଓ ୟୁନିଟ୍ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।



ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଏସ୍‌ବିଆଇ ପ୍ରଧାନ କାର୍ଯ୍ୟାଳୟ (ଓଡ଼ିଶା ମୁଖ୍ୟାଳୟ) ଭୁବନେଶ୍ୱରଠାରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହା ପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ମହାପ୍ରବନ୍ଧକ ପୋନ୍ନାମବଲମ ମୁରୁଗାନ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂଙ୍କ ସମେତ ଅନ୍ୟ ଉପ ମହାପ୍ରବନ୍ଧକମାନଙ୍କ ସହ ପ୍ରାୟ ୨୦୦ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।



ପୂର୍ବତଟ ରେଳପଥ ପକ୍ଷରୁ ନିକଟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରେଳପଥ ଷ୍ଟାଡିୟମ ପରିସରରେ ରେଳବାଇ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ଆୟୋଜିତ ଗଣତନ୍ତ୍ର ଦିବସ ପରେଡ୍ ଉପଲକ୍ଷେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହଯୋଗୀ ସଂସ୍ଥା ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍‌ସ) ପକ୍ଷରୁ ଏକ ଆକର୍ଷଣୀୟ ପ୍ରଜ୍ଞାପନ ମେଢ଼ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ଓ ସଚେତନତା ବାର୍ତ୍ତା ସାଧାରଣତନ୍ତ୍ର ଦିବସ ରାଜ୍ୟସ୍ତରୀୟ ପରେଡ୍‌ରେ ପ୍ରଦର୍ଶିତ କରାଯାଇଥିଲା।



ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍(ଏମ୍‌ସିଏଲ୍)ର କର୍ପୋରେଟ କାର୍ଯ୍ୟାଳୟ ସମେତ ଅପରେଶନାଲ ଏରିଆଗୁଡ଼ିକରେ ଗୁରୁବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରସ୍ଥିତ ଆନନ୍ଦ ବିହାର ଗ୍ରାଉଣ୍ଡରେ ଏମ୍‌ସିଏଲ୍‌ର ସିଏମ୍‌ଡି ଓପି ସିଂହ ଗଣତନ୍ତ୍ର ଦିବସ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

# ବଜେଟ ପୂର୍ବରୁ ସଂସଦରେ ହାଲୁଆ ଉତ୍ସବ

### ଫେବୃୟାରୀ ୧ରେ କେନ୍ଦ୍ର ବଜେଟ



ନୂଆଦିଲ୍ଲୀ,୨୭।୧

୨୦୨୩-୨୪ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ ଆସନ୍ତା ଫେବୃୟାରୀ ପହିଲାରେ ହେବ। ହେଲେ ବଜେଟର ଚୂଡ଼ାନ୍ତ ପ୍ରସ୍ତୁତି ପର୍ଯ୍ୟାୟ ସଂସଦର ନର୍ଥ ବ୍ଲକ୍‌ର ହାଲୁଆ ଉତ୍ସବ ସହ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପର ମନ୍ତ୍ରୀ ନିର୍ମଳା ସୀତାରାମନ, ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ଓ ଡ. ଭଗବତ କିଶନ ରାଓ କରଡଙ୍କ ଉପସ୍ଥିତିରେ ଏହା ସମ୍ପନ୍ନ ହୋଇଛି। ପ୍ରତିବର୍ଷ ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଶେଷ ହୋଇ ତାଲା ପଡ଼ିବା ବେଳକୁ ଏକ ପାରମ୍ପରିକ ହାଲୁଆ ଉତ୍ସବ ପାଳିତ ହୋଇଥାଏ। ଏପରିକି ପୂର୍ବ ୨ବର୍ଷ ଭଳି ଚଳିତ ଥରର କେନ୍ଦ୍ର ବଜେଟ ବିନା କାଗଜରେ ଉପସ୍ଥାପିତ ହେବ। ବିଶେଷକରି ୨୦୨୩-୨୪ କେନ୍ଦ୍ର ବଜେଟ ଚଳିତ ବର୍ଷ ଫେବୃୟାରୀ ପହିଲାରେ ଉପସ୍ଥାପିତ ହେବ। ଏହି ଅବସରରେ ଦେଶର ସମସ୍ତ ୧୪ଟି ଯାକ କେନ୍ଦ୍ରୀୟ ବଜେଟର ଦସ୍ତାବିଜ୍ ବାର୍ଷିକ ଆର୍ଥିକ ହିସାବ (ସାଧାରଣ ବଜେଟ ଭାବେ ପରିଚିତ) ଖର୍ଚ୍ଚଦାବି, ଅର୍ଥବିଲ୍ ଇତ୍ୟାଦି, ଯାହା ସମ୍ବିଧାନ ବ୍ୟବସ୍ଥା ପରିସରରେ ରହିଛି। ୟୁନିୟନ ବଜେଟ ମୋବାଇଲ ଆପ୍‌ରେ ଏହା ଉପଲବ୍ଧ ହେବ। ଏପରିକି ମୁକ୍ତ ବଜେଟ ଦସ୍ତାବିଜ୍‌କୁ ସଂସଦ ସଦସ୍ୟ ଓ ସାଧାରଣ ଜନତା ଡିଜିଟାଲ ସୁବିଧା ଦୃଷ୍ଟିରୁ ଖୁବ୍ ସରଳ ଉପାୟରେ ଜାଣିପାରିବେ। ଏହା ଦ୍ୱିଭାଷୀରେ ଉଭୟ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ। ଏହି ଆପ୍‌କୁ କେନ୍ଦ୍ର ବଜେଟ ୱେବ୍ ପୋର୍ଟାଲ (www.indiabudget.gov.in)ରେ ମଧ୍ୟ ଡାଉନ୍‌ଲୋଡ୍ କରିହେବ।

# ସମସ୍ୟା ଘେରରେ ଓଲା ଇଲେକ୍ଟ୍ରିକ୍

ନୂଆଦିଲ୍ଲୀ,୨୭।୧

ପେଟ୍ରୋଲ ଦର ବୃଦ୍ଧି ଯୋଗୁ ବଜାରେ ବୈଦ୍ୟୁତିକ ଯାନ (ଇଭି)ର ଚାହିଦା ବଢ଼ିବାରେ ଲାଗିଛି। ଓଲା ଇଲେକ୍ଟ୍ରିକ୍ ଏକ ଅଗ୍ରଣୀ ଇଭି ନିର୍ମାତା, ଯାହାର ସ୍କୁଟର ବିକ୍ରିରେ ଲଗାତର ଅଭିବୃଦ୍ଧି ଘଟୁଛି। ଏହା ସତ୍ତ୍ୱେ ସଫ୍ଟୱେର ଏବଂ ହାର୍ଡୱେର ସମସ୍ୟା ଏହି କମ୍ପାନୀର ପିଛା ଛାଡୁନାହିଁ। ନିକଟରେ ଓଲା ଏସ୍୧ ପ୍ରୋ ସ୍କୁଟର ଫ୍ରଣ୍ଟ ଫର୍କ ସସ୍‌ପେନ୍‌ଶନ ଭାଙ୍ଗିଯିବାରୁ ଜଣେ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍କୁଟରର ବେଗ ଘଣ୍ଟାପ୍ରତି ୩୫ କିଲୋମିଟର ଥିବାବେଳେ ଏଭଳି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା ବୋଲି ସ୍କୁଟର ମାଲିକ କହିଛନ୍ତି। ତେବେ ଓଲା କମ୍ପାନୀର ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ ଏହା ଏକ ସଡ଼କ ଦୁର୍ଘଟଣା। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଅନେକ ଆରୋହୀ ଆଗ ଫର୍କ



ଭାଙ୍ଗିବା ଅଭିଯୋଗ କରିଛନ୍ତି। ତେବେ ପୂର୍ବ କେସ୍‌ରେ ବଡ଼ ଧରଣର ଦୁର୍ଘଟଣା ଘଟି ନ ଥିବାରୁ ସେଗୁଡ଼ିକ ବିଶେଷ ଭାବେ ନଜରକୁ ଆସି ନାହିଁ। ଏନେଇ ଅଧିକାଂଶ ଲୋକ ସଚେତନ ନୁହନ୍ତି। ସଦ୍ୟ ଘଟଣାରେ ସ୍କୁଟର ଆରୋହୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଲା ଭଳି କ୍ଷତ ହୋଇଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେଣୁ ଏହା ପୂର୍ବ ଘଟଣାଗୁଡ଼ିକଠାରୁ ଭିନ୍ନ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆହତ ଆରୋହୀଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଦିଆଯାଇଛି। ଆରୋହୀ ସୁରକ୍ଷିତ ଏବଂ ଆରୋଗ୍ୟ ଲାଭ କରୁଛନ୍ତି। ଯାନର ସୁରକ୍ଷା ଓ ଗୁଣବତ୍ତା ବଜାୟ ରଖିବା ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ଓଲା ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ୨୦୨୨ରେ ଓଲାର ମାର୍କେଟ ଶେୟାର ୩୦ ପ୍ରତିଶତ ବଢ଼ିଥିବା କମ୍ପାନୀ ପକ୍ଷରୁ ଦାବି କରାଯାଇଥିଲା। ଗତବର୍ଷ ଦେଶର ବିଭିନ୍ନ ଭାଗରେ ଇଲେକ୍ଟ୍ରିକ୍ ସ୍କୁଟରଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଚଳାଇବା ସମୟରେ ସେଥିରେ ନିଆଁ ଲାଗିଯାଇଥିବା ଅଭିଯୋଗ ହୋଇଥିଲା। ଫଳରେ କେନ୍ଦ୍ର ସରକାର ବାଧ୍ୟ ହୋଇ ଏଥିରେ ହସ୍ତକ୍ଷେପ କରିଥିଲେ। କେଉଁ କାରଣରୁ ଏଭଳି ଘଟଣା ଘଟୁଛି ତାହାର ତଦନ୍ତ କରିବା ପାଇଁ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆଉ କେତେକ ଘଟଣାରେ ମଧ୍ୟ ଫ୍ରଣ୍ଟ ଫର୍କ ଭାଙ୍ଗିଯାଇଥିବାରୁ ସେଗୁଡ଼ିକରେ ନିର୍ମାଣ ଜନିତ ତ୍ରୁଟି ଥାଇପାରେ ବୋଲି କୁହାଯାଉଛି। ଓଲା ଏସ୍୧ ଏବଂ ଏସ୍୧ ପ୍ରୋ ମଡେଲରେ ଗୋଟିଏ ଫର୍କ ବ୍ୟବସ୍ଥା ଥିବାରୁ ଲୋକେ ଆପତ୍ତି ଉଠାଉଛନ୍ତି। ତେବେ ଉପଯୁକ୍ତ ପରୀକ୍ଷା ପରେ ଏଭଳି ଫର୍କକୁ ସ୍କୁଟରରେ ସଂଲଗ୍ନ କରାଯାଉଥିବା ବିଷୟ କମ୍ପାନୀ ସଫେଇ ଦେଇଛି।

## ଟାଟା ଷ୍ଟିଲ୍‌କୁ ଡିଇଆଇ-ଲାଇଟ୍‌ହାଉସ୍ ମାନ୍ୟତା

ନୂଆଦିଲ୍ଲୀ,୨୭।୧

ଟାଟା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ବିଶ୍ୱ ଅର୍ଥନୈତିକ ଫୋରମ (ଡବ୍ଲ୍ୟୁଇଏଫ୍) ପକ୍ଷରୁ ଟାଟା ଷ୍ଟିଲ୍‌କୁ ଗ୍ଲୋବାଲ ଡାଇଭର୍ସିଟି ଇକ୍ୱିଟି ଆଣ୍ଡ ଇନ୍‌କ୍ଲୁଜନ (ଡିଇଆଇ) ଲାଇଟ୍‌ହାଉସ୍ ୨୦୨୩ ମାନ୍ୟତା ପ୍ରଦାନ କରାଯାଇଛି। ଏପରିକି ସୁଇଜରଲାଣ୍ଡର ଡାଭୋସ୍‌ଠାରେ ଆୟୋଜିତ ବିଶ୍ୱ ଅର୍ଥନୈତିକ ଫୋରମ୍-୨୦୨୩ ପରିପ୍ରେକ୍ଷୀରେ ପ୍ରକାଶ ପାଇଥିବା ଗ୍ଲୋବାଲ ପ୍ୟାରିଟି ଆଲାଏନ୍ସ ଡାଇଭର୍ସିଟି,ଇକ୍ୱିଟି ଆଣ୍ଡ ଇନ୍‌କ୍ଲୁଜନ୍ ଲାଇଟ୍‌ହାଉସ୍ ୨୦୨୩ ପାଇଁ ଚୟନ କରାଯାଇଥିବା ୮ଟି କେସ୍ ଷ୍ଟଡି ମଧ୍ୟରୁ କାର୍ଯ୍ୟ କ୍ଷେତ୍ରରେ ଲିଙ୍ଗଗତ ବିବିଧତାରେ ଉନ୍ନତି ଆଣିବା ଦିଗରେ କମ୍ପାନୀର ଉଦ୍ୟମ ଥିଲା ଅନ୍ୟତମ ବୋଲି ଟାଟା ଷ୍ଟିଲ୍‌ର ଏମ୍‌ଡି ଓ ସିଇଓ ଟି.ଭି.ନରେନ୍ଦ୍ରନ କହିଛନ୍ତି।

## ୟୁକୋ ବ୍ୟାଙ୍କର ୬୫୩ କୋଟିର ନେଟ୍ ଲାଭ

ଭୁବନେଶ୍ୱର,୨୭।୧

ୟୁକୋ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ୧୧୦% ଅଭିବୃଦ୍ଧି ହାର ହାସଲକରି ୬୫୩ କୋଟି ଟଙ୍କାର ନେଟ୍ ଲାଭ କରିଥିବା ଜଣାପଡ଼ିଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୩୧୦ କୋଟି ଟଙ୍କା ରହିଥିଲା ବେଳେ ୨୦୨୨ରେ ଏହା ଦ୍ୱିଗୁଣିତ ହୋଇ ୬୫୩ କୋଟିରେ ପହଞ୍ଚିଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ବ୍ୟାଙ୍କ ଆଶାନୁରୂପ ଭାବେ ଅଭିବୃଦ୍ଧି ବଜାୟ ରଖିପାରିବ ବୋଲି ଆଶା କରାଯାଉଛି। ସେହିପରି ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ଋଣରେ ୨୦.୫% ଅଭିବୃଦ୍ଧି ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋମା ଶଙ୍କର ପ୍ରସାଦ କହିଛନ୍ତି, ସଂଶୋଧିତ ସୁଧ ହାର ଫଳରେ ଜମା କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇପାରିବ। ଏପରିକି ନେଟ୍ ଇଣ୍ଟରେଷ୍ଟ ମାର୍ଜିନରେ ପ୍ରତ୍ୟେକ ତ୍ରୈମାସରେ କ୍ରମାଗତ ଭାବେ ଅଭିବୃଦ୍ଧି ଘଟୁଛି ବୋଲି ପ୍ରସାଦ ମତ ପ୍ରକାଶ କରିଛନ୍ତି। ୩ୟ ତ୍ରୈମାସରେ ବ୍ୟାଙ୍କର ରିଟିନ୍ ଅଫ୍ ଆକାଉଣ୍ଟରୁ ୪୫୮ କୋଟି ଟଙ୍କା ଅସୁଲି ହୋଇପାରିଛି ବୋଲି ପ୍ରସାଦ କହିଥିଲେ।

## ବିଦେଶୀ ମୁଦ୍ରାଭଣ୍ଡାରରେ ବୃଦ୍ଧି

ନୂଆଦିଲ୍ଲୀ,୨୭।୧: କ୍ରମାଗତ ୨ୟ ସପ୍ତାହ ଲାଗି ଦେଶର ବିଦେଶୀ ମୁଦ୍ରାଭଣ୍ଡାର (ଏଫ୍ଆର୍)ରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରିକି ଚଳିତ ବର୍ଷ ଜାନୁୟାରୀ ୨୦ରେ ଶେଷ ହୋଇଥିବା ସପ୍ତାହରେ ଏଫ୍ଆର୍‌ର ହାର ୧.୭୨୭ ବିଲିୟନ ଡଲାର ବୃଦ୍ଧି ଘଟି ୫୭୩.୭୨୭ ବିଲିୟନ ଡଲାରରେ ପହଞ୍ଚିଛି। ଏ ନେଇ ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ସେହିଭଳି ଏହା ପୂର୍ବରୁ ମଧ୍ୟ ବିଦେଶୀ ମୁଦ୍ରାଭଣ୍ଡାରରେ ବୃଦ୍ଧି ଦେଖିବାକୁ ମିଳିଥିଲା। ଏପରିକି ଗତ ସପ୍ତାହରେ ବିଦେଶୀ ମୁଦ୍ରାଭଣ୍ଡାର ୧୦.୪୧୭ ବିଲିୟନ ଡଲାର ବଢ଼ି ୫୭୨ ବିଲିୟନ ଡଲାର ହୋଇଥିଲା। ଅପରପକ୍ଷରେ ୨୦୨୧ ଅକ୍ଟୋବରରେ ବିଦେଶୀ ମୁଦ୍ରାଭଣ୍ଡାର ୬୪୫ ବିଲିୟନ ଡଲାରର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା।

## ଡିଜେଏସ୍ଆଇ ବିଶ୍ୱ ମାନ୍ୟତାରେ ବେଦାନ୍ତ ୨ୟ

ଭୁବନେଶ୍ୱର,୨୭।୧



ବେଦାନ୍ତ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ବେଦାନ୍ତ ଆଲୁମିନିୟମ ୨୦୨୧-୨୨ ଆର୍ଥିକ ବର୍ଷରେ ଆଲୁମିନିୟମ ଶିଳ୍ପ ପାଇଁ ଏସ୍ ଆଣ୍ଡ ପି ଡାଓ ଜୋନ୍‌ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍ଆଇ) ବିଶ୍ୱ ମାନ୍ୟତାରେ ୨ତମ ସ୍ଥାନକୁ ଉନ୍ନୀତ ହୋଇଛି। ଏପରିକି ଡିଜେଏସ୍ଆଇ ସ୍ଥିରତା ସୂଚକାଙ୍କ ହେଉଛି ଏକ ଶ୍ରେଷ୍ଠ ଶ୍ରେଣୀର ବିଶ୍ୱସ୍ତରୀୟ ମାନଦଣ୍ଡ। ଏହା ଅର୍ଥନୈତିକ, ପରିବେଶ ଏବଂ ସାମାଜିକ ମାନଦଣ୍ଡ ଦୃଷ୍ଟିରୁ ଅଗ୍ରଣୀ କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତାକୁ ନିରୀକ୍ଷଣ (ଟ୍ରାକ୍) କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ୍ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ୨୦୨୨ ପାଇଁ ବେଦାନ୍ତ ଆଲୁମିନିୟମର ଏସ୍ ଆଣ୍ଡ ପି ଡାଓ ଜୋନ୍‌ସ ସଷ୍ଟେନେବିଲିଟି ଇଣ୍ଡେକ୍ସ (ଡିଜେଏସ୍ଆଇ) ର୍‍ୟାଙ୍କିଙ୍ଗ୍ ମୂଲ୍ୟ ଶୃଙ୍ଖଳା ମଧ୍ୟରେ ସ୍ଥିରତାର ନୀତିକୁ ଗଠନମୂଳକ ଭାବେ ଜଳବାୟୁ ସହ କେନ୍ଦ୍ରୀଭୂତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ବିଶେଷକରି ଆମ ଅଭିବୃଦ୍ଧି ସ୍ଥାୟୀ ବିକାଶ ଏଜେଣ୍ଡାରେ କାର୍ଯ୍ୟର ଡିକାର୍ବୋନାଇଜେସନ୍, ଶକ୍ତି ମିଶ୍ରଣରେ ନବୀକରଣଯୋଗ୍ୟ ପରିମାଣ ବୃଦ୍ଧି, ଜଳ ପରି ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବ୍ୟବହାର, ଆମର କର୍ମଚାରୀ ଏବଂ ସହଭାଗୀମାନଙ୍କ କଲ୍ୟାଣ, ବର୍ଜ୍ୟବସ୍ତୁରେ ବୃତ୍ତାକାର ଅର୍ଥନୀତି ଉପରେ ଆମର ଧ୍ୟାନ ଅନ୍ତର୍ଭୁକ୍ତ ରହିଛି। ଏପରିକି ଚାଷ ଜଳବାୟୁକୁ ସ୍ଥିର କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟ ସହ ପରିଚାଳନା ଏବଂ ସହଭାଗିତା କରିବା ଏବଂ ବିଶ୍ୱସ୍ତରିୟ ଦ୍ୱିତୀୟ ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦକ ହେବାର ସ୍ୱୀକୃତି ଜନସାଧାରଣ ତଥା ସମ୍ପ୍ରଦାୟର ଉନ୍ନତି ପାଇଁ ପରିବର୍ତ୍ତନ ଆମ ମିଶନକୁ ପ୍ରତିଫଳିତ କରେ ବୋଲି ସେ ମତପ୍ରକାଶ କରିଛନ୍ତି।

## ଆଇଡିଏଫ୍‌ସି ଏଏମ୍‌ସିରେ ଯୋଗଦେଲେ ମନୀଷ

ନୂଆଦିଲ୍ଲୀ,୨୭।୧

ଦେଶର ପ୍ରମୁଖ ଏଏମ୍‌ସି ସଂସ୍ଥା ଆଇଡିଏଫ୍‌ସି ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ଲିମିଟେଡ୍ (ଆଇଡିଏଫ୍‌ସି ଏଏମ୍‌ସି)ର ଇକ୍ୱିଟିଜ୍ ବିଭାଗର ମୁଖ୍ୟ ମନୀଷ ଗୁନ୍‌ୱାନିଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି। ଏପରିକି ଗୁନ୍‌ୱାନି ଉକ୍ତ ଫଣ୍ଡ୍ ହାଉସ୍ ପାଇଁ ଇକ୍ୱିଟି ପାଣ୍ଠି ପରିଚାଳନାର ସାମଗ୍ରିକ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି। ବିଶେଷକରି ଗୁନ୍‌ୱାନିଙ୍କର ଇକ୍ୱିଟି ରିସର୍ଚ୍ଚ ଓ ଫଣ୍ଡ୍ ପରିଚାଳନା କ୍ଷେତ୍ରରେ ୨୫ ବର୍ଷର ସମୃଦ୍ଧ ଅଭିଜ୍ଞତା ରହିଛି। ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଳ କପୁର କହିଛନ୍ତି, ଆମେ ମନୀଷ ଗୁନ୍‌ୱାନିଙ୍କୁ ନିଯୁକ୍ତ କରି ଆନନ୍ଦିତ। ମନୀଷଙ୍କ ପ୍ରମାଣିତ ବିଶେଷଜ୍ଞତା ଓ ସଫଳ ଟ୍ରାକ୍ ରେକର୍ଡ ଆମର ଇକ୍ୱିଟି ଫ୍ରାଞ୍ଚାଇଜିକୁ ଅଧିକ ଉନ୍ନତ କରିବ। ଆମର ମଜଭୁତ ଇନ୍‌ଷ୍ଟିଚ୍ୟୁଶନାଲ ଫ୍ରେମ୍‌ୱର୍କ ସହ ମିଳିତ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ପରିଚାଳନା କରିବାରେ ସାହାଯ୍ୟ କରିବ।

## ଅନୁଗୋଳରେ ଜିନ୍ଦଲ ଆରୋଗ୍ୟମ ହସ୍ପିଟାଲର ଶିଳାନ୍ୟାସ

ଭୁବନେଶ୍ୱର,୨୭।୧




ଜେଏସ୍‌ପି ପକ୍ଷରୁ ୧୦୦ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେଶାଲିଟି ହସ୍ପିଟାଲର ଭୂମିପୂଜନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା 'ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର' (ଜେଏସ୍‌ପି)ର ସହଯୋଗୀ ତଥା କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ଶାଖା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଏକ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଭୂମିପୂଜନ ସମାରୋହ ଅନୁଗୋଳ ଜିନ୍ଦଲନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଅନୁଗୋଳ ଜିଲାରେ ସ୍ୱାସ୍ଥ୍ୟସେବାର ନିରନ୍ତର ଉନ୍ନତି ନିମନ୍ତେ ଜେଏସ୍‌ପି ପକ୍ଷରୁ ଜିନ୍ଦଲନଗର ଦେବଭୂମିଠାରେ ହେବାକୁ ଥିବା ଏହି ଅତ୍ୟାଧୁନିକ ଜିନ୍ଦଲ ଆରୋଗ୍ୟମ ହସ୍ପିଟାଲର ଶିଳାନ୍ୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଉକ୍ତ ହସ୍ପିଟାଲର ଭୂମିପୂଜା ଓ ଆଧାରଶିଳା ରଖିଥିଲେ। ଏହି ଅବସରରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଏବଂ ଅନୁଗୋଳ ପୌରପାଳିକା ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏ ସମ୍ପର୍କରେ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଥିଲେ, ମାନବ ସେବା ହିଁ ମାଧବ ସେବା। ଏପରିକି ମାନବ ବିକାଶ ସୂଚିକାର ଉନ୍ନତି ନିମନ୍ତେ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ପ୍ରଚେଷ୍ଟା ଚାଲିଛି। ବିଶେଷ କରି ଉନ୍ନତ ଭିତ୍ତିଭୂମି ଥିବା ଏହି ଅତ୍ୟାଧୁନିକ ହସ୍ପିଟାଲ ଅନୁଗୋଳ ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୂରପ୍ରସାରି କରିପାରିବ। ସେହିଭଳି ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଜିନ୍ଦଲ ଆରୋଗ୍ୟମ ହସ୍ପିଟାଲରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସବୁ ବର୍ଗର ରୋଗୀଙ୍କୁ ଯୋଗାଇ ଦିଆଯିବ। ଏପରିକି ସୁଲଭ ମୂଲ୍ୟରେ ରୋଗୀଙ୍କୁ ଉତ୍ତମ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ।

ସୂଚନାଯୋଗ୍ୟ ଉକ୍ତ ହସ୍ପିଟାଲରେ ଆଲୋପ୍ୟାଥିକ ଚିକିତ୍ସା ବ୍ୟତୀତ ଆୟୁର୍ବେଦିକ, ହୋମିଓପାଥି, ପ୍ରାକୃତିକ ଚିକିତ୍ସା ସହ ଯୋଗାଭ୍ୟାସକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଏପରିକି ଆସନ୍ତା ୧୮ମାସ ମଧ୍ୟରେ ଉକ୍ତ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ବିଶେଷକରି ୧୭ ଗୋଟି ପ୍ରମୁଖ ଚିକିତ୍ସା ବିଭାଗରେ ଏହା କାର୍ଯ୍ୟ ଓ ସେବା ଯୋଗାଇଦେବ। ଉକ୍ତ ସମାରୋହରେ ଛେଣ୍ଡିପଦା ବିଧାୟକ ଏବଂ ଅନୁଗୋଳ ନଗରପାଳ ଉପସ୍ଥିତ ସହ ଅନୁଗୋଳ ଜିଲାବାସୀଙ୍କ ହିତ ତଥା ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଜେଏସ୍‌ପି ନେଇଥିବା ଏହି ବିଶେଷ ପଦକ୍ଷେପ ନିମନ୍ତେ ଉଭୟେ ନବୀନ ଜିନ୍ଦଲଙ୍କୁ ପ୍ରଶଂସା କରିଥିଲେ। ଅପରପକ୍ଷରେ ଜେଏସ୍‌ପିର ସିଇଓ ଦିନେଶ କୁମାର ସରୋଗୀ ସମସ୍ତ ଅତିଥିଙ୍କୁ ସେମାନଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ସରସ୍ୱତୀ ପୂଜା ଭୋଜି ଖାଇ ୧୪୦ ଛାତ୍ରୀଛାତ୍ର, ଶିକ୍ଷକ ଅସୁସ୍ଥ

**କଳିଙ୍ଗନଗର, ୨୭।୧ (ଡି.ଏନ୍.ଏ.):** ଯାଜପୁର ଜିଲା ଦାନଗଦି ବ୍ଲକ ଅନ୍ତର୍ଗତ ଖପୁରିଆପଦା ପଞ୍ଚାୟତସ୍ଥିତ ଶରତ ରାଉତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀଙ୍କୁ ମିଶାଇ ୧୪୦ ଜଣ ସରସ୍ୱତୀ ପୂଜା ଭୋଜି ଖାଇ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁବାର ପୂଜା ଉପଲକ୍ଷେ ଭାତ, ଡାଲି, ଖିରି, ଖଟା ଓ ପାମ୍ପଡ଼ ରୋଷେଇ ହୋଇଥିଲା। ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର, ଶିକ୍ଷକ କର୍ମଚାରୀ ମିଶି ୧୪୮ ଜଣ ଭୋଜି ଖାଇଥିଲେ। ଗୁରୁବାର ସନ୍ଧ୍ୟାରେ ୧୦ ଜଣ ପିଲାଙ୍କୁ ଝାଡ଼ାବାନ୍ତି ଓ ଜ୍ୱର ହୋଇଥିଲା। ଶୁକ୍ରବାର ଶତାଧିକ ଛାତ୍ରୀଛାତ୍ର ଓ ଶିକ୍ଷକ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ରାତି ୯ଟା ସୁଦ୍ଧା ୧୪୦ ଅସୁସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ନରୋତ୍ତମ ଜେନା, କ୍ରୀଡ଼ା ଶିକ୍ଷକ କେଶବ ସାହୁ ପ୍ରମୁଖ ରହିଛନ୍ତି। ଛାତ୍ର ଓମ୍ ପ୍ରକାଶ ରାଉତ, ସୌମ୍ୟ ରଞ୍ଜନ ସାହୁ, ଓମ୍ ପ୍ରକାଶ ବାରିକ, ରଞ୍ଜିତ ରଞ୍ଜନ ରାଉତ, ଛାତ୍ରୀ ଭାଗ୍ୟଶ୍ରୀ ସେଠୀ, ଶୁଭଶ୍ରୀ ରାଉତ, ରଶ୍ମିତା ଧଳ, ପ୍ରୀତି ପ୍ରିୟଦର୍ଶିନୀ ରାଉତ, ଅନ୍ନପୂର୍ଣ୍ଣା ସେଠୀ, ଲିପ୍ସା ରାଉତ ଅଧିକ ଅସୁସ୍ଥ ଅଛନ୍ତି।

# ୯ ଅଷ୍ଟଧାତୁ ମୂର୍ତ୍ତି, ବିଦ୍ୟୁତ୍ ତାର ଜବତ, ୬ ଗିରଫ

**ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଡକାୟତି ଘଟଣା**

**ମାର୍ଶାଘାଇ, ୨୭।୧ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଲୁଣା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରୁ ଗତ ୨୦ ତାରିଖ ବିଳମ୍ବିତ ରାତିରେ ହୋଇଥିବା ଡକାୟତି ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ବିପୁଳ ପରିମାଣର ବିଦ୍ୟୁତ୍ ତାର ସହ ୯ଟି ଅଷ୍ଟଧାତୁ ମୂର୍ତ୍ତି ଜବତ କରାଯାଇଛି ବୋଲି କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର ଥାନା ପରିସରରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ କୁନ୍ଦପାଟଣା ଗାଁର ନାରାୟଣ ସାହୁ, କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ମହମ୍ମଦପୁର ଗାଁର ଜ୍ୟୋତି ପ୍ରକାଶ ବେହେରା ଓରଫ ସିମ୍ପା, କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା ଗାଁର ହେମନ୍ତ ନାୟକ, ଅନିଲ ସାହୁ, କଟକ ଜିଲା ନେମାଳ ଥାନା ଅନ୍ତର୍ଗତ ବାଇନପଡା ଗାଁର ଦେବେନ୍ଦ୍ର ନାୟକ ଓରଫ ସୋନୁ, କଟକ ଜିଲା ନେମାଳ ଥାନା ଅନ୍ତର୍ଗତ ଛପଟିକଣା ଗାଁର



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ଜବତ ଅଷ୍ଟଧାତୁ ମୂର୍ତ୍ତି, ଗିରଫ ଅଭିଯୁକ୍ତମାନେ।

ସଂଗ୍ରାମ ରାଉଳ ଓରଫ କୁନା। ଏସ୍‌ଡିପିଓ ମହାପାତ୍ର କହିଥିଲେ ଯେ, ଅଭିଯୁକ୍ତ ସିମ୍ପା ଦୁର୍ବୃତ୍ତମାନଙ୍କୁ ସାଙ୍ଗରେ ଧରି ଗୋଟିଏ ପିକ୍‌ଅପ୍ ଭ୍ୟାନ, ଗୋଟିଏ ଟାଟା ଏସିଇ ଓ ଗୋଟିଏ ହୋଣ୍ଡା ଆମେଜ କାର ଆଣି ଲୁଣା ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ପଶି ୨ଜଣ କଣ୍ଟ୍ରୋଲ ରୁମ୍ ଅପରେଟରଙ୍କୁ ଭୟଭୀତ କରି ଆଲୁମିନିୟମ, ତମ୍ବା ତାର ଓ ଅନ୍ୟ ଯନ୍ତ୍ରାଂଶ ଲୁଟି ନେଇଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ପରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ହୋଣ୍ଡା ଆମେଜ କାରକୁ ଜବତ କରିବା ପରେ ସମସ୍ତ ଘଟଣାର ପର୍ଦ୍ଦାଫାଶ୍ ହେବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଲୁଟ୍ ବିଦ୍ୟୁତ୍ ତାରକୁ ସେମାନେ ଭଟିମୁଣ୍ଡାର ହେମନ୍ତ ଓ ଅନିଲଙ୍କୁ ୭୦ ହଜାର ଟଙ୍କାରେ ବିକ୍ରି କରି ନିଜ ଭିତରେ ବାଣ୍ଟି ନେଇଥିଲେ। ସେମାନଙ୍କଠାରୁ ୩ଟି ବାଇକ୍, ଗୋଟିଏ କଟର ମେଶିନ, ଗୋଟିଏ ଓଜନ ମେଶିନ ଜବତ କରାଯାଇଛି। ଜବତ ଆଲୁମିନିୟମ କଣ୍ଡକ୍ଟରର ଓଜନ ୫ ଟନ୍ ୧୧୦ କେଜି ହେବ। ଏମାନେ ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗର ସଦସ୍ୟ ଅଟନ୍ତି। ଏ ନେଇ ପୋଲିସ ନଂ. ୩୫/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

## ସମ୍ବଲପୁର- ଶାଲିମାର ଏବେ ମହିମା ଗୋସାଇଁ ଏକ୍ସପ୍ରେସ୍

**ଭୁବନେଶ୍ୱର, ୨୭।୧ (ବ୍ୟୁରୋ)**

ସମ୍ବଲପୁର-ଶାଲିମାର-ସମ୍ବଲପୁର ଏକ୍ସପ୍ରେସ (ଭାୟା- ଅନୁଗୋଳ, ତାଳଚେର) ନାମ ବଦଳିଛି। ରେଳ, ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅନୁମୋଦନ କ୍ରମେ ଟ୍ରେନ୍ ନଂ ୨୦୮୩୨/୨୦୮୩୧ ସମ୍ବଲପୁର-ଶାଲିମାର-ସମ୍ବଲପୁର ଏକ୍ସପ୍ରେସ (ଭାୟା- ଅନୁଗୋଳ, ତାଳଚେର)କୁ ମହିମା ଗୋସାଇଁ ଏକ୍ସପ୍ରେସ୍ ନାମରେ ନାମିତ କରାଯାଇଛି। ଏ ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ରେଳମନ୍ତ୍ରୀ ନିଜ ଟୁଇଟର ଆକାଉଣ୍ଟରେ ମଧ୍ୟ ଏ ନେଇ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ୨୦୨୨ ଡିସେମ୍ବର ୨୯ରେ ଭୁବନେଶ୍ୱର ରେଳ ଷ୍ଟେଶନର ପୁନଃ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତାବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର-ଶାଲିମାର-ସମ୍ବଲପୁର ତ୍ରି-ସାପ୍ତାହିକ ଟ୍ରେନର ନାମକୁ ପରିବର୍ତ୍ତନ କରି ମହିମା ଗୋସାଇଁ ଏକ୍ସପ୍ରେସ ଭାବରେ ନାମିତ କରିବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମହିମା ଶ୍ରୀକ୍ଷେତ୍ର ପ୍ରତି ଲୋକଙ୍କ ଭାବନା ଏବଂ ବିଶ୍ୱାସକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ସମ୍ବଲପୁର-ଶାଲିମାର-ସମ୍ବଲପୁର ତ୍ରି-ସାପ୍ତାହିକ ଏକ୍ସପ୍ରେସ୍‌କୁ ମହିମା ଗୋସାଇଁ ଏକ୍ସପ୍ରେସ୍ ଭାବରେ ନାମିତ କରିଛି।

## ଡୁଙ୍ଗ୍‌ଡୁଙ୍ଗା ବଜାଇ ଜାତୀୟ ସଙ୍ଗୀତ ଗାଇ ଚର୍ଚ୍ଚାରେ ଆନନ୍ଦ

**ପାରମ୍ପରିକ ବାଦ୍ୟଯନ୍ତ୍ରର ପ୍ରଚାରପ୍ରସାର ଲକ୍ଷ୍ୟ**



ଆନନ୍ଦ କୁମାର ଦାଶ

**ନବରଙ୍ଗପୁର, ୨୭।୧ (ବି.ପ୍ର.)**

ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀଙ୍କ ସର୍ବପୁରାତନ ପାରମ୍ପରିକ ବାଦ୍ୟଯନ୍ତ୍ର ଡୁଙ୍ଗ୍‌ଡୁଙ୍ଗା ବଜାଇ ଜାତୀୟ ସଙ୍ଗୀତ ଗାନକରି ଏବେ ଚର୍ଚ୍ଚାରେ ନବରଙ୍ଗପୁର ସହରର ଆନନ୍ଦ କୁମାର ଦାଶ। ଆନନ୍ଦଙ୍କ ଏକ ଭିଡିଓ ଏବେ ଭାଇରାଲ ହେଉଛି। ଯେଉଁଥିରେ ସେ ଆଦିବାସୀ ବେଶ ପୋଷାକ ପିନ୍ଧି ଡୁଙ୍ଗ୍‌ଡୁଙ୍ଗା ସହିତ ଝୁମୁକା ବଜାଇ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି। ଆନନ୍ଦଙ୍କୁ ଲୋକେ ପ୍ରଶଂସା କରିବା ସହ ଶୁଭକାମନା ଜଣାଉଛନ୍ତି। କୋରାପୁଟ ଜିଲାର ପାରମ୍ପରିକ ବାଦ୍ୟଯନ୍ତ୍ରର ପ୍ରଚାର ପ୍ରସାର ପାଇଁ ଏହା ପ୍ରୟାସ ବୋଲି ସେ କହିଛନ୍ତି।

ନବରଙ୍ଗପୁର ସହରର ୧୭ ନମ୍ବର ୱାର୍ଡରେ ଆନନ୍ଦ କୁମାର ଦାଶଙ୍କ ଘର। ବାପା ଭାବଗ୍ରାହୀ ଓ ସ୍ୱର୍ଗତା ମା ପଦ୍ମାବତୀଙ୍କ ସାନପୁଅ ଆନନ୍ଦଙ୍କର ପିଲାଟିବେଳୁ ଆଦିବାସୀ ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରତି ଶ୍ରଦ୍ଧା ରହିଛି। ନବରଙ୍ଗପୁର କଲେଜରୁ ପାଠପଢ଼ା ସାରି ସେ ବର୍ତ୍ତମାନ ଏକ ତେଲ କମ୍ପାନୀରେ ମାର୍କେଟିଂ ଏକ୍‌ଜିକ୍ୟୁଟିଭଭାବେ କାର୍ଯ୍ୟ କରୁଛନ୍ତି। ପେସା ଅଲଗା ଥିଲେ ମଧ୍ୟ ନିଶା ତାଙ୍କର ଆଦିବାସୀ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇବା। ସେ ଘୁଡ଼କି, ଗୋଟିବାଜା, ଟାମକ, ଢାମ୍ପ, ଟୁଡୁବୁଡ଼ି, ଖଞ୍ଜଣି, ବଂଶୀ, ତବଲା, ଢୋଲକ, ଝୁମୁକା ମଧ୍ୟ ବଜାଇ ଜାଣନ୍ତି। ଲୁପ୍ତ ହୋଇଯାଉଥିବା ବାଦ୍ୟଯନ୍ତ୍ରଗୁଡ଼ିକୁ ପୁଣିଥରେ ଜନମାନସରେ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ହେଉଥିବା ବହୁ କାର୍ଯ୍ୟକ୍ରମରେ ସେ ଭାଗ ନେଉଛନ୍ତି। ୨୦ ରୁ ୨୨ ଜଣ ସ୍ଥାନୀୟ କଳାକାରଙ୍କୁ ଲୋକସଂସ୍କୃତି ଓ ଲୋକବାଦ୍ୟ ଶିକ୍ଷା ଦେଇ ରୋଜଗାର ମଧ୍ୟ ଦେଇଛନ୍ତି।

## ୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୭।୧ (ଡି.ଏନ୍.ଏ.)**

ମାଲକାନଗିରି ମୁଖ୍ୟ ପୋଲିସ କାର୍ଯ୍ୟାଳୟ ପରିସରରେ ଗୁରୁବାର ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ନିର୍ଦ୍ଦେଶକ (ଅପରେଶନ) ଅମିତାଭ ଠାକୁର, ଡିଆଇଜି ସ୍ୱତନ୍ତ୍ର ଗୋଇନ୍ଦା ସଂସ୍ଥା ଅନିରୁଦ୍ଧ ସିଂ, କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ, ମାଲକାନଗିରି ଏସ୍‌ପି ନୀତୀଶ୍ ୱାଧ୍ୱାନିଙ୍କ ଉପସ୍ଥିତିରେ ୩ ଜଣ ହାର୍ଡକୋର୍ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କର୍ତ୍ତନପାଲି ପଞ୍ଚାୟତ ଦଲଦଲି ଗ୍ରାମର ମନୋଜ ଓରଫ ମୋତି ମାଡି, ପାଣ୍ଡୁ କବାସୀ, ଆଇତେ କାର୍ତାମୀ। ଏହି ୩ଜଣଙ୍କ ମଧ୍ୟରୁ ମନୋଜ ଓ ପାଣ୍ଡୁ ୨୦୧୭ରେ ସିପିଆଇ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ଆଇତେ ୨୦୨୨ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ଏହି ୩ଜଣଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଏମାନେ ବହୁ ହିଂସାକାଣ୍ଡରେ ଜଡିତ ଥିଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ମାଓବାଦୀମାନେ ଆମ ଅଞ୍ଚଳର ଅନେକ ନିରୀହ ଲୋକଙ୍କୁ ହତ୍ୟା କରିବା, ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ଓଡ଼ିଶାର କ୍ୟାଡର ମାଓବାଦୀଙ୍କ ଉପରେ ଅତ୍ୟାଚାର କରୁଥିବାରୁ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ସେମାନେ ମାଓବାଦୀ ସଙ୍ଗଠନ ଛାଡ଼ିଥିବା କହିଛନ୍ତି।



ଆତ୍ମସମର୍ପଣ କରିଥିବା ୩ ମାଓବାଦୀ।

## ବିନା ପୁରୁଷ ବନ୍ଧୁରେ କଲେଜ ମନା

- ଭାଇରାଲ ହେଉଛି ନକଲି ନୋଟିସ
- ଥାନାରେ ଅଭିଯୋଗ କରାଯିବା ନେଇ କହିଲେ କଲେଜ କର୍ତ୍ତୃପକ୍ଷ

**ଉମରକୋଟ, ୨୭।୧ (ସ୍ୱ.ପ୍ର.)**

ବିନା ପୁରୁଷ ବନ୍ଧୁରେ କଲେଜ ମନା। ଉମରକୋଟର ଏକ କଲେଜ ନାମରେ ଏଭଳି ଏକ ନୋଟିସ ଘୂରି ବୁଲୁଛି ସୋସିଆଲ ମିଡିଆରେ। ସମ୍ପୃକ୍ତ କଲେଜ ଅଧକ୍ଷା ଘଟଣାକୁ ନିନ୍ଦା କରିବା ସହ ଏହା ବିରୋଧରେ ଥାନାରେ ଏତଲା ଦିଆଯିବ ବୋଲି କହିଛନ୍ତି।

ସୂଚନାନୁଯାୟୀ, କଲେଜରେ ସାଧାରଣତନ୍ତ୍ର ଦିବସ ଓ ସରସ୍ୱତୀ ପୂଜା ପାଳନକୁ ନେଇ ଜାନୁୟାରୀ ୨୫ରେ ପିଲାଙ୍କ ଉଦ୍ଦେଶ୍ୟରେ ଏକ ନୋଟିସ ଜାରି କରାଯାଇଥିଲା। ଉକ୍ତ ଚିଠିର ଅସଲି ଦସ୍ତଖତକୁ ନେଇ ଏକ ନକଲି ଚିଠି ପ୍ରସ୍ତୁତ କରି ତାହାକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ଭାଇରାଲ ଚିଠିରେ ଆଗାମୀ ଭାଲେଣ୍ଟାଇନ୍ସ ଡେ ଅର୍ଥାତ୍ ଫେବୃୟାରୀ ୧୪ ପୂର୍ବରୁ ପ୍ରତ୍ୟେକ ଛାତ୍ରୀ ଜଣେ ପୁରୁଷ ବନ୍ଧୁଙ୍କୁ ବାଛିବା ପାଇଁ କୁହାଯାଇଛି। ଏପରିକି ପୁରୁଷ ବନ୍ଧୁ ନ ଥିବା ଛାତ୍ରୀଙ୍କୁ କଲେଜରେ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ସେଥିରେ ଉଲ୍ଲେଖ ରହିଛି। ପୁରୁଷ ବନ୍ଧୁଙ୍କ ସହ ଫଟୋ ଉଠାଇ ଛାତ୍ରୀମାନେ ପରିଚୟପତ୍ର ଭଳି ଧରି କଲେଜ ଗେଟ୍‌ରେ ଦେଖାଇ ଭିତରକୁ ପ୍ରବେଶ କରିବେ ବୋଲି ଏଥିରେ ଲେଖାଯାଇଛି। ଏ ନେଇ କଲେଜ ଅଧକ୍ଷାଙ୍କୁ ପଚାରିବାରୁ ଭାଇରାଲ ନୋଟିସରେ ଯେଉଁ ନମ୍ବର ରହିଛି ତାହା ଗତ ଜାନୁୟାରୀ ୨୬ ଓ ସରସ୍ୱତୀ ପୂଜା ପାଇଁ ବାହାରିଥିବା ନୋଟିସର ନମ୍ବର। ଏହାକୁ କପିକରି କେହି ଦୁର୍ବୃତ୍ତ ଭାଇରାଲ କରିଛନ୍ତି ବୋଲି ଅଧକ୍ଷା କହିଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କଲେଜ ଛାତ୍ରୀଛାତ୍ର। ପ୍ରକାଶ ଯେ, ଜଗତ୍‌ସିଂହପୁରର ଏକ କଲେଜ ନାମରେ ପୂର୍ବରୁ ଏଭଳି ମିଥ୍ୟା ନୋଟିସ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

## କବାଡ଼ିଖାନାରେ ଡରଳାଇଦେଲେ ୩୫ ଲକ୍ଷ ଟଙ୍କାର ଜଳ ପ୍ରକଳ୍ପ ପାଇପ୍, ୫ ଗିରଫ

- ବିଷମକଟକରୁ ୩୦୦ରୁ ଊର୍ଦ୍ଧ୍ୱ ପାଇପ୍ ଚୋରି
- ଆନ୍ଧ୍ରରୁ ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

**ବିଷମକଟକ, ୨୭।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକରୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ପାଇଁ ରଖାଯାଇଥିବା ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପାଇପ୍ ଚୋରି ହୋଇଥିବାବେଳେ ପୋଲିସ ତଦନ୍ତ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଆନ୍ଧ୍ର ପ୍ରଦେଶରୁ ଗିରଫ କରାଯାଇଛି। ସେମାନେ ହେଲେ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଅଭିଯୁକ୍ତ ପ୍ରବୀଣ ବାରନାସୀ, ତାଙ୍କ ସହଯୋଗୀ ରାଜେଶ ବାରନାସୀ, ବିଷମକଟକ ଥାନା ଅଞ୍ଚଳର ରଞ୍ଜନ କୁମାର ପେରିସିକା, ଜଗବନ୍ଧୁ ଜେନା ଏବଂ ଟ୍ରକ୍ ଡ୍ରାଇଭର ଦୃର୍ଯ୍ୟ କୁଶୁଲ୍ୟା। ତେବେ ଚୋରି ପାଇପ୍ ଗୁଡ଼ିକୁ ଆନ୍ଧ୍ରର କବାଡ଼ିଖାନାରେ ତରଳାଇ ଦିଆଯାଇଥିବା ଜଣାପଡ଼ିଛି।

ଦୀର୍ଘ ଦିନ ହେଲା ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଚାଲିଛି। କୁମ୍ଭାରଡାମୁଣି ପଞ୍ଚାୟତରେ ପ୍ରକଳ୍ପ ଜରିଆରେ ବିଛାଇବା ପାଇଁ ରଖାଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ପାଇପ୍ (୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା) ଚୋରି ହୋଇଥିବା ୨୦୨୨ ଡିସେମ୍ବର ୨୪ରେ ବିଷମକଟକ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ପରେ ଆନ୍ଧ୍ର ପ୍ରଦେଶ ଯାଇ ଚଢ଼ାଉ କରିଥିଲା। ୩୦୦ରୁ ଊର୍ଦ୍ଧ୍ୱ ପାଇପ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ସ୍ଥାନୀୟ ଯୁବକ ରଞ୍ଜନ କୁମାର ପେରିସିକା ଏବଂ ଜଗବନ୍ଧୁ ଜେନାଙ୍କୁ ପ୍ରଥମେ ଧରିଥିଲା। ପଚରାଉଚରା ବେଳେ ଦୁର୍ବୃତ୍ତମାନେ ଅନ୍ୟ ଅଞ୍ଚଳରୁ ଶ୍ରମିକଙ୍କ ସହାୟତାରେ ପାଇପ୍ ଚୋରିକରି ଶ୍ରୀକାକୁଳମର ଶ୍ରୀ ଗଣେଶ ଟ୍ରେଡର୍ସ (କବାଡ଼ିଖାନା)କୁ ପଠାଇଥିବା ଜଣାପଡ଼ିଥିଲା। ଏହାପରେ ବିଷମକଟକ ଏସ୍‌ଡିପିଓ ଆକାଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ପୋଲିସ ଟିମ୍ ଶ୍ରୀକାକୁଳମ ସ୍ଥିତ ଏକ ଗୋଦାମ ଉପରେ ଚଢ଼ାଉ କରିଥିଲା। ଆନ୍ଧ୍ର ପୋଲିସ ସହାୟତାରେ ଗୋଦାମରୁ ମୁଖ୍ୟ ଅଭିଯୁକ୍ତ ପ୍ରବୀଣ ବାରନାସୀ ଏବଂ ତାଙ୍କ ସହଯୋଗୀ ରାଜେଶ ବାରନାସୀଙ୍କୁ ଗିରଫ କରି ବିଷମକଟକ ଥାନାକୁ ଅଣାଯାଇଥିଲା। ପ୍ରବୀଣ ଏବଂ ରାଜେଶଙ୍କ ନିକଟରୁ ଚୋରିରେ ବ୍ୟବହୃତ ଟ୍ରକ୍ (ଓଡି ୦୨ ବିଏକ୍ସ ୭୯୩୭) ଜବତ କରାଯାଇଛି। ସେହିପରି ଟ୍ରକ୍ ଡ୍ରାଇଭର ଦୃର୍ଯ୍ୟ କୁଶୁଲ୍ୟାଙ୍କୁ ମଧ୍ୟ ଗିରଫ କରାଯାଇଛି। ଏ ନେଇ ବିଷମକଟକ ଏସ୍‌ଡିପିଓ ସାହୁ ଖବରଦାତା ସମ୍ମିଳନିରେ ସୂଚନା ଦେଇଛନ୍ତି। ଥାନା ଅଧିକାରୀ ସୁମତୀ ମହାନ୍ତି ଉପସ୍ଥିତ ଥିଲେ।

## ଦୃଷ୍ଟିହୀନ ନାବାଳିକାଙ୍କୁ ବଳାତ୍କାର

**ଅସ୍ତରଙ୍ଗ, ୨୭।୧ (ଡି.ଏନ୍.ଏ.)**

ଅସ୍ତରଙ୍ଗ ଥାନା ଅଞ୍ଚଳର ଜଣେ ଦୃଷ୍ଟିହୀନ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୪/୨୩) ରୁଜୁକରିବା ଜଣେ ଯୁବକଙ୍କୁ ଅଟକ ରଖିଛି। ଏଥିସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରାଯାଇଛି। ସୂଚନା ମୁତାବକ, ନାବାଳିକା ଜଣକ ଦୃଷ୍ଟିବାଧିତ ଥିବାବେଳେ ନିକଟସ୍ଥ ସମ୍ପର୍କୀୟ ଘରକୁ ଯାଇଥିଲେ। ତେବେ ଘରେ ଏକୁଟିଆ ପାଇ ଯୁବକ ଜଣକ ତାଙ୍କୁ ବଳାତ୍କାର କରିଥିଲେ। ଏପରିକ ଏ ବିଷୟରେ କାହାକୁ ନ କହିବାକୁ କହିବା ସହ ନାନା ଧମକ ଦେଇଥିଲେ। ନାବାଳିକା ଭୟରେ ଥିବାବେଳେ କିଛିଦିନ ପରେ ସ୍ୱାସ୍ଥ୍ୟ ଖରାପ ହେବାରୁ ପରିବାର ଲୋକ ସନ୍ଦେହରେ ପଚାରିବାରୁ ଘଟଣା ବିଷୟରେ କହିଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୋଲିସ ତଦନ୍ତ କରି ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଛି।

## ଅନାମ ଏକ ଗୋଷ୍ଠୀ ନୁହେଁ, ଏକ ଯୁଗ

ଅନାମ କାବ୍ୟ ଆନ୍ଦୋଳନର ସ୍ୱନକ୍ଷତ୍ର ଦିବସ

**'ଅନାମ କବିତା ଅନାମ ଆନ୍ଦୋଳନ' ପୁସ୍ତକ ଉନ୍ମୋଚିତ**

**ଭୁବନେଶ୍ୱର, ୨୭।୧ (ବ୍ୟୁରୋ)**

ଅନାମ କାବ୍ୟ ଆନ୍ଦୋଳନର ୫୫ତମ ସ୍ୱନକ୍ଷତ୍ର ଦିବସ ଗୁରୁବାର ଲୋହିଆ ଏକାଡେମୀଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କବି ଓ ଜ୍ଞାନପୀଠ ପୁରସ୍କାର ବିଜେତା ଡ. ସୀତାକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଆ କବିତାରେ ଅନାମ ଏକ ଗୋଷ୍ଠୀ ନୁହେଁ, ଏକ ଯୁଗ। ସାହିତ୍ୟ ଏକ ରୁଦ୍ଧ ଜଳାଶୟ ନୁହେଁ, ଏକ ପ୍ରବାହ। ଅନାମ କବିତାରେ ଏହି ପ୍ରବାହ ଗତିମୁଖର ବୋଲି ସେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ ଅନାମ ସମ୍ପର୍କରେ ଲିଖିତ ପ୍ରଥମ ପୁସ୍ତକ 'ଅନାମ କବିତା ଅନାମ ଆନ୍ଦୋଳନ'କୁ ଉନ୍ମୋଚନ କରିଥିଲେ।



ଅନାମ କାବ୍ୟ ଆନ୍ଦୋଳନର ସ୍ୱନକ୍ଷତ୍ର ଦିବସକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଏଥିସହ ସେ ଅନାମ କବି କୁମାର ମହାନ୍ତି ଓ ତାଙ୍କଦ୍ୱାରା ପ୍ରବର୍ତ୍ତିତ ଅନାମ କାବ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସମାଜରେ ମୈତ୍ରୀ ପ୍ରତିଷ୍ଠା କରିବା ଅନାମର ଚୂଡ଼ାନ୍ତ ଲକ୍ଷ୍ୟ ବୋଲି ଡ. ମଲ୍ଲିକ କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ସାହିତ୍ୟ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି କହିଲେ, ଅନାମ କାବ୍ୟ ଆନ୍ଦୋଳନ ହେଉଛି ଏକ ନୂଆ ବାଟ ଚାଲିବା। ସାହିତ୍ୟରେ ସବୁବେଳେ ବାଟ ଚାଲୁ ଚାଲୁ ନୂଆ ବାଟଟିଏ ଫିଟିଯାଏ। ଅନାମ କେବଳ ପ୍ରତିବାଦ ନୁହେଁ, ଏହାଏକ ଅନ୍ୱେଷା ବୋଲି ସେ ମତ ରଖିଥିଲେ। ଅଧ୍ୟାପକ କ୍ଷୀରୋଦ ରାୟ ମହାପାତ୍ର ଅନାମ କାବ୍ୟ ଆନ୍ଦୋଳନ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ କବି ନେତ୍ରାନନ୍ଦ ସାମନ୍ତରାୟ, ମନୁଆ ଦାସ, ନିଖିଳେଶ ମିଶ୍ର, ମୌସୁମୀ ଦାସ ଏବଂ ମନୁ ଦାଶ ଅନାମ କବିତା ଆବୃତ୍ତି କରିଥିଲେ। ଧଉଳି ରିଭ୍ୟୁ ଟ୍ରଷ୍ଟ ଓ ଅନାମ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗାଳ୍ପିକ ପରେଶ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ଡ. ପ୍ରଦୀପ୍ତ କୁମାର ବାରିକ, ଗାଳ୍ପିକ ଭୀମ ପୃଷ୍ଟି, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ବିଭୂତି ପଣ୍ଡାଙ୍କ ସମେତ ବହୁ ସାହିତ୍ୟିକ ଯୋଗ ଦେଇଥିଲେ।

## ଭିଜିଲାନ୍ସ ଜାଲରେ ଚମ୍ପୁଆ ପ୍ରାଣୀ ଚିକିତ୍ସାଳୟ ବରିଷ୍ଠ କିରାଣି

**ଛୁଟି ମଞ୍ଜୁର ନିମନ୍ତେ ୧୦ ହଜାର ନେଉଥିଲେ**

**ଚମ୍ପୁଆ/ଯୋଡ଼ା/କେନ୍ଦୁଝର, ୨୭।୧ (ଡି.ଏନ୍.ଏ/ସ୍ୱ.ପ୍ର)**

୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାର ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟର ବରିଷ୍ଠ କିରାଣି ମହେନ୍ଦ୍ର ସେଠୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ନିଜ ବିଭାଗର ଜଣେ ଡାକ୍ତରଙ୍କ ଛୁଟି ମଞ୍ଜୁର ନିମନ୍ତେ ଲାଞ୍ଚ ନେଉଥିଲେ।

ସୂଚନାଯୋଗ୍ୟ, ଯୋଡ଼ା ପ୍ରାଣୀ ଚିକିତ୍ସାଳୟର ଡା. ସୁବାଶିଷ ମହାପାତ୍ର ୨୦୨୨ ଜାନୁୟାରୀ ୧୭ରୁ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ ବ୍ୟକ୍ତିଗତ ସମସ୍ୟା ପାଇଁ ଛୁଟିରେ ରହିଥିଲେ। ପରେ ସେ ୭୩ ଦିନର ଛୁଟି ଦରମା କରାଇଦେବାକୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ କିରାଣି ସେଠୀଙ୍କୁ କହିଥିଲେ। ମାତ୍ର ଦରମା ହୋଇପାରି ନ ଥିଲା। ବାରମ୍ବାର କହିବା ପରେ କିରାଣି ଜଣକ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ସୁବାଶିଷ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଚମ୍ପୁଆ ଏସ୍‌ଡିଭିଓ କାର୍ଯ୍ୟାଳୟରେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ସେ ରହୁଥିବା ଚମ୍ପୁଆସ୍ଥିତ କାର୍ଯ୍ୟାଳୟ ପରିସରରେ ଥିବା ରେଷ୍ଟ ଶେଡ୍, ଯାଜପୁର ଟାଉନ ମଟରାଙ୍ଗପାଳସ୍ଥିତ ନିଜସ୍ୱ ବାସଭବନ, ଘର୍ ପାଟ ନଈ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନୀ ନାୟକ ସୂଚନା ଦେଇଛନ୍ତି। କେସ୍ ନଂ.୨/୨୩ରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ହରେକୃଷ୍ଣ ମାଝି କହିଛନ୍ତି।



ମହେନ୍ଦ୍ର ସେଠୀ

## ଶାରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସାଲେପୁର,(ଡି.ଏନ୍.ଏ.): ଶାରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜ୍ୟୋତିରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ଏବିଡିଓ ଅଶୋକ କୁମାର ପତି, ନିରଞ୍ଜନ ଦାଶ ଓ ବିଆର୍‌ସିସି ବିଳାସିନୀ ବାହିନୀପତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସିଆରସିସି ଗୌରଚରଣ ଭୂୟାଁ, ଓଷଦ କ୍ଲଷ୍ଟର ସିଆରସିସି ସେକ୍ ଅଫଜଲ ହୁସେନ୍ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅଶୋକ ସାମଲ, ଗୋବିନ୍ଦ ଚନ୍ଦ୍ର କର, ଅନନ୍ତ କୁମାର ଦାଶ, ହିମାଳିନୀ ସ୍ୱାଇଁ, ମମତାରାଣୀ ସାମଲ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଆଜି କ'ଣ କେଉଁଠି

### କଟକ

- ସେଣ୍ଟର ଫର ଜୁଡିସିଆଲ ଆରଚିଭ୍ସ ଏବଂ ହାଇକୋର୍ଟ କର୍ମଚାରୀ ଆବାସିକ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ, ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର ନିକଟ, ସେକ୍ଟର-୧, ସିଡିଏ, ପୂର୍ବାହ୍ନ ୧୧ଟା ।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସହୀଦ ଭବନ, ଅପରାହ୍ନ ୫ଟା ।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଜାତୀୟ ବହୁଭାଷୀ ନାଟ୍ୟ, ନୃତ୍ୟ ଓ ସଂଗୀତ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟା, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ୧୨ ଲକ୍ଷର ଅଳଙ୍କାର ଲୁଟ୍

ନିଶ୍ଚିନ୍ତକୋଇଲି, ୨୭।୧(ସ୍ୱ.ପ୍ର)
କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରରେ ଥିବା ଏକ ଜୁଏଲର୍ସର ସଟର ଓ ତାଲା ଭାଙ୍ଗି ଲୁଟେରାମାନେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଛି। ଗୁରୁବାର ବିଳମ୍ବିତ ରାତିରେ ପ୍ରାୟ ୧୦ରୁ ୧୨ ଜଣ ଲୁଟେରା ସଟର କାଟି ଜୁଏଲେରି ଭିତରେ ପଶିଥିଲେ। ନଗଦ ୮୬ ହଜାର ଟଙ୍କା, ୧୨୦ଗ୍ରାମ ସୁନା ଅଳଙ୍କାର, ୧୦ କିଗ୍ରା ରୁପା ଅଳଙ୍କାର ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଜୁଏଲେରି ମାଲିକ ସତ୍ୟଜିତ ସାହୁ ଏ ନେଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ ନଂ ୧୭/୨୦୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।

### ସବୁଜ କବିଙ୍କୁ ଶ୍ରଦ୍ଧାଞ୍ଜଳି

ବଡ଼ମ୍ବା, ୨୭।୧(ଡି.ଏନ.ଏ.)
ସବୁଜ କବି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ପ୍ରାଣଯୋଗ ପ୍ରତିଷ୍ଠାନ ସାହିତ୍ୟ ସୃଜନ ବିଭାଗ ଆନୁକୂଲ୍ୟରେ ବଡ଼ମ୍ବାସ୍ଥିତ ଯଜ୍ଞ ମଣ୍ଡପରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ର ଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧାପକ ଶିବ ନାରାୟଣ ମିଶ୍ର, ମୁଖ୍ୟବକ୍ତା ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଅଧାପକ ରାମଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ସବୁଜ କବିଙ୍କ ସାହିତ୍ୟ ସୃଷ୍ଟି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବୋଧ କୁମାର ସାମଲ, ଜିତେନ୍ଦ୍ର ସାହୁ ,ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ରଶ୍ମି ରଞ୍ଜନ ରଥ ,ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ , ଜୀବନ ବୀମା ନିଗମ ଉପଦେଷ୍ଟା ବିଜୟ କୁମାର ମିଶ୍ର ,ରୋଜାଲିନ ରଥ , ଶିକ୍ଷୟିତ୍ରୀ ନୀହାରିକା ମିଶ୍ର ଓ ଶିକ୍ଷା ବିଭାଗ କର୍ମଚାରୀ ବିଭୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମବାୟବିତ୍ ବାଲୁଙ୍କେଶର ରାଉତ ଧନ୍ୟବାଦ ଦେଇଥିଲେ ।

### କାର୍ଯ୍ୟରେ ଅବହେଳା: ସାନିଟାରୀ ଏସ୍ଆଇ ନିଲମ୍ବିତ

କଟକ ଅଫିସ,୨୭।୧-
କାର୍ଯ୍ୟରେ ଅବହେଳା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି)ର ସାନିଟାରି ଇନ୍ସପେକ୍ଟର(ଏସ୍ଆଇ) ରୁଦ୍ର ନାରାୟଣ ମିଶ୍ରଙ୍କୁ ନିଲମ୍ବନ କରାଯାଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏସ୍ଆଇ ମିଶ୍ରଙ୍କୁ ନିଲମ୍ବିତ କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀ ଜିଲା ଚାରିଛକ ଅଞ୍ଚଳରେ ଥିବା ମିଶ୍ର ପ୍ରାୟ ୪ ବର୍ଷ ହେବା ସିଏମ୍‌ସିକୁ ଡେପୁଟେଶନରେ ଆସିଥିଲେ। ସେ ସିଏମ୍‌ସିର ୩୨, ୩୬, ୩୭, ୩୮ ଓ ୩୯ ୱାର୍ଡ ଦାୟିତ୍ୱରେ ଥିଲେ। ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ କିଛି ଦିନ ତଳେ ଉକ୍ତ ୱାର୍ଡ ପରିଦର୍ଶନ କରିବାବେଳେ ରାସ୍ତାରେ ଆବର୍ଜନା ଗଦା ହୋଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାହାକୁ ସଫା କରିବା ପାଇଁ ମିଶ୍ରଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ହେଲେ ମିଶ୍ର ବାସ୍ତବରେ ଅଳିଆ ସଫା ନ କରି କମିଶନରଙ୍କୁ ସଫା ହୋଇଛି ବୋଲି ସେ ମିଥ୍ୟା ସୂଚନା ଦେଇଥିଲେ। ୨ଦିନ ପରେ କମିଶନର ଉକ୍ତ ସ୍ଥାନ ପରିଦର୍ଶନ କରିବାବେଳେ ପୂର୍ବଭଳି ଆବର୍ଜନା ଗଦା ହୋଇଥିବା ଦେଖିଥିଲେ। ଏଥିପାଇଁ କମିଶନର ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ହେଲେ ସେ ଏହାର ଉତ୍ତର ଦେଇ ନ ଥିଲେ। ତେଣୁ ଏହି ଘଟଣାରେ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଶନର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ। ତଦନୁଯାୟୀ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମ୍ପୃକ୍ତ ଏସ୍ଆଇଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ।

# ୫ ଅଭିଯୁକ୍ତ ଜେଲ ଗଲେ

**ହକି ତାରକା ପ୍ରବୋଧ ତିର୍କୀଙ୍କ ଘରୁ ଚୋରି ଘଟଣା**

- ମେଡାଲ ସମେତ ଚୋରି ସାମଗ୍ରୀ ଜବତ
- ତାଲା ପଡ଼ିଥିବା ଘରକୁ ଟାର୍ଗେଟ୍ କରୁଥିଲେ

ଭୁବନେଶ୍ୱର,୨୭।୧(ବ୍ୟୁରୋ)



ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆଡ୍ ପ୍ରବୋଧ ତିର୍କୀଙ୍କ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ସରକାରୀ ବାସଭବନରୁ ଚୋରି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ଚିତ୍ତରଞ୍ଜନ ଦଳେଇ, ସୁକାନ୍ତ ନାୟକ, ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ମିଲୁ ବେହେରା, ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜି ଗଙ୍ଗା ଓ ରାଜା ମହାଲିକ୍। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୫ ପଦକ ସମେତ ୨ଟି ଟିଭି, ସୁନାଚେନ, ସୁନାମୁଦି, ଗୋଟିଏ କମ୍ପ୍ୟୁଟର ଓ ଏଥିରେ ବ୍ୟବହୃତ ଅଟୋ, ସ୍କୁଟି, ୧୦ଟି ଗ୍ୟାସ ସିଲିଣ୍ଡର ଆଦି ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ତେବେ ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ୨ରୁ ଅଧିକ ଫେରାର ଥିବା ଜଣାପଡ଼ିଛି। ପୋଲିସ ସେମାନଙ୍କୁ ଗିରଫ କରିବାକୁ ଅଧିକ ଖୋଳତାଡ଼ କରୁଛି।

ସୂଚନାଯୋଗ୍ୟ, ହକି ବିଶ୍ୱକପ୍ ପାଇଁ ପ୍ରବୋଧ ରାଉରକେଲାରେ ଥିବାବେଳେ ତାଙ୍କ ପରିବାର ଲୋକେ ମଧ୍ୟ କିଛିଦିନ ତଳେ ସୁନ୍ଦରଗଡ଼ସ୍ଥିତ ଗାଁକୁ ଚାଲିଯାଇଥିଲେ। ଜଣେ କେୟାରଟେକର୍ ତାଙ୍କ ଘରର ଦେଖାଶୁଣା କରୁଥିଲେ। ଶୁକ୍ରବାର ଅଭିଯୁକ୍ତମାନେ ତାଲା ଭାଙ୍ଗି ଘରେ ପଶି ଚୋରି କରିଥିଲେ। ଶନିବାର କେୟାରଟେକର ଜଣକ ଚୋରି ହୋଇଥିବା ଦେଖି ପ୍ରବୋଧଙ୍କୁ ଜଣାଇଥିଲେ। ଏନେଇ ପ୍ରବୋଧଙ୍କ ସମ୍ପର୍କୀୟ ଜନ ଏକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ନମୁନା ସଂଗ୍ରହ କରିଥିଲା। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ବିଭିନ୍ନ ବସ୍ତିରେ ଚଢ଼ାଉ କରାଯାଇଥିଲା। ତେବେ ଦୀର୍ଘଦିନ ପର୍ଯ୍ୟନ୍ତ ତାଲା ପଡୁଥିବା ଘରକୁ ଅଭିଯୁକ୍ତମାନେ ଟାର୍ଗେଟ କରି ଚୋରି କରିଥାନ୍ତି ବୋଲି ଜୋନ୍ ଏସିପି ମାନସ ଗଡ଼ନାୟକ କହିଛନ୍ତି।

## କାଞ୍ଚି କାବେରୀ ବେଶରେ ଦାଧିବାମନ ଜୀଉ



ନିଶ୍ଚିନ୍ତକୋଇଲି, ୨୭।୧(ସ୍ୱ.ପ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରର ପ୍ରସିଦ୍ଧ କୋଇଲୋର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ବସନ୍ତ ପଞ୍ଚମୀ ଉପଲକ୍ଷେ କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇଯାଇଛି। ଏହି ବେଶ ମହାପ୍ରଭୁଙ୍କ ଏକ ଅନନ୍ୟ ବେଶ। ସେହିପରି ସନ୍ଧ୍ୟାରେ ଜଗତ ଜନନୀ ମା' ଲକ୍ଷ୍ମୀ ଠାକୁରାଣୀ ପ୍ରଭୁ ଶ୍ରୀମଦନ ମୋହନ ଦଧିବାମନ ଜୀଉ ମନ୍ଦିରରୁ ସୁସଜ୍ଜିତ ବିମାନରେ ପ୍ରଥମ ଫଗୁ ଖେଳିବା ନିମନ୍ତେ ଘଣ୍ଟଘଣ୍ଟା କାହାଳି ବଜାଇ ମହାପଟୁଆରରେ ବସନ୍ତ ବଗିଚାକୁ ଆସିଥାନ୍ତି। ସେଠାରେ ପ୍ରଭୁ ଶ୍ରୀମଦନ ମୋହନ ଓ ମା' ଲକ୍ଷ୍ମୀଙ୍କ ନିକଟରେ ନୀତିକାନ୍ତି ଅନୁଯାୟୀ ଆଳତୀ ହେବା ପରେ ପ୍ରଭୁଙ୍କ ନିକଟରେ ଫଗୁ ଲାଗିଥିଲା। ସେହିପରି ଜିମ୍ପୁର ପଞ୍ଚାୟତରେ ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ମଧ୍ୟ କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇଯାଇଛି।

## କିରଣ ସ୍ମାରକୀ କପ୍ କ୍ରିକେଟ: ଜାକୋବିନ କ୍ଲବ ଚାମ୍ପିୟନ




ଚାମ୍ପିୟନ ଟ୍ରଫି ସହ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଟିଗିରିଆ, ୨୭।୧(ଡି.ଏନ.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡା ସ୍ଥିତ ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କିରଣ ସ୍ମାରକୀ କପ୍‌ର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧାକୁ ୭ ଉଇକେଟ୍‌ରେ ପରାସ୍ତ କରି ଜାକୋବିନ କ୍ଲବ ଚୌଦ୍ୱାର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। କଳିଙ୍ଗ ଟାଇଗର୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ୍ ହରାଇ ୨୨୮ ରନ ସଂଗ୍ରହ କରିଥିଲା। ଜବାବରେ ଜାକୋବିନ ଟିମ୍ ୧୭.୪ ଓଭରରେ ୩ ଉଇକେଟ୍ ହରାଇ ୨୩୦ କରି ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସନାତନ ପଣ୍ଡା, ସମ୍ମାନିତ ଅତିଥିଭାବେ ଲକ୍ଷ୍ମୀଧର ସାମନ୍ତରାୟ, ମକରଧ୍ୱଜ ପଣ୍ଡା, ତ୍ରିଲିପି ସାମନ୍ତରାୟ, ବିକାଶ ପ୍ରଧାନ, ସୁବାସ ରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟୁର୍ନାମେଣ୍ଟର ଓ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ସ୍କୋରର୍ ଭାବେ ଜାକୋବିନ ଦଳର ପ୍ରଦୀପ ରାଉତ ଓ ଶ୍ରେଷ୍ଠ ବୋଲର ଭାବେ କଳିଙ୍ଗ ଦଳର ସ୍ୱାଧୀନ ପାଇକରାୟଙ୍କୁ ପୁରସ୍କୃତ କରାଯାଇଥିଲା। ଜାକୋବିନ କ୍ଲବକୁ ଚାମ୍ପିୟନ ଟ୍ରଫି ସହ ୨୦ ହଜାର ଟଙ୍କା ଓ କଳିଙ୍ଗ ଟାଇଗର୍ସ ଦଳକୁ ରନର୍ସ ଅପ୍ ଟ୍ରଫି ସହ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟର ସଲିପ ସାମନ୍ତରାୟ ଓ ସୁବାସ ଚନ୍ଦ୍ର ରଣା ପରିଚାଳନା କରିଥିଲେ।

## ଆରମ୍ଭ ହେଲା 'ନିଧି ଆପ୍‌କେ ନିକଟ-୨.୦'

ଭୁବନେଶ୍ୱର, ୨୭।୧ (ବ୍ୟୁରୋ)

କର୍ମଚାରୀ ଭବିଷ୍ୟନିଧି ସଂଗଠନ ଦ୍ୱାରା 'ନିଧି ଆପ୍‌କେ ନିକଟ-୨.୦' ନାମରେ ଏକ ଅଭିନବ ଜନ ସଚେତନତା ତଥା ଅଭିଯୋଗ ସମାଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ସମସ୍ତ ଜିଲା/ ତାଲୁକ ମୁଖ୍ୟାଳୟରେ ପ୍ରତିମାସ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ନିର୍ଦ୍ଦେଶ ରହିଛି। ଭବିଷ୍ୟନିଧି ସଂଗଠନ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡ଼ିକୁ ଅଧିକ କ୍ରିୟାଶୀଳ ଏବଂ ଲୋକାଭିମୁଖୀ କରିବା ତଥା ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ସମାଧାନ ହେଉଛି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି କ୍ରମରେ ଖୋର୍ଦ୍ଧା ଜିଲା ପାଇଁ ନିଯୁକ୍ତ ନୋଡାଲ ତଥା ଏନ୍‌ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଉତ୍କଳ ଅଡିଟୋରିୟମ୍‌ଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ହିତାଧିକାରୀ ଯୋଗଦେଇ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ତଥା ଅଭିଯୋଗଗୁଡ଼ିକର ସମାଧାନ କରାଇଥିଲେ। ଜିଲାର ନିଯୁକ୍ତିଦାତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସିଟୁ ରାଜ୍ୟ ଉପସଭାପତି ସତ୍ୟାନନ୍ଦ ବେହେରା, ରାଜ୍ୟ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଲେଖା ଅଧିକାରୀ ପ୍ରଶାନ୍ତ କୁମାର, ଡିଇଓ ଦେବେନ୍ଦ୍ର ସେନାପତି, ଏସ୍‌ଏସ୍‌ଏସ୍‌ଏ ବିଜୟ କୁମାର ଷଡଙ୍ଗୀ ଓ ଏସ୍‌ଏସ୍‌ଏସ୍‌ଏ କନକ ମଞ୍ଜରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଖୁ ବୋଝେଇ ଟ୍ରକ ଓଲଟିଲା

ଚୌଦ୍ୱାର, ୨୭।୧(ଡି.ଏନ୍.ଏ.)

୫୫ନଂ. ଜାତୀୟ ରାଜପଥରେ ଶୁକ୍ରବାର ସକାଳେ ଏକ ଆଖୁ ବୋଝେଇ ଟ୍ରକ୍ ଓଲଟି ପଡିଛି। ଏଥିରେ କାହାରି କ୍ଷତି ହୋଇନାହିଁ। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ଚୌଦ୍ୱାର ଥାନା ସମ୍ମୁଖରେ ରାସ୍ତା ଖୋଳାଯାଇ ପଡିରହିଛି। ଫଳରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ତୁରନ୍ତ ରାସ୍ତା କାମ ଶେଷ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ୩ ଜଣଙ୍କୁ ସୁରେନ୍ଦ୍ର ମହାନ୍ତି ଜନ୍ମଶତବାର୍ଷିକୀ ଶିଖର ସମ୍ମାନ

**ପୁନର୍ନବା ସାହିତ୍ୟ ସଂସଦର ୪୨ତମ ଜନ୍ମୋତ୍ସବ**

କଟକ ଅଫିସ, ୨୭।୧

ପୁନର୍ନବା ସାହିତ୍ୟ ସଂସଦର ୪୨ତମ, ବସୁଧୈବ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ୩୫ତମ ଓ ସୁରେନ୍ଦ୍ର ଗବେଷଣା ଅକାଦେମିର ୧୪ତମ ଜନ୍ମୋତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି ଜନ୍ମଶତବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବେ କଥାଶିଳ୍ପୀ ଡ. ବିଭୂତି ପଟ୍ଟନାୟକ ଓ ସମୀକ୍ଷକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ସୁରେନ୍ଦ୍ର ସାହିତ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଏମ୍‌ପି ମହତାବ, ଡ. ପଟ୍ଟନାୟକ ଓ ପ୍ରଫେସର ସାମଲଙ୍କୁ 'ସୁରେନ୍ଦ୍ର ମହାନ୍ତି ଜନ୍ମଶତବାର୍ଷିକୀ ଶିଖର ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ଡ. କାର୍ତ୍ତିକେଶ୍ୱର ସାହୁଙ୍କୁ ପୁନର୍ନବା ହରେକୃଷ୍ଣ ପ୍ରବୃଦ୍ଧ ପ୍ରତିଭା ସମ୍ମାନ, ନିର୍ମଳାବାଳା ମିଶ୍ରଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ଅକ୍ଷୟ ବେହେରାଙ୍କୁ 'କବିତା', ସୀତେଶ ତ୍ରିପାଠୀଙ୍କୁ 'ଗଳ୍ପ', ଇଂ. ଅଜୟ ମହାପାତ୍ରଙ୍କୁ 'ଉପନ୍ୟାସ', ଡ. ଦିଗମ୍ବର ଗିରିଙ୍କୁ 'ପ୍ରବନ୍ଧ', ଡ. ପଦ୍ମକାନ୍ତ ଧଳଙ୍କୁ 'ବିବିଧ ସୃଜନୀ', ମୃତ୍ୟୁଞ୍ଜୟ ସାମଲଙ୍କୁ 'ବେତାର ପ୍ରଯୋଜନା', ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନଙ୍କୁ 'ସର୍ଜନା ଅନୁସର୍ଜନା', ଅଧ୍ୟାପକ କମଳ ମାହୁନ୍ତଙ୍କୁ 'ସାରସ୍ୱତ ସଙ୍ଗଠନ' ଓ ଗାୟକ ଯଜ୍ଞ ଦାଶଙ୍କୁ 'ସଙ୍ଗୀତ' ସମ୍ମାନ ସହିତ ଡ. ରାମଚନ୍ଦ୍ର ମହାପାତ୍ର, ଡ. ନୀଳମଣି ଲେଙ୍କା ଓ ଡ. ଲକ୍ଷ୍ମଣ କୁମାର ଦାଶଙ୍କୁ 'ବସୁଧୈବ ଅଧ୍ୟାପନା-ଗବେଷଣା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଡ. ପ୍ରକାଶ ପରିଡ଼ା ସ୍ୱାଗତ ଭାଷଣ, ସହ ସମ୍ପାଦକ ଦିଲୀପ କୁମାର ବେଉରା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଡା. ସ୍ନିଗ୍ଧାସୁଚରିତା, ଅଧ୍ୟାପିକା ସ୍ୱାତୀସୁଚରିତା ଓ ବିଦ୍ୟାବିଜୟିନୀ ବେଉରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉପ ସଭାପତି ପ୍ରମୋଦ ପ୍ରତାପ ଧନ୍ୟବାଦ ଦେଇଥିଲେ।

# ୨ ଆମ୍ବୁଲାନ୍ସ, ସ୍ୱର୍ଗରଥ ଲୋକାର୍ପିତ

**ମଶାମରା ପାଇଁ ଆହୁରି ୧୪ ଟିଫା ମେଶିନ୍**

କଟକ ଅଫିସ, ୨୭।୧




ଅତିଥିମାନେ ସ୍ୱର୍ଗରଥ ଲୋକାର୍ପିତ କରୁଛନ୍ତି।

ସହରରେ ଜନସାଧାରଣଙ୍କୁ ତ୍ୱରିତ୍ ସେବା ଯୋଗାଇ ଦେବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଦୁଇଟି ଆମ୍ବୁଲାନ୍ସ, ସ୍ୱର୍ଗରଥ, କୁକୁର ଧରା ଗାଡ଼ି ସହ ମଶାମରା ଅଭିଯାନ ନିମନ୍ତେ ୧୪ଟି ଟିଫା ମେଶିନ ଲୋକାର୍ପିତ ହୋଇଛି। ଗୁରୁବାର ସିଏମ୍‌ସି ବିଜୁଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ ଏହାକୁ ଲୋକାର୍ପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡେପୁଟି କମିଶନର ସଞ୍ଜିବୀତା ରାୟ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦିପ୍ତୀମୟୀ ମୁଳିଆଙ୍କ ସମେତ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମେୟର ସିଂ କହିଛନ୍ତି, ସହରରେ ମଶା ଓ କୁକୁରଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ମୁକାବିଲା କରିବା ପାଇଁ ଏହି ପଦକ୍ଷେପ ସହାୟକ ହେବ।

## ସାହେଶ୍ୱରୀ ପଡ଼ିଆକୁ ଅବରୋଧ କରା ନ ଯାଉ

**ଜିଲାପାଳଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ**

ସାଲେପୁର,୨୭।୧(ଡି.ଏନ୍.ଏ.)

ସାଲେପୁର ସହରର ଏକମାତ୍ର ଖୋଲା ଜାଗା ସାହେଶ୍ୱରୀ ପଡ଼ିଆକୁ ଅବରୋଧ କରାନଯିବା ପାଇଁ କଟକ ଜିଲା ଭାଜପା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଜିଲାପାଳଙ୍କ ଠାରେ ଲିଖିତ ଭାବେ ଜଣାଇଛନ୍ତି। ପ୍ରକାଶ ଯେ, ଏବେ ସାଲେପୁର ସାହେଶ୍ୱରୀ ପଡ଼ିଆର ଏକ ପାର୍ଶ୍ୱରେ ପ୍ରାଚୀର ନିର୍ମାଣ ଆରମ୍ଭ ହୋଇଛି। ଏହି ସ୍ଥାନରେ ବିଭିନ୍ନ ସମୟରେ ସାମାଜିକ, ରାଜନୈତିକ, ସାଂସ୍କୃତିକ ଏବଂ ଶିକ୍ଷାନୁଷ୍ଠାନର ବିଭିନ୍ନ କାର୍ଯ୍ୟ, ଖେଳକୁଦ ଆଦି କରାଯାଇଥାଏ। କିନ୍ତୁ ଏବେ ଏହି ପଡ଼ିଆର ଚତୁଃପାର୍ଶ୍ୱକୁ ପ୍ରାଚୀର ନିର୍ମାଣ କରି ଅବରୋଧ କରାଯିବା ପାଇଁ ଯୋଜନା କରାଯାଉଛି। ଫଳରେ ଅନ୍ୟ କାର୍ଯ୍ୟ ସମ୍ପାଦନ ହେବା କଷ୍ଟସାଧ୍ୟ ହେବ। ତେଣୁ ଏହି ସ୍ଥାନରେ ପ୍ରାଚୀର ନିର୍ମାଣ କରା ନ ଯିବା ପାଇଁ ପୂର୍ବତନ ବିଧାୟକ ବେହେରା ଜିଲାପାଳ, ଏସ୍‌ପି, ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## 'ଚାଳକ ବିନା ଦେଶର ବିକାଶ ଅସମ୍ଭବ'



ବୈଠକରେ ଯୋଗଦେଇଥିବା ଡ୍ରାଇଭର ମହାସଂଘର ସଦସ୍ୟମାନେ।

ମାହାଙ୍ଗା,୨୭।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଠପଦାଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ମାହାଙ୍ଗା ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ଅରୁଣ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥିଭାବେ ସଂଘ ସଭାପତି କମଳାକାନ୍ତ ରାଉଳ, ସମ୍ପାଦକ ଶରତ କୁମାର ଜେନା, ସହ ସମ୍ପାଦକ ମନୋରଞ୍ଜନ ନାଥ, ଉପଦେଷ୍ଟା ବସନ୍ତ ଜେନା, ବ୍ଲକ ଆଡମିନ୍ ଧନେଶ୍ୱର ଜେନା, ଅଧ୍ୟକ୍ଷ ପ୍ରକାଶ କୁମାର ସିହ୍ନା, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ବେହେରା, ମହାଗୁରୁ ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ଡ୍ରାଇଭରମାନେ ହେଉଛନ୍ତି ଏ ଦେଶର ଜଣେ ଜଣେ ସୈନିକ । ସେମାନଙ୍କ ବିନା ଦେଶର ବିକାଶ ଅସମ୍ଭବ ବୋଲି କହିଥିଲେ। ମାତ୍ର ସରକାର ସେମାନଙ୍କ ପ୍ରତି ଅନ୍ୟାୟ କରୁଛନ୍ତି । ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଅତିଥିମାନେ ମତପୋଷଣ କରିଥିଲେ । ଗୌରାଙ୍ଗ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦୀପକ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପ୍ରସାଦ ଜେନା, ଅକ୍ଷୟ ଜେନା, ରତିକାନ୍ତ ପରିଡା, ସୁବ୍ରତ ବାରିକ, ଜଗବନ୍ଧୁ ଜେନା, ରତିକାନ୍ତ ପରିଡା, ଚିତ୍ତରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଣ୍ଡି ଓ କୁହୁଣ୍ଡା ପଞ୍ଚାୟତର ବହୁ ଡ୍ରାଇଭର ଉପସ୍ଥିତ ଥିଲେ।

# ୩ ମେଶିନ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ

**ଦାରୁଠେଙ୍ଗ ଡମ୍ପିଂୟାର୍ଡ ବିବାଦ**

- ବାୟୋମାଇନିଂ ପ୍ଲାଣ୍ଟ ଲାଗି ଆସିଥିଲା
- ବିନା ଆଲୋଚନାରେ ପ୍ଲାଣ୍ଟ ନିର୍ମାଣ ବ୍ୟବସ୍ଥା

ବାରଙ୍ଗ,୨୭।୧(ଡି.ଏନ୍.ଏ.)



ଦାରୁଠେଙ୍ଗ ଡମ୍ପିୟାର୍ଡକୁ ନେଇ ପୁଣି ବିବାଦ ଦେଖାଦେଇଛି। ଗୁରୁବାର ଭୋରୁ ବିଏମ୍‌ସି ପକ୍ଷରୁ ଭୁଆସୁଣୀ ଡମ୍ପିଂୟାର୍ଡରେ ବାୟୋମାଇନିଂ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ୫ଟି ଗାଡ଼ିରେ ମେଶିନ ଆଣି ରଖାଯାଇଥିଲା। ତେବେ ପ୍ଲାଣ୍ଟ ନିର୍ମାଣ ଉପରେ ବିନା ଆଲୋଚନାରେ ମେଶିନ ଗାଡ଼ି ଆସିଥିବା ଜାଣି ଦାରୁଠେଙ୍ଗ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଦାରୁଠେଙ୍ଗ ଗ୍ରାମବାସୀ ଚନ୍ଦକା- ପିତାପଲ୍ଲୀ ରାସ୍ତାକୁ ଅବରୋଧ କରିଥିଲେ। ପରେ ବିଧାୟକ, ପ୍ରଶାସନିକ ଅଧିକାରୀ, ପୋଲିସ ଆସି ଗ୍ରାମବାସୀଙ୍କୁ ବୁଝାଶୁଝା କରିବାରୁ ରାସ୍ତାରୁ ଉଠିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାସନ ସହ ପୂର୍ବରୁ ହୋଇଥିବା ନିଷ୍ପତ୍ତି ମୁତାବକ ପ୍ରଥମେ ଏଠାରେ ଅଳିଆ ପଡ଼ିବା ବନ୍ଦ ହେବା ପରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ବାୟୋମାଇନିଂ ପ୍ଲାଣ୍ଟ ନିର୍ମାଣର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏବେ ବି ଅଳିଆ ପଡୁଥିବାବେଳେ ବିଏମ୍‌ସି ପକ୍ଷରୁ କୌଣସି ଆଲୋଚନା ନ କରି ପ୍ଲାଣ୍ଟ ପାଇଁ ମେଶିନ ଅଣାଯାଇଥିଲା। ବିଏମ୍‌ସିର ଏହି କାର୍ଯ୍ୟକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ଉତ୍ତ୍ୟକ୍ତ ଗ୍ରାମବାସୀ ମେଶିନ ନେଇ ଆସିଥିବା ୩ଟି ଗାଡିକୁ ଅଟକ ରଖିବା ସହ ଦାରୁଠେଙ୍ଗ ଗାଁମୁଣ୍ଡରେ ଚନ୍ଦକା-ପିତାପଲ୍ଲୀ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ଚନ୍ଦକା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବାପରେ ମଧ୍ୟ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିବା ସହ ବିଏମ୍‌ସିର କର୍ମକର୍ତ୍ତା ଏଠାକୁ ଆସି ଆଲୋଚନା କରିବାକୁ ଦାବି କରିଥିଲେ। ରାସ୍ତା ଅବରୋଧ କରିବାରୁ ଉଭୟ ପାର୍ଶ୍ୱରୁ ଗାଡ଼ିମୋଟର ଅଟକି ରହିଥିଲା। ସନ୍ଧ୍ୟାରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ପାଖରେ ପହଞ୍ଚି ବିଏମ୍‌ସିର ପଦାଧିକାରୀଙ୍କ ସହ ଆଲୋଚନା କରି ପରବର୍ତ୍ତୀ ଆଦେଶ ନ ମିଳିବା ପର୍ଯ୍ୟନ୍ତ ବାୟୋମାଇନିଂ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ବନ୍ଦ ରହିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ଗ୍ରାମବାସୀ ଉଠିଥିଲେ।

## ସଂକ୍ଷେପରେ

### ବାଇକ୍ ଚାଳକ ମୃତ, ସ୍କୁଲ ଛାତ୍ର ଆହତ

**ଲିଙ୍ଗିପୁର ବାଇପାସ୍‌ରେ ସିରିଜ୍ ଦୁର୍ଘଟଣା**

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବାଇପାସ୍ ନିକଟରେ ବୁଧବାର ସକାଳେ ଏକ ସିରିଜ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ବାଇକକୁ ପଛ ପଟୁ ଜୋରରେ ଧକ୍କା ଦେଇ ପଳାଇଥିଲା। ଫଳରେ ବାଇକ୍ ଚାଳକ ଜଣକ ଭାରସାମ୍ୟ ହରାଇ ସାଇକେଲରେ ଯାଉଥିବା ଜଣେ ସ୍କୁଲ ଛାତ୍ରଙ୍କ ସହ ଧକ୍କା ହୋଇ ଛିଟିକି ପଡିଥିଲେ। ଫଳରେ ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଛାତ୍ର ଜଣକ ଆହତ ହୋଇଛନ୍ତି। ମୃତ ବାଇକ ଚାଳକ ହେଲେ ପୁରୀ ଜିଲା ବଳଙ୍ଗା ଅଞ୍ଚଳର ସନ୍ତୋଷ ପଣ୍ଡା। ସେହିପରି ଆହତ ଛାତ୍ର ହେଲେ ଜେମାଦେଈ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଶୁଭମ ନାୟକ। ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଧଉଳି ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଅନୁସାରେ, ମୃତ ଯୁବକ ଜଣକ ହାଇକୋର୍ଟରେ ଚାକିରୀ କରୁଥିବାବେଳେ ଘରୁ ବାଇକ ଯୋଗେ ଲିଙ୍ଗିପୁର ନିକଟ ଜାତୀୟ ରାଜପଥ ଦେଇ ଯାଉଥିଲେ। ସକାଳ ୯ରୁ ସାଢେ ୯ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ସ୍ଥାନୀୟ ଲୋକେ ଧରିବା ଲାଗି ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏନେଇ ସେମାନେ ଲୋକେ ଧଉଳି ଥାନାରେ ଫୋନ କରି ଘଟଣା ବିଷୟରେ ଜଣାଇଥିଲେ।

### ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜଙ୍ଗଲରୁ ଜବତ

**କୋଣାର୍କ,୨୭।୧(ଡି.ଏନ୍.ଏ.):** କୋଣାର୍କ ନିକଟସ୍ଥ ଥାନା ପଛପଟ ମହାବୀର ମନ୍ଦିର ସନ୍ନିକଟ ଜଙ୍ଗଲରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ କୋଣାର୍କ ଥାନା ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ସିମିଳି ପଞ୍ଚାୟତ ପାଇକରାପୁର ଗ୍ରାମର ବାନାମ୍ବର ପାତ୍ର (୭୦)। ଏ ନେଇ ପୋଲିସ ନଂ. ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାରଠାରୁ ବାନାମ୍ବର ଘରୁ ଆସି ଆଉ ଫେରି ନ ଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ବାନାମ୍ବର ନିଖୋଜ ଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ ଖୋଜାଖୋଜି କରୁଥିଲା। ତେବେ ଶୁକ୍ରବାର ପୂର୍ବାହ୍ନରେ କୋଣାର୍କ ରାଣୀହାଟ ସାହିର କେତେଜଣ ବ୍ୟକ୍ତି ଜଙ୍ଗଲକୁ କାଠ ପାଇଁ ଯାଇଥିବା ବେଳେ ଏକ ଗଛରେ ଜଣେ ବ୍ୟକ୍ତି ଝୁଲୁଥିବା ଦେଖି ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ବ୍ୟକ୍ତି ନିଖୋଜ ବାନାମ୍ବର ବୋଲି ଚିହ୍ନଟ କରିଥିଲେ। ଏ ନେଇ ପରିବାର ସଦସ୍ୟଙ୍କୁ ପୋଲିସ ଖବର ଦେବା ସହ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଯାଞ୍ଚ କରିଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ,୩ ଗିରଫ

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଟଙ୍କା କାରବାରକୁ ନେଇ ତ୍ରିଲୋଚନ ସାହୁ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ନୟାପଲ୍ଲୀ ପୋଲିସ ୩ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଗଞ୍ଜାମ ଜିଲାର ପ୍ରଭାତ ନାୟକ, ଭଦ୍ରକର ଚନ୍ଦନ ଓଝା ଓ କନ୍ଧମାଳର ଯଶୁଆ ଦିଗସ ଓରଫ ଭୀମ। ପୋଲିସ କେଶ୍ ନଂ ୩୩/୨୩ ରୁଜୁ କରି ସଂପୃକ୍ତ ୩ ଯୁବକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି ।

### ପାଚେରି ଭାଙ୍ଗି ଜଣେ ଗିରଫ

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଜମିବାଡିକୁ କେନ୍ଦ୍ରକରି ଜେସିବି ମେଶିନ୍ ଲଗାଇ ଜଣଙ୍କ ପାଚେରି ଓ ଗେଟ୍ ଭାଙ୍ଗିବା ସହ ଧମକଚମକ ଦେବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଜଣକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯଦୁପୁର ବେଗୁନିଆର ଏସ୍.କେ ନୈମ। ଏହାସହ ବ୍ୟବହୃତ ଜେସିବିକୁ ପୋଲିସ ଜବତ କରିଛି । ସୂଚନା ଅନୁସାରେ, ଗତ ୭ ତାରିଖ ରାତିରେ ଯଦୁପୁରର ମରିୟମ ବିବି ଏବଂ ତାଙ୍କ ପରିବାର ସଦସ୍ୟ ଘରେ ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ନୈମ ତାଙ୍କର କେତେଜଣ ସହଯୋଗୀଙ୍କୁ ଧରି ଏକ ଜେସିବି ମେସିନ ସହାୟତାରେ ତାଙ୍କ ଘରର ଗେଟ୍ ଏବଂ ପାଚେରି ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଶବ୍ଦ ଶୁଣି ମରିୟମ ଏବଂ ତାଙ୍କ ପରିବାର ନିଦରୁ ଉଠି ଏହାକୁ ବିରୋଧ କରିଥିଲେ। ତେବେ ନୈମ ଓ ତାଙ୍କ ସହଯୋଗୀମାନେ ଗାଳିମନ୍ଦ କରିବା ସହିତ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲେ। ଏ ନେଇ ମରିୟମ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ୫ ଅଭିଯୁକ୍ତ ଗିରଫ, ଜେଲ ଗଲେ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**




**ହକି ତାରକା ପ୍ରବୋଧ ତିର୍କୀଙ୍କ ଘରୁ ଚୋରି ଘଟଣା**

- ମେଡାଲ ସମେତ ଚୋରି ସାମଗ୍ରୀ ଜବତ
- ତାଲା ପଡ଼ିଥିବା ଘରକୁ ଟାର୍ଗେଟ୍ କରୁଥିଲେ

ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆଡ୍ ପ୍ରବୋଧ ତିର୍କୀଙ୍କ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ସରକାରୀ ବାସଭବନରୁ ଚୋରି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ଚିତ୍ତରଞ୍ଜନ ଦଳେଇ, ସୁକାନ୍ତ ନାୟକ, ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ମିଲୁ ବେହେରା, ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜି ଗଙ୍ଗା ଓ ରାଜା ମହାଲିକ୍। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୫ ପଦକ ସମେତ ୨ଟି ଟିଭି, ସୁନାଚେନ, ସୁନାମୁଦି, ଗୋଟିଏ କମ୍ପ୍ୟୁଟର ଓ ଏଥିରେ ବ୍ୟବହୃତ ଅଟୋ, ସ୍କୁଟି, ୧୦ଟି ଗ୍ୟାସ ସିଲିଣ୍ଡର ଆଦି ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ତେବେ ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ୨ରୁ ଅଧିକ ଫେରାର ଥିବା ଜଣାପଡ଼ିଛି। ପୋଲିସ ସେମାନଙ୍କୁ ଗିରଫ କରିବାକୁ ଅଧିକ ଖୋଳତାଡ଼ କରୁଛି। ସୂଚନାଯୋଗ୍ୟ, ହକି ବିଶ୍ୱକପ୍ ପାଇଁ ପ୍ରବୋଧ ରାଉରକେଲାରେ ଥିବାବେଳେ ତାଙ୍କ ପରିବାର ଲୋକେ ମଧ୍ୟ କିଛିଦିନ ତଳେ ସୁନ୍ଦରଗଡ଼ସ୍ଥିତ ଗାଁକୁ ଚାଲିଯାଇଥିଲେ। ଜଣେ କେୟାରଟେକର୍ ତାଙ୍କ ଘରର ଦେଖାଶୁଣା କରୁଥିଲେ। ଶୁକ୍ରବାର ଅଭିଯୁକ୍ତମାନେ ତାଲା ଭାଙ୍ଗି ଘରେ ପଶି ଚୋରି କରିଥିଲେ। ଶନିବାର କେୟାର ଟେକର ଜଣକ ଚୋରି ହୋଇଥିବା ଦେଖି ପ୍ରବୋଧଙ୍କୁ ଜଣାଇଥିଲେ। ଏନେଇ ପ୍ରବୋଧଙ୍କ ସମ୍ପର୍କୀୟ ଜନ ଏକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ନମୁନା ସଂଗ୍ରହ କରିଥିଲା। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ବିଭିନ୍ନ ବସ୍ତିରେ ଚଢ଼ାଉ କରାଯାଇଥିଲା। ତେବେ ଦୀର୍ଘଦିନ ପର୍ଯ୍ୟନ୍ତ ତାଲା ପଡୁଥିବା ଘରକୁ ଅଭିଯୁକ୍ତମାନେ ଟାର୍ଗେଟ କରି ଚୋରି କରିଥାନ୍ତି ବୋଲି ଜୋନ୍ ଏସିପି ମାନସ ଗଡ଼ନାୟକ କହିଛନ୍ତି।

# ଆରମ୍ଭ ହେଲା 'ନିଧି ଆପ୍‌କେ ନିକଟ-୨.୦'




**ଭୁବନେଶ୍ୱର, ୨୭।୧ (ବ୍ୟୁରୋ)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ ଦ୍ୱାରା 'ନିଧି ଆପ୍‌କେ ନିକଟ-୨.୦' ନାମରେ ଏକ ଅଭିନବ ଜନ ସଚେତନତା ତଥା ଅଭିଯୋଗ ସମାଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ସମସ୍ତ ଜିଲା/ ତାଲୁକ ମୁଖ୍ୟାଳୟରେ ପ୍ରତିମାସ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ନିର୍ଦ୍ଦେଶ ରହିଛି। ଭବିଷ୍ୟନିଧି ସଂଗଠନ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡିକୁ ଅଧିକ କ୍ରିୟାଶୀଳ ଏବଂ ଲୋକାଭିମୁଖୀ କରିବା ତଥା ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ସମାଧାନ ହେଉଛି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି କ୍ରମରେ ଖୋର୍ଦ୍ଧା ଜିଲା ପାଇଁ ନିଯୁକ୍ତ ନୋଡାଲ ତଥା ଏନ୍‌ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଇଉ୍‌କଲ ଅଡିଟୋରିୟମ୍‌ଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ହିତାଧିକାରୀ ଯୋଗଦେଇ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ତଥା ଅଭିଯୋଗଗୁଡିକର ସମାଧାନ କରାଇଥିଲେ। ଜିଲାର ନିଯୁକ୍ତିଦାତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସିଟୁ ରାଜ୍ୟ ଉପସଭାପତି ସତ୍ୟାନନ୍ଦ ବେହେରା, ରାଜ୍ୟ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଲେଖା ଅଧିକାରୀ ପ୍ରଶାନ୍ତ କୁମାର, ଡିଇଓ ଦେବେନ୍ଦ୍ର ସେନାପତି, ଏସ୍‌ଏସ୍‌ଏସ୍‌ଏ ବିଜୟ କୁମାର ଷଡଙ୍ଗୀ ଓ ଏସ୍‌ଏସ୍‌ଏସ୍‌ଏ କନକ ମଞ୍ଜରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୀର୍ଥଯାତ୍ରାରେ ଖୋର୍ଦ୍ଧାରୁ ଗଲେ ୧୯୩




**ଖୋର୍ଦ୍ଧା ଅଫିସ,୨୭।୧**

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଯୋଜନା। ପୂର୍ବରୁ ତୀର୍ଥଯାତ୍ରା ପାଇଁ ଆବେଦନ କରିଥିବା ୧୯୩ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବସରେ ଭୁବନେଶ୍ୱର ପଠାଇଥିଲେ। ସେଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସ୍ୱତନ୍ତ୍ର ଟ୍ରେନ ଯୋଗେ ଆଲ୍ଲାହବାଦ ବାରଣାସୀ, ପ୍ରୟାଗ ଆଦି ତୀର୍ଥକ୍ଷେତ୍ର ଭ୍ରମଣ କରିବେ। ଏନେଇ ଜିଲା ସଂସ୍କୃତି ଭବନ ଠାରେ ଜିଲାର ୧୯୩ ଜଣ ବରିଷ୍ଠ ନାଗରିକ ଏକାଠି ହେବା ପରେ ସେଠାରେ ସେମାନଙ୍କ ନାମ ପଞ୍ଜୀକରଣ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ ଜିଲାପାଳ ଦୀପ୍ତିରଞ୍ଜନ ସେଠି, ଜିଲା ପର୍ଯ୍ୟଟନ ଅଧିକାରୀ ମିରାବାଇ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ନଡ଼ିଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବରିଷ୍ଠଙ୍କୁ ଭ୍ରମଣ ସମୟରେ ଯତ୍ନ ନେବା ପାଇଁ ପ୍ରଶାସନ ପକ୍ଷରୁ ୬ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ସମୟରେ ବରିଷ୍ଠ ନାଗରିକମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଯାତ୍ରାରେ ବାହାରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଯୋଜନାକୁ ବରିଷ୍ଠ ନାଗରିକଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

# ସାରାଦେଶ ଶୁଣୁଛି ଦୀପ୍ତିଙ୍କ କଣ୍ଠସ୍ୱର

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଓଡ଼ିଶାର ଜଣାଶୁଣା ଗାୟିକା ଦୀପ୍ତିରେଖା ଜାତୀୟସ୍ତରରେ ଭୋଟରଙ୍କ ପାଇଁ ଗୀତ ଗାଇ ସୁନାମ ଅର୍ଜନ କରିଛନ୍ତି। ଦୀପ୍ତିଙ୍କ ସ୍ୱର ସାରା ଦେଶ ଶୁଣିବା ଆରମ୍ଭ କରିଛି। ଜାତୀୟ ଭୋଟର ଦିବସରେ ମୁଖ୍ୟ ନିର୍ବାଚନ କମିଶନ ପକ୍ଷରୁ ଭୋଟରଙ୍କ ପାଇଁ ଏକ ସଙ୍ଗୀତ ସମର୍ପିତ କରାଯାଇଛି। ତେବେ ଗୀତର ଶୀର୍ଷକ ରହିଛି 'ଆମେ ଭାରତର ମତଦାତା...'। ଏହି ଗୀତକୁ ୧୨ଟି ଭାଷାରେ ପ୍ରସ୍ତୁତ କରାଯାଇଛି। ଜଣାଶୁଣା ସିନେ ନିର୍ମାତା ସୁଭାଷ ଘାଇଙ୍କ ଟିମ୍ ଏହାକୁ ପ୍ରସ୍ତୁତ କରିଛନ୍ତି । ଏହି ଗୀତ ଦେଶର ସମସ୍ତ ଭୋଟରଙ୍କୁ ଉତ୍ସର୍ଗୀକୃତ କରାଯାଇଛି । ଗୀତରେ ଦୀପ୍ତିରେଖାଙ୍କ ସମେତ ୧୮ଜଣ କଣ୍ଠଦାନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଉପସ୍ଥିତ ଥିଲେ।

# ଚିଲିକାରେ କୁମ୍ଭୀର, ଲୋକେ ଭୟଭୀତ



**କୃଷ୍ଣପ୍ରସାଦ,୨୭।୧(ଡି.ଏନ୍.ଏ.)**

ଚିଲିକାରେ ଏକ କୁମ୍ଭୀର ଥିବା ପ୍ରଚାରିତ ହେବା ପରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ଅଞ୍ଚଳର ବାସିନ୍ଦା ଭୟଭୀତ ହୋଇଡ଼ିଛନ୍ତି। ଶୁକ୍ରବାର ଅପରାହ୍ନରେ ଜହ୍ନିକୁଦାରୁ ଏକ ଡଙ୍ଗାରେ ଯାତ୍ରୀମାନେ ସାତପଡ଼ା ଯାଉଥିବା ବେଳେ ଏକ କୁମ୍ଭୀର ଚିଲିକାର ଏକ କୁଦରେ ଥିବା ଦେଖିବାକୁ ପାଇଥିଲେ। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପରେ କୁମ୍ଭୀରଟି ପାଣିକୁ ପଳାଇଥିଲା। ବନ ବିଭାଗ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**କୃଷ୍ଣପ୍ରସାଦ,୨୭।୧(ଡି.ଏନ୍.ଏ.)**

**ପଞ୍ଚାୟତ ସମିତି ବୈଠକ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଷଷ୍ଠ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ସରୋଜିନୀ ତରେଇ ଅଧ୍ୟକ୍ଷତା କରିଥିଲେ। ବିଡିଓ ମନୋଜ କୁମାର ନାୟକ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷା ଶକୁନ୍ତଳା ଗଡୁ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ମାତୃମଙ୍ଗଳ ଅଧିକାରିଣୀ ମନୋରମା ଦେବୀ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କମଳାକାନ୍ତ ବାସ୍କେ, ବନ ବିଭାଗ, ଚିକିତ୍ସା ବିଭାଗ ଏବଂ ସମସ୍ତ କାର୍ଯ୍ୟନିର୍ବାହୀ ଓ ସମ୍ପ୍ରସାରଣ ଅଧିକାରୀ ଯୋଗଦେଇଥିଲେ। ବ୍ଲକ ପଞ୍ଚାୟତ ଅଧିକାରୀ ରଶ୍ମିରଞ୍ଜନ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ସହ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ନେଇ ଆଲୋଚନା ହୋଇଥିଲା। ସେହିଭଳି ଆଗକୁ ଗ୍ରୀଷ୍ମଦିନ ଆସୁଥିବାରୁ କିଭଳି ବସୁଧା ଜଳ ଯୋଗାଣ ହୋଇପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଗ୍ରାମ ପଞ୍ଚାୟତ ଉନ୍ନୟନ ୨୦୨୩ ପାଣ୍ଠିର ସୁପରିଚାଳନା ଦିଗରେ ଆଲୋକପାତ କରାଯାଇଥିଲା।

# ଫେବୃୟାରୀ ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଫେବୃୟାରୀ ୧୧ ତାରିଖରେ ଖୋର୍ଦ୍ଧା ଜିଲାରେ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଲୋକ ଅଦାଲତରେ ରଫାଯୋଗ୍ୟ ଫୌଜଦାରି ମାମଲା, ଚେକ୍ ବାଉନ୍ସ, ମନି ରିକୋଭରି, ଯାନବାହନ ଦୁର୍ଘଟଣାଜନିତ ମାମଲା, ଶ୍ରମ ବିବାଦ, ଜନ ଉପଯୋଗୀ ମାମଲା, ବିଦ୍ୟୁତ୍, ପାନୀୟଜଳ, ବୈବାହିକ, ଜମି ଅଧିଗ୍ରହଣ, ପେନ୍‌ସନ ଓ ନିଯୁକ୍ତି, ରାଜସ୍ୱ ମାମଲା, ଟେଲିଫୋନ୍ ଦେୟ ଅନାଦାୟ ମାମଲା, ବ୍ୟାଙ୍କ ଋଣ ଅନାଦାୟ, ଖାଉଟି ସୁରକ୍ଷା ମାମଲାମାନ ଆପୋସ ବୁଝାମଣା ଜରିଆରେ ସମ୍ପୃକ୍ତ ବିଭାଗୀୟ ଅଦାଲତଗୁଡ଼ିକରେ ଫଇସଲା କରାଯିବ ବୋଲି ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌଦାମିନୀ ସିଂ ସୂଚନା ଦେଇଛନ୍ତି।

ଜନସାଧାରଣ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହେବାର ଯଥେଷ୍ଟ ପୂର୍ବରୁ ସମ୍ପୃକ୍ତ ଅଦାଲତରେ ନିଜ ମାମଲାର ଆପୋସ ସମାଧାନ ପାଇଁ ଦରଖାସ୍ତ କରି ଫଇସଲା କରିପାରିବେ । ନଚେତ୍ ଅଦାଲତ ପରିସରରେ ଥିବା ଆଇନ ସେବା ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ମକଦ୍ଦମା ନ ଥାଇ ମଧ୍ୟ ଯଦି ନିଜ ନିଜ ମଧ୍ୟରେ ବା ଅପର ପକ୍ଷଙ୍କ ସହ ବିବାଦ ଲାଗି ରହିଥାଏ, ତେବେ ଉକ୍ତ ବିବାଦର ସମାଧାନ ପାଇଁ ମଧ୍ୟ ଉଭୟ ପକ୍ଷ ଆଇନ ସେବା ବିଭାଗକୁ ନିର୍ଦ୍ଧାରିତ ଫର୍ମରେ ଆପୋସ ବୁଝାମଣା ପାଇଁ ଦରଖାସ୍ତ ପ୍ରଦାନ କଲେ ଏହା ଫଇସଲା ହୋଇପାରିବ ବୋଲି ସଚିବ ସିଂ ସୂଚନା ଦେବା ସହ ଜନସାଧାରଣ ଏହାର ସୁଯୋଗ ନେବାକୁ ଏବଂ ସୁଫଳ ଆପଣାଇବାକୁ ପରାମର୍ଶ ଦେଇଛନ୍ତି ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ଜଟଣୀ,୨୭।୧(ଡି.ଏନ୍.ଏ.)**

ଜଟଣୀ ସହର ଓ ଏହାର ପାଖଆଖ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଥାନାଛକ ଠାରେ ସାମାଜିକ ଏବଂ ସଂସ୍କୃତି ଅନୁଷ୍ଠାନ ଜଟଣୀ ୟୁଥ ଫେଡେରେସନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଜଟଣୀ ଥାନା, ଆଇଆଇଟି ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ଜଟଣୀ ମହାବିଦ୍ୟାଳୟ, ଆଶା କିରଣ ହୋମ, ଜଟଣୀ ପ୍ରେସ କ୍ଲବ, ସୀତାରାମ ଛକ ଅଟୋ ରିକ୍ସା ସଂଘ, ଜଟଣୀ ଲୟର୍ସ ଆସୋସିଏଶନ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇଥଲା। ଏହିପରି ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ରେଳମଣ୍ଡଳସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଜଟଣୀସ୍ଥିତ ରେଲୱେ ଖେଳପଡିଆରେ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ।

# ବିଳମ୍ବରେ ଦମକଳ ଗାଡ଼ି ପହଞ୍ଚିବାରୁ ଉତ୍ତେଜନା

**ଗୋପ,୨୭।୧(ଡି.ଏନ୍.ଏ.)**

**ଜଳିଗଲା ଘର, ଆସବାବପତ୍ର ନଷ୍ଟ**

ଗୋପ ଥାନା ନିକଟସ୍ଥ ବଢ଼େଇସାହି ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ହୋଇଥିଲା। ହେଲେ ଦମକଳ କେନ୍ଦ୍ରକୁ ଫୋନ୍ ନ ଲାଗିବା ସହ ବିଳମ୍ବରେ ଦମକଳ ଗାଡ଼ି ପହଞ୍ଚିବାରୁ ଗୋଟିଏ ଘର ଜଳିଯିବା ସହ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା। ପ୍ରକାଶ ଯେ, ଗୋପ ଦମକଳ କେନ୍ଦ୍ର ପଛପଟେ ବଢ଼େଇସାହି ଗ୍ରାମଟି ହୋଇଥିବା ବେଳେ ପୂର୍ବାହ୍ନରେ ଗ୍ରାମର ପ୍ରତିମା ଗୋଚ୍ଛାୟତଙ୍କ ଘରେ ରୋଷେଇ ବେଳେ ନିଆଁ ଲାଗିଯାଇଥିଲା। ଏ ନେଇ ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ରକୁ ଫୋନ୍ କରିଥିଲେ ମଧ୍ୟ ଲାଗି ନ ଥିଲା।

ପରେ ଜଣେ ସ୍ଥାନୀୟ ଯୁବକ ବାଇକ୍‌ରେ ଆସି ଦମକଳ କେନ୍ଦ୍ରକୁ ଅଗ୍ନିକାଣ୍ଡ ସମ୍ପର୍କରେ ଜଣାଇବା ପରେ ପ୍ରାୟ ୧୦/୧୫ ମିନିଟ୍ ବିଳମ୍ବରେ ଗାଡ଼ି ପହଞ୍ଚିଥିଲା। କିନ୍ତୁ ସେତେବେଳକୁ ଅଗ୍ନିକାଣ୍ଡରେ ପ୍ରତିମାଙ୍କ ଏକ ବଖରା ଘର ସହିତ ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ବିପନ୍ନ ପ୍ରତିମା ଜଣେ ଗରିବ ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ସହ ଗୋଟିଏ ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ଦମକଳ କେନ୍ଦ୍ର ଅଧିକାରୀ ବସନ୍ତ କୁମାର ପାତ୍ରଙ୍କୁ ପଚାରିବାରେ ହକି ଖେଳ କାର୍ଯ୍ୟରେ ଥିବା କହିଥିଲେ। ସେହିପରି ଦାୟିତ୍ୱରେ ଥିବା ଅଧିକାରୀ ବିବେକାନନ୍ଦ ମଲ୍ଲିକଙ୍କ ଟେଲିଫୋନ୍ (ନଂ.୮୦୯୩୪ ୬୧୪୪୦)କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଉଠାଇ ନ ଥିଲେ।

# ପୋଡ଼ାଗଲା ୧ କେଜି ବ୍ରାଉନସୁଗାର, ୫ କେଜି ଗଞ୍ଜେଇ

**ଭୁବନେଶ୍ୱର, (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ, ୨୭।୧**



ଜବତ ଗଞ୍ଜେଇ ।

ରାଜ୍ୟର ବିଭିନ୍ନ ଜିଲାରେ ପୋଲିସ ଦ୍ୱାରା ଜବତ ହେବା ପରେ ମାଲଖାନାରେ ଥିବା ନିଶାଦ୍ରବ୍ୟଗୁଡିକୁ ମାମଲାର ବିଚାର ପୂର୍ବରୁ ନଷ୍ଟ କରିବା ଅଭିଯାନ ଜାରି ରହିଛି। ଏହି କ୍ରମରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପକ୍ଷରୁ ଶୁକ୍ରବାର ପୁଣିଥରେ ବିପୁଳ ପରିମାଣର ବ୍ରାଉନସୁଗାର ଓ ଗଞ୍ଜେଇ ପୋଡି ନଷ୍ଟ କରାଯାଇଛି। ଏସ୍‌ଟିଏଫ ମାମଲା ନଂ.୧୧/୨୦୨୨ରେ ଅଭିଯୁକ୍ତଙ୍କଠାରୁ ଜବତ ୧ କେଜି ୪୦ ଗ୍ରାମ ବ୍ରାଉନସୁଗାର ଓ ମାମଲା ନଂ. ୧/୨୦୧୮ରେ ଜବତ ୫ କେଜି ୨୫୭ ଗ୍ରାମ୍ ଗଞ୍ଜେଇକୁ ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟି ନିଷ୍ପତ୍ତିକ୍ରମେ ଖୋର୍ଦ୍ଧା ଟାଙ୍ଗିଆପଡ଼ାସ୍ଥିତ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ଜାଳି ନଷ୍ଟ କରାଯାଇଛି। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ସହ ଖୋର୍ଦ୍ଧା ଉପଜିଲାପାଳ ଓ ଖୋର୍ଦ୍ଧା ଅବକାରୀ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହାକୁ ମିଶାଇ ରାଜ୍ୟରେ ଏଯାବତ୍ ଏସ୍‌ଟିଏଫ୍ ୨୧ ମାମଲାରେ ମୋଟ ୨୫ କେଜି ୫୩୮ ଗ୍ରାମ ବ୍ରାଉନସୁଗାର ଏବଂ ୧୪ ମାମଲାରେ ୧୧୫ କୁଇଣ୍ଟାଲ ୯୭ କେଜି ଗଞ୍ଜେଇ ନଷ୍ଟ କରିଥିବା ସୂଚନା ଦିଆଯାଇଛି। ସେହିଭଳି ରାଜ୍ୟର ବିଭିନ୍ନ ଜିଲା ପୋଲିସ ପକ୍ଷରୁ ମଧ୍ୟ ୩୨୩ ମାମଲାରେ ୮୭୦ କୁଇଣ୍ଟାଲ ଗଞ୍ଜେଇ ଓ ୪୧ ମାମଲାରେ ୩୦ କେଜି ୬୦୦ ଗ୍ରାମ ବ୍ରାଉନସୁଗାର ନଷ୍ଟ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୬ ଜାନୁୟାରୀ ୨୮ରେ ୟୁନିୟନ୍ ଅଫ୍ ଇଣ୍ଡିଆ ବନାମ୍ ମୋହନଲାଲ ମାମଲାରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରି ଟ୍ରାଏଲ ପୂର୍ବରୁ ବ୍ରାଉନ୍‌ସୁଗାର ନଷ୍ଟ କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ କିଛି ବ୍ୟବସ୍ଥା ଓ ବୈଷୟିକ ତ୍ରୁଟି ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ପରେ ଓଡ଼ିଶା ହାଇକୋର୍ଟ ରାୟ ପ୍ରକାଶ କରି ନିଶାଦ୍ରବ୍ୟ ନଷ୍ଟ କରିବାକୁ ଏକ ଏସ୍‌ଓପି ଜାରି କରିଥିଲେ।

**ସଂକ୍ଷେପରେ**

## ପୋଡ଼ାଗଲା ୧ କେଜି ବ୍ରାଉନସୁଗାର, ୫ କେଜି ଗଞ୍ଜେଇ

ଭୁବନେଶ୍ୱର, (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ, ୨୭।୧: ରାଜ୍ୟର ବିଭିନ୍ନ ଜିଲାରେ ପୋଲିସ ଦ୍ୱାରା ଜବତ ହେବା ପରେ ମାଲଖାନାରେ ଥିବା ନିଶାଦ୍ରବ୍ୟଗୁଡ଼ିକୁ ମାମଲାର ବିଚାର ପୂର୍ବରୁ ନଷ୍ଟ କରିବା ଅଭିଯାନ ଜାରି ରହିଛି। ଏହି କ୍ରମରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପକ୍ଷରୁ ଶୁକ୍ରବାର ପୁଣିଥରେ ବିପୁଳ ପରିମାଣର ବ୍ରାଉନସୁଗାର ଓ ଗଞ୍ଜେଇ ପୋଡି ନଷ୍ଟ କରାଯାଇଛି। ଏସ୍‌ଟିଏଫ ମାମଲା ନଂ.୧୧/୨୦୨୨ରେ ଅଭିଯୁକ୍ତଙ୍କଠାରୁ ଜବତ ୧ କେଜି ୪୦ ଗ୍ରାମ ବ୍ରାଉନସୁଗାର ଓ ମାମଲା ନଂ. ୧/୨୦୧୮ରେ ଜବତ ୫ କେଜି ୨୫୭ ଗ୍ରାମ୍ ଗଞ୍ଜେଇକୁ ଡ୍ରଗ୍ସ ନିଷ୍କ୍ରିୟକାରୀ କମିଟି ନିଷ୍ପତ୍ତିକ୍ରମେ ଖୋର୍ଦ୍ଧା ଟାଙ୍ଗିଆପଡ଼ାସ୍ଥିତ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ଜାଳି ନଷ୍ଟ କରାଯାଇଛି। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ସହ ଖୋର୍ଦ୍ଧା ଉପଜିଲାପାଳ ଓ ଖୋର୍ଦ୍ଧା ଅବକାରୀ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହାକୁ ମିଶାଇ ରାଜ୍ୟରେ ଏଯାବତ୍ ଏସ୍‌ଟିଏଫ୍ ୨୧ ମାମଲାରେ ମୋଟ ୨୫ କେଜି ୫୩୮ ଗ୍ରାମ ବ୍ରାଉନସୁଗାର ଏବଂ ୧୪ ମାମଲାରେ ୧୧୫ କୁଇଣ୍ଟାଲ ୯୭ କେଜି ଗଞ୍ଜେଇ ନଷ୍ଟ କରିଥିବା ସୂଚନା ଦିଆଯାଇଛି। ସେହିଭଳି ରାଜ୍ୟର ବିଭିନ୍ନ ଜିଲା ପୋଲିସ ପକ୍ଷରୁ ମଧ ୩୨୩ ମାମଲାରେ ୮୭୦ କୁଇଣ୍ଟାଲ ଗଞ୍ଜେଇ ଓ ୪୧ ମାମଲାରେ ୩୦ କେଜି ୬୦୦ ଗ୍ରାମ ବ୍ରାଉନସୁଗାର ନଷ୍ଟ କରାଯାଇଛି।

## ରାଜ୍ୟପାଳଙ୍କ ଦ୍ୱାରା କବିତା ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୨୭।୧ (ବ୍ୟୁରୋ)
କବି ମହାପାତ୍ର ସବିତା ହୋତାଙ୍କ ରଚିତ ଦୁଇଟି କବିତା ପୁସ୍ତକ 'ପଦାରବିନ୍ଦରେ' ଏବଂ 'ଆଦ୍ୟା' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଶୁକ୍ରବାର ରାଜଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲେଖିକା ହୋତା, ଜେଏସ୍‌ପି ପ୍ରେସିଡେଣ୍ଟ ତଥା ଗ୍ରୁପ୍ ସିଏସ୍‌ଆର୍ ମୁଖ୍ୟ ପ୍ରଶାନ୍ତ କୁମାର ହୋତା, ସାମାଜିକ କର୍ମୀ ପାଟଜୋଶୀ ତରୁଣ କୁମାର ମହାପାତ୍ର, ଆକାଶ ହୋତା ଏବଂ ନିଳୟ୍ ଆଧାର ହୋତା ଉପସ୍ଥିତ ଥିଲେ। ସାଗରିକା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଉଭୟ ପୁସ୍ତକରେ ୨୫ଟି ଲେଖାଏ କବିତା ରହିଛି। 'ଆଦ୍ୟା' କବିତା ପୁସ୍ତକ ମାଧ୍ୟମରେ ନାରୀ ସଶକ୍ତୀକରଣ ପ୍ରସଙ୍ଗ ଉପସ୍ଥାପିତ ହୋଇଥିବାବେଳେ 'ପଦାରବିନ୍ଦରେ' ପୁସ୍ତକରେ ଭକ୍ତିର ଅର୍ଘ୍ୟ ସ୍ଥାନୀତ ହୋଇଛି।

## ଫେବୃୟାରୀ ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର,୨୭।୧(ବ୍ୟୁରୋ)-ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଫେବୃୟାରୀ ୧୧ ତାରିଖରେ ଖୋର୍ଦ୍ଧା ଜିଲାରେ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଲୋକ ଅଦାଲତରେ ରଫାଯୋଗ୍ୟ ଫୌଜଦାରି ମାମଲା, ଚେକ୍ ବାଉନ୍ସ, ମନି ରିକୋଭରି, ଯାନବାହନ ଦୁର୍ଘଟଣାଜନିତ ମାମଲା, ଶ୍ରମ ବିବାଦ, ଜନ ଉପଯୋଗୀ ମାମଲା, ବିଦ୍ୟୁତ୍, ପାନୀୟଜଳ, ବୈବାହିକ, ଜମି ଅଧିଗ୍ରହଣ, ପେନ୍‌ସନ ଓ ନିଯୁକ୍ତି, ରାଜସ୍ୱ ମାମଲା, ଟେଲିଫୋନ୍ ଦେୟ ଅନାଦାୟ ମାମଲା, ବ୍ୟାଙ୍କ ଋଣ ଅନାଦାୟ, ଖାଉଟି ସୁରକ୍ଷା ମାମଲାମାନ ଆପୋସ ବୁଝାମଣା ଜରିଆରେ ସମ୍ପୃକ୍ତ ବିଭାଗୀୟ ଅଦାଲତଗୁଡ଼ିକରେ ଫଇସଲା କରାଯିବ ବୋଲି ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌଦାମିନୀ ସିଂ ସୂଚନା ଦେଇଛନ୍ତି। ଜନସାଧାରଣ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହେବାର ଯଥେଷ୍ଟ ପୂର୍ବରୁ ସମ୍ପୃକ୍ତ ଅଦାଲତରେ ନିଜ ମାମଲାର ଆପୋସ ସମାଧାନ ପାଇଁ ଦରଖାସ୍ତ କରି ଫଇସଲା କରିପାରିବେ । ନଚେତ୍ ଅଦାଲତ ପରିସରରେ ଥିବା ଆଇନ ସେବା ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ମକଦ୍ଦମା ନ ଥାଇ ମଧ ଯଦି ନିଜ ନିଜ ମଧରେ ବା ଅପର ପକ୍ଷଙ୍କ ସହ ବିବାଦ ଲାଗି ରହିଥାଏ, ତେବେ ଉକ୍ତ ବିବାଦର ସମାଧାନ ପାଇଁ ମଧ ଉଭୟ ପକ୍ଷ ଆଇନ ସେବା ବିଭାଗକୁ ନିର୍ଦ୍ଧାରିତ ଫର୍ମରେ ଆପୋସ ବୁଝାମଣା ପାଇଁ ଦରଖାସ୍ତ ପ୍ରଦାନ କଲେ ଏହା ଫଇସଲା ହୋଇପାରିବ ବୋଲି ସଚିବ ସିଂ ସୂଚନା ଦେବା ସହ ଜନସାଧାରଣ ଏହାର ସୁଯୋଗ ନେବାକୁ ଏବଂ ସୁଫଳ ଆପଣାଇବାକୁ ପରାମର୍ଶ ଦେଇଛନ୍ତି ।

# ୩ ମେଶିନ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ

**ଦାରୁଠେଙ୍ଗ ଡମ୍ପିଂୟାର୍ଡ ବିବାଦ**



- ବାୟୋମାଇନିଂ ପ୍ଲାଣ୍ଟ ଲାଗି ଆସିଥିଲା
- ବିନା ଆଲୋଚନାରେ ପ୍ଲାଣ୍ଟ ନିର୍ମାଣ ବ୍ୟବସ୍ଥା

ବାରଙ୍ଗ,୨୭।୧(ଡି.ଏନ୍.ଏ.)

ଦାରୁଠେଙ୍ଗ ଡମ୍ପିଂୟାର୍ଡକୁ ନେଇ ପୁଣି ବିବାଦ ଦେଖାଦେଇଛି। ଗୁରୁବାର ଭୋରୁ ବିଏମ୍‌ସି ପକ୍ଷରୁ ଭୁଆସୁଣୀ ଡମ୍ପିଂୟାର୍ଡରେ ବାୟୋମାଇନିଂ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ୫ଟି ଗାଡ଼ିରେ ମେଶିନ ଆଣି ରଖାଯାଇଥିଲା। ତେବେ ପ୍ଲାଣ୍ଟ ନିର୍ମାଣ ଉପରେ ବିନା ଆଲୋଚନାରେ ମେଶିନ ଗାଡ଼ି ଆସିଥିବା ଜାଣି ଦାରୁଠେଙ୍ଗ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଦାରୁଠେଙ୍ଗ ଗ୍ରାମବାସୀ ଚନ୍ଦକା- ପିତାପଲ୍ଲୀ ରାସ୍ତାକୁ ଅବରୋଧ କରିଥିଲେ। ପରେ ବିଧାୟକ, ପ୍ରଶାସନିକ ଅଧିକାରୀ, ପୋଲିସ ଆସି ଗ୍ରାମବାସୀଙ୍କୁ ବୁଝାଶୁଝା କରିବାରୁ ରାସ୍ତାରୁ ଉଠିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାସନ ସହ ପୂର୍ବରୁ ହୋଇଥିବା ନିଷ୍ପତ୍ତି ମୁତାବକ ପ୍ରଥମେ ଏଠାରେ ଅଳିଆ ପଡ଼ିବା ବନ୍ଦ ହେବା ପରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ବାୟୋମାଇନିଂ ପ୍ଲାଣ୍ଟ ନିର୍ମାଣର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏବେ ବି ଅଳିଆ ପଡୁଥିବାବେଳେ ବିଏମ୍‌ସି ପକ୍ଷରୁ କୌଣସି ଆଲୋଚନା ନ କରି ପ୍ଲାଣ୍ଟ ପାଇଁ ମେଶିନ ଅଣାଯାଇଥିଲା। ବିଏମ୍‌ସିର ଏହି କାର୍ଯ୍ୟକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ଉତ୍ତ୍ୟକ୍ତ ଗ୍ରାମବାସୀ ମେଶିନ ନେଇ ଆସିଥିବା ୩ଟି ଗାଡିକୁ ଅଟକ ରଖିବା ସହ ଦାରୁଠେଙ୍ଗ ଗାଁମୁଣ୍ଡରେ ଚନ୍ଦକା-ପିତାପଲ୍ଲୀ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ଚନ୍ଦକା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବାପରେ ମଧ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିବା ସହ ବିଏମସିର କର୍ମକର୍ତ୍ତା ଏଠାକୁ ଆସି ଆଲୋଚନା କରିବାକୁ ଦାବି କରିଥିଲେ। ରାସ୍ତା ଅବରୋଧ କରିବାରୁ ଉଭୟ ପାର୍ଶ୍ୱରୁ ଗାଡ଼ିମୋଟର ଅଟକି ରହିଥିଲା। ସନ୍ଧ୍ୟାରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ପାଖରେ ପହଞ୍ଚି ବିଏମ୍‌ସିର ପଦାଧିକାରୀଙ୍କ ସହ ଆଲୋଚନା କରି ପରବର୍ତ୍ତୀ ଆଦେଶ ନ ମିଳିବା ପର୍ଯ୍ୟନ୍ତ ବାୟୋମାଇନିଂ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ବନ୍ଦ ରହିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ଗ୍ରାମବାସୀ ଉଠିଥିଲେ।



ସାଧାରଣତନ୍ତ୍ର ଦିବସରେ ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ପୋଲିସ ପଦକ ପ୍ରଦାନ କରୁଛନ୍ତି ।




ମୋଦି ସରକାର ତୁରନ୍ତ ୧୫ ଦଫା ଦାବି ପୂରଣ ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ଅନୁଷ୍ଠିତ ଗଣ ପ୍ରତିବାଦ ।

## ଯୁଗ ସହିତ ପାଦ ମିଳାଇ ଅଗ୍ରସର ହେବାକୁ ପରାମର୍ଶ

**ଲୟୋଲା ସ୍କୁଲରେ ଗ୍ରାଜୁଏଶନ୍ ନାଇଟ୍-୨୦୨୩**

- ତ୍ରିଷା ରଥଙ୍କୁ 'ମିସ୍ ଲୟୋଲା' ଓ ସନ୍ଧାନ ମହାନ୍ତିଙ୍କୁ 'ମିଷ୍ଟର ଲୟୋଲା' ପୁରସ୍କାର

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

୨୦୨୨-୨୩ ବର୍ଷ ପାଇଁ ଲୟୋଲା ସ୍କୁଲ ପଞ୍ଚଦଶ ବ୍ୟାଚ୍‌ର ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ଗ୍ରାଜୁଏଶନ ନାଇଟ୍ ପାଳିତ ହୋଇଯାଇଛି। ଉତ୍ସବର ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାର୍ଥନା ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପ୍ରେସିଡେଣ୍ଟ ସାୟନଦୀପ ମୁଦୁଲି ସ୍କୁଲ ସହ ଯୋଡ଼ି ହୋଇଥିବା ସମସ୍ତ ଅନୁଭୂତି ଏବଂ ତାଙ୍କ ଜୀବନକୁ ଗଢ଼ି ତୋଳିଥିବା ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅନ୍ୟମାନଙ୍କର ମହତ ଅବଦାନକୁ ଅଭିଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ। ଅଭିଭାବକଙ୍କ ପକ୍ଷରୁ ପ୍ରଫେସର ଡ. ପ୍ରୟାଗ ମିଶ୍ର ପ୍ରେରଣାତ୍ମକ ବକ୍ତବ୍ୟ ରଖିଥିଲେ। ସ୍କୁଲ ଅଧକ୍ଷ ଫାଦର ଭିକ୍ଟର ମିସକୁଇଥ୍ ଛାତ୍ରୀଛାତ୍ର ନିଜକୁ ପରିବର୍ତ୍ତନ କରି ଯୁଗ ସହିତ ପାଦ ମିଳାଇ ଅଗ୍ରସର ହେବା ପାଇଁ ଉତ୍ସାହିତ କରିଥିଲେ। 'ଛାତ୍ରୀଛାତ୍ରମାନେ ନିଜ ଜ୍ଞାନର ଆଲୋକରେ ସାରା ଦୁନିଆକୁ ଆଲୋକିତ କରନ୍ତୁ' ଶୀର୍ଷକ ବାର୍ତ୍ତା ନେଇ ମହମବତି ଆଲୋକ ମାଧ୍ୟମରେ ଏକ ଶୋ' ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ୨୧୩ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ୪୪ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରେକ୍ଟର ଫାଦର ଅଗଷ୍ଟିନ ବିଦ୍ୟାଳୟର ମେଧାବୀ ଛାତ୍ର ଆୟୁଗ ନନ୍ଦଙ୍କୁ 'ଡ. ରାଧାନାଥ ମିଶ୍ର ସ୍ମାରକୀ ପୁରସ୍କାର' ପ୍ରଦାନ କରିଥିଲେ। ଆଶିଷ କୁମାର ମିଶ୍ର 'ଜ୍ଞାନ ସିଂ କଲସୀ ମେମୋରିଆଲ ଟ୍ରଫି' ପାଇଥିଲେ। ହନ୍‌ସ ଦାରୁକାଙ୍କୁ 'ଡ. କେ. ଏନ୍. କର ମେମୋରିଆଲ ଟ୍ରଫି' ଏବଂ ତନୁ ନିଜରା ସାହୁଙ୍କୁ 'ଆଦିତ୍ୟ ପ୍ରସାଦ ମହାନ୍ତି ମେମୋରିଆଲ ଟ୍ରଫି' ପ୍ରଦାନ କରାଯାଇଥିଲା। ଛାତ୍ରୀ ପ୍ରୀତିକା ମିଶ୍ର ଓଡ଼ିଆ ଭାଷାରେ ନିଜର ପାରଦର୍ଶିତା ଦେଖାଇ 'ଜ୍ୟୋତ୍ସ୍ନା ଚୟନୀ ମେମୋରିଆଲ ଟ୍ରଫି' ଲାଭ କରିଥିଲେ। ଉଲ୍ଲେଖନୀୟ କୃତି ପାଇଁ ତ୍ରିଷା ରଥଙ୍କୁ 'ମିସ୍ ଲୟୋଲା' ଓ ସନ୍ଧାନ ମହାନ୍ତିଙ୍କୁ 'ମିଷ୍ଟର ଲୟୋଲା' ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକଙ୍କ ତରଫରୁ ପ୍ରାର୍ଥନା ପାଠ କରାଯାଇ ଉତ୍ସବ ଉଦ୍‌ଯାପିତ ହୋଇଥିଲା।




ତ୍ରିଷା ରଥ 'ମିସ୍ ଲୟୋଲା' ଓ ସନ୍ଧାନ ମହାନ୍ତି 'ମିଷ୍ଟର ଲୟୋଲା' ପୁରସ୍କାର ଗ୍ରହଣ କରୁଛନ୍ତି ।

## ନଦୀରୁ ସନ୍ଦେହଜନକ ଭାବେ ମୃତଦେହ ମିଳିଲା

**୨୫ ତାରିଖରୁ ନିଖୋଜ ଥିଲେ**

ଭୁବନେଶ୍ୱର, (ବ୍ୟୁରୋ)/ବାଲିଅନ୍ତା, ୨୭।୧ (ଡି.ଏନ୍.ଏ.) :

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୁଆଖାଇ ନଦୀରୁ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ମୁସଲିମ ସାହିରେ ରହୁଥିବା ସେକ୍ ଆଶିଷ (୨୬)। ଗତ ୨୫ ତାରିଖରେ ଘରୁ ରାଗି ଚାଲି ଆସିଥିବା ନେଇ ଖାରବେଳନଗର ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଶୁକ୍ରବାର ଅପରାହ୍ନରେ ଅଗ୍ନିଶମ ଟିମ୍ ଆଶିଷଙ୍କ ମୃତଦେହ ନଦୀ ଗର୍ଭରୁ ଭାସମାନ ଅବସ୍ଥାରେ ଉଦ୍ଧାର କରିଛି। ପରେ ମୃତଦେହକୁ ମଞ୍ଚେଶ୍ୱର ଥାନା ପୋଲିସକୁ ହସ୍ତାନ୍ତର କରିଛି। ଆଶିଷଙ୍କ ମୁହଁରେ କ୍ଷତ ଚିହ୍ନ ରହିଥିବାରୁ ହତ୍ୟା ପରେ ନଦୀକୁ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ତେବେ ପରିବାର ଲୋକଙ୍କ ପକ୍ଷରୁ କୌଣସି ହତ୍ୟା ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

ସୂଚନାନୁସାରେ, ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ ନଦୀରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ୧୧୨କୁ ଖବର ଦେଇଥିଲେ। ଏନେଇ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ଆଶିଷଙ୍କ ମୃତଦେହ ହ୍ୱକୂଳକୁ ଆଣି ମଞ୍ଚେଶ୍ୱର ଥାନାକୁ ଖବର ଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ନେହେରୁ ସିନିୟର ଟିମ୍ ବିଜୟୀ

ବାଲିଅନ୍ତା,୨୭।୧(ଡି.ଏନ୍.ଏ.)

ସାଧାରଣତନ୍ତ୍ର ଦିବସ ଅବସରରେ ନହରକଣ୍ଟାସ୍ଥିତ ଜୟଦେବ କଲେଜ ପଡ଼ିଆରେ ୧୭ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜିସୋଇ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ପାହାଳ ଥାନାଧିକାରୀ ସୁଚିତ୍ରା ପରିଡ଼ା ଉଦ୍‌ଘାଟନ କରିଥିଲେ। ନେହେରୁ ଜୁନିୟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ଓଭରରେ ୭ ଉଇକେଟ ହରାଇ ୨୬୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱନାଥ ପଣ୍ଡା ୪୧ ବଲରୁ ୫୨ରନ ଓ ଦୀପକ ସାହୁ ୨୩ବଲରୁ ୬୫ ରନ କରିଥିଲେ। ଜବାବରେ ନେହେରୁ ସିନିୟର ଟିମ୍ ନିର୍ଦ୍ଧାରିତ ୨୫ଓଭରରେ ୯ ଉଇକେଟ ହରାଇ ୨୬୫ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ୭୨ ବଲୁ ୧୪୨ ରନ କରିଥିବା ସୌମ୍ୟସୁଜିତ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଏହି ମ୍ୟାଚ ଉତ୍ସବରେ କର୍ପୋରେଟର ସୁକୁମାର ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀ ନେହେରୁ ସିନିୟର ଦଳକୁ ଟ୍ରଫି ଓ ଟଙ୍କା ପ୍ରଦାନ କରିଥିଲେ।

## ମାଘ ସପ୍ତମୀ ପାଇଁ ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କ ସମାଗମ

କୋଣାର୍କ,୨୭।୧(ଡି.ଏନ୍.ଏ.):



ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କ ଭିଡ ।

ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ମାଘ ସପ୍ତମୀ ବୁଡ଼ ପକାଇବା ପାଇଁ ଶୁକ୍ରବାର ଅପରାହ୍ନରୁ ମେଳା ପଡ଼ିଆରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁମାନେ ବାଉଁଶ କଣିରେ କୁଡ଼ିଆ ତିଆରି କରି ବିଶ୍ରାମ ନେଇଛନ୍ତି। ସେମାନେ ମାଟିହାଣ୍ଡିରେ ରୋଷେଇ ସାରି କୁଡ଼ିଆରେ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର, ଈଶାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ରାତି ୮ଟା ପରେ ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିଥିଲେ। ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ସହ କୋଣାର୍କ ଏନ୍‌ଏସି ମଣ୍ଡପ, ତହସିଲ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ପୂଜାର୍ଚ୍ଚନା କରଯାଇଥିଲା। ପୂଜା ପରେ ରାତି ୩ ସୁଦ୍ଧା ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ଚଳନ୍ତି ପ୍ରତିମାଙ୍କ ପୂଜା ହୋମ କର୍ମ ସମ୍ପାଦନ ସରିଲେ ୨୮ ତାରିଖ ସପ୍ତମୀ ତିଥିରେ ମାହେନ୍ଦ୍ରବେଳା ୩ଟା ୫୦ରେ ତୀର୍ଥଜଳରେ ତିନିଠାକୁର ସ୍ନାନ କରିବେ। ରାତି ୪ଟା ୪୧ରୁ ସାଧୁସନ୍ଥ ଓ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ। ଗ୍ରହ ଶାନ୍ତି ନିମନ୍ତେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରୁ ପାଦରେ ଚାଲି ଚାଲି ଆସି ନବଗ୍ରହଙ୍କ ନିକଟରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରିଥାନ୍ତି। ମେଳାପଡ଼ିଆରେ ସ୍ୱାସ୍ଥ୍ୟସେବା ଶିବିର, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ, ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବେଳାଭୂମିରେ ୨ ଦମକଳ ଗାଡ଼ି ମୁତୟନ, ଶୁକ୍ରବାର ସାରା ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ କୋଣାର୍କ ଓ ଚନ୍ଦ୍ରଭାଗାରେ ୩୦ ପ୍ଲାଟୁନ ଫୋର୍ସ ନିୟୋଜିତ ରହିଛନ୍ତି।

## ୪ର୍ଥ ଅଜୟ ଉତ୍ସବ: ଅସନ୍ତୁଷ୍ଟି ସୃଜନଶୀଳ କରାଏ

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ଅସନ୍ତୁଷ୍ଟି ନ ଥିଲେ କିଛି କରିହୁଏନି। ଅସନ୍ତୁଷ୍ଟି ସୃଜନଶୀଳ କରାଏ। ବିଷାଦବୋଧ, ଯନ୍ତ୍ରଣାବୋଧ ଏସବୁ ରହିବ। ଏହାକୁ ନେଇ ଲେଖା ସମୃଦ୍ଧ ହେବ। 'ଅଜୟ ଉତ୍ସବ ଟ୍ରଷ୍ଟ' ପକ୍ଷରୁ ଆୟୋଜିତ ୪ର୍ଥ ଅଜୟ ଉତ୍ସବରେ ଯୋଗଦେଇ ଏକଥା କହିଛନ୍ତି ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା। କଥାକାର ଅଜୟ ସ୍ୱାଇଁଙ୍କ ସମ୍ପର୍କରେ ବକ୍ତବ୍ୟ ରଖିବାକୁ ଯାଇ ବିଶିଷ୍ଟ କଥାକାର ଡ. ଗୌରହରି ଦାସ କହିଥିଲେ 'ଅଜୟ ବାବୁଙ୍କ ଭିତରେ କ'ଣ ଅଛି ସେ ଜାଣନ୍ତି ନାହିଁ, ଆମେ ଜାଣୁ। ଆରବ୍ୟ ରଜନୀ ପରି ଅସରନ୍ତି କଥା ତାଙ୍କ ଭିତରେ ଲୁଚି ରହିଛି। ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ମନୋଜ ପଟ୍ଟନାୟକ ଅଜୟଙ୍କ ସହ ନିଜର ସ୍ମୃତି ଓ ବର୍ତ୍ତମାନର କଥା କହିଥିଲେ । ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ଏହି ଉତ୍ସବରେ ଅଜୟ ସ୍ୱାଇଁଙ୍କ ଲିଖିତ ପୁସ୍ତକ 'ଜୀବନନାମା' ଲୋକାର୍ପିତ ହୋଇଥିଲା। ଗଳ୍ପ କ୍ଷେତ୍ରରେ ଯୁଗ୍ମ ଭାବେ ଗାଳ୍ପିକ ତପନ ମହାପାତ୍ର ଏବଂ ଲକ୍ଷ୍ମୀ ଚାନ୍ଦ, କବିତାରେ କବି ବାଦଲ ମହାନ୍ତିଙ୍କୁ 'ଅଜୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ସଭାପତି କବି ଅଶୋକ ପୁହାଣ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ କବି ଅକ୍ଷୟ ସ୍ୱାଇଁ ସମ୍ପାଦକୀୟ ବକ୍ତବ୍ୟ ରଖିଥିଲେ । 'ପକ୍ଷୀଘର' ପ୍ରକାଶନୀର ପ୍ରକାଶକ ବନୋଜ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷା ସାବିତ୍ରୀ ସାହୁ ଉତ୍ସବ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିବା ବେଳେ ସୁମନ୍ ଦାସ ଅଜୟଙ୍କ ଗଳ୍ପ ପାଠ କରିଥିଲେ। ଲେଖକଙ୍କ ସହ ଦର୍ଶକଙ୍କ ପକ୍ଷରୁ ଆଳାପ ଅମରେଶ ବିଶ୍ୱାଳ ଓ ରାଧାରାଣୀ ସରକାର ଆଲୋଚନା କରିଥିଲେ । ଶେଷରେ ପ୍ରିୟରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




ବିଜେଇଏମ୍ ସ୍କୁଲରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅତିଥିମାନେ ଜଣେ କ୍ୟାଡେଟଙ୍କୁ ପୁରସ୍କୃତ କରୁଛନ୍ତି ।



ୟୁନିଟ୍ -୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜାରେ ଶିକ୍ଷକମାନେ ପିଲାଙ୍କୁ ଖଡି ଛୁଆଁଇ ବିଦ୍ୟାଆରମ୍ଭ କରୁଛନ୍ତି ।

## ସଂକ୍ଷେପରେ

### ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜଙ୍ଗଲରୁ ଜବତ

**କୋଣାର୍କ,୨୭।୧(ଡି.ଏନ୍.ଏ.):** କୋଣାର୍କ ନିକଟସ୍ଥ ଥାନା ପଛପଟ ମହାବୀର ମନ୍ଦିର ସନ୍ନିକଟ ଜଙ୍ଗଲରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ କୋଣାର୍କ ଥାନା ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ସିମିଳି ପଞ୍ଚାୟତ ପାଇକରାପୁର ଗ୍ରାମର ବାନାମ୍ବର ପାତ୍ର (୬୦)। ଏ ନେଇ ପୋଲିସ ନଂ. ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାରଠାରୁ ବାନାମ୍ବର ଘରୁ ଆସି ଆଉ ଫେରି ନ ଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ବାନାମ୍ବର ନିଖୋଜ ଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ ଖୋଜାଖୋଜି କରୁଥିଲା। ତେବେ ଶୁକ୍ରବାର ପୂର୍ବାହ୍ନରେ କୋଣାର୍କ ରାଣୀହାଟ ସାହିର କେତେଜଣ ବ୍ୟକ୍ତି ଜଙ୍ଗଲକୁ କାଠ ପାଇଁ ଯାଇଥିବା ବେଳେ ଏକ ଗଛରେ ଜଣେ ବ୍ୟକ୍ତି ଝୁଲୁଥିବା ଦେଖି ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଥିବା ବ୍ୟକ୍ତି ନିଖୋଜ ବାନାମ୍ବର ବୋଲି ଚିହ୍ନଟ କରିଥିଲେ। ଏ ନେଇ ପରିବାର ସଦସ୍ୟଙ୍କୁ ପୋଲିସ ଖବର ଦେବା ସହ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଯାଞ୍ଚ କରିଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ବାଇକ୍ ଚାଳକ ମୃତ, ସ୍କୁଲ ଛାତ୍ର ଆହତ

**ଲିଙ୍ଗିପୁର ବାଇପାସ୍‌ରେ ସିରିଜ୍ ଦୁର୍ଘଟଣା**

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବାଇପାସ୍ ନିକଟରେ ବୁଧବାର ସକାଳେ ଏକ ସିରିଜ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ବାଇକକୁ ପଛ ପଟୁ ଜୋରରେ ଧକ୍କା ଦେଇ ପଳାଇଥିଲା। ଫଳରେ ବାଇକ୍ ଚାଳକ ଜଣକ ଭାରସାମ୍ୟ ହରାଇ ସାଇକେଲରେ ଯାଉଥିବା ଜଣେ ସ୍କୁଲ ଛାତ୍ରଙ୍କ ସହ ଧକ୍କା ହୋଇ ଛିଟିକି ପଡିଥିଲେ। ଫଳରେ ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଛାତ୍ର ଜଣକ ଆହତ ହୋଇଛନ୍ତି। ମୃତ ବାଇକ ଚାଳକ ହେଲେ ପୁରୀ ଜିଲା ବଳଙ୍ଗା ଅଞ୍ଚଳର ସନ୍ତୋଷ ପଣ୍ଡା। ସେହିପରି ଆହତ ଛାତ୍ର ହେଲେ ଜେମାଦେଈ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଶୁଭମ ନାୟକ। ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଧଉଳି ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଅନୁସାରେ, ମୃତ ଯୁବକ ଜଣକ ହାଇକୋର୍ଟରେ ଚାକିରୀ କରୁଥିବାବେଳେ ଘରୁ ବାଇକ ଯୋଗେ ଲିଙ୍ଗିପୁର ନିକଟ ଜାତୀୟ ରାଜପଥ ଦେଇ ଯାଉଥିଲେ। ସକାଳ ୯ରୁ ସାଢେ ୯ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ସ୍ଥାନୀୟ ଲୋକେ ଧରିବା ଲାଗି ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ଏନେଇ ସେମାନେ ଲୋକେ ଧଉଳି ଥାନାକୁ ଫୋନ କରି ଘଟଣା ବିଷୟରେ ଜଣାଇଥିଲେ।

### ଜିଲା ପରିଷଦ ସଭ୍ୟାଙ୍କ ମିଥ୍ୟା ଆରୋପକୁ ବିଜେଡି ନେତୃତ୍ୱଙ୍କ ଖଣ୍ଡନ

**ନିମାପଡ଼ା,୨୭।୧(ଡି.ଏନ୍.ଏ.)-** ନିମାପଡ଼ା ବ୍ଲକ ଅନ୍ତର୍ଗତ ୧୮ ନଂ. ଜୋନ ଜିଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ ଗତ ୨୧ ତାରିଖରେ ପୁରୀଠାରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁମନ୍ତ ଦାସଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଇ ହୀନ ମନ୍ତବ୍ୟ ଦେଇଥିଲେ। କୁଞ୍ଜଲତା ସାମଲ ବୈଠକରେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ବୋଲି ବିଜେଡି ନେତୃବୃନ୍ଦଙ୍କ ପକ୍ଷରୁ ବୁଧବାର ନିମାପଡ଼ାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁମନ୍ତ ଦାସ ଓ ଜଗତ୍‌ସିଂହପୁର ସାଂସଦଙ୍କ ପୁରୀ ଜିଲା ପ୍ରତିନିଧି ବିଜୟ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଏହି ଜିଲା ପରିଷଦ ବୈଠକରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଜିଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସମ୍ପର୍କରେ କୁଞ୍ଜଲତା ସୋସିଆଲ ମିଡିଆରେ ଓ କେତେକ ଗଣମାଧମରେ କହିଛନ୍ତି। ହେଲେ ଜିଲା ପରିଷଦ ସଭ୍ୟା କୁଞ୍ଜଲତା ଗଣମାଧମ ନିକଟରେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ଆୟୋଜିତ ସମ୍ମିଳନୀରେ ସାଂସଦଙ୍କ ପ୍ରତିନିଧି ପଟ୍ଟନାୟକ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଦାସ କହିଛନ୍ତି। ମନ୍ତ୍ରୀ ଦାଶ ଜିଲା ପରିଷଦ ସଭ୍ୟାଙ୍କୁ ଆଦୌ ଦୁର୍ବ୍ୟବହାର ପ୍ରଦର୍ଶନ କରିନାହାନ୍ତି ବୋଲି ସମ୍ମିଳନୀରେ ବିଜେଡି ନେତୃବୃନ୍ଦମାନେ କହିଛନ୍ତି। ସମ୍ମିଳନୀରେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ସୁମନ୍ତ ଦାସ, ବିଜୟ ପଟ୍ଟନାୟକ, ଋତୁରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ‘ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ସଂକଳ୍ପବଦ୍ଧ ହୁଅ’

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**ପୁରୀ, ୨୭।୧**


ମନ୍ତ୍ରୀ ପ୍ରତାପ ଦେବ ପରେଡ଼ ଅଭିବାଦନ ଗ୍ରହଣ କରୁଛନ୍ତି।

ତାଳବଣିଆସ୍ଥିତ ସ୍ପୋର୍ଟ୍ସଗ୍ରାଉଣ୍ଡରେ ଗୁରୁବାର ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ ଦେବ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସେ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଉଦ୍‌ବୋଧନ ଦେଇ କହିଥିଲେ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସାମାଜିକ ସୁରକ୍ଷା ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଆମେ ଅନେକ ସଫଳତା ପାଇଛୁ। ସମଗ୍ର ବିଶ୍ୱରେ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ପ୍ରଶଂସା ମିଳିଛି। କରୋନା ଓ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ରୋଲ ମଡେଲ ସାଜିଛି। ଆଜି ବିକାଶ ସମସ୍ତଙ୍କ ପାଖରେ ପହଞ୍ଚିଛି। ଏକ ବିକଶିତ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ସ୍ୱଚ୍ଛତା ପାଇଁ ପୁରୀ ପୌରପାଳିକା, ଚିକିତ୍ସା ଲାଗି ଶ୍ରୀଜଗନ୍ନାଥ ମେଡିକାଲ କଲେଜର ପ୍ରଫେସର ଡା. ସୁଦର୍ଶନ ପୋଥାଲଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ସାହିତ୍ୟିକା ମନୋରମା ମହାନ୍ତି, ଶରତ କୁମାର ମହାନ୍ତି, ଜୟକୃଷ୍ଣ ନାୟକ, ଗୋବିନ୍ଦ ଚନ୍ଦ୍ର ପାଳ, କ୍ରୀଡ଼ାବିତ ଜୟନ୍ତୀ ବେହେରା, ମନୋଜ କୁମାର ପ୍ରଧାନ, ପ୍ରତାପ ପ୍ରଧାନ, ତପନ ମହାନ୍ତି, ଅର୍ଚ୍ଚନା ପ୍ରଧାନ, ଅନନ୍ୟା ପ୍ରଧାନ, କ୍ଷୀରୋଦ ବିଶ୍ୱାଳ, ବିଶ୍ୱବିଜୟୀ କଲମ୍ୱସ, ମଧୁସ୍ମିତା ସେଠୀ, ବାସୁଦେବ ବାରିକ, ଅମିୟ ରଞ୍ଜନ ତ୍ରିପାଠୀ, ରାକେଶ କୁମାର ପାତ୍ର, ପ୍ରସାଦ କୁମାର ସେଠୀ, ରୂପାଲୀ ପ୍ରଧାନ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ ଏସ୍‌ସିଏସ୍ କଲେଜର ଓମ୍ ପ୍ରସାଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ପରେଡ଼ରେ ସିନିୟର ଡିଭିଜନ ଏନ୍‌ସିସିରେ ଏସ୍‌ସିଏସ୍ କଲେଜ, ଜୁନିୟର ଏନ୍‌ସିସି ବାଳକ ବର୍ଗରେ ଭୋଳାନାଥ ବିଦ୍ୟାପୀଠ ଓ ବାଳିକାରେ ଗଙ୍ଗାଧର ବାଳିକା ଉଚ୍ଚ ବିଦ୍ୟାଳୟ, ସ୍କାଉଟ ବାଳକରେ ପୁରୀ ଜିଲା ସ୍କୁଲ, ଗାଇଡ୍ ବାଳିକାରେ ବ୍ଲେସ୍ଡ ସାକ୍ରାମେଣ୍ଟ ସ୍କୁଲ, ସିଭିଲିଆନ ବାଳକ ବର୍ଗରେ ପୋଲିସ ଉଚ୍ଚ ବିଦ୍ୟାଳୟ, ବାଳିକା ବର୍ଗରେ ସୁଖଲତା ମେମୋରିଆଲସ ନୋଡାଲ ଗାର୍ଲ୍ସ ହାଇସ୍କୁଲ ଏବଂ ଶୃଙ୍ଖଳାରେ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ସ୍କାଉଟ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହୋଇଥିଲା। ପରେଡ କମାଣ୍ଡର ପୋଲିସ ଆର୍‌ଆଇ ଚନ୍ଦ୍ରଶେଖର ଦାଶ, ସେକେଣ୍ଡ ଇନ୍ କମାଣ୍ଡର ବିକାଶ ଚନ୍ଦ୍ର ସେନାପତି ପରେଡ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡକ୍ରସ ଶାଖା, ଭାରତ ବିକାଶ ପରିଷଦ, ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ମନ୍ତ୍ରୀ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରିଥିଲେ। ନେଚର ଲଭର୍ସ କ୍ଲବ ଓ ପୁରୀ ସେବା ସମିତି ପକ୍ଷରୁ ଗାନ୍ଧୀଘାଟରେ ପୁଷ୍ପ ପ୍ରଦର୍ଶନୀ ହୋଇଥିଲା। ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟୁଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ଗାନ୍ଧୀଘାଟରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।



ପରେଡ଼ ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ଚିଲିକାରେ କୁମ୍ଭୀର, ଲୋକେ ଭୟଭୀତ

**କୃଷ୍ଣପ୍ରସାଦ,୨୭।୧(ଡି.ଏନ୍.ଏ.)**

ଚିଲିକାରେ ଏକ କୁମ୍ଭୀର ଥିବା ପ୍ରଚାରିତ ହେବା ପରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ଅଞ୍ଚଳର ବାସିନ୍ଦା ଭୟଭୀତ ହୋଇଉଠିଛନ୍ତି। ଶୁକ୍ରବାର ଅପରାହ୍ନରେ ଜହ୍ନିକୁଦାରୁ ଏକ ଡଙ୍ଗାରେ ଯାତ୍ରୀମାନେ ସାତପଡ଼ା ଯାଉଥିବା ବେଳେ ଏକ କୁମ୍ଭୀର ଚିଲିକାର ଏକ କୁଦରେ ଥିବା ଦେଖିବାକୁ ପାଇଥିଲେ। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପରେ କୁମ୍ଭୀରଟି ପାଣିକୁ ପଳାଇଥିଲା। ବନ ବିଭାଗ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୧୩୯ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଗଲେ

**ପୁରୀ ଅଫିସ, ୨୭।୧**

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲାରୁ ଶୁକ୍ରବାର ୧୩୯ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପଠାଯାଇଛି। ଏହି ବରିଷ୍ଠ ନାଗରିକମାନେ ବାରାଣସୀ ଓ ଆଲ୍ଲାହାବାଦ ପରିଭ୍ରମଣ କରିବା ସହ ଚଳିତ ମାସ ୩୧ ତାରିଖରେ ପୁରୀ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ ମନାସିଥିଲେ। ରେଡକ୍ରସ ସଦସ୍ୟ ଜୟନ୍ତୀ ମହାପାତ୍ର, ରାଜ କିଶୋର ପାତ୍ର, ମଧୁମିତା ମହାପାତ୍ର ପ୍ରମୁଖ ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ସହାୟତା କରିଥିଲେ।

## ବଟି ମାଗି ୩ ଗିରଫ

**ପୁରୀ ଅଫିସ,୨୭।୧**

ଦାଦାବଟି ଆଦାୟ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ହାତଯୋଡି ଠାକୁରାଣୀ ମନ୍ଦିର ନିକଟର ଜଗନାଥ ପୃଷ୍ଟି (୨୪), ମରିଚିକୋଟ ବଳଭଦ୍ର ଲେନର ସିନ୍ଟୁନା ରାଉତ (୨୦), କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦଇତାପଡ଼ାର ପୂର୍ଣ୍ଣ ଚନ୍ଦ୍ର ଗୋସ୍ୱାମୀ (୨୦)। ସେମାନଙ୍କଠାରୁ ଗୋଟିଏ ଲୁହା ପାଇପ, ଗୋଟିଏ ଖଣ୍ଡା ଓ ଗୋଟିଏ ସ୍କୁଟି ଜବତ କରିଛି। ଏ ନେଇ ଥାନାରେ ନଂ. ୨୫/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମୋଚି ସାହି ଛକ ନିକଟରେ ପର୍ଯ୍ୟଟକଙ୍କ ନିକଟରୁ ବଟି ଆଦାୟ କରୁଥିଲେ। ବିଶେଷସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳର ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ପୁରୀ ଏସ୍‌ପି କନଓ୍ୱର ବିଶାଳ ସିଂଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।

## ଆରମ୍ଭ ହେଲା ‘ନିଧି ଆପ୍‌କେ ନିକଟ-୨.୦’

**ଭୁବନେଶ୍ୱର, ୨୭।୧ (ବ୍ୟୁରୋ)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ ଦ୍ୱାରା ‘ନିଧି ଆପ୍‌କେ ନିକଟ-୨.୦’ ନାମରେ ଏକ ଅଭିନବ ଜନ ସଚେତନତା ତଥା ଅଭିଯୋଗ ସମାଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ସମସ୍ତ ଜିଲା/ ତାଲୁକ ମୁଖ୍ୟାଳୟରେ ପ୍ରତିମାସ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ନିର୍ଦ୍ଦେଶ ରହିଛି। ଭବିଷ୍ୟନିଧି ସଂଗଠନ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡିକୁ ଅଧିକ କ୍ରିୟାଶୀଳ ଏବଂ ଲୋକାଭିମୁଖୀ କରିବା ତଥା ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ସମାଧାନ ହେଉଛି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି କ୍ରମରେ ଖୋର୍ଦ୍ଧା ଜିଲା ପାଇଁ ନିଯୁକ୍ତ ନୋଡାଲ ତଥା ଏନ୍‌ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଇଉ୍‌କଲ ଅଡିଟୋରିୟମ୍‌ଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ହିତାଧିକାରୀ ଯୋଗଦେଇ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ତଥା ଅଭିଯୋଗଗୁଡିକର ସମାଧାନ କରାଇଥିଲେ। ଜିଲାର ନିଯୁକ୍ତିଦାତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସିଟୁ ରାଜ୍ୟ ଉପସଭାପତି ସତ୍ୟାନନ୍ଦ ବେହେରା, ରାଜ୍ୟ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଲେଖା ଅଧିକାରୀ ପ୍ରଶାନ୍ତ କୁମାର, ଡିଇଓ ଦେବେନ୍ଦ୍ର ସେନାପତି, ଏସ୍‌ଏସ୍‌ଏସ୍‌ଏ ବିଜୟ କୁମାର ଷଡଙ୍ଗୀ ଓ ଏସ୍‌ଏସ୍‌ଏସ୍‌ଏ କନକ ମଞ୍ଜରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ବଳଙ୍ଗା,୨୫।୧(ଡି.ଏନ୍.ଏ.)**

ବଳଙ୍ଗା ମହାବିଦ୍ୟାଳୟର ଇତିହାସ ବିଭାଗ(ସମ୍ମାନ) ପକ୍ଷରୁ ନୌବାଣିଜ୍ୟ ଶିକ୍ଷକ ଆଲୋଚନାଚକ୍ର ସମ୍ପୃକ୍ତ ବିଭାଗ ପ୍ରତିଷ୍ଠାର ରୌପ୍ୟ ଜୟନ୍ତୀ ଅବସରରେ ବୁଧବାର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଦକ୍ଷିଣ-ପୂର୍ବ ଏସିଆ ସହିତ ଓଡ଼ିଶାର ନୌବାଣିଜ୍ୟ ଶିକ୍ଷା ସଂସ୍ଥାର ନିର୍ଦ୍ଦେଶକ ଡ. ସୁନିଲ ପଟ୍ଟନାୟକ ଓ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ସହକାରୀ ପ୍ରଫେସର ଡ. ଅନାମ ବେହେରା ଏବଂ ଡ. ରମେଶଚନ୍ଦ୍ର ମଲ୍ଲିକ ପ୍ରମୁଖ ସାମୁଦ୍ରିକ ବାଣିଜ୍ୟ ଶୀର୍ଷକ ଆଲୋଚନା ଐତିହାସିକ ତଥ୍ୟ ଆଧାରରେ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଭାସ୍କର ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଚୌଧୁରୀ ଶିବପ୍ରସାଦ ଦାସ, ବଳଭଦ୍ର ରଥ, ସୁଧାଂଶୁ ଶତପଥୀ, ପ୍ରଦୋଷ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳିତ

**ପୁରୀ ଅଫିସ, ୨୭।୧**

ପୁରୀର ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଘୋଡ଼ା ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚାରୁ କାରୁକଳା ମହାବିଦ୍ୟାଳୟ, ବିଶ୍ୱମ୍ଭର ବିଦ୍ୟାପୀଠ, ବାଳିକା ଉଚ୍ଚ ବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ପ୍ରଭୃତି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ସରସ୍ୱତୀ ପୂଜା ସହ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଘୋଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଚାର୍ଯ୍ୟ ଯୋସେଫ ମିଶ୍ର କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ରୀନା ରାଉତରାୟଙ୍କ ପରିଚାଳନାରେ ବିଦ୍ୟାରମ୍ଭ କରିଥିବା ଶିଶୁମାନେ ଗୀତା ଗ୍ରନ୍ଥ ମୁଣ୍ଡାଇ ନିକଟସ୍ଥ ଶିବମନ୍ଦିରକୁ ଶୋଭାଯାତ୍ରାରେ ଯାଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ, ପରିଚାଳନା ସମିତି ସଭାପତି ଅଭିମନ୍ୟୁ ଭୂୟାଁ, ଉପସଭାପତି ସ୍ୱାଧୀନ କୁମାର ପ୍ରଧାନ, ସମ୍ପାଦକ ସୀମାଞ୍ଚଳ ପଣ୍ଡା, ଯୁଗ୍ମ ସମ୍ପାଦକ ବିକାଶ ଦାସ ଓ ପୂର୍ବ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଶ୍ୟାମାକାହ୍ନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଜାତୀୟପତାକା ଉତ୍ତୋଳନ, ସରସ୍ୱତୀ ପୂଜା ଓ ଶୀର୍ଷକ ମୋ ପୁରୀ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଏହାକୁ ସମାଜସେବୀ ଶୁଭାଶିଷ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଏହା ୭ଦିନ ଧରି ଚାଲିବ ବୋଲି ଅଧ୍ୟକ୍ଷ ଦୁର୍ଗାମାଧବ କର କହିଛନ୍ତି।

## ବିଳମ୍ବରେ ଦମକଳ ଗାଡ଼ି ପହଞ୍ଚିବାରୁ ଉତ୍ତେଜନା

### ଜଳିଗଲା ଘର, ଆସବାବପତ୍ର ନଷ୍ଟ

**ଗୋପ,୨୭।୧(ଡି.ଏନ୍.ଏ.)**

ଗୋପ ଥାନା ନିକଟସ୍ଥ ବଢ଼େଇସାହି ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ହୋଇଥିଲା। ହେଲେ ଦମକଳ କେନ୍ଦ୍ରକୁ ଫୋନ୍ ନ ଲାଗିବା ସହ ବିଳମ୍ବରେ ଦମକଳ ଗାଡ଼ି ପହଞ୍ଚିବାରୁ ଗୋଟିଏ ଘର ଜଳିଯିବା ସହ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା। ପ୍ରକାଶ ଯେ, ଗୋପ ଦମକଳ କେନ୍ଦ୍ର ପଛପଟେ ବଢ଼େଇସାହି ଗ୍ରାମଟି ହୋଇଥିବା ବେଳେ ପୂର୍ବାହ୍ନରେ ଗ୍ରାମର ପ୍ରତିମା ଗୋଚ୍ଛାୟତଙ୍କ ଘରେ ରୋଷେଇ ବେଳେ ନିଆଁ ଲାଗିଯାଇଥିଲା। ଏ ନେଇ ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ରକୁ ଫୋନ୍ କରିଥିଲେ ମଧ ଲାଗି ନ ଥିଲା।

ପରେ ଜଣେ ସ୍ଥାନୀୟ ଯୁବକ ବାଇକ୍‌ରେ ଆସି ଦମକଳ କେନ୍ଦ୍ରକୁ ଅଗ୍ନିକାଣ୍ଡ ସମ୍ପର୍କରେ ଜଣାଇବା ପରେ ପ୍ରାୟ ୧୦/୧୫ ମିନିଟ୍ ବିଳମ୍ବରେ ଗାଡ଼ି ପହଞ୍ଚିଥିଲା। କିନ୍ତୁ ସେତେବେଳକୁ ଅଗ୍ନିକାଣ୍ଡରେ ପ୍ରତିମାଙ୍କ ଏକ ବଖରା ଘର ସହିତ ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ବିପନ୍ନ ପ୍ରତିମା ଜଣେ ଗରିବ ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ସହ ଗୋଟିଏ ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ଦମକଳ କେନ୍ଦ୍ର ଅଧିକାରୀ ବସନ୍ତ କୁମାର ପାତ୍ରଙ୍କୁ ପଚାରିବାରେ ହକି ଖେଳ କାର୍ଯ୍ୟରେ ଥିବା କହିଥିଲେ। ସେହିପରି ଦାୟିତ୍ୱରେ ଥିବା ଅଧିକାରୀ ବିବେକାନନ୍ଦ ମଲ୍ଲିକଙ୍କ ଟେଲିଫୋନ୍ (ନଂ.୮୦୯୩୪ ୬୧୪୪୦)କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଉଠାଇ ନ ଥିଲେ।

## ୨୯ରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସ୍ୱନକ୍ଷତ୍ର

**ପୁରୀ ଅଫିସ,୨୭।୧**

ଆସନ୍ତା ୨୯ ତାରିଖ ରବିବାର ଚକ୍ରତୀର୍ଥ ରୋଡସ୍ଥିତ ସଂସ୍କୃତି ଭବନ ପରିସରରେ ଖବରକାଗଜ ‘ଶ୍ରୀ ଶ୍ରୀକ୍ଷେତ୍ର ସୂଚନା’ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଆଲୋଚନାଚକ୍ର ବିଷୟ ବସ୍ତୁ ରଖାଯାଇଛି" ଏକ ଶୃଙ୍ଖଳିତ ସମାଜ ଗଠନରେ ଗଣମାଧ୍ୟମ"। ଏହି ଆଲୋଚନାଚକ୍ରରେ ବକ୍ତା ଭାବେ ଯୋଗଦେବେ ପୂର୍ବତନ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି, ପ୍ରଦ୍ୟୁମ୍ନ ଶତପଥୀ, ଅକ୍ଷୟ ସାହୁ, ବରିଷ୍ଠ ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ, ଇଷ୍ଟର୍ନ ମିଡିଆ ଲିମିଟେଡର ନିର୍ଦ୍ଦେଶିକା ତନୟା ପଟ୍ଟନାୟକ, ସାମ୍ବାଦିକ ମନୋରଞ୍ଜନ ଯୋଶୀ, ଉପସ୍ଥାପିକା ଗାୟତ୍ରୀ ମହାନ୍ତି ଏବଂ ଅଭିନେତା କେଦାର ମିଶ୍ର ଓ କୀର୍ତ୍ତି ମହାନ୍ତ। ଅନ୍ୟପଟେ ପ୍ରମୁଖ ଅତିଥି ଭାବେ ବିଧାୟକ ଜୟନ୍ତ ଷଡଙ୍ଗୀ, ଜିଲାପାଳ ସମର୍ଥ ବର୍ମା, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଉପଜିଲାପାଳ ଭବତାରଣ ସାହୁ, ସୁବାଶିଷ ଖୁଣ୍ଟିଆ, ଗୌରହରି ପ୍ରଧାନ, ରାକେଶ ସାମଲ। ପୁରୀର ସମସ୍ତ ନିମନ୍ତ୍ରିତ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଶେଷରେ ‘ଶ୍ରୀ ଶ୍ରୀକ୍ଷେତ୍ର ସୂଚନା’ ସ୍ୱନକ୍ଷତ୍ର ବିଶେଷାଙ୍କ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯିବାର କାର୍ଯ୍ୟକ୍ରମ ରହିଛି।

## ପାଚିକା ସହାୟିକା ସଂଘର ବିକ୍ଷୋଭ



ବିଭିନ୍ନ ଦାବି ନେଇ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଡେଲାଙ୍ଗ,୨୭।୧(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗାନ୍ଧୀ ପୀଠ ବେରବୋଇ ଛକଠାରୁ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଉପଖଣ୍ଡସ୍ତରୀୟ ସଂଘର ସଭାପତି ସ୍ମୃତିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ରାଜ୍ୟ ନେତୃତ୍ୱ ମଧୁସୂଦନ ପ୍ରଧାନ, ରବିନାରାୟଣ ସ୍ୱାଇଁ, ମୃତ୍ୟୁଞ୍ଜୟ ଜେନା, ଡେଲାଙ୍ଗ ବ୍ଲକ ସମ୍ପାଦିକା ମମତା ସାହୁ, ସୁନୀତା ପ୍ରଧାନ, ମାମୁନି ପ୍ରଧାନ, ଅମିତା ସେନାପତି, ମିନତି ବେହେରା, ସଞ୍ଜୁ ସେନାପତି ପ୍ରମୁଖଙ୍କ ସହିତ ଶତାଧିକ ମହିଳା ବିକ୍ଷୋଭରେ ସାମିଲ ହୋଇଥିଲେ ।

ପାଚିକା ଓ ସହାୟିକାଙ୍କୁ ମାସିକ ୨୬ ହଜାର ଦରମା, ୪ର୍ଥ ଶ୍ରେଣୀ ମାନ୍ୟତା, ବେଆଇନ ଛଟେଇ ବନ୍ଦ କରିବା, ଅବସରକାଳୀନ ବୟସସୀମା ୬୨କୁ ବୃଦ୍ଧି କରାଯାଉ, ବର୍ଷକ ୧୨ ମାସ ଦରମା ପ୍ରଦାନ କରାଯାଉ, ମଧ୍ୟାହ୍ନଭୋଜନ ଘରୋଇକରଣ ବନ୍ଦ ଆଦି ୧୩ ଦଫା ଦାବି ନେଇ ସଂଘ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଇଓ ଯୁଧିଷ୍ଠିର ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଆଜିଠୁ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା

## ସାଧୁସନ୍ଥଙ୍କ ତପସ୍ୟା, ଯଜ୍ଞ ଓ ମନ୍ତ୍ରଧ୍ୱନିରେ ଗୁଞ୍ଜରିତ ହେବ ତପୋଭୂମି




**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଐତିହ୍ୟ ଖଣ୍ଡଗିରି ପାହାଡ଼ରେ ପ୍ରସିଦ୍ଧ ନବ ଦିନାତ୍ମକ କୁମ୍ଭମେଳା ଶନିବାରଠାରୁ ଆରମ୍ଭ ହେଉଛି। ଇତିମଧ୍ୟରେ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ସାଧୁସନ୍ଥଙ୍କ ମନ୍ତ୍ରଧ୍ୱନି ସହ ଭଜନକୀର୍ତ୍ତନରେ ପୂରା ଅଞ୍ଚଳ ଆଧ୍ୟାତ୍ମିକତାରେ ଗୁଞ୍ଜରିତ ହେବ। ଶୁକ୍ରବାର ସନ୍ଧ୍ୟାସୁଦ୍ଧା ପ୍ରାୟ ୧୦୦ଜଣ ସାଧୁ ପହଞ୍ଚି ସାରିଥିବାବେଳେ ଯଜ୍ଞକୁଣ୍ଡ ସ୍ଥାପନ ସହ ଆନୁସଙ୍ଗିକ ବନ୍ଦୋବସ୍ତରେ ସନ୍ନ୍ୟାସୀମାନେ ଲାଗିପଡ଼ିଛନ୍ତି। ପବିତ୍ର ଗୁପ୍ତଗଙ୍ଗା ଓ ଆକାଶଗଙ୍ଗାରେ ସାଧୁମାନେ ଅବହଗାନ କରିବେ। କାଶୀ, ହରିଦ୍ୱାରରୁ ଆସିଥିବା ଷ୍ଟାଣ୍ଡିଂ ବାବା, ରୁଦ୍ରାକ୍ଷ ବାବା, ଡାକ୍ତର ବାବା, ଜଟିଆ ବାବା ତପସ୍ୟା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ୬ ତାରିଖ ଯାଏ ସନ୍ନ୍ୟାସୀମାନେ ତପସ୍ୟାରତ ରହିବେ। ଅନ୍ୟପଟେ ଚଳିତବର୍ଷ ସପ୍ତମୀ ଓ ଅଷ୍ଟମୀ ତିଥି ଗୋଟିଏ ଦିନରେ ପଡୁଥିବାରୁ ୨୮ ତାରିଖରେ ବାରଭୂଜା ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ବାରଭୂଜା ପୀଠରେ ଏବଂ ଅନନ୍ତ ଗୁମ୍ଫା ସମ୍ମୁଖରେ ଯଜ୍ଞବିଧି ଆରମ୍ଭ ହେବ। ଅନ୍ୟପଟେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଅନୁମତି ପାଇବା ପରେ ବ୍ୟବସାୟୀମାନେ ନିଜ ନିଜର ଷ୍ଟଲ ପକାଇବା ଆରମ୍ଭ କରିଦେଇଛନ୍ତି। ୨୫୦ରୁ ଅଧିକ ଷ୍ଟଲ ପଡ଼ିବାକୁ ଥିବାବେଳେ ୧୦ ତାରିଖ ଯାଏ କିଣାବିକା ଜମିବ। ଅନ୍ୟପଟେ ଖଣ୍ଡଗିରି ମେଳାର ଅନ୍ୟତମ ଆକର୍ଷଣ ରହୁଥିବା ରାମଦୋଳି, ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ୍, ମିକି ମାଉସ୍ ଭଳି ଦୋଳି ବନ୍ଧା ଚାଲିଛି। ତେବେ ପୂର୍ବରୁ ନିର୍ଦ୍ଧାରିତ ତାରିଖ ଅନୁସାରେ ୩୦ ତାରିଖଠାରୁ ୬ଟି ପେଣ୍ଡାଲରେ ଯାତ୍ରାପାର୍ଟି ନାଟକ ପରିବେଷଣ କରିବେ। ଏଥିପାଇଁ ମଞ୍ଚ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଜୋରସୋର ଚାଲିଛି।

### ବାରଭୁଜା ପୀଠରେ 'ନବରାତ୍ର କୁମ୍ଭମେଳା'

୪୧ ବର୍ଷ ହେବ ମା' ବାରଭୁଜାଙ୍କ ପୀଠରେ ୯ଦିନ ଧରି 'ନବରାତ୍ର କୁମ୍ଭମେଳା' ଆୟୋଜିତ ହୋଇ ଆସୁଛି। ଏଠାରେ ୨୮ ତାରିଖରେ ବାରଭୁଜା ପୀଠରେ ପାରାୟଣ ପୂଜା ସହ ପରମ୍ପରା ମୁତାବକ ହୋମ ଯଜ୍ଞ ଆରମ୍ଭ ହେବ। ଏଥିସହ ରାମଚରିତ ମାନସ ପାଠ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅନନ୍ତ ଗୁମ୍ଫା ନିକଟରେ ହେବାକୁ ଥିବା ହୋମ ଯଜ୍ଞ ପାଇଁ ଜାଗମରା ବଡ଼ ପୋଖରୀରୁ କଳସଯାତ୍ରା କରାଯିବା ସହ ଧୁନି ସ୍ଥାପନ କରାଯିବ। ଭୋର ୪ଟାରୁ ମା' ବାରଭୁଜାଙ୍କ ନିକଟରେ ଖଣ୍ଡଗିରୀ ଭୋଗ ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କୁ ଆଳତି ପରେ ବଣ୍ଟନ କରାଯାଇଛି। ଗତ ୨ବର୍ଷ ଧରି କରୋନା କଟକଣା ମଧ୍ୟରେ ପୂଜା ବିଧି ଆୟୋଜନ ହେଉଥିବାବେଳେ ଚଳିତବର୍ଷ ଦୈନିକ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। କାଶୀ, ହରିଦ୍ୱାରରୁ ପ୍ରାୟ ୨୫ଜଣ ନାଗାସାଧୁଙ୍କ ସମେତ ରାଜ୍ୟର ଶତାଧିକ ସାଧୁସନ୍ନ୍ୟାସୀ ଯୋଗ ଦେବେ। ଫେବୃୟାରୀ ୪ରେ ସାଧୁ ସମ୍ମିଳନୀ ତଥା ଧର୍ମସଭାରେ ରାଜ୍ୟର ବିଭିନ୍ନ ଆଶ୍ରମରୁ ସନ୍ନ୍ୟାସୀ ଯୋଗ ଦେଇ ଧାର୍ମିକ ତତ୍ତ୍ୱ ଉପରେ ଆଲୋଚନା କରିବେ। ୫ ତାରିଖରେ ପୂର୍ଣ୍ଣାହୁତି ସହ ଅଗ୍ନିଉତ୍ସବ ଆୟୋଜିତ ହେବ ବୋଲି ମା' ବାରଭୁଜା ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୯ଦିନରେ ପୀଠରେ ନାରାୟଣ ସେବା, ସାଧୁସେବା ଜାରି ରହିବ। ପ୍ରତି ସନ୍ଧ୍ୟାରେ ରାମାୟଣୀ ସାଧୁମାନେ ରାମାୟଣ କଥା ଶୁଣାଇବା ସହ ପ୍ରବଚନ, ଭଜନ କୀର୍ତ୍ତନ କରିବେ।

### ଦେବସଭାରେ ମହାସ୍ନାନ କରିବେ ଅନନ୍ତକେଶରୀ

ଜାଗମରା ଗ୍ରାମବାସୀଙ୍କ ଆରାଧ୍ୟ ଦେବତା ଅନନ୍ତକେଶରୀ ଦେବଙ୍କ ଯାତ୍ରା ମଧ୍ୟ ଜାକଜମକରେ ଅନୁଷ୍ଠିତ ହେବ। ପାରମ୍ପରିକ ବାଦ୍ୟ ସହ ଅନନ୍ତ କେଶରୀଙ୍କ ଶୋଭାଯାତ୍ରା ଉଦୟଗିରିସ୍ଥିତ ରାଣୀ ହଂସପୁରରେ ପହଞ୍ଚିବ। କାହିଁ କେଉଁ କାଳରୁ ଚାଲିଆସିଥିବା ପରମ୍ପରା ମୁତାବକ ଦେବସଭାରେ ପ୍ରଭୁଙ୍କ ମହାସ୍ନାନ ପରେ ପରମ୍ପରା ମୁତାବକ ଭୋଗ ଲାଗି କରାଯିବ। ତେବେ ପୀଠରୁ ପ୍ରଭୁଙ୍କ ସୁସଜ୍ଜିତ ବିମାନ ବାହାରି ଗ୍ରାମ ପରିକ୍ରମା କରିବା ପରେ କ୍ରିକେଟ ପଡ଼ିଆରେ ପହଞ୍ଚିବ। ଏଠାରେ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ଆତବାଜିର ଆୟୋଜନ କରାଯାଇଛି। ସନ୍ଧ୍ୟା ୬ଟାରେ ଏହି ଯାତ୍ରା ଆରମ୍ଭ ହେବ। ତେବେ ଓଭରବ୍ରିଜ୍ ତଳେ ଠାକୁର ଯିବା ପରମ୍ପରା ବିରୁଦ୍ଧ ହୋଇଥିବାରୁ ଖଣ୍ଡଗିରି ଥାନାଦେଇ ଜାତୀୟ ରାଜପଥରେ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଯିବା ପରେ ବିପରୀତ ପାର୍ଶ୍ୱରେ ପାହାଡ଼ ରାସ୍ତାକୁ ଫେରିବ ଶୋଭାଯାତ୍ରା। ଶୋଭା ଯାତ୍ରାରେ ଆଖପାଖ ଅଞ୍ଚଳର ୧୪ଟି ଗ୍ରାମ୍ୟ କମିଟି ସଦସ୍ୟ ଯୋଗଦେବେ। ଘଣ୍ଟଘଣ୍ଟା ସହ ବୁଢ଼ାବୁଢ଼ୀ ନାଚ, ଘୋଡ଼ାନାଚ ଆଦି ଆକର୍ଷଣ ସାଜିବ।

# ଅନୁକୂଳ ହେଲା ରଥକାଠ

## ରୁକୁଣା ରଥଯାତ୍ରା

**ପୁରୁଣା ଭୁବନେଶ୍ୱର, ୨୭।୧(ଡି.ଏନ୍.ଏ.)**

ଶ୍ରୀପଞ୍ଚମୀ ଅବସରରେ ଗୁରୁବାର ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଯାଇଛି। ମନ୍ଦିରରେ ବିଜେ କାହାଳି ବାଜିବା ପରେ ପ୍ରଭୁ ଲିଙ୍ଗରାଜ ଶ୍ରୀରାମନଗରସ୍ଥିତ ସୂକ୍ଷ୍ମେଶ୍ୱର ମହାଦେବଙ୍କ ନିକଟରେ ଥିବା ପଞ୍ଚମୀ ପଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ। ମନ୍ଦିରରେ ଦ୍ୱିପ୍ରହର ଧୂପ ପରେ ଶ୍ରୀବାସୁଦେବ ମା' ପାର୍ବତୀ ଏବଂ ରୁକ୍ମିଣୀଙ୍କ ସହ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିଜେ ହୋଇ ଏଠାରେ ବିରାଜମାନ କରିଥିଲେ। ଶ୍ରୀପଞ୍ଚମୀର ଆଦ୍ୟ ପର୍ବ ରଥକାଠ ଅନୁକୂଳର ପୂଜାର୍ଚ୍ଚନା କରାଯାଇଥିଲା। ପାଳିଆ ପୂଜାପଣ୍ଡା ସେବାୟତ ମଣ୍ଟୁ ପୂଜାପଣ୍ଡା ଭୋଗ ନୈବେଦ୍ୟ କରିବା ସହ ଆଳତି କରିଥିଲେ। ନିକଟସ୍ଥ ମଠ ନିକଟରେ ଥିବା ଆମ୍ବବୃକ୍ଷ ନିକଟକୁ ଶ୍ରୀଜୀଉଙ୍କୁ ନେଇ ଅବସ୍ଥାନ କରାଯାଇଥିଲା। ସେଠାରେ ବୃକ୍ଷ ଦେବତାଙ୍କୁ ଅନୁରୂପ ପୂଜାର୍ଚ୍ଚନା ଏବଂ ଆଳତି କରାଯାଇଥିଲା। ପୂର୍ବରୁ ଅପେକ୍ଷାରତ ମହାରଣା ସେବାୟତଙ୍କ ଦ୍ୱାରା ଏହି ଆମ୍ବଗଛକୁ କୁରାଢ଼ିରେ ଚୋଟ ମରାଯାଇଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହୁଳହୁଳି ହରିବୋଲରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ଶ୍ରୀଜୀଉ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ହୋଇ ପହୁଡ଼ ପଡ଼ିଥିଲା।



ରଥକାଠ ଅନୁକୂଳ ପୂର୍ବରୁ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଥକାଠ ପୂଜାର୍ଚ୍ଚନା କରାଯାଉଛି।

**ପୁରୀ ଅଫିସ, ୨୭।୧**

ଆସନ୍ତା ଜୁନ୍ ୨୦ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିଲାଗି ପବିତ୍ର ଅକ୍ଷୟ ତୃତୀୟାରୁ ରାଜନଅର ସମ୍ମୁଖସ୍ଥ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେଣୁ ପରମ୍ପରା ଅନୁଯାୟୀ, ଗୁରୁବାର ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜାଠାରୁ ଘୋଷଯାତ୍ରାର ଆଦ୍ୟପର୍ବ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ପୂଜାର୍ଚ୍ଚନା ସହ ରଥକାଠ ଅନୁକୂଳ କରାଯାଇଛି। ଏହି ସମୟରେ 'ଜୟ ଜଗନ୍ନାଥ' ଧ୍ୱନିରେ ସମ୍ପୃକ୍ତ ସ୍ଥାନ ପ୍ରକମ୍ପିତ ହୋଇ ଉଠିଥିଲା।

ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଏବଂ ଅନ୍ୟ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ୩ଖଣ୍ଡ ୧୨ଫୁଟିଆ ଧଉରା କାଠ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ବିଧି ଅନୁଯାୟୀ, ୩ଟି କାଠକୁ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ସମର୍ପଣ କରାଯାଇଥିଲା। ପୂଜା ହୋଇଥିବା ଉକ୍ତ ୩ଟି କାଠରେ ତିନିରଥର ଗୁଜ ତିଆରି କରାଯିବ। ଆସନ୍ତା ରାମନବମୀରେ କଟକ ଖପୁରିଆସ୍ଥିତ ଶ'ମିଲ୍‌ରେ ରଥକାଠ ଚିରଟ କରାଯିବ। ଅକ୍ଷୟ ତୃତୀୟାରେ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ରଥ ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ତେବେ ଗତବର୍ଷର ୧୧୮ଖଣ୍ଡ ଖଣ୍ଡ କାଠ ବଳକା ରହିଛି। ଅବଶିଷ୍ଟ ୭୪୭ ଖଣ୍ଡ କାଠ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡରୁ ଅଣାଯିବ। ପୂର୍ବରୁ ୩ଟି ଟ୍ରକରେ ପ୍ରଥମ ପର୍ଯ୍ୟାୟରେ ୧୦୪ ଖଣ୍ଡ ଅସନ ଓ ଧଉରା କାଠ ପୁରୀରେ ପହଞ୍ଚିଥିଲା। ଉକ୍ତ କାଠ ମଧ୍ୟରୁ ୩ଟି ଧଉରା କାଠକୁ ପୂଜାର୍ଚ୍ଚନା କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଯେପରି ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ସମ୍ପନ୍ନ ହେବ ସେଥିପାଇଁ ପ୍ରଶାସନିକ ଅଧିକାରୀ ଓ ସେବାୟତମାନେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଅଜୟ ଜେନା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର ପଣ୍ଡାଙ୍କ ସମେତ ବରିଷ୍ଠ ସେବାୟତ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶୁଭେନ୍ଦୁ



@ ନରେନ୍ଦ୍ର



@ ଗଜେନ୍ଦ୍ର



@ ଆଲୋକ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସୋନାଲିଙ୍କ ନେତୃତ୍ୱ ଦେଖିଲା ଭାରତ

**ଖୋର୍ଦ୍ଧା ଅଫିସ,୨୭।୧**

ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ସୋନାଲି ସାହୁ। ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସର୍ବଭାରତୀୟସ୍ତରରେ ୧୪୮ ଜଣିଆ ଏନ୍‌ସିସିର ବାଳିକା କଣ୍ଟିଜେଣ୍ଟର କମାଣ୍ଡିଂ ଭୂମିକାରେ ସୋନାଲି ଦାୟିତ୍ୱ ତୁଲାଇଥିଲେ। ବାଳିକା ଏନ୍‌ସିସି କଣ୍ଟିଜେଣ୍ଟର ନେତୃତ୍ୱ ନେବାର ସ୍ୱପ୍ନ ସାକାର ହୋଇଥିବାରୁ ଏହା କେବଳ ତାଙ୍କ ପାଇଁ ନୁହେଁ, ସାରା ଓଡ଼ିଶା ଲାଗି ଗର୍ବର ବିଷୟ ବୋଲି ସୋନାଲି କହିଛନ୍ତି। ସୋନାଲିଙ୍କ ନେତୃତ୍ୱରେ ୧୪୮ ଜଣ ବାଳିକା କ୍ୟାଡେଟ୍‌ଙ୍କୁ ଚୟନ କରାଯାଇଥିଲା। ପ୍ରାଣନାଥ କଲେଜରେ ସାଇକୋଲୋଜି ଅନର୍ସରେ ଅଧ୍ୟୟନ କରୁଥିବା ଗୁରୁଜଙ୍ଗର ସୋନାଲି କର୍ତ୍ତବ୍ୟପଥରେ ବାଳିକା କଣ୍ଟିଜେଣ୍ଟର ନେତୃତ୍ୱ ନେବା ତାଙ୍କର ଏକ ବିଶେଷ ଅନୁଭୂତି, ଅଭିଜ୍ଞତା ବୋଲି ସେ କହିଛନ୍ତି।



ଏନ୍‌ସିସି ବାଳିକା କଣ୍ଟିଜେଣ୍ଟର କମାଣ୍ଡିଂ ସୋନାଲି ସାହୁ (ଡାହାଣ)।

# ଶ୍ରୀକ୍ଷେତ୍ର ମହୋତ୍ସବ ଉଦ୍‌ଘାଟିତ

## ମନ ଛୁଇଁଲା ପାରମ୍ପରିକ ନୃତ୍ୟ, ଗୀତ

**ପୁରୀ ଅଫିସ, ୨୭।୧**

ଶରଧାବାଲିରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି ଶ୍ରୀକ୍ଷେତ୍ର ମହୋତ୍ସବ। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ୫ଦିନ ଧରି ଶରଧାବାଲି ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଦୋଳମଣ୍ଡପ ସାହି ଆଖଡ଼ା ତରଫରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଜହ୍ନିମୁଣ୍ଡିଆରୁ ବାହାରି ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏଥିରେ ଯୋଗଦେଇଥିଲେ। ସେଠାରୁ ଆଜ୍ଞାମାଳ ଓ ପ୍ରଦୀପ ପ୍ରଜ୍ଜ୍ୱଳନ ସହ ସିଂହାରୀ ଲୋକନାଥ କର ଏବଂ ସାହି ନାହାକା ନିରଞ୍ଜନ ସିଂହାରୀ ଏକ ରଥରେ ବସି ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାରେ ପାରମ୍ପରିକ ସାହିଯାତ ନାଗ, ମେଢ, ଦୁଲଦୁଲି, ଘଣ୍ଟିଆ, ଯୋଡ଼ିଶଙ୍ଖ, ସମରକଳା ପ୍ରଭୃତି ସାମିଲ ହୋଇ ଗୁଣ୍ଡିଚା ମନ୍ଦିର ପାଖ ଶରଧାବାଲି ରଙ୍ଗମଞ୍ଚରେ ପହଞ୍ଚିଥିଲା। ସନ୍ଧ୍ୟାରେ ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଉତ୍ସବରେ ଜିଲାପାଳ ତଥା ଉତ୍ସବ କମିଟି ଅଧ୍ୟକ୍ଷ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଆଠସାହି ଆଖଡ଼ା ସଭାପତି ବାବାଜୀ ମହାପାତ୍ର, ଆଖଡ଼ା ଉପସଭାପତି ରାମକୃଷ୍ଣ ଦାସମହାପାତ୍ର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲାପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ପ୍ରକାଶ ମହାପାତ୍ର, ମହୋତ୍ସବ ସମ୍ପାଦକ ଅନନ୍ତ ତିଆଡ଼ି ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଆଠ ସାହି ଆଖଡ଼ା ପକ୍ଷରୁ ୫ ମିନିଟ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ପୁରୁଲିଆ ନୃତ୍ୟ ପ୍ରଦର୍ଶନ ସହ ଗୁରୁ ନାରାୟଣ ପଣ୍ଡାଙ୍କ ପରିଚାଳନାରେ ଲିଟିଲ ଷ୍ଟାର୍ ଗ୍ରୁପ ପକ୍ଷରୁ ଗୀତିନାଟ୍ୟ ପରିବେଷଣ ହୋଇଥିଲା। ଓଡ଼ିଶାରେ ଚାଲୁଥିବା ବିଶ୍ୱକପ୍ ହକିକୁ ନେଇ ପୁରୀ ଶ୍ରୀକ୍ଷେତ୍ର ମହୋତ୍ସବ ସହିତ ଓର୍‌ମାସ୍ ପକ୍ଷରୁ ପଲ୍ଲୀଶ୍ରୀ ମେଳା ଆୟୋଜନ କରାଯାଇଛି। ଦର୍ଶକ ନୃତଗୀତର ମଜା ନେବା ସହ ପଲ୍ଲୀଶ୍ରୀ ମେଳା ବୁଲି ସାମଗ୍ରୀ କିଣାକିଣି କରିଥିଲେ। ବାସୁଦେବ ତିଆଡ଼ି, ପ୍ରଫୁଲ୍ଲ କୁମାର ସାମନ୍ତରା, ନରେନ୍ଦ୍ର ମହାନ୍ତି, ପ୍ରଦ୍ୟୁମ୍ନ ମିଶ୍ର ଏବଂ ଶ୍ରୀକ୍ଷେତ୍ର ମହୋତ୍ସବ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶୋଭାଯାତ୍ରାରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସାହି ମୁରବି ଏବଂ ଅନ୍ୟମାନେ।



ଦୋଳମଣ୍ଡପ ସାହିର ସାହିଯାତ ନୃତ୍ୟ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଡୁଡୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଆର୍‌ଏସ୍‌ରେ ଗମାଙ୍ଗ, ପାଙ୍ଗୀ

■ ଚାର୍ଟର ଫ୍ଲାଇଟ୍, ବସ୍ ଯୋଗେ ଓଡ଼ିଶାରୁ ଗଲେ ବହୁ ନେତା, କର୍ମୀ

■ ଭୁବନେଶ୍ୱରରେ ବଡ଼ ସମାବେଶ କରିବାକୁ କେସିଆର୍‌ଙ୍କ ଲକ୍ଷ୍ୟ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କ ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍) ଶୁକ୍ରବାର ଆନୁଷ୍ଠାନିକ ଭାବେ ଓଡ଼ିଶାରେ ନିଜର ପାଦ ଥାପିଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀଙ୍କ ସମେତ ଏକାଧିକ ପୂର୍ବତନ ଏମ୍‌ପି, ବିଧାୟକଙ୍କ ସମେତ ଶତାଧିକ ନେତା ଓ କର୍ମୀ ହାଇଦ୍ରାବାଦର ବିଆର୍‌ଏସ୍ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେମାନେ କେସିଆର୍‌ଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଆର୍‌ଏସ୍‌ରେ ସାମିଲ ହୋଇଛନ୍ତି। ବିଆର୍‌ଏସ୍ ଗଠନର ସଂକଳ୍ପ ସମ୍ପର୍କରେ ଅବଗତ କରିବା ସହ କେସିଆର୍ ଆରମ୍ଭରୁ ଓଡ଼ିଶା ପ୍ରତି ନିଜର ଆଭିମୁଖ୍ୟ ପୋଷଣ କରିଛନ୍ତି।

ବିଆର୍‌ଏସ୍ କାର୍ଯ୍ୟାଳୟଠାରେ ଓଡ଼ିଶାରୁ ଯାଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଏହି ଦଳରେ ଆନୁଷ୍ଠାନିକ ଭାବେ ସାମିଲ କରାଯାଇଛି। ଏକ ସ୍ୱତନ୍ତ୍ର ଚାର୍ଟର ଫ୍ଲାଇଟ୍ ଓ ୧୦ଟି ବସ୍ ଯୋଗେ ଏହି ନେତାମାନେ ହାଇଦ୍ରାବାଦରେ ପହଞ୍ଚିଥିଲେ। ବିଆର୍‌ଏସ୍‌ରେ ସାମିଲ ହୋଇଥିବା ଓଡ଼ିଶାର ନେତାମାନେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର, ତାଙ୍କ ସ୍ତ୍ରୀ ହେମା ଗମାଙ୍ଗ ଓ ପୁଅ ଶିଶିର ଗମାଙ୍ଗ, ପୂର୍ବତନ ମନ୍ତ୍ରୀ ଜୟରାମ, ମୟୂରଭଞ୍ଜ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ନବୀନ ନନ୍ଦ, ରଥ ଦାସ, ଅର୍ଜୁନ ଦାସ, ରାଘବ ସେଠୀ, ଦେବରାଜ ସେଠୀ, ବୃନ୍ଦାବନ ମାଝିଙ୍କ ସମେତ ଚାଷୀନେତା ଅକ୍ଷୟ କୁମାର, ଶେଷଦେବ ନନ୍ଦ, ଆର୍‌ଟିଆଇ କର୍ମୀ ପ୍ରଦୀପ ପ୍ରଧାନ, କଂଗ୍ରେସ ନେତା କୈଳାସ ମୁଖୀ, ରାଜେଶ ପାତ୍ର, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ବିଆର୍‌ଏସ୍‌ରେ ସାମିଲ ହୋଇଛନ୍ତି।

ଏହି ନେତାମାନଙ୍କୁ ଦଳକୁ ସ୍ୱାଗତକରି କେସିଆର୍ କହିଛନ୍ତି, ଓଡ଼ିଶାରେ ମହାନଦୀର ମାତ୍ର ୨୫-୩୦ ପ୍ରତିଶତ ଜଳ ଉପଯୋଗ ହେଉଥିବା ବେଳେ ପ୍ରାୟ ୫୫ ପ୍ରତିଶତ ଜଳ ସମୁଦ୍ରକୁ ଯାଉଛି। ଆବଶ୍ୟକତାରୁ ଅଧିକ ଜଳ ନଷ୍ଟ ହେଉଛି। ଏହି ଜଳକୁ ଲୋକଙ୍କ ପିଇବା, ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟରେ ଉପଯୋଗ କରାଯାଇପାରନ୍ତା। ବ୍ରାହ୍ମଣୀ, ବୈତରଣୀ ସହ ଆଉ ଛୋଟ ଛୋଟ ନଦୀ ମଧ୍ୟ ଅଛି। ନଦୀଜଳ ସମୁଦ୍ରରେ ନଷ୍ଟ ହେଉଛି, କିନ୍ତୁ କାହିଁକି ଲୋକଙ୍କ କାମରେ ଲାଗିପାରୁନାହିଁ। ଓଡ଼ିଶାର ଢେଙ୍କାନାଳ ଓ ତାଳଚେରରେ ଉଚ୍ଚମାନର କୋଇଲା ମିଳୁଛି। ଓଡ଼ିଶାର କୋଇଲା ଖଣି କାହା କାମରେ ଲାଗୁଛି। ଓଡ଼ିଶାରେ ଦୀର୍ଘଦିନ ଧରି ଚାଷୀ ଆନ୍ଦୋଳନ ଜାରି ରହିଛି। ନିର୍ବାଚନ ଜିତିବା ପାଇଁ ନୂଆ ନୂଆ ପ୍ରତିଶ୍ରୁତି ଦେଇ ଭୋଟ ପାଇଲା ପରେ ସେସବୁ ଭୁଲିଯାଉଛନ୍ତି ସେ କହିଛନ୍ତି। ତେବେ ଆସନ୍ତା ଏପ୍ରିଲରେ କେସିଆର୍‌ଙ୍କ ଉପସ୍ଥିତିରେ ଏକ ବିଶାଳ ସମାବେଶ ଭୁବନେଶ୍ୱରରେ କରିବା ଲାଗି ଲକ୍ଷ୍ୟ ରହିଥିବା ଜଣାପଡ଼ିଛି।


ହାଇଦ୍ରାବାଦସ୍ଥିତ ବିଆର୍‌ଏସ୍ କାର୍ଯ୍ୟାଳୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀଙ୍କୁ ସ୍ୱାଗତ କରୁଛନ୍ତି।

## ପ୍ରଭାବ ପଡ଼ିବ ନାହିଁ: ସପ୍ତଗିରି

**କୋରାପୁଟ, ୨୭।୧(ସ୍ୱ.ପ୍ର.)**

ଅବିଭକ୍ତ କୋରାପୁଟ ଜିଲାର ବହୁ ନେତା ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ରେ ସାମିଲ ହୋଇଥିବାରୁ ଏଠାରେ ୨୦୨୪ ସାଧାରଣ ନିର୍ବାଚନରେ ପ୍ରଭାବ ପଡ଼ିପାରେ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମହଲରେ ଆଲୋଚନା ହେଉଛି। ମାତ୍ର ଏହାର କିଛି ପ୍ରଭାବ ପଡିବ ନାହିଁ ବୋଲି କଂଗ୍ରେସର ବରିଷ୍ଠ ନେତା ତଥା କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଏବଂ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ପ୍ରମୁଖ ଶୁକ୍ରବାର କହିଛନ୍ତି।

## ୧୬୯ ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ ନ କଲେ ଆନ୍ଦୋଳନ: ବିଜେଡି

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ରାଜ୍ୟ ସରକାର ଆଦିବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବାବେଳେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସର୍ବଦା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟକୁ ଅବହେଳା କରିଆସୁଛି। ୧୬୯ଟି ଅନୁସୂଚିତ ଜନଜାତି ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେନ୍ଦ୍ର ସରକାର ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ବିଜେଡି ଏବଂ ଆଦିବାସୀ ସମ୍ପ୍ରଦାୟ ସ୍ୱର ଉତ୍ତୋଳନ କରିବା ସହ ରାସ୍ତାକୁ ଓହ୍ଲାଇବେ ବୋଲି ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝି କହିଛନ୍ତି।

ବିଜୁ ଯୁବ ଜନତା ଦଳ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୭ ବ୍ଲକ, ୨୦୨୨ ଗ୍ରାମପଞ୍ଚାୟତ, ୧୮୬୮୭ ଗାଁ ଏବଂ ୧୪.୦୫ ଲକ୍ଷ ଅନୁସୂଚିତ ଜନଜାତି ପରିବାରକୁ ଅନ୍ତର୍ଭୁକ୍ତ କରି ଓଡ଼ିଶାର ୯ଟି ଆଦିବାସୀ ବହୁଳ ଜିଲାରେ ୫ ଲକ୍ଷ ଆଦିବାସୀ ବାଳିକାଙ୍କ ପାଇଁ ହଷ୍ଟେଲ, ସ୍ୱତନ୍ତ୍ର ବିକାଶ ପରିଷଦ ଯୋଗାଇ ଦେଇଛନ୍ତି। ୧୬୯ ଅନୁସୂଚିତ ଜନଜାତି ସମ୍ପ୍ରଦାୟକୁ ଓଡ଼ିଶାର ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରାୟ ୧୬୯ ପ୍ରସ୍ତାବ ଦେଇସାରିଲେଣି। ଓଡ଼ିଶା ସରକାରଙ୍କ ବାରମ୍ବାର ଚିଠି ସତ୍ତ୍ୱେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସେମାନଙ୍କୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରୁନାହାନ୍ତି ବୋଲି ପ୍ରଦୀପ ଅଭିଯୋଗ କରିଛନ୍ତି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସଂଯୁକ୍ତା ମହାପାତ୍ର**
ମାର୍କୋଣା, ସିମୁଳିଆ
ଆବିର୍ଭାବ: ୧୩।୦୬।୧୯୬୬
ତିରୋଧାନ: ୦୮।୦୨।୨୦୨୨
ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଯିବାର ଏକ ବର୍ଷ ବିତିଗଲା। ଆପଣଙ୍କ ତ୍ୟାଗ ଓ ପରୋପକାରିତା ଆମମାନଙ୍କର ପଥ ପ୍ରଦର୍ଶକ ହେବ। ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: କମଳାକାନ୍ତ, ଝିଅ: ମାନସୀ, ନଣନ୍ଦ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୫୯୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ଜୟଶ୍ରୀ ମହାନ୍ତି**
A-79, ସେକ୍ଟର-୬, ରାଉରକେଲା
ଆବିର୍ଭାବ-୦୫।୦୩।୧୯୬୮
ତିରୋଧାନ- ୧୮।୦୨।୨୦୨୧
(ଶୁକ୍ଳ ପକ୍ଷ ମାଘ ସପ୍ତମୀ)
ଜିଇଁଥିଲା ବେଳେ ସ୍ନେହ-ପ୍ରେମର ପଣତରେ ଆପଣାର ମଣିଷର ଦୁଃଖକୁ ପୋଛିଦେବା ପାଇଁ ଯଥେଷ୍ଟ ହେଲାନାହିଁ ଯେ ଅଧିକରୁ ଅଧିକ ଲୋକଙ୍କୁ ସ୍ନେହ ବାଣ୍ଟିବାକୁ ଦୁଇ ବରଷ ପୂର୍ବେ ଆରପାରିକୁ ଚାଲିଗଲ । ଏବେବି ତୁମର ହସହସ ମୁହଁ, ଭଲପାଇବା ଓ ଆପଣାର କରିବା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଶିକ୍ଷାଦାନ ଓ ପରୋପକାର ଆମ୍ଭ ସମସ୍ତଙ୍କ ହୃଦୟରେ ସତେଜ ରହିଛି। ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରାନ୍ତୁ ବୋଲି ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବାବା, ବୋଉ, ସ୍ୱାମୀ, ଗୁଡ୍ଡୁ, ପୁତୁଲ, ମିଟ୍ଟୁ, ଗୁନ୍‌ଗୁନ୍, ଭାଇ: ରାକେଶ, ପୁଅ: ଦୀପୁ, ସାଙ୍ଗସାଥୀ, ଛାତ୍ରଛାତ୍ରୀ, ବନ୍ଧୁ ଓ ପରିଜନବୃନ୍ଦ ।
ଧ-୨୫୯୯


## ୭ ଦିନରେ ଠିକ୍ ତାଲିକା ପ୍ରସ୍ତୁତ କର ନଚେତ୍ ବ୍ଲକ ଆଗରେ ବିକ୍ଷୋଭ: କଂଗ୍ରେସ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଅବାସ ଯୋଜନାର ହିତାଧିକାରୀ ଚୟନରେ ରାଜ୍ୟ ସରକାର ଯେଉଁଭଳି ଭାବେ ନିଜ ଦଳୀୟ ଭିତିରେ ହିତାଧିକାରୀ ଚୟନ କରୁଛନ୍ତି ସେଥିରୁ ନିବୃତ ରୁହନ୍ତୁ। ପ୍ରକୃତ ବାସହୀନଙ୍କୁ କିଭଳି ଘର ମିଳିବ ସେଥିପ୍ରତି ସରକାର ଧ୍ୟାନ ଦିଅନ୍ତୁ। ହିତାଧିକାରୀ ଚୟନ କ୍ଷେତ୍ରରେ ଜାଲ ହିତାଧିକାରୀଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ସରକାର ଏବଂ ବିଜେଡି ପାଇଁ ବହୁ ମହଙ୍ଗା ପଡ଼ିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏକ ପ୍ରେସ ବିବୃତି ଜରିଆରେ କହିଛନ୍ତି। ଯଦି ଆସନ୍ତା ୭ ଦିନ ଭିତରେ ଠିକ୍ ତାଲିକା ପ୍ରସ୍ତୁତ କରା ନ ଯାଏ ତେବେ କଂଗ୍ରେସ ରାଜ୍ୟରେ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ କରିବ। ଗରିବ ହିତାଧିକାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ପ୍ରତ୍ୟେକ ସ୍ତରକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ଅଛି। ଦଳୀୟ ଭିତିରେ ଘର ବାଣ୍ଟିବା ରାଜନୀତି ସମ୍ପୂର୍ଣ୍ଣରୂପେ ଜନସ୍ୱାର୍ଥବିରୋଧି ବୋଲି ସେ କହିଛନ୍ତି।

# ପଦଯାତ୍ରା ବାତିଲ କଲେ ରାହୁଲ

## ଭାରତ ଯୋଡ଼ୋ ଯାତ୍ରା ସୁରକ୍ଷାରେ ତ୍ରୁଟି

**ନୂଆଦିଲ୍ଲୀ,୨୭।୧**

ହଠାତ୍ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନିଆଯିବାରୁ ଶୁକ୍ରବାର ଭାରତ ଯୋଡ଼ୋ ଯାତ୍ରାରେ ସୁରକ୍ଷାଜନିତ ତ୍ରୁଟି ଦେଖାଦେବା ସହ ଗହଳି ପରିଚାଳନା କରିବାରେ ଜମ୍ମୁ-କଶ୍ମୀର ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଫଳରେ କାଜିଗୁଣ୍ଡଠାରେ ପଦଯାତ୍ରାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବନ୍ଦ ରଖିଛନ୍ତି। ପୋଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଗହଳି ପରିଚାଳନା ପାଇଁ ନିୟୋଜିତ ଥିବା ପୋଲିସଙ୍କୁ କେଉଁଠି ଦେଖିବାକୁ ମିଳି ନ ଥିଲା। କଂଗ୍ରେସ ନେତାଙ୍କ ସହ ଆଗକୁ ପଦଯାତ୍ରାରେ ଯିବାରେ ତାଙ୍କ ସୁରକ୍ଷା କର୍ମଚାରୀମାନେ ଅସୁବିଧା ଅନୁଭବ କରିଥିଲେ। ଫଳରେ ଯାତ୍ରାକୁ ବାତିଲ କରିବାକୁ ପଡ଼ିଲା ବୋଲି ରାହୁଲ ଅନନ୍ତନାଗଠାରେ କହିଛନ୍ତି।

ରାହୁଲ ଶୁକ୍ରବାର କାଜିଗୁଣ୍ଡଠାରେ ପହଞ୍ଚିବା ପରେ ଦକ୍ଷିଣ କଶ୍ମୀରର ଭେସୁ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ତେବେ ଯାତ୍ରାର ବାହାର ପରିସର ସୁରକ୍ଷା ଦାୟିତ୍ୱରେ ଥିବା ଜମ୍ମୁ-କଶ୍ମୀର ପୋଲିସ ହଠାତ୍ ଉଭାନ ହୋଇଯାଇଥିଲେ ବୋଲି ଅଭିଯୋଗ ହୋଇଛି। ଶୁକ୍ରବାର ୧୧ କିଲୋମିଟର ଚାଲିବା ଯୋଜନା ଥିବାବେଳେ ଅଳ୍ପ କିଛିବାଟ ପରେ ଯାତ୍ରାକୁ ବନ୍ଦ କରିବାକୁ ପଡ଼ିଥିଲା। ପଦଯାତ୍ରାରେ ରାହୁଲଙ୍କ ସହ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ସାମିଲ ଥିଲେ। ଖାନାବଲଠାରୁ ଯାତ୍ରା ପୁଣିଥରେ ଆରମ୍ଭ ହେବ ବୋଲି ରାହୁଲ କହିଛନ୍ତି।

ଅନ୍ୟପକ୍ଷରେ ଭାରତ ଯୋଡ଼ୋ ଯାତ୍ରାରେ ସୁରକ୍ଷାରେ ତ୍ରୁଟି ହୋଇ ନ ଥିବା ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ କୁହାଯାଇଛି। ବନିହାଲରୁ ଯାତ୍ରାରେ ବହୁ ଅଧିକ ଲୋକ ସାମିଲ ହେବା ନେଇ ଆୟୋଜକମାନେ ପୋଲିସକୁ ଜଣାଇ ନ ଥିଲେ ବୋଲି ଅତିରିକ୍ତ ଡିଜି ବିଜୟ କୁମାର କହିଛନ୍ତି। ସେହିପରି ଯାତ୍ରା ବନ୍ଦ ସମ୍ପର୍କରେ ମଧ୍ୟ ପୋଲିସ ସହ ପରାମର୍ଶ କରାଯାଇ ନାହିଁ ବୋଲି କଶ୍ମୀର ଉପତ୍ୟକାର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏଡିଜି କହିଛନ୍ତି।


ଭାରତ ଯୋଡ଼ୋ ଯାତ୍ରା ଅବସରରେ ଜମ୍ମୁ-କଶ୍ମୀର ବନିହାଲଠାରେ ଜଣେ ସମର୍ଥକଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।


# Classified Everyday
**0674-2580101, 2549949**




**SALE**

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200




**SALE**

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

କଳାରାହାଙ୍ଗ (New Railway Station) ପାଖରେ SC, General plot ମିଳୁଛି। 7008492511. D-2509

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

Duplex sale at Bhubaneswar @ 45 Lakhs only- Contact: 9777433701. D-74199

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଛି। 8338932027, 7978676652. D-74192

Highly developed gated society gharabari plot sale near Toshali Square, Puri opposite Medical College. 9937373013. D-74802




Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74186

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2583




3BHK Duplex beautiful corner Villa in gated community, Patia for Family. 9439920321. D-2595

Tolet at GGP Colony, 2 bed room, 1 bed room. Call- 9238321015, 7008124203. D-2587




ଶିରିଡ଼ିସାଇ, ଶନିସିଗ୍ନାପୁର, ଭୀମାଶଙ୍କର, ପଣ୍ଡରପୁର ଓ ସ୍ୱାମୀସମର୍ଥ ଦର୍ଶନ 07 ଏପ୍ରିଲରୁ 6N/7D ଯୋଗାଯୋଗ, ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 9437090931, 7978044197. D-70299




Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74632

Relax, Refresh your body, Mind at Saikrupa Spa with best therapies. 8984068077. D-2586

Newly open full body massage ladies and gents. 8327740003, 8093860513. D-74631

Newly open SPA positively health benefits with expert therapist. 7849011931. D-73677

Full body massage in homely Atmospher all therapy. Mob: 8114881641. D-73421

Newly open health benefits SPA special offer@999 Nayapalli. 7846814019. D-73676




ନୂଆ କିମ୍ବା ପୁରୁଣାଘରେ ଉଈ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

**ଧରିତ୍ରୀ DHARITRI Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଡୁଡୁଲୁର ଜନ୍ମଦିନ ଶୁଭେଚ୍ଛା**



(ଡୁଡୁଲୁ)
ସାଇଶ୍ରୀ ସାହୁ
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ
ତୋର ଅଷ୍ଟମ ବାର୍ଷିକ ଜନ୍ମଦିନରେ ଶ୍ରୀଜଗନ୍ନାଥ, ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କ ନିକଟରେ ପ୍ରାର୍ଥନା। ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: କେଜେବାପା, କେଜେମା, ଗୁଗୁଲୁ, ବୁବୁଲୁ ଓ ପରିବାରବର୍ଗ।
ଧ-୨୬୨୫୪

**AFFIDAVIT**

By the virtue of affidavit dt 27.01.2023 before the Court of Executive Magistrate, Bhubaneswar. My India Passport No.-P1784065, surname has changed as Priyanka Mahakud to Priyanka Padhee. Henceforth, I shall be known as Priyanka Padhee in my Passport. D-2600

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍‌ର ସେମିଫାଇନାଲ୍ ମ୍ୟାଚ୍ ହାରିବା ପରେ ନିରାଶ ଅଷ୍ଟ୍ରେଲିଆ (ବାମ) ଓ ନେଦରଲାଣ୍ଡ୍ସ ଦଳ।

# ଶୁଟ୍ ଆଉଟ ରୋମାଞ୍ଚ

**ଭୁବନେଶ୍ୱର, ୨୭।୧ (କ୍ରୀଡ଼ା ପ୍ରତିନିଧି)**

ଚଳିତ ହକି ବିଶ୍ୱକପ୍‌ର କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ବେଲଜିୟମ-ନେଦରଲାଣ୍ଡ୍ସ ଦ୍ୱିତୀୟ ସେମିଫାଇନାଲ ଶୁଟ୍‌ଆଉଟ ଦ୍ୱାରା ନିର୍ଣ୍ଣିତ ହୋଇଛି। ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ବରାବର ରହିବା ପରେ ଶୁଟ୍ ଆଉଟ ହୋଇଥିଲା। ଏଥିରେ ବେଲ୍‌ଜିୟମ ପକ୍ଷରୁ ଫ୍ଲୋରେଣ୍ଟ ଭାନ ଓଉବେଲ, ଆର୍ଥର ଡି ସ୍ଲୋଭେର ଗୋଲ ଦେଇଥିବାବେଳେ ଟନ୍‌ଗି କୋସିନ୍ସ ମିସ୍ କରିଥିଲେ। ଭିକ୍ଟର ୱେଗ୍‌ନେଜ ଶୁଟ୍ କରିବାକୁ ଉଦ୍ୟମ କରୁଥିବାବେଳେ ନେଦରଲାଣ୍ଡ୍ସ ଗୋଲକିପର ପିରମିନ ବ୍ଲାକ୍ ପ୍ରତିରୋଧ ଉଦ୍ୟମରେ ଷ୍ଟିକ୍ ଚେକ୍ କରିଥିଲେ। ଫଳରେ ବେଲ୍‌ଜିୟମକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ନେଦରଲାଣ୍ଡ୍ସ ଖେଳାଳି ରେଫରାଲ ମାଗିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ପେନାଲ୍ଟି ଷ୍ଟ୍ରୋକ୍ ନେବାକୁ ଆସିଥିବା ଟନ୍‌ଗି କୋସିନ୍ସ କୌଣସି ତ୍ରୁଟି ନ କରି ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ପକ୍ଷରୁ ଜୋରିଟ କ୍ରୁନ୍ ଓ ଜୋନାସ ଡି ଜିଉସ ଗୋଲ ଦେଇଥିଲେ ଏବଂ ଥିଏରି ଭାନ ଡାମ୍, ଟେରାନ୍ସ ଓ ସେଭେ ଭାନ୍ ଆସ୍ ଗୋଲ ଦେବାରେ ବିଫଳ ହୋଇଥିଲେ। ଫଳରେ ବେଲ୍‌ଜିୟମ ପାଇଁ ୫ମ ଖେଳାଳି ଶୁଟ୍ କରିବା ଆବଶ୍ୟକ ପଡ଼ି ନ ଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ବେଲ୍‌ଜିୟମ ରେଫରି ଭିନସେ ଭାନାଷ୍ଟଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା।

### ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ ଦର୍ଶକ ନିରାଶ

ଚଳିତ ହକି ବିଶ୍ୱକପ୍‌ରେ ଶୁକ୍ରବାର ଜର୍ମାନୀ-ଅଷ୍ଟ୍ରେଲିଆ ଏବଂ ବେଲ୍‌ଜିୟମ-ନେଦରଲାଣ୍ଡ୍ସ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ଦୁଇଟି ଯାକ ମ୍ୟାଚ ପାଇଁ ଷ୍ଟାଡିୟମର ୪ଟି ଯାକ ଷ୍ଟାଣ୍ଡରେ ବିଦେଶୀ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷକରି ହଳଦିଆ ଜର୍ସିରେ ଅଷ୍ଟ୍ରେଲିଆ ଏବଂ କମଳା ରଙ୍ଗର ଜର୍ସିରେ ନେଦରଲାଣ୍ଡ୍ସ ଦର୍ଶକ ଅଧିକ ସଂଖ୍ୟାରେ ନଜରକୁ ଆସିଥିଲେ। କେତେକ ଖେଳାଳିଙ୍କ ପରିବାରବର୍ଗ ମଧ୍ୟ ଉପସ୍ଥିତ ଥିଲେ। ମାତ୍ର ଶେଷରେ ବିଶ୍ୱକପ୍‌ର ଅନ୍ୟତମ ଦୁଇ ଫେଭରାଇଟ ଦଳ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ପରାଜିତ ହୋଇଥିଲେ। ଫଳରେ ଦର୍ଶକଙ୍କ ମଧ୍ୟରେ ନିରାଶା ଛାଇ ଯାଇଥିଲା। ଦର୍ଶକମାନେ ଦୁଃଖରେ ଷ୍ଟାଡିୟମ ଛାଡ଼ିଥିଲେ ହେଁ ଆଗକୁ ବ୍ରୋଞ୍ଜ ପଦକ ମ୍ୟାଚ ଥିବାରୁ ନିଜ ନିଜ ଦଳର ଭଲ ପ୍ରଦର୍ଶନ ପାଇଁ ଆଶାୟୀ ରହିଛନ୍ତି।

## ମ୍ୟାଚ୍ ଅଫିସିଆଲ ପ୍ୟାନେଲରେ ୩ ଭାରତୀୟ

**ଦୁବାଇ, ୨୭।୧ (ପି.ଟି.):** ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁଥିବା ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶୁକ୍ରବାର କେବଳ ମହିଳାଙ୍କୁ ନେଇ ଏକ ମ୍ୟାଚ ଅଫିସିଆଲ ପ୍ୟାନେଲ ଘୋଷଣା କରିଛି। ଏଥିରେ ଭାରତର ୩ ଜଣ ଜି.ଏସ୍. ଲକ୍ଷ୍ମୀ, ବ୍ରିନ୍ଦା ରାଠି ଓ ଜନନୀ ନାରାୟଣ ସ୍ଥାନ ପାଇଛନ୍ତି। ୧୩ ଜଣିଆ ମହିଳା ଦଳରେ ୩ ମ୍ୟାଚ ରେଫରି ଓ ୧୦ ଅମ୍ପାୟର ରହିଛନ୍ତି। ପ୍ୟାନେଲରେ ୭ଜଣ ନବାଗତ ରହିଛନ୍ତି। ଗ୍ଲୋବାଲ ଟୁର୍ନାମେଣ୍ଟ ଗୁଡ଼ିକରେ ମହିଳା ଅଫିସିଆଲଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଇବା ପରେ ଆଇସିସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## ଜାତୀୟ ବେଞ୍ଚପ୍ରେସରେ ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୨୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ମହାରାଷ୍ଟ୍ରରେ ୧୫ରୁ ୨୦ ଜାନୁୟାରୀ ଯାଏ ଆୟୋଜିତ ଜାତୀୟ ବେଞ୍ଚପ୍ରେସ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ସବ୍ ଜୁନିୟର ୯୩ କିଗ୍ରା ବର୍ଗରେ ଆୟୁଷ କୁମାର ୧୩୫ କିଗ୍ରାର ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ସିନିୟର ୮୪ କିଗ୍ରା ବର୍ଗରେ ୮୦ କିଗ୍ରା ଭାରୋତ୍ତୋଳନ କରିବା ସହିତ କାଂସ୍ୟ ପଦକ ଜିତିଛନ୍ତି ନଗମା ଆରା ବେଗମ। ଜୁନିୟର ୬୬ କିଗ୍ରା ବର୍ଗରେ ଭୂପେନ ପାତ୍ରୀ ୧୧୫ କିଗ୍ରା ଭାରୋତ୍ତୋଳନ କରିବା ସହିତ ଓଡ଼ିଶା ପାଇଁ ଦ୍ୱିତୀୟ ବ୍ରୋଞ୍ଜ ଜିତିଛନ୍ତି। ଏହି ୩ ପ୍ରତିଯୋଗୀଙ୍କୁ ଉତ୍କଳ କରାଟେ ସ୍କୁଲରେ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ତର୍ଜାତୀୟ ଭାରୋତ୍ତୋଳକ ପ୍ରଦୀପ ପାତ୍ର, ଅନୁପମା ସ୍ୱାଇଁ ଓ ଖୋର୍ଦ୍ଧା ଜିଲ୍ଲା ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ସମରେନ୍ଦ୍ର ରାଉତରାୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ଉପ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ବିଜୟୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବା ଲକ୍ଷ୍ୟରେ ଦେବାଶିଷ

**ଭୁବନେଶ୍ୱର, ୨୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟର ପ୍ରଥମ ଟେନିସ ଖେଳାଳିଭାବେ ଭାରତ ପକ୍ଷରୁ ଜୁନିୟର ଡେଭିସ୍ କପ୍‌ରେ ପ୍ରତିନିଧିତ୍ୱ କରିଥିବା ଦେବାଶିଷ ସାହୁ ନିଜ ଲକ୍ଷ୍ୟ ପଥରେ ଆଉ ଏକପାଦ ଅଗ୍ରସର ହୋଇଛନ୍ତି। ଇନ୍ଦୋର ଟେନିସ୍ କ୍ଲବ୍, ମଧ୍ୟପ୍ରଦେଶରେ ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି ଦେବାଶିଷ। ଏହା ହେଉଛି ତାଙ୍କ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ। ନିକଟ ଭବିଷ୍ୟତରେ ବିଶ୍ୱ ର୍‍ୟାଙ୍କିଙ୍ଗର ୨୫୦ ମଧ୍ୟରେ ସ୍ଥାନ ପାଇବା ତାଙ୍କର ଲକ୍ଷ୍ୟ। ଏହା ହୋଇପାରିଲେ ସେ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇପାରିବେ। କର୍ଣ୍ଣାଟକର ସହଜ ସିଂ ପୱାରଙ୍କୁ ସାଥୀ କରି ଦେବାଶିଷ ଫାଇନାଲରେ କର୍ଣ୍ଣାଟକର ଶ୍ରିନିକେଶ କନ୍ନନ ଓ ହରିୟାଣାର ବଂଶ ନନ୍ଦଲଙ୍କୁ ୬-୩, ୬-୧ରେ ପରାସ୍ତ କରିଛନ୍ତି। ସେମିଫାଇନାଲରେ ସହଜ-ଦେବାଶିଷ ମଣିପୁରର ଶଙ୍କର ହେସନାମ ଓ ମହାରାଷ୍ଟ୍ରର ବିଶାଲ ପ୍ରକାଶଙ୍କୁ ୬-୪, ୫-୭ ଓ ୧୦-୪ରେ ହରାଇଥିଲେ। ସିଙ୍ଗଲ୍ସ ବର୍ଗରେ ଦେବାଶିଷ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଟପ୍ ସିଡ୍ ପଞ୍ଜାବର ହିତେଶ ଚୌହାନଙ୍କ ନିକଟରୁ ସେ ୬-୨ ଓ ୬-୪ରେ ହାରି ଯାଇଥିଲେ। ପ୍ରଥମ ଓଡ଼ିଆ ଖେଳାଳି ଭାବରେ ଦେବାଶିଷ ପୂର୍ବରୁ ୧୪ ଓ ୧୬ ବର୍ଷରୁ କମ୍ ଡେଭିସ୍ କପ୍ ଦଳରେ ସ୍ଥାନ ପାଇଥିଲେ। ମାର୍ଚ୍ଚ ୨୨ ତାରିଖରୁ ୧୯୭୮ ର୍‍ୟାଙ୍କ ସହିତ ଦେବାଶିଷଙ୍କ ଅନ୍ତର୍ଜାତୀୟ ଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସେ ୫୦୦ ମଧ୍ୟକୁ ଆସି ଯାଇଛନ୍ତି।

**ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ ଜିତିଲେ**



## ଜୋକୋଭିଚ୍-ସିତ୍‌ସିପାସ୍ ଫାଇନାଲ

**ମେଲବୋର୍ନ, ୨୭।୧ (ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଆମେରିକାର ଟମି ପଲ୍‌ଙ୍କୁ ୭-୫, ୬-୧, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଏହାଦ୍ୱାରା ସେ ମେଲବୋର୍ନ ପାର୍କରେ ତାଙ୍କର ୧୦ମ ଏବଂ ଓଭର ଅଲ୍ ୨୨ଗ୍ରାଣ୍ଡସ୍ଲାମ ଟାଇଟଲ ନିକଟତର ହୋଇଛନ୍ତି। କେବଳ ସେତିକି ନୁହେଁ ଅଷ୍ଟ୍ରେଲିଆନ ଓପନରେ କ୍ରମାଗତ ଅଧିକ ମ୍ୟାଚ ଜିତିବାରେ ତାଙ୍କର ଯେଉଁ ରେକର୍ଡ ରହିଛି ତାହା ୨୭ରେ ପହଞ୍ଚିଛି। କରୋନା ଭ୍ୟାକ୍ସିନ ନେଇ ନ ଥିବାରୁ ସର୍ବୀୟ ଖେଳାଳି ଗତଥର ଟୁର୍ନାମେଣ୍ଟ ଖେଳିବାରୁ ବଞ୍ଚିତ ହୋଇଥିଲେ। ରବିବାର ଫାଇନାଲରେ ୪ ନମ୍ବର ସିଡ୍ ଜୋକୋଭିଚ୍ ୩ୟ ସିଡ୍ ଷ୍ଟିଫାନସ ସିତ୍‌ସିପାସ୍‌ଙ୍କୁ ଭେଟିବେ। ସିତ୍‌ସିପାସ୍ ୭-୬ (୨), ୬-୪, ୬-୭ (୬), ୬-୩ରେ କାରେନ ଖାଚାନୋଭଙ୍କୁ ହରାଇ ମେଲବୋର୍ନ ପାର୍କଠାରେ ତାଙ୍କର ପ୍ରଥମ ଏବଂ ମୋଟ ଉପରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଛନ୍ତି। ଅଷ୍ଟ୍ରେଲିଆନ ଓପନ ଯିଏ ଜିତିବ ସେ ଏଟିପି ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ହେବ। ଟୁର୍ନାମେଣ୍ଟ ଦେଖିବା ପାଇଁ ଜୋକୋଭିଚ୍‌ଙ୍କ ମାତାପିତା ଓ ଭାଇ ସହରରେ ଉପସ୍ଥିତ ଅଛନ୍ତି। ସର୍ବୀୟ ଖେଳାଳିଙ୍କ ପିତା କିନ୍ତୁ ସେମିଫାଇନାଲ ମ୍ୟାଚ ବେଳେ ଅନୁପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ବର୍ତ୍ତମାନ ପରିସ୍ଥିତିରେ ରୁଷିଆ ଓ ବେଲାରୁଷ ପତାକା ପ୍ରଦର୍ଶନରେ ବାରଣ ରହିଛି। ସପ୍ତାହ ଆରମ୍ଭରେ ଜୋକାଭିଚ୍‌ଙ୍କ ପିତା କିଛି ଦର୍ଶକଙ୍କ ସହ ରୁଷୀୟ ପତାକା ପ୍ରଦର୍ଶନ କରିଥିବା ନଜରକୁ ଆସିଥିଲା।




ନୋଭାକ ଜୋକୋଭିଚ୍ ଓ ଷ୍ଟିଫାନସ ସିତ୍‌ସିପାସ୍।

### ରିବାକିନା-ସାବାଲେଙ୍କା ଫାଇନାଲ

ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ଫାଇନାଲ ଶନିବାର ଏଲିନା ରିବାକିନା ଓ ଆରିନା ସାବାଲେଙ୍କାଙ୍କ ମଧ୍ୟରେ ହେବ। କାଜାଖସ୍ତାନର ୨୩ ବର୍ଷୀୟା ରିବାକିନା ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ୭-୬ (୪), ୬-୩ରେ ହରାଇ ଦେଇଛନ୍ତି। ୫ମ ସିଡ୍ ବେଲାରୁଷର ସାବାଲେଙ୍କା ଦ୍ୱିତୀୟ ସେମିଫାଇନାଲରେ ଅଣସିଡ୍ ମାଗ୍‌ଦା ଲିନେଟଙ୍କୁ ୭-୬ (୧), ୬-୨ରେ ପରାସ୍ତ କରିଛନ୍ତି।


**OFFICE OF THE SUPERINTENDENT**
**SAHEED LAXAMAN NAYAK MEDICAL COLLEGE AND HOSPITAL, KORAPUT**

No.639/2023 Date:25.01.2023

**CORRIGENDUM**

**No.E-861:** The annexure-I of this office Tender Bid Reference No.372, dtd.13.01.2023 towards empanelment of agency on rate contract basis for supply of total Hip replacement implants is hereby modified and may be read as per modified Annexure-I. Other terms and conditions of the tender Bid reference No-372, dtd.13.01.2023 will remains unchanged.

Sd./- Medical Superintendent
SLNMCH, Koraput
OIPR-10121/11/0032/2223



**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.II**
**BHUBANESWAR**
eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**
**Bid identification No.C.C. (R&B)-02**
**e-Procurement Notice No.67 of 2022-23**
**No. Bhubaneswar the 2022**

**No.B-1182:** The Superintending Engineer, Bhubaneswar (R&B) Division No.II, Bhubaneswar on behalf of the Governor of Odisha invites percentage rate bids for One Number of Gas Pipeline work to be received in online bidding. Double Cover System as detailed in: https://tendersorissa.gov.in. The details of bid documents will be available in the above website from 01.02.2023 to 5.00 PM of 15.02.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 16.02.2023 in the Office of the Superintending Engineer, Bhubaneswar (R&B) Division No.II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/ Corrigendum, if required, will be available only in the website.

Sd./-Superintending Engineer, BBSR
(R&B) Division No.II, BBSR
OIPR-34088/11/0029/2223


## ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲରେ ଭାରତ

**ପୋଶ୍ଚେଫଷ୍ଟ୍ରୁମ୍ (ଦକ୍ଷିଣ ଆଫ୍ରିକା), ୨୭।୧ (ପି.ଟି.)**

ଓପନର ଶ୍ୱେତା ଶେରାୱତଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ପାର୍ଶଭି ଚୋପ୍ରାଙ୍କ ୩ ଉଇକେଟ ସଫଳତାକୁ ପାଥେୟ କରି ଭାରତ ୮ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଅଧିନାୟକା ଶେଫାଳୀ ବର୍ମା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୦୭ ରନ କରିଥିଲା। ପାର୍ଶଭି ଚମତ୍କାର ବୋଲିଂ କରି ୨୦ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଏହି ୧୬ ବର୍ଷୀୟ ଲେଗ୍ ସ୍ପିନର ନ୍ୟୁଜିଲାଣ୍ଡ ବ୍ୟାଟିଂ ଲାଇନ୍‌ଅପ୍‌ର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଫଳରେ ନ୍ୟୁଜିଲାଣ୍ଡ ୧୩ତମ ଓଭର ବେଳକୁ ୭୪ ରନରେ ୫ ଉଇକେଟ ହରାଇଥିଲା। ଟିଟାସ ସାଧୁ, ମନତ କାଶ୍ୟପ, ଶେଫାଳି ଓ ଅର୍ଚ୍ଚନା ଦେବୀ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ସେନୱେସ୍ ପାର୍କଠାରେ ଖେଳାଯାଇଥିବା ଏହି ମ୍ୟାଚରେ ରନ ସଂଗ୍ରହ ପାଇଁ ସଂଘର୍ଷ କରିଥିବା ନ୍ୟୁଜିଲାଣ୍ଡ ତରଫରୁ ଜର୍ଜିଆ ପ୍ଲିମର (୩୫), ଇସାବେଲା ଗେଜ୍ (୨୬), ଇଜି ଶାର୍ପ (୧୩) ଓ କେଲେ ନାଇଟ୍ (୧୨) କେବଳ ଦୁଇ ଅଙ୍କ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଶେରାୱତଙ୍କ ଅପରାଜିତ ୬୧ ରନ (୪୫ ବଲ୍, ୧୦ ଚୌକା) ସହାୟତାରେ ଭାରତ ୧୦୮ ରନର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିନେଇଥିଲା। ଶେଫାଳି ମାତ୍ର ୧୦ ରନ କରି ଆଉଟ ହୋଇଯିବା ପରେ ଶେରାୱତ ଓ ସୌମ୍ୟା ତିୱାରୀ (୨୨) ୬୨ ରନ ଯୋଗ କରି ଦଳ ପାଇଁ ବିଜୟ ପଥ ପରିଷ୍କାର କରିଥିଲେ। ଶେରାୱତ ଓ ଗୋଙ୍ଗାଡି ତ୍ରିଶା (୫) ମ୍ୟାଚର ପରିସମାପ୍ତି ଘଟାଇଥିଲେ। ଭାରତ ୧୪.୨ ଓଭରରେ ୨ ଉଇକେଟ ବିନିମୟରେ ୧୧୦ ରନ କରିଥିଲା। ତିନୋଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିବା ପାର୍ଶଭି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତ ଫାଇନାଲରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁଥିବା ଅନ୍ୟ ସେମିଫାଇନାଲ ବିଜେତାକୁ ଭେଟିବ।



ଶ୍ୱେତା ଶେରାୱତ ଓ ଗୋଙ୍ଗାଡି ତ୍ରିଶା।

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ମହିଳା ଦଳ: ୨୦ ଓଭରରେ ୧୦୭/୯ (ଜର୍ଜିଆ ପ୍ଲିମର-୩୫; ପାର୍ଶଭି ଚୋପ୍ରା-୩/୨୦)। ଭାରତ ମହିଳା ଦଳ: ୧୪.୨ ଓଭରରେ ୧୧୦/୨ (ଶ୍ୱେତା ଶେରାୱତ-୬୧; ଆନ୍ନା ବ୍ରାଉନିଂ (୨/୧୮)।


**ODISHA MINING CORPORATION LIMITED**
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**

OMC | ODISHA NEW OPPORTUNITIES — Mining Happiness

**NOTICE INVITING TENDER No. 01/OMC/DTR/Civil/2022-23, Dt. 25.01.2023**
**No.CAD-4644: Tender for the following works are invited.**

| Sl. No. | Name of Work | Estimate Cost Rs. | Time Period of the work | Class of Contractor | EMD in D.D. (Rs.) | Cost of Bid documents (Rs.) |
|---|---|---|---|---|---|---|
| 1 | Renovation of road side drain with protection wall near Children's Park Daitari Mines in the district of Keonjhar. | Rs.486600/- | 2 Months | D & C | Rs.4870/- | Rs.2000/- + 18% GST |
| 2 | Development of road work providing CC pavement near Old Market in Township of Daitari Mines. | Rs.496500/- | 2 Months | D & C | Rs.4970/- | Rs.2000/- + 18% GST |
| 3 | Development of existing Black topped road with laying of SDBC of Daitari Town (Guest House Chhak to Old Market via Post Office) | Rs.434900/- | 2 Months | D & C | Rs.4350/- | Rs.2000/- + 18% GST |
| 4 | Development of existing Black topped road with laying of SDBC of Daitari Town (Old Market to Hospital Gate & road upto 104 Tenement) | Rs.484500/- | 2 Months | D & C | Rs.4850/- | Rs.2000/- + 18% GST |
| 5 | Development of existing Black topped road with laying of SDBC of Daitari Town (Sector-1 Chhak to Police Station) | Rs.485500/- | 2 Months | D & C | Rs.4860/- | Rs.2000/- + 18% GST |

1. Date & time of availability of bids at OMC web-site (www.omcltd.in / www. orissamining.com) from Dt. 08.02.2023 to dt.14.02.2023 up to 5.00 PM.
2. Last date and time of submission of bids at allocated tender box dtd.15.02.2023 up to 5.00 PM.
3. Date & time of opening of bid dtd.16.02.2023 at 11.00 AM.
4. For details you may refer D.T.C.N.
5. Tender inviting authority: Sr. Manager (Civil)
6. The Odisha Mining Corporation Ltd reserves the right to reject any or all tenders without assigning any reason thereof.

OIPR-30005/11/0206/2223
Sd./- 25.01.2023
Sr. Manager (Civil), Daitari

# ନୂଆବର୍ଷର ଉପହାର

## ଅନୁବାଦ ଗଳ୍ପ

**ମୂଳ ଇଂଲିଶ୍: ମୋପାଁସା**
**ଅନୁସୃଜନ: ଡ. ସୂଚନା ପାଢ଼ୀ**

ବନ୍ଧୁତାର ବନ୍ଧୁତ୍ୱକୁ ଅଧିକ ଦୃଢ଼ ଓ ହୃଦୟଗ୍ରାହୀ କରିବାକୁ ଜାକସ୍ ଭଲ ପାଉଥିଲେ। ତେଣୁ ପ୍ରତିବର୍ଷ ନୂଆବର୍ଷ ପୂର୍ବଦିନ ରାତିରେ ବନ୍ଧୁଙ୍କ ଚିଠି, ସେମାନେ ପଠାଇଥିବା ଶୁଭେଚ୍ଛାବାର୍ତ୍ତା ଇତ୍ୟାଦି ଲିଷ୍ଟ କରି ଲେଖିରଖନ୍ତି। ତା'ଛଡ଼ା ଆତ୍ମସନ୍ତୁଷ୍ଟି ପାଇଁ ଯେଉଁ ବନ୍ଧୁମାନଙ୍କ ଜୀବନରେ କିଛି ଉନ୍ନତି ହୋଇଛି, ସେମାନଙ୍କୁ ନବବର୍ଷ ଦିନ ହିଁ ସ୍ୱତନ୍ତ୍ର ଶୁଭେଚ୍ଛା ଜଣାଇବାକୁ ଭୁଲନ୍ତି ନାହିଁ।

ସେ ବର୍ଷର ଘଟଣାଟି ନବବର୍ଷର ପୂର୍ବଦିନ ଘଟିଥିଲା। ଚାକର ଖାଇବାକୁ ଦେଇସାରି ନିର୍ଦ୍ଦେଶ ଅନୁସାରେ ଚିଠିପତ୍ର ସଜାଡ଼ି ରଖିଲା। ଜାକସ୍ ଖାଇବା ସାରି ଟେବୁଲ୍ ପାଖ ଚୌକିରେ ବସି କାମ ଆରମ୍ଭ କଲେ। ଟେବୁଲକୁ ଖୋଲିବାମାତ୍ରେ ପୁରୁଣା ବାନ୍ଧବୀର ହସହସ ମୁହଁଥିବା ଫଟୋ ଆଖିରେ ପଡ଼ିଲା। ଗତବର୍ଷ ନୂଆବର୍ଷ ଉପଲକ୍ଷେ ସେ ତା' ପାଖକୁ ନେକ୍‌ଲେସ୍ ଉପହାର ପଠାଇଥିଲେ। କିନ୍ତୁ, ଏ ବର୍ଷ! ସମ୍ପର୍କ ବଦଳିଯାଇଛି। ଟିକେ ବିଚଳିତ ମନରେ ଚୌକିରୁ ଉଠି ରୁମ୍ ଭିତରେ ଏପାଖ ସେପାଖ ହେବାକୁ ଲାଗିଲେ। ପୁରୁଣା ସ୍ମୃତି ରୋମାଞ୍ଚିତ ହୋଇଥିଲା। ଛ' ମାସ ପୂର୍ବେ ଜଣେ ମିଷ୍ଟ୍ରେସ୍ ସହିତ ଗୋପନ ସମ୍ପର୍କ ରଖିଥିଲେ, ଯେ କି ନାମଜାଦା ଧନୀଙ୍କ ରକ୍ଷିତା ଥିଲା। ମହିଳା ଅର୍ଥାଭାବ ହେତୁ ଥିଏଟରରେ କାମ ବି କରୁଥିଲେ। ଜୀବନର ବାସ୍ତବତା ବୁଝିଥିଲା। ଏ କଥା ଜାକସ୍ ଡାଏରୀରେ ଲେଖିଥିଲେ। ମିଷ୍ଟ୍ରେସ୍ ସହିତ ସମ୍ପର୍କ ରଖିବା ପୂର୍ବରୁ ଅନ୍ୟ ଜଣେ ପ୍ରେମିକା ଥିଲା। ସେ ଏବେ ବିବାହିତା। ଭାବିଲେ- ଅତୀତର ପ୍ରେମ କିମ୍ବା ପ୍ରେମିକାଙ୍କୁ ମନେପକାଇ କି ଲାଭ! ପ୍ରକୃତ ପ୍ରେମର ସ୍ମୃତି ମନରେ ଅଲିଭା ଦାଗ ରଖିଯାଏ। ଭୁଲିପାରୁ ନ ଥିଲେ ଅତୀତ... ପ୍ରେମ... ପ୍ରେମିକା...।

କଲିଂବେଲ୍ ଟିପିବା ଶବ୍ଦ ଶୁଣାଗଲା। ଏତେ ରାତିରେ କିଏ ଡାକୁଛି! ନୂଆବର୍ଷ ପୂର୍ବ ରାତି। କବାଟ ଖୋଲି ଦେଖିଲେ ଭୟଭୀତ ଅବସ୍ଥାରେ ସର୍ବାଙ୍ଗ ଆବୃତ କରି ସ୍ତ୍ରୀ ଲୋକଟିଏ ଠିଆ ହୋଇଛି। ପଚାରିଲେ-

- ତୁମେ ଏକୁଟିଆ ଅଛ! ଆଉ କେହିନାହାନ୍ତି ?
- ନା।
- ତୁମେ ବାହାରକୁ ଯିବନି କି ?
- ନା।

ଅଚିହ୍ନା ମନେହେଉଥିବା ସ୍ତ୍ରୀଲୋକଟି ନିଃସଙ୍କୋଚରେ ଘର ଭିତରକୁ ପଶି ଆସି ସୋଫା ଉପରେ ବସିଗଲା। ବିକଳ ହୋଇ ଧକେଇ ଧକେଇ କାନ୍ଦିବାକୁ ଲାଗିଲା। କାବା ହୋଇ ଦେଖୁଥିଲେ ଜାକସ୍। ତା' ପରେ ଜାକସ୍‌ଙ୍କ ହାତ ଧରିଲା। ମୁହଁର ଓଢ଼ଣି ସାମାନ୍ୟ ଉପରକୁ ଉଠିଯିବାରୁ ଜାକସ୍ ଦେଖିଲେ, ଚିହ୍ନିପାରିଲେ- ରିନି। ରିନି ଆଖିରେ ଲୁହଭର୍ତ୍ତି। ରିନି-ପୂର୍ବ ପ୍ରେମିକା।

- କାନ୍ଦୁଛ କାହିଁକି, କ'ଣ ହେଲା ?
- ମୁଁ ଆଉ ବେଶିଦିନ ବଞ୍ଚି ପାରିବିନି।
- ତୁମେ କ'ଣ କହିବାକୁ ଚାହୁଁଛ ?
- ବହୁତ ସହିଲିଣି। ସେ ଆଜି ମୋତେ ଧକ୍କାମାରି ଘରୁ ବାହାର କରି ଦେଇଛନ୍ତି।
- କିଏ ? ତୁମ ସ୍ୱାମୀ ?
- ହଁ, ମୋ' ସ୍ୱାମୀ।

ରିନିର ବୁକୁଫଟା କାନ୍ଦ ଦେଖି ବ୍ୟସ୍ତ ହୋଇଗଲେ ଜାକସ୍। ସେ ଆଶା କରି ନ ଥିଲେ ରିନିର ସ୍ୱାମୀ ରାଣ୍ଡାଲ ଏତେ ନୃଶଂସ ହୋଇପାରେ! ରାଣ୍ଡାଲ ତାଙ୍କ ଆଖିରେ ଭଲ ମଣିଷ ଥିଲା। ସଂସାରୀ ମଣିଷ, ଧନୀ। ଘୋଡ଼ା ଚଢ଼ିବାକୁ ଭଲପାଏ, ମଉଜ ମଜଲିସ୍‌ରେ ସମୟ କଟାଏ, ଖଣ୍ଡାଯୁଦ୍ଧ କରିପାରେ। ତା' ବ୍ୟବହାର, କଥାବାର୍ତ୍ତା ବହୁତ ଭଲ। ସମସ୍ତେ ତାକୁ ଭଲପାଆନ୍ତି। କିନ୍ତୁ, କଥା ହେଲା ସେ ବେଶି ପାଠ ପଢ଼ିନି। ତେଣୁ ତା' ପାଖରେ ଶାଳୀନ ବ୍ୟବହାର କିମ୍ବା ଉଚ୍ଚ ଚିନ୍ତା ଦେଖିବାକୁ ମିଳେନାହିଁ। ସ୍ୱାଧୀନ ଭାବେ ବଞ୍ଚିବା ସୁଯୋଗ ଦେଇଥିଲା। ତାଙ୍କୁ ରିନିର ପ୍ରେମିକ ବୋଲି ଜାଣି ମଧ୍ୟ କେବେ ବନ୍ଧୁତାରେ ଆଞ୍ଚ ଆଣିନି, ସନ୍ଦେହ କରିନି କିମ୍ବା ଖରାପ ବ୍ୟବହାର ବି କରି ନ ଥିଲା। ଅଥଚ, ଆଜି ଏତେ ରାତିରେ! କାହିଁକି ଏପରି ମନାନ୍ତର ? ଖୋଲା ମିଜାଜ୍‌ର ଯୁବକ ରାଣ୍ଡାଲ... ଆମ ଭିତରେ ନିଃସଂଶୟ ବନ୍ଧୁତା... ତଥାପି ଏପରି ଘଟଣା! କାରଣ କ'ଣ ହୋଇପାରେ!

ରିନି କହିବାକୁ ଆରମ୍ଭ କଲା। ଜାକସ୍! ବିବାହ ପରେ ଜାଣିବାକୁ ପାଇଲି ପ୍ରକୃତରେ ରାଣ୍ଡାଲ ଯେମିତି ଭଲ ଓ ଭଦ୍ର ଦେଖାଯାଉଛନ୍ତି ସେପରି ନୁହନ୍ତି। ଭାରି ସନ୍ଦେହୀ, ରାଗି, ହିଂସ୍ର ପ୍ରକୃତିର। ତୁମ ପ୍ରତି ଦିନକୁଦିନ ତାଙ୍କର ସନ୍ଦେହ ବଢ଼ିବାରୁ ଈର୍ଷାନ୍ୱିତ ହୋଇ ମୋତେ ମାରପିଟ୍ ଆରମ୍ଭ କରିଦେଲେ। ମୁଁ ଆଉ ସେ ଘରକୁ ଯିବିନି, ତୁମେ ଯାହା କରିବ କର। ମୁଁ ଏଇଠି ବସି ରହିବି।

ଉଭୟେ ସୋଫାରେ ବସିଥିଲେ। ପରସ୍ପର ପରସ୍ପରର ଶାରୀରିକ ସ୍ପର୍ଶ ଅଜାଣତରେ ଅନୁଭବ କରୁଥା'ନ୍ତି।

ଜାକସ୍। ପାଖରେ ରଖ, ନଚେତ୍ ସବୁଦିନ ପାଇଁ ଦୂରେଇ ଦିଅ।

- ରିନି। ତାକୁ ଡିଭର୍ସ କରିଦିଅ। ଆମେ ବିବାହ କରିବା। ଯଦି ତୁମେ ଏଠି ସ୍ୱଇଚ୍ଛାରେ ରହିବ, ସକାଳୁ ରାଣ୍ଡାଲ ଆସି ତୁମକୁ ନେଇଯାଇପାରେ। ତା'ର ସେ ଅଧିକାର ଅଛି।
- ଜାକସ୍! କୁଆଡ଼େ ପଳେଇବା ଟାଲ।



ଜାକସ୍ କହିଲେ- ରିନି! ମୁଁ ତୁମକୁ ବହୁତ ଭଲପାଏ। କିନ୍ତୁ ଆଜି ତୁମ କଥାରୁ ଜାଣୁଛି, ତୁମେ ଏକ ବିରାଟ ଭୁଲ ପଦକ୍ଷେପ ନେଉଛ। ତୁମ ସ୍ୱାମୀଙ୍କ ପାଖରେ ଅନେକ ଖରାପ ଗୁଣ ଅଛି। ତୁମେ ରହିପାରିବନି, ଠିକ୍ ଅଛି। ଜାକସ୍ ମୁହଁକୁ ଚାହିଁ ରିନି ପ୍ରଶ୍ନ କଲା- ମୋତେ କ'ଣ କରିବାକୁ କହୁଛ ?

- କହିବାକୁ ଚାହୁଁଛି, ସମ୍ମାନର ସହିତ ତାଙ୍କଠାରୁ ଅଲଗା ହୁଅ କିମ୍ବା ଛାଡ଼ପତ୍ର ଦେଇଦିଅ। ଥରେ ଗଭୀର ଭାବେ ଚିନ୍ତାକର। ତୁମେ କୁଳୀନ ପରିବାରର କନ୍ୟା, ତୁମର ଉଚ୍ଚ ମର୍ଯ୍ୟାଦାସମ୍ପନ୍ନ ବନ୍ଧୁ ପରିଜନ ଅଛନ୍ତି, ସମସ୍ତଙ୍କ ସହିତ ସୁସମ୍ପର୍କ ରହିଛି। ହଠାତ୍ ରାତିରେ ସ୍ୱାମୀ ସହିତ ଗଣ୍ଡଗୋଳ କରି ମୋ' ପାଖକୁ ଆସି ମାନସମ୍ମାନ ହରାଇବା ଉଚିତ ନୁହେଁ।
- ଦରକାର ନାହିଁ, ମୁଁ ବଞ୍ଚିବାକୁ ଚାହୁଁନି। ମୋର କେହି ନାହାନ୍ତି, ମୁଁ ମରିଯିବି। ଆଜି ହିଁ ଆତ୍ମହତ୍ୟା କରିଦେବି। ଜାକସ୍! ସତ କୁହ, ତୁମେ ମୋତେ ଭଲପାଅ କି ନାହିଁ ?
- ହଁ, ହଁ ମୁଁ ଖୁବ୍ ଭଲପାଏ।
- ସତ କହୁଛ ? ସତ କହୁଛ ? ମୋତେ ପାଖରେ ରଖ।
- କ'ଣ କହିଲ, ମୋ' ପାଖରେ ? ମୋ' ଘରେ ତୁମକୁ ରଖିବି ? ଏମିତି ନିଷ୍ପତ୍ତି ନେଲେ ତୁମକୁ ସବୁଦିନ ପାଇଁ ହରାଇବାକୁ ପଡ଼ିବ।
- ରାଣ୍ଡାଲ ତୁମ ସହିତ ଦେଖା କରିବାକୁ ବାରଣ କରୁଛନ୍ତି। ମୁଁ ଲୁଚିଲୁଚି ଆସିପାରିବି ନାହିଁ। ମୋତେ ବୁଝିବାକୁ ଚେଷ୍ଟାକର ମୁଁ ଭାବୁଥିଲି ତୁମ ପାଖରେ ରହିବି, ତୁମେ ମୋତେ ଖୁବ୍ ଭଲପାଅ। ଏବେ ଜାଣୁଛି ମୋ' ଧାରଣା ଭୁଲ। ହଉ... ହଉ ବିଦାୟ...।

ଏତିକି କହିବା ପରେ ରିନି ଯଥାଶୀଘ୍ର ଘର ବାହାରକୁ ଯିବାକୁ ଉଦ୍ୟତ ହେଲା। ପଛକୁ ଟାଣିଧରି ଜାକସ୍ କହିଲେ- ଶୁଣ ରିନି! ଶୁଣ। କାନ୍ଦ କାନ୍ଦ ସ୍ୱର, ଲୁହଭର୍ତ୍ତି ଆଖି, ଥର ଥର ଓଠରେ ରିନି କହିଲା- ମୋତେ ଛାଡ଼ିଦିଅ, ପ୍ଲିଜ୍। ମୁଁ ବଞ୍ଚିବାକୁ ଚାହୁଁନି। ପ୍ଲିଜ୍ ଛାଡ଼ିଦିଅ... ପ୍ଲିଜ୍... ପ୍ଲିଜ୍...।

ବୁଝାଇବା ପାଇଁ ପୁଣି ଜବରଦସ୍ତ ରିନିକୁ ସୋଫାରେ ବସାଇଲେ ଜାକସ୍। ଏପରି ନିଷ୍ପତ୍ତିର ଫଳାଫଳ ନ ଜାଣିଲେ କି କି ଆଇନଗତ ସମସ୍ୟା, ସାମାଜିକ ଅସୁବିଧା ହୋଇପାରେ ଧୈର୍ଯ୍ୟର ସହିତ ବୁଝାଇଲେ। କଥାରେ ଥିଲା ବିନମ୍ର, ଶାଳୀନ ଅନୁରୋଧ।

ଜାକସ୍‌ଙ୍କଠାରୁ ଥରକୁ ଥର ଏକା କଥା ଶୁଣି ରିନି କହିଲେ- ମୋତେ ସେଠିକି ଫେରିବାକୁ ବାଧ୍ୟକରୁଛ ତ ହେଉ ମୁଁ ଯାଉଛି, ମୋ' ହାତ ଛାଡ଼।

- ରିନି!
- ମୋତେ କାହିଁକି ଅଟକେଇ ରଖୁଛ ? ଯିବାକୁ ଦିଅ।
- ଏଇଟା କ'ଣ ତୁମର ଶେଷ ନିଷ୍ପତ୍ତି ?
- ମୋତେ ଯିବାକୁ ଦିଅ।
- ମନେରଖ ରିନି, ଏପରି ଚିନ୍ତାଶୂନ୍ୟ ନିଷ୍ପତ୍ତି ପାଇଁ ସବୁବେଳେ ଅନୁତାପ କରିବ।
- ଆଉ ଭାଷଣ ଶୁଣାଅନି।
- ଠିକ୍ ଅଛି, ଆଜି ରାତିକ ଏଇଠି ରୁହ, ସକାଳ ହେଲେ ଆମେ ଯିବା। ଆଉ ରାଗନି।
- ଦରକାର ନାଇଁ, ମୋ' ପାଇଁ କିଏ ତ୍ୟାଗ କରିବା ମୁଁ ଚାହେଁନା।
- ଠିକ୍ ଅଛି, ତୁମେ ଯାହା ଚାହିଁବ ମୁଁ ସେୟା କରିବି।
- ଜାକସ୍! କାହାକୁ ବଦଳାଇବା ଏତେ ସହଜ ନୁହେଁ। ଯେଉଁ ପ୍ରେମିକା ପ୍ରେମିକ ପରସ୍ପରକୁ ପ୍ରକୃତ ପ୍ରେମ କରନ୍ତି, ସେମାନେ ନିଶ୍ଚୟ ପ୍ରେମର ଗଭୀରତା ବୁଝନ୍ତି, ଠିକ୍ କଥା ନା ? ଦିନେ ମୁଁ ଭାବିଲି, ତୁମକୁ ମୁଁ ଖୁବ୍ ଭଲପାଏ, କିନ୍ତୁ ତୁମେ ? ବାଧ୍ୟ କରି କାହାକୁ ପ୍ରେମ କରାଯାଇପାରେ କି ? ବଶ୍ୟତା ସ୍ୱୀକାର କଲେ ହିଁ ପ୍ରକୃତ ପ୍ରେମ ଅନୁଭବ କରିହୁଏ। ସତ ନା ମିଛ କୁହ!
- ରିନି, ମୋ' ମତରେ ବିବାହ ବନ୍ଧନର ଗୁରୁତ୍ୱ ରହିଛି। ସେଥିରେ ନୈତିକତା ଅଛି, ସାମାଜିକ ମୂଲ୍ୟବୋଧ ରହିଛି, ପରସ୍ପର ସହଭାଗିତା ବି ଅଛି। ମୋର ଧାରଣା, ଯେତେବେଳେ ଜଣେ ବିବାହିତ ପୁରୁଷ ବା ନାରୀର ମନରେ ପ୍ରେମିକ ପ୍ରତି ଆକର୍ଷଣ ରହେ, ସେମାନେ କେବଳ ଦୁଃଖ ହିଁ ଭୋଗନ୍ତି, ପ୍ରକୃତ ଦାମ୍ପତ୍ୟ ପ୍ରେମ ଅନୁଭବ କରିପାରନ୍ତି ନାହିଁ। ତେଣୁ ପରସ୍ପର ପ୍ରତି ଉତ୍ସର୍ଗୀକୃତ ହେବା ନିହାତି ଦରକାର।
- ଜାକସ୍! ମୁଁ ଭାବିଥିଲି, ମୋ' ଅତୀତ ତାଙ୍କୁ କହିଛି, ମୋ' ଜୀବନର ଭଲମନ୍ଦ ସବୁ ଜାଣନ୍ତି। ମୋ' ଉପରେ ବିଶ୍ୱାସ ରହିବା କଥା, କିନ୍ତୁ...।
- ଦୁଃଖ ଲାଗୁଛି, ମୋ' ବିଷୟରେ ସବୁ ଜାଣି ମଧ୍ୟ ସେ ତୁମକୁ ସନ୍ଦେହ କରି ଖରାପ ବ୍ୟବହାର କରୁଛନ୍ତି। ଏପରି ସ୍ଥଳେ ପରାମର୍ଶ ଦେବା ଉଚିତ ହେବନି। ତୁମେ ଯାହା ପାଖରେ ରହିବା ଠିକ୍ ଭାବୁଛ ରୁହ। ବର୍ତ୍ତମାନ କୁହ, ମୁଁ କ'ଣ କରିବି ?

କିଛି ସମୟ ଉଭୟେ ନୀରବ ରହିଲେ। କିଛି ସମୟ ପରେ ରିନିର ଆଖି ଚକ୍‌ଚକ୍ ଦେଖାଗଲା। ମନ ଭିତରୁ ଉଦ୍‌ଗତ ଆନନ୍ଦ ଚାପି ରଖି କହିଲା- ତୁମେ କିଛି କରିବା ଦରକାର ନାହିଁ। ଯାହା କହିଲି ସବୁ ମିଛ, ଅଭିନୟ କରିଥିଲି। ମୋ' ସ୍ୱାମୀ ମୋତେ ଖୁବ୍ ଭଲପାଆନ୍ତି। ଏ ବର୍ଷ ତୁମ ନୂଆବର୍ଷ ଉପହାର ପାଇଛି, ଆଜି ତୁମ ହୃଦୟର ଉପହାର ନେବାକୁ ଆସିଥିଲି। ଯାହା ଆଶା କରିଥିଲି ତାହା ମିଳିଗଲା... ଧନ୍ୟବାଦ ଜାକସ୍... ବହୁତ ଧନ୍ୟବାଦ। ନୂଆବର୍ଷର ଅଭିନନ୍ଦନ।

ମୋ: ୯୪୩୮୬୦୪୮୬୫

## କବିତା

### ବାଘ

**ଅକ୍ଷୟ ପାତ୍ର**

ଆଖି ବୋଲି ହଲେ ରଡ଼ନିଆଁର
ନାଁ ତ ବାଘ।

ଲୁଚିଛପି ବୁଦା ଉହାଡ଼ୁ
କି କୋଉ ପରିତ୍ୟକ୍ତ ଘରର
କାନ୍ଥ କଡ଼ରୁ ଆକସ୍ମିକ ଲମ୍ଫ ମାରି
ଶିକାରକୁ କବ୍‌ଜା କରିବାର ମସୁଧାମତ୍ତ
ଉଦ୍ଦାମ ଭୋକର ନାଁ ତ ବାଘ।

ଅଣାୟତ୍ତ ହିଂସ୍ରତାକୁ
ଭୋକର ଇଜଲାସରେ ଥାପି
ପଚାଶଢ଼ା ଅପକୀର୍ତ୍ତିର
ମାଂସଳ ଅବଶେଷକୁ
ଏଠିସେଠି ଫିଙ୍ଗି
ନିଜ ଦେହର ଦୁର୍ଗନ୍ଧକୁ
ପାସୋରି ଯାଉଥିବା
ଉଦ୍‌ଭ୍ରାନ୍ତ ହେଷ୍ଟାଳର ନାଁ ତ ବାଘ।

ଜିଭର ଲୋଲୁପତା
ଦାନ୍ତର ବିଦ୍ରୂପାତ୍ମକ ଶାଣିତତା
ଓ ପଞ୍ଝାର ଅନିରୋଧ
ନିର୍ମମତାକୁ ଆୟୁଧ କରି
ଲୁଚିଛପି ନୃଶଂସତା ଜାହିର କରୁଥିବା
ଭୀରୁ ଆତଙ୍କୀର ନାଁ ତ ବାଘ।

ପଟାପଟା ଦାଗଭରା
ମୋଟା ଚମଡ଼ା ଓ ଦାମ୍ଭିକ ନିଶର
ବେପରୁଆ ଠାଣି ସହ
ରାମ୍ପି ବିଦାରି ହେଉଥିବା
ରୋମାଞ୍ଚକର ଭୀତି ଓ
ଆଶ୍ଚର୍ଯ୍ୟ ଭାତିର
ଯୁଗଳ ଥିତିର ନାଁ ତ ବାଘ।

ମୋ: ୮୮୯୫୮୮୪୯୬୦

### ଜୀବନଟା ପ୍ରଶ୍ନବାଚୀ

**ବ୍ରହ୍ମମୟୀ ମିଶ୍ର**

ସବୁବେଳେ ସେଇ ପ୍ରଶ୍ନ
ଏମିତି କ'ଣ ବଞ୍ଚିହୁଏ ଜୀବନ ?
କାହିଁକି ନୁହେଁ!

କ'ଣ ଏଠି ଅଭାବ ଯେ...
ରାତି ଆସିଲେ ଖୋଲିଯାଏ
ସ୍ୱପ୍ନର ମହଲ
ତାରାମାନେ ଦପ୍‌ଦପ୍ ହୋଇ
ଜଳିଉଠନ୍ତି
ମହଲ କାନ୍ଥରେ ଧାଡ଼ିଧାଡ଼ି
ତୈଳଚିତ୍ର ଭିତରେ
ସ୍ମୃତିସବୁ ଗୋଡ଼ ଲମ୍ବାଇ ବସିପଡ଼ି
ଖୋଲିବସନ୍ତି ଗପ ପେଡ଼ି
ଅଛିଣ୍ଡା ଗଣିତ ପରି
କଷି ଚାଲନ୍ତି ଠିକ୍ ଭୁଲ୍‌ର ହିସାବ
ସବୁ ଶୂନ୍ୟ
ଭାଗଶେଷ ମିଳେ କି ନା କେଜାଣି ?

ଦିନବେଳା ସୂର୍ଯ୍ୟଙ୍କୁ ପିଠି କରି
ଅତୀତର ଆଇନାରେ ଦିଶିଯାଏ
ସେଇ ଚିହ୍ନା ଜହ୍ନ
ଦୁବାଇରେ ଓହ୍ଲାଉଥିବା ଜହ୍ନ ପରି
ନଥାଏ ସେଥିରେ କଳଙ୍କର ଚିହ୍ନ
ତୁମେ ବି ତ ଦେଖୁଥାଅ
ସେହି ଆକାଶକୁ
ପୁଣି ଲେଖି ହୋଇଯାଏ ନୂଆ କାହାଣୀ
ଶୁଣିଥିଲି କବିତାରୁ ଚୋରି ହୁଏ ଶବ୍ଦ
କେବେ ଶୁଣିଛ କି
ଚୋରି ହେବା କେନ୍ଦ୍ର ?

ନୁହେଁ ନା!
ତା'ହେଲେ କାହିଁକି ଏତେ ଘୃଣା
ହସକୁ ହଜାରେ ଖୋସାମତ
ଓଠଧାରେ ଖେଳିଯିବାକୁ
ଧାରେ ହୋଇ
ଆଉ କାହିଁକି ପ୍ରଶ୍ନ ଜାଲରେ
ଛନ୍ଦି ହେବାକୁ
ମାନେନା ମନ କି ବୟସ
ଖୋଜୁଥାଏ ମୁକ୍ତିର ଟିକିଏ ଆଶ୍ଳେଷ
ସେଇଥିପାଇଁ ବୋଧହୁଏ ଏତେ ଦିନ
ନୀରବତା ସହିତ ଚାଲିଥାଏ
ମନର ସାଲିସ୍।

ମୋ: ୯୪୩୭୮୫୩୬୩୭

### ଦୁଇଟି କବିତା

**ଶିବ ମିଶ୍ର**

**॥ ମୋ ଆଡ଼କୁ ଚାହଁ ॥**

ହସକୁରା ଲୋକଟିର ଛାତି ତଳେ
ଥାଏ ଏକ ଉଜୁଡ଼ା ହୃଦୟ।
ସେ ହୃଦୟକୁ ବାରମ୍ବାର
ନଖରେ ବିଦାରୁଥାଏ,
ତା' ଆଖି ପଛର ଜମାଟବନ୍ଧା ଲୁହ।
ତମେ, ସତ ମଣୁନ ଯେବେ
ଏ କଥାକୁ ମୋର,
ତେବେ ଥରେ ଭଲକରି
ମୋ' ଆଡ଼କୁ ଚାହଁ।

**॥ କେଜାଣି କେମିତି କିମିଆଁ ॥**

ଜାଣେନା ମୁଁ କାହା ଲୋଭରେ ଏଠି
ଅଣ୍ଟିରେ ପୂରାଉଛି
ପାଦ ତଳେ ଧାଉଁଥିବା ମାଟି।
ସାଉଁଟୁଛି, ମୁଠାମୁଠା ଉଷୁମ ପାଉଁଶ
ଶୀତଳାଇ ଆପଣା ଜୁଇର ନିଆଁ,
କିଏ ମୋତେ କରିଛି ସତେ
କେଜାଣି କେମିତି କିମିଆଁ।

ମୋ: ୯୮୫୩୦୭୦୦୧୮

## ପୁସ୍ତକ ପରିଚୟ

### ଆଉ ଏକ ସକାଳ (ଭାଗ-୩)




**ସଂଯୋଜନା:** ରମାକାନ୍ତ ସ୍ୱାଇଁ ଓ ଅନ୍ୟମାନେ
**ପ୍ରକାଶକ:** ପ୍ରଗତି ଉତ୍କଳ ସଂଘ, ରାଉରକେଲା-୩
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ସଂକଳନଟି ବିଶିଷ୍ଟ ଲେଖକ, ବାଗ୍ମୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଅବକାଶରେ ଲେଖକଙ୍କ ନାନା କୃତିର ଆଲୋଚନା। ଏଥିରେ ଚିତ୍ତରଞ୍ଜନଙ୍କ ସ୍ମୃତିଚାରଣ ସହିତ ରହିଛି ତାଙ୍କ ବୌଦ୍ଧିକ ସାହିତ୍ୟ କୃତିର ଆକଳନ। ଏଥିରେ ସ୍ଥାନିତ ନଟବର ଶତପଥୀଙ୍କ ପ୍ରବନ୍ଧସମୂହର ବିଶ୍ଳେଷଣ ଓ ନିରଞ୍ଜନ ସ୍ୱାଇଁଙ୍କର ଶିକ୍ଷା ସମ୍ପର୍କରେ ଚିତ୍ତରଞ୍ଜନଙ୍କ ଅବଧାରଣାର ତର୍ଜମା ସାଙ୍ଗକୁ ଦେବେନ୍ଦ୍ର କୁମାର ଦାଶ, ଭାରତଭୂଷଣ ମହାନ୍ତି, ଗୌରାଙ୍ଗ ଚରଣ ଦାଶ, ରବୀନ୍ଦ୍ର ନାଥ ପାଢ଼ୀ ଓ ଅସିତ ମହାନ୍ତିଙ୍କ ଆଲୋଚନାଗୁଡ଼ିକ ଚିତ୍ତରଞ୍ଜନଙ୍କ କୃତିର ଅସାଧାରଣତାକୁ ଉନ୍ମୋଚିତ କରିବାରେ ସହାୟକ ହୋଇଛି। ଶିକ୍ଷା ସମ୍ପର୍କରେ ଚିତ୍ତରଞ୍ଜନଙ୍କ ବିଚାର ଥିଲା ଯେ, ପ୍ରକୃତ ଶିକ୍ଷା ହେଉଛି ତାହା, ଯାହା ନାନା ବନ୍ଧନରୁ ଶିକ୍ଷାର୍ଥୀଙ୍କୁ ମୁକ୍ତିଦିଏ। "ମୁଁ ଏକା ନୁହେଁ, ମୁଁ ସମସ୍ତଙ୍କ ସହ ଅଛି ଓ ସମସ୍ତେ ମୋ' ସହ ଅଛନ୍ତି"- ଏହି ଭାବ ଜନ୍ମାଇବାରେ ଅସଲ ଶିକ୍ଷା ସହାୟକ ହୋଇଥାଏ। ଚିତ୍ତରଞ୍ଜନଙ୍କ ନିରହଂକାରୀ ବ୍ୟକ୍ତିତ୍ୱ, ବହୁପାଠିତା, ନିରଳସ ଜୀବନଯାପନ ଶୈଳୀ, ଆଜୀବନ ଶିକ୍ଷକ ଭାବେ ଆପଣାକୁ ଗୌରବାନ୍ୱିତ ମନେକରିବାର ଉଦାର ମାନସିକତା ଆଦି ସମ୍ପର୍କରେ ଗ୍ରନ୍ଥଟିରେ ଅନ୍ତରଙ୍ଗ ଆଲୋଚନା ହୋଇଛି, ଯାହା ପାଠକଙ୍କ ସାମ୍ନାରେ ଚିତ୍ତରଞ୍ଜନଙ୍କୁ ଏକ ଖୋଲାବହି ଭାବେ ତୋଳି ଧରିବାରେ ସମର୍ଥ।

### ମାଟିର ବାସ୍ନା




**ଲେଖକ:** ଗଦାଧର ବଳ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୫୦/-

ମୋଟ ୩୪ଟି ଗଳ୍ପକୁ ନେଇ ଆଲୋଚ୍ୟ ଗଳ୍ପ ସଂକଳନଟି ଋଦ୍ଧିମନ୍ତ ହୋଇଛି। ଲେଖକ ବୃତ୍ତିରେ ଆଇନଜୀବୀ। 'ସମ୍ୟକ୍ ନିଜ କଥା'ରେ ଲେଖକ ଲେଖିଛନ୍ତି ଯେ, ଦୀର୍ଘ ସମୟର ଓକିଲାତି ପେସାରୁ ତାଙ୍କର ହୃଦ୍‌ବୋଧ ହୋଇଛି ଯେ, ଆଇନ ପେସାଟି ସୃଜନଶୀଳତାରେ ଭରପୂର। ମହକିଲମାନଙ୍କ ସହ ପ୍ରାତ୍ୟହିକ ଅଭିଜ୍ଞତା ହେଉଛି ଲେଖକଙ୍କ ଏହି ଉପଲବ୍ଧିର ଆଧାର। 'ମାଟିର ବାସ୍ନା', 'ଭୋକର ଭୂଗୋଳ', 'ଶିମିଳିଫୁଲର ହସ', 'କଳା ଅବିର', 'ବଅଁଶବୁଡ଼ା', 'ବୋଉ ଆଉ ତା' ନାଲି ଶଙ୍ଖା', 'ବାସିଫୁଲ', 'ଏସିଡ୍ ଆଟାକ୍', 'କାଳିଝିଅ', 'ମିଡିଲ୍ କ୍ଲାସ୍ ମଣିଷ', 'ଥୁଣ୍ଟା ବରଗଛ' ଓ 'ଅଶରୀରୀ କନ୍ୟା' ଆଦି ଗଳ୍ପରେ ଲେଖକ ନିଜ ସହ ସମାଜ ଓ ଜନଜୀବନର ଯେଉଁ ସମ୍ପୃକ୍ତିକୁ ଉଜାଗର କରିଛନ୍ତି, ତାହା ତାଙ୍କ ପାଠକ ସଚେତନତାକୁ ସୂଚାଇଥାଏ। ଗଳ୍ପଗୁଡ଼ିକର ପ୍ରସଙ୍ଗ ଯେପରି ଚିହ୍ନାଚିହ୍ନା, ଅଥଚ ନୂଆନୂଆ ବିସ୍ମୟରେ ଭରା; ଗଳ୍ପଗୁଡ଼ିକର ଭାଷା ବି ସେହିପରି ଲୋକମୁଖରୁ ଖସିଆସିଥିବା ନିତିଦିନିଆ ଉଚ୍ଚାରଣ। ଶୀର୍ଷକ ଗଳ୍ପ 'ମାଟିର ବାସ୍ନା'ରେ ଉତ୍ତୀର୍ଣ୍ଣ ବୟସରେ ସୁବାସ ଓ ଲକ୍ଷ୍ମୀ ଯେପରି ତାଙ୍କ ମହାର୍ଘ ଅତୀତର ସ୍ମୃତିଚାରଣ କରୁଛନ୍ତି, ତାହା କେବଳ ଜୀବନର ନିଚ୍ଛକତାକୁ ଚିହ୍ନାଏ ନାହିଁ; ବରଂ ପ୍ରତି ପାଠକ ଭିତରେ ଅଧା ନିଦରେ ଶୋଇଥିବା ନିଜ ନିଜର ସୁଖଦ ଅତୀତକୁ ଉସୁକାଇଦିଏ। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

## ପରିବର୍ତ୍ତନ

**ରାଧାରାଣୀ ତ୍ରିପାଠୀ**

ମିନି ଗଳ୍ପ

ଆସନ୍ନ ବିବାହୀ ନଣନ୍ଦ ମୁହଁରୁ ଏପରି କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲା ସୁଲଗ୍ନା। ସେ ବୁଝି ପାରୁ ନ ଥିଲା, ଏହା ସ୍ୱପ୍ନ ନା ସତ୍ୟ ? ପରୀକ୍ଷା କରିବାକୁ ଯାଇ ନିଜେ ନିଜକୁ ପୁଳେ ଚିମୁଟି ପକାଇଲା ସୁଲଗ୍ନା। ଗତକାଲି ତା' ବାସନ ବାକ୍ସ ଆଉ ଲୁଗା ବାକ୍ସର ଚାବି ମାଗି ନେଇଥିଲେ ଶାଶୁ। ଉଦ୍ଦେଶ୍ୟ ସୁଲଗ୍ନାର ବାପଘରେ ତାକୁ ଦେଇଥିବା ଜିନିଷରୁ ନଣନ୍ଦର ଯାହା ପସନ୍ଦ ହେବ, ତାହା କଢ଼ାଯିବ। ଅବଶ୍ୟ ଏସବୁ ଦେହସୁହା ହୋଇଗଲାଣି ସୁଲଗ୍ନାର।

ବିବାହର ତିନିବର୍ଷ ଭିତରେ ଏମିତି ଅନେକ ନଜିର ଅଛି। ନିଜକୁ ପ୍ରବଳ ପସନ୍ଦ ଲାଗୁଥିବା ଜିନିଷକୁ ମଧ୍ୟ ସେ ହାତଛଡ଼ା କରିବାକୁ ବାଧ୍ୟହୁଏ। ସେତେବେଳେ ତା' ସ୍ୱାମୀ ସରୋଜ ମଧ୍ୟ କହନ୍ତି 'ନେଉଛି ତ ନେଉ। ସାନ ଭଉଣୀଟା।' କିନ୍ତୁ ଆଶ୍ଚର୍ଯ୍ୟ। ଆଜି କ'ଣ ହେଲା ? ପେଡ଼ି ଖୋଲି ଶାଶୁ ଜିନିଷସବୁ ନଣନ୍ଦକୁ ଦେଖାଉ ଥାଆନ୍ତି। ଆଉ କହୁଥାନ୍ତି କୋଉଟା ନେବୁ ମା' ? ଦେଖେ। ତୋର ଯେଉଁ ଜିନିଷ ପସନ୍ଦ ହେବ, ପୂରାଇ ଦେବା ତୋ' ପେଡ଼ିରେ। ପାଖ ଘରେ ଥାଇ ସୁଲଗ୍ନା ସବୁ ଶୁଣୁଛି। ଏହା ନୁହେଁ ଯେ ମନ ଊଣା ହେଉନି ତା'ର। ତଥାପି କର୍ତ୍ତବ୍ୟ ଭାବି ଚୁପ୍ ପଡ଼ିଛି।

ନଣନ୍ଦ ବାକ୍ସ ଦୁଇଟି ବନ୍ଦ କରିଦେଇ କହିଲା- "କାହିଁକି ମା' ? ଏଇଠୁ କାହିଁକି ନେବି ? ଏସବୁ ଭାଉଜଙ୍କର। ତାଙ୍କ ବାପଘର ଲୋକେ ତାଙ୍କୁ ଦେଇଛନ୍ତି। ମୁଁ ଚାହିଁଲେ ବାପା, ଭାଇ କ'ଣ ଏସବୁ ଜିନିଷ ମୋ' ପାଇଁ କିଣିଦେବେନି ? ଆମର ପଇସା ପତ୍ରର ଅଭାବ ଅଛି ନା ଦୋକାନରେ ମନପସନ୍ଦ ଜିନିଷର ଅଭାବ ଅଛି କହିଲୁ ?" ଶୁଣି ଆଶ୍ଚର୍ଯ୍ୟ ହେଲା ସୁଲଗ୍ନା। ତା' ଓଠରେ ସରୁହସଟିଏ ରହି ରହି ଲହଡ଼ି ଭାଙ୍ଗୁଥିଲା।

ମୋ: ୮୨୪୯୮୦୭୨୬୭

## କାଳକାଳକୁ



"ଜୀବନର ବର୍ଣ୍ଣନା ଦେବା ସହଜ,
କିନ୍ତୁ ଜିଇବା ସହଜ ନୁହେଁ"
-ଇ.ଏମ୍. ଫୋର୍ଷ୍ଟର

**ଇ.ଏମ୍. ଫୋର୍ଷ୍ଟର**ଙ୍କ ଜନ୍ମ ୧ ଜାନୁୟାରୀ ୧୮୭୯ରେ ଓ ପରଲୋକ ୭ ଜୁନ୍ ୧୯୭୦ରେ, ଇଂଲଣ୍ଡରେ। ସେ ଗଳ୍ପ, ପ୍ରବନ୍ଧ ଓ ନାଟକ ଆଦି ଲେଖିଥିଲେ ହେଁ ମୁଖ୍ୟତଃ ଉପନ୍ୟାସ ରଚନା ପାଇଁ ପ୍ରସିଦ୍ଧ। ତାଙ୍କର କେତୋଟି ସ୍ମରଣୀୟ ଉପନ୍ୟାସ ହେଲା- 'ଏ ରୁମ୍ ୱିଥ୍ ଏ ଭ୍ୟୁ' (୧୯୦୮), 'ହାୱାର୍ଡ଼ସ୍' (୧୯୧୦) ଓ 'ଏ ପ୍ୟାସେଜ ଟୁ ଇଣ୍ଡିଆ' (୧୯୨୪)। ଜଣେ ବାଗ୍ମୀ ଭାବେ ମଧ୍ୟ ତାଙ୍କର ଖ୍ୟାତି ସୁଦୂରପ୍ରସାରୀ।

## ସ୍ୱର୍ଗଦ୍ୱାର

**ଡ. ଭବାନୀ ଶଙ୍କର ଦାଶ**

ଲଘୁ ଗଳ୍ପ

କେବେ ମରଣ ଆସିବ ଓ ସ୍ୱର୍ଗକୁ ସିଧା ଏଇଠୁ ଯିବ ସେକଥା ସିଏ ଜାଣେନି। କିନ୍ତୁ ସ୍ୱର୍ଗକୁ ଆଶା ଅଛି। ଶରୀରର ଅବସ୍ଥା ଯାହା, ଲାଗୁଛି ଆଉ ବେଶିଦିନ ନୁହେଁ। ତଥାପି ନ ମରିବାଯାଏଁ ତ ବଞ୍ଚିବାକୁ ହବ। ଜୀବନର ଶେଷ ଲଗ୍ନ ଉପଗତ ପ୍ରାୟ। ନାକରୁ ଦି'ଧାର ବୁଢ଼ା ଶିଙ୍ଘାଣି ବୋହିପଡୁଥିଲା ତଳକୁ। ଅଥଚ ତଳେ ନ ପଡ଼ି ଓହଳି ରହିଥିଲା ନାକ ଅଗରେ। ନିଃଶ୍ୱାସପ୍ରଶ୍ୱାସ ନେଲାବେଳେ ଖୁବ୍ ପେଲିହଉଥିଲା। ପେଲିହେଲାବେଳେ ନିଃଶ୍ୱାସପ୍ରଶ୍ୱାସର ଗତି ସହିତ ତାଳଦେଇ ଶିଙ୍ଘାଣି ଦି' ଧାର ବି ଭିତର ବାହାର ହଉଥିଲା। ବୟସ୍କ ଶିଙ୍ଗ ଦି'ଟି ବଙ୍କା ହୋଇ ରହିଥିଲା ଠିକ୍ ଆଖିଡୋଳା ସିଧାରେ। ହୁଏତ ତା' ସାମ୍ନାଟା ତାକୁ ସ୍ପଷ୍ଟ ଦେଖାଯାଉ ନ ଥିବ। ପାଦ ପକାଇବାକୁ ବି ତା'ଦେହରେ ବଳ ନ ଥିଲା। ବାତ୍ୟାରେ ଉଡ଼ିଯାଇଥିବା ଚାଳ ଉପରେ ଧଳା ଜରିଟେ ପରି ହାଡ଼ର ପଞ୍ଜରା ଉପରେ ଧଳା ଚମଡ଼ାଟେ ଢାଙ୍କି ହୋଇ ରହିଥିଲା କେବଳ। ଗଣି ହୋଇଯାଉଥିଲା ତା' ଦେହର ହାଡ଼ସବୁ। ତା' ଚାରିପାଖେ କେତେଟା ଜୁଇ ଜଳୁଥିଲା। ବେଶ୍ ଉଷୁମ ଲାଗୁଥିଲା ତାକୁ। ଏ ଶୀତକାକର ଆଉ ସମୁଦ୍ରର ହେମାଳ ପବନ ସହି ହଉ ନ ଥିଲା। ଦିହକଯାକ ଏଇ ମଶାଣିପଦାରେ କଟିଗଲା। ପୋଡ଼ାହେବା ପାଇଁ ଆସିଥିବା ମୃତକଙ୍କ ପଥଶ୍ରାଦ୍ଧ ଭାତ, ଚାଉଳ ଓ କଞ୍ଚା ଦରସିଝା ପରିବା ଥିଲା ତା' ଭଳି ଅନେକଙ୍କ ପାଇଁ ଖାଦ୍ୟ। ଶବ ସହିତ ଆସିଥିବା ନିଆଁଅଟାର ଲିଭିଲା ଅଂଶ କୁଟାପାଳ ଖାଇବା ପାଇଁ ବି ବେଳେବେଳେ ରକ୍ତାକ୍ତ ସଂଘର୍ଷ କରିବାକୁ ପଡ଼େ।

ଏବେ ଆଉ ବଳ ନାହିଁ ଦେହରେ। ହଜାର ହଜାର ଶବଦାହ ସେ ଦେଖିସାରିଲାଣି। ପିଲାଠାରୁ ବୁଢ଼ାଯାଏ କେତେକେତେ ମଣିଷ ଏଇଠି ଦାହ ହୁଅନ୍ତି। ସମୁଦ୍ରର କାନଫଟା ଗର୍ଜନରେ ମିଳେଇଯାଏ ସେମାନଙ୍କ ଛାତିଫଟା କ୍ରନ୍ଦନ। ଏଇଟା ସ୍ୱର୍ଗଦ୍ୱାର। ମଣିଷମାନଙ୍କର ବିଶ୍ୱାସ ଯେ ଏଇଠି ପୋଡ଼ାହେଲେ ସ୍ୱର୍ଗପ୍ରାପ୍ତି ହୁଏ।

ବୟସ ଥିଲାବେଳୁଁ ସିଏ ବଡ଼ଦାଣ୍ଡରୁ ଏଇଠିକି ଚାଲି ଆସିଥିଲା। ଆଉ ଫେରିପାରିନି କି ଫେରି ହବ ନାହିଁ। କାରଣ ବୟସ ବାଧକ ସାଜିଲାଣି। ସେଦିନ ବଡ଼ଦାଣ୍ଡରେ ଗାଡ଼ିଧକ୍କାରେ ତା' ଛୁଆ ମରିଗଲା। ମ୍ୟୁନିସିପାଲିଟି ଗାଡ଼ିରେ ତାକୁ ବୋହିନେଲେ। ଗାଡ଼ି ପଛେପଛେ ଧାଇଁଥିଲା ସିଏ। ତା' କ୍ଷୀରଖିଆ ଛୁଆକୁ ମ୍ୟୁନିସିପାଲିଟି ଗାଡ଼ି କୁଆଡ଼େ ନେଇ ଉଭାନ୍ ହୋଇଗଲା। ତା'ପରେ ଚାଲିଚାଲି ପହଞ୍ଚିଥିଲା ଏଇଠି। ନିଜ ମନକୁ ବୁଝାଇ ଦେଇ ରହିଗଲା ଏଇଠି। ତା'ଠାରୁ ଅଧିକ ଦୁଃଖ ଓ ଛାତିଫଟା କାନ୍ଦ ସେ ଏଠି ଦେଖିଛି। ଦୁଃଖର ମହୋଦଧିରେ ଲୁହର ଉତ୍ତାଳ ତରଙ୍ଗ ସବୁ ଦେଖିଦେଖି ବୁଢ଼ୀ ହେଲାଣି। ଏବେ ଶେଷ ଅବସ୍ଥା ଆଗତପ୍ରାୟ। ତେବେ ଏଇଠି ମରିଗଲେ ତାକୁ ପୋଡ଼ି ଦିଆଯିବ ନା ବାହାରକୁ ନେଇ ଫୋପାଡ଼ି ଦିଆଯିବ। ଆଉ କିଛି ଭାବିବା ଆଗରୁ ବଡ଼ ଶିଙ୍ଗବାଲାଟେ ଆସି ତାକୁ ଠେଲି ଦେଲା ଶିଙ୍ଗରେ। ବିଚରା ବୁଢ଼ୀ ଗାଈଟା ପାଖ ଜୁଇଗାତରେ ପଡ଼ିଗଲା। ଏତେ ବଡ଼ ଜିଭ କାଢ଼ି ଗଁଗଁ ହୋଇ ଛଟପଟ ହେଉଥିଲା। ଲୋକମାନେ ଧାଇଁ ଆସି ନିଆଁ ଭିତରୁ ତାକୁ ବାହାରକୁ ଟେକି ଆଣିଲେ। ସେତେବେଳକୁ ସବୁ ସରିଯାଇଥିଲା। ମେଲା ହୋଇ ରହିଥିବା ତା' ଢିମାଢିମା ଆଖିରେ ଥିଲା ସୀମାହୀନ ଦରିଆଏ ପ୍ରଶ୍ନ। ତା' ଆଶା ଆଶାରେ ରହିଗଲା। ତାକୁ ଏଠି ଦାହ ହେବାର ସୁଯୋଗ ନ ଥିଲା। କାରଣ ସିଏ ମଣିଷ ନୁହେଁ, ପଶୁ। ପଶୁମାନଙ୍କର ବୋଧେ ସ୍ୱର୍ଗକୁ ଯିବାର ଅଧିକାର ନାହିଁ। ତେଣୁ ଏଠାରେ ପଶୁଦାହର ଚାନ୍ସ ନାହିଁ। ଏଇଟା ସ୍ୱର୍ଗଦ୍ୱାର। କେବଳ ମଣିଷଙ୍କ ପାଇଁ।

ମୋ: ୮୯୧୭୬୨୪୩୮୬





ବିଦେଶୀ ଦର୍ଶକ



ଅଷ୍ଟ୍ରେଲିଆ ସମର୍ଥକ



ବେଲ୍‌ଜିୟମ୍-ନେଦରଲାଣ୍ଡ୍ସ ମ୍ୟାଚ୍‌ର ଅତିଥି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ।

# ଅଷ୍ଟ୍ରେଲିଆର ଟାଇଟଲ ଅଭିଯାନ ଶେଷ

**ଭୁବନେଶ୍ୱର, ୨୭।୧ (କ୍ରୀଡ଼ା ପ୍ରତିନିଧି)**

ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆର ବିଶ୍ୱକପ୍ ଟାଇଟଲ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଜର୍ମାନୀ ୪-୩ ଗୋଲରେ ବିଜୟୀ ହୋଇ ଅଷ୍ଟ୍ରେଲିଆକୁ ବିଦାୟ ପଥ ଦେଖାଇଛି। ଫଳରେ ୧୯୮୬, ୨୦୧୦ ଓ ୨୦୧୪ରେ ଚାମ୍ପିୟନ ଅଷ୍ଟ୍ରେଲିଆର ଟାଇଟଲ ବିଜୟ ସ୍ୱପ୍ନ ଧୂଳିସାତ ହୋଇଛି। ୨୦୧୮ରେ ଅନୁଷ୍ଠିତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜେତା ଅଷ୍ଟ୍ରେଲିଆ ଏଥର ମଧ୍ୟ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବ। ଅନ୍ୟପକ୍ଷରେ ୨୦୦୨ ଓ ୨୦୦୬ରେ ଚାମ୍ପିୟନ ଏବଂ ୧୯୮୨ ଓ ୨୦୧୦ରେ ରନରଅପ୍ ଜର୍ମାନୀ ଦୀର୍ଘ ୧୩ ବର୍ଷ ବ୍ୟବଧାନରେ ଫାଇନାଲରେ ପ୍ରବେଶ କରିଛି।



ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ଜିତିବା ପରେ ଖୁସିରେ ଆତ୍ମହରା ଜର୍ମାନୀ ଖେଳାଳି।

## ଜର୍ମାନୀର ସଫଳ ପ୍ରତ୍ୟାବର୍ତ୍ତନ

ଚଳିତ ଟୁର୍ନାମେଣ୍ଟର ନକ୍‌ଆଉଟ ପର୍ଯ୍ୟାୟରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଜର୍ମାନୀ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଛି। ଗତ ୨୫ ତାରିଖରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲରେ ଏହି ଦଳ ୫୭ ମିନିଟ ପର୍ଯ୍ୟନ୍ତ ୦-୨ ଗୋଲରେ ପଛୁଆ ଥିଲା। ମାତ୍ର ଶେଷ ୩ ମିନିଟରେ ୨ଟି ଗୋଲ ପରିଶୋଧ କରି ମ୍ୟାଚକୁ ୨-୨ରେ ବରାବର କରିବା ପରେ ଶୁଟ୍ ଆଉଟରେ ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଦଳର ପ୍ରଦର୍ଶନ ଭଲ ନ ଥିଲା। ଜର୍ମାନୀ ଲଢ଼େଇ କରିଥିଲେ ହେଁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଟିଏ ଗୋଲ ପରିଶୋଧ କରିଥିବା ଜର୍ମାନୀ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଚମକାଇଲା ଭଳି ଖେଳ ଦେଖାଇଥିଲା। ଏହି ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିବାବେଳେ ଜର୍ମାନୀ ୩ଟି ଗୋଲ ସ୍କୋର କରି ମ୍ୟାଚ ଛଡ଼ାଇ ଆଣିଥିଲା।

## ଗୋଞ୍ଜାଲୋ ପିଲାଟ ହିରୋ

ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଜର୍ମାନୀର ହିରୋ ବିବେଚିତ ହୋଇଥିଲେ ତାରକା ଡ୍ରାଗ୍‌ଫ୍ଲିକର ଗୋଞ୍ଜାଲୋ ପିଲାଟ। ଅଷ୍ଟ୍ରେଲିଆ ଏକଦା ବିଜୟୀ ସ୍ଥିତିରେ ପହଞ୍ଚି ଯାଇଥିଲେ ହେଁ ପିଲାଟଙ୍କ ହ୍ୟାଟ୍ରିକ ଗୋଲ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା। ସେ ୪୩, ୫୨ ଓ ୫୯ତମ ମିନିଟରେ ଡ୍ରାଗ୍‌ଫ୍ଲିକ୍ ଜରିଆରେ ଗୋଲ ତିନୋଟି ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆର ଜେରେମି ହେୱାର୍ଡ (୧୨ତମ ମିନିଟ/ପେନାଲ୍ଟି କର୍ନର), ନାଥନ ଇଫରାଉମ୍ସ (୨୭ତମ ମିନିଟ/ଫିଲ୍ଡ) ଏବଂ ବ୍ଲେକ୍ ଗୋଭର୍ସ (୫୮ତମ ମିନିଟ/ପେନାଲ୍ଟି କର୍ନର)ଙ୍କ ଗୋଲ ଫିକା ପଡ଼ିଯାଇଥିଲା। ୫୮ତମ ମିନିଟ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ୩-୨ ଗୋଲରେ ଅଗ୍ରଣୀ ରହିଥିଲା। ମାତ୍ର ୫୯ତମ ମିନିଟରେ ଜର୍ମାନୀକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପିଲାଟ ହ୍ୟାଟ୍ରିକ ପୂରଣ କରିଥିବାବେଳେ ୬୦ତମ ମିନିଟରେ ନିକ୍ଲାସ ୱେଲେନ ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀ ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଶେଷ ୪୦ ସେକେଣ୍ଡ ଜର୍ମାନୀ ଖେଳାଳି ନିଜ ହାଫ୍‌ରେ ପରସ୍ପରକୁ ପାସ୍ ଦେଇ ସମୟ ଅତିବାହିତ କରିଥିଲେ। ମ୍ୟାଚରେ ଅଷ୍ଟ୍ରେଲିଆ ମୋଟ ୫ଟି ପେନାଲ୍ଟି କର୍ନର ପାଇଥିଲା। ଏଥିରୁ ୨ଟିକୁ ଗୋଲରେ ପରିଣତ କରିଥିଲା। ଅନ୍ୟପକ୍ଷରେ ଜର୍ମାନୀ ପାଇଥିବା ୧୩ଟି ପେନାଲ୍ଟି କର୍ନରରୁ ୩ଟି ଗୋଲ ଦେଇଥିଲା। ପ୍ରକାଶଯୋଗ୍ୟ ଯେ, ୧୨ ଅଗଷ୍ଟ ୧୯୯୨ରେ ବୁଏନ୍ସ ଏୟାର୍ସରେ ଜନ୍ମିତ ପିଲାଟ ୨୦୧୮ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ପକ୍ଷରୁ ଖେଳିଥିଲେ। ୨୦୧୯ରେ ଆର୍ଜେଣ୍ଟିନା କୋଚ୍ ଜର୍ମନ ଓରୋଜ୍‌କୋଙ୍କ ସହ ମନୋମାଳିନ୍ୟ ଯୋଗୁ ସେ ଆର୍ଜେଣ୍ଟିନା ଦଳ ତ୍ୟାଗ କରିଥିଲେ। ୨୦୨୨ରେ ସେ ଜର୍ମାନୀ ନାଗରିକତ୍ୱ ଗ୍ରହଣ କରି ସେ ଦେଶ ପକ୍ଷରୁ ଖେଳି ଆସୁଛନ୍ତି। ଏଥର ଜର୍ମାନୀକୁ ଫାଇନାଲକୁ ନେବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଆର୍ଜେଣ୍ଟିନା କ୍ରସ୍ ଓଭର ପର୍ଯ୍ୟାୟରୁ ବିଦାୟ ନେଇଛି।

# ଗୋଞ୍ଜାଲୋ ପିଲାଟ୍‌ଙ୍କ ବିରଳ ରେକର୍ଡ

**ଭୁବନେଶ୍ୱର, ୨୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଜର୍ମାନୀ ଦଳର ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଗୋଞ୍ଜାଲୋ ପିଲାଟ୍ ଏକ ନିଆରା ରେକର୍ଡ ନିଜ ନାମରେ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ପିଲାଟ୍‌ଙ୍କ ହ୍ୟାଟ୍ରିକ ବଳରେ ଜର୍ମାନୀ ଫାଇନାଲରେ ପ୍ରବେଶ କରିଛି। ଦୁଇଟି ଭିନ୍ନ ଦେଶ ପକ୍ଷରୁ ବିଶ୍ୱକପ୍ ସେମିଫାଇନାଲ ଖେଳିବାର ରେକର୍ଡ ନିଜ ନାମରେ କରିଛନ୍ତି ପିଲାଟ୍। ୨୦୧୪ରେ ଆର୍ଜେଣ୍ଟିନା ପାଇଁ ସେମିଫାଇନାଲ ଖେଳିଥିବା ପିଲାଟ୍ ଉକ୍ତ ସଂସ୍କରଣରେ ୧୦ ଗୋଲ ସ୍କୋର କରିବା ସହ ଟୁର୍ନାମେଣ୍ଟର ହାଇଏଷ୍ଟ ସ୍କୋରର ରହିଥିଲେ। ପିଲାଟ୍‌ଙ୍କ ଗୋଲ ବଳରେ ଆର୍ଜେଣ୍ଟିନା ଏହି ସଂସ୍କରଣରେ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଥିଲା। ଏହାପରେ ୨୦୧୬ ରିଓ ଅଲିମ୍ପିକ୍ସରେ ମଧ୍ୟ ପିଲାଟ୍‌ଙ୍କ ଦବ୍‌ଦବା ଜାରି ରହିଥିଲା। ଏହି ଡ୍ରାଗ୍ ଫ୍ଲିକର ଜଣଙ୍କ ରିଓରେ ସର୍ବାଧିକ ୧୧ ଗୋଲ୍ ସ୍କୋର କରିବା ସହିତ ଆର୍ଜେଣ୍ଟିନାକୁ ଚାମ୍ପିୟନ୍ କରିଥିଲେ। ତେବେ ୨୦୧୮ ବିଶ୍ୱକପ୍ ପରେ ଟିମ୍ ମ୍ୟାନେଜମେଣ୍ଟ ସହ ବିବାଦ ପରେ ଜାତୀୟ ଦଳ ଛାଡ଼ିବାକୁ ସେ ନିଷ୍ପତ୍ତି ନେଇଥିଲେ। ୨୦୧୯ରେ ସେ ଆର୍ଜେଣ୍ଟିନା ଦଳ ଛାଡ଼ିଥିବାବେଳେ ୨୦୨୧ରେ ଗ୍ରହଣ କରିଥିଲେ ଜର୍ମାନୀ ନାଗରିକତ୍ୱ। ୨୦୨୨ରେ ପ୍ରଥମଥର ପାଇଁ ଜର୍ମାନୀ ଜାତୀୟ ଦଳ ପକ୍ଷରୁ ଖେଳିଥିଲେ ପିଲାଟ୍। ଚଳିତ ବିଶ୍ୱକପ୍‌ରେ ପିଲାଟ୍ ଜର୍ମାନୀ ପାଇଁ ୬ ମ୍ୟାଚ୍ ଖେଳି ୫ ଗୋଲ ସ୍କୋର କରିଛନ୍ତି। ଫ୍ରାନ୍ସ ବିପକ୍ଷ କ୍ରସ୍‌ଓଭର ମ୍ୟାଚ୍‌ରେ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ଦେଇଥିଲେ। ୨୦୧୧ରୁ ୨୦୧୯ ଯାଏ ଆର୍ଜେଣ୍ଟିନା ପାଇଁ ଖେଳିଥିବା ପିଲାଟ୍ ୧୫୩ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ୧୭୬ ଗୋଲ ସ୍କୋର କରିଥିଲେ।



ଗୋଞ୍ଜାଲୋ ପିଲାଟ୍



ଟିକେଟ ପ୍ରଦର୍ଶନ କରୁଛନ୍ତି ହକିପ୍ରେମୀ।

# ଶତକ ମ୍ୟାଚରେ ଭାରତର ବୃହତ୍ ବିଜୟ

**ରାଉରକେଲା ଅଫିସ/ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି), ୨୭।୧**

- ଜାପାନକୁ ୮-୦ ଗୋଲରେ ହରାଇଲା
- ୯ରୁ ୧୨ ସ୍ଥାନ ପାଇଁ ଆଜି ଦକ୍ଷିଣ ଆଫ୍ରିକାକୁ ଭେଟିବ

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହକି ବିଶ୍ୱକପ୍‌ର ଏକ କ୍ଲାସିଫିକେଶନ ମ୍ୟାଚରେ ଭାରତ ୮-୦ ଗୋଲରେ ଜାପାନକୁ ପରାସ୍ତ କରିଛି। ଭାରତର ଏହାଥିଲା ୧୦୦ତମ ବିଶ୍ୱକପ୍ ମ୍ୟାଚ। ବିଶ୍ୱକପ୍‌ରେ ଭାରତର ଏହା ସର୍ବବୃହତ୍ ବିଜୟ ଥିଲା। ୧୯୭୫ରେ ଘାନା ବିପକ୍ଷରେ ଭାରତ ୭-୦ ଗୋଲରେ ବିଜୟୀ ହୋଇଥିଲା। ମାତ୍ର ୧୦୦ତମ ମ୍ୟାଚ ଏବଂ ବିଶ୍ୱକପ୍‌ରେ ଭାରତର ସର୍ବବୃହତ୍ ବିଜୟ ସହ ବିର୍ସା ମୁଣ୍ଡା ଷ୍ଟାଡିୟମ ନାମ ଯୋଡ଼ି ହୋଇଯାଇଛି। ବିର୍ସା ମୁଣ୍ଡା ଷ୍ଟାଡିୟମରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମ୍ମୁଖରେ ଭାରତ ଉତ୍ସାହୀ ପ୍ରଦର୍ଶନ କରିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲେ ହେଁ ଏସିଆନ ଗେମ୍ସ ଚାମ୍ପିୟନ ଜାପାନ ବିପକ୍ଷରେ ଦ୍ୱିତୀୟାର୍ଦ୍ଧରେ ଭାରି ପଡ଼ିଥିଲା ଘରୋଇ ଦଳ। ଭାରତ ପକ୍ଷରୁ ଅଭିଷେକ ୩୬ ଓ ୪୪ତମ ମିନିଟରେ ୨ଟି ଫିଲ୍ଡ ଗୋଲ ଏବଂ ହରମନପ୍ରୀତ ସିଂ ୪୬ ଓ ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇଥିଲେ। ଏହା ବ୍ୟତୀତ ମନଦୀପ ସିଂ ୩୩, ବିବେକ ସାଗର ପ୍ରସାଦ ୪୦, ମନପ୍ରୀତ ସିଂ ୫୯ ଓ ସୁଖଜିତ ସିଂ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିଯୋଗିତାର ୯ରୁ ୧୨ତମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚରେ ଭାରତ ଶନିବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ଗୁରୁବାର ଅନୁଷ୍ଠିତ ଅନ୍ୟ ଏକ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬-୩ ଗୋଲରେ ମାଲେସିଆକୁ ହରାଇ ଦେଇଥିଲା।



ଭାରତ-ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଦକ୍ଷିଣ ଆଫ୍ରିକା, ୱେଲ୍ସ, ଆର୍ଜେଣ୍ଟିନା ବିଜୟୀ

**ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୭।୧**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହକି ବିଶ୍ୱକପ୍ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ ଆଫ୍ରିକା, ୱେଲ୍ସ ଓ ଆର୍ଜେଣ୍ଟିନା ବିଜୟ ହାସଲ କରିଛି। ଦକ୍ଷିଣ ଆଫ୍ରିକା ୬-୩ ଗୋଲରେ ମାଲେସିଆକୁ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ବ୍ରାଡ୍‌ଲି ଶେରଉଡ୍ ୯ ଓ ୫୭ତମ ମିନିଟରେ ୨ଟି ଏବଂ ଗୟ ମୋର୍ଗାନ ୧୭, ଏନ୍‌କୋବିଲ ଏନ୍‌ଟୁଲି୨୬, କିନାନ ଗ୍ରେଗ୍ ହର୍ନ ୪୩ ଓ ମୁସ୍ତାଫା କାସିମ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମାଲେସିଆ ପକ୍ଷରୁ ମହମ୍ମଦ ରାଜି ରହିମ ୩୫ ଓ ୪୫ତମ ମିନିଟରେ ୨ଟି ଏବଂ ମହମ୍ମଦ ଫିରହାନ ଅନସାରି ୫୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୱେଲ୍ସ ଓ ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ୱେଲ୍ସ ୨-୧ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ପ୍ରଥମଥର ପାଇଁ ବିଶ୍ୱକପ ଖେଳିବା ସୁଯୋଗ ପାଇଥିବା ୱେଲ୍ସର ଚଳିତ ଟୁର୍ନାମେଣ୍ଟରେ ଏହାଥିଲା ପ୍ରଥମ ବିଜୟ। ଅନ୍ୟ ଏକ କ୍ଲାସିଫିକେଶନ ମ୍ୟାଚରେ ଆର୍ଜେଣ୍ଟିନା ୮-୦ ଗୋଲରେ ଚିଲିକୁ ହରାଇ ଦେଇଥିଲା। ବିଜୟୀ ଦଳ ପକ୍ଷରୁ ମାଇକୋ କାସେଲା ୧୭ ଓ ୩୪ତମ ମିନିଟରେ ୨ଟି, ନିକୋଲାସ ଡେଲା ଟୋରେ ୯ମ, ଲୁକାସ ଟୋସକାନି ୧୯, ବୌଟିଷ୍ଟା କାପୁରୋ ୨୩, ନିକୋଲାସ ସାଣ୍ଟିଆଗୋ କିନାନ ୨୫, ମାର୍ଟିନ ଇଗ୍ନାସିଓ ଫେରେରୋ ୫୧ ଓ ଟୋମାସ ମାଇକେଲ ଡୋମେନେ ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୯ରୁ ୧୨ତମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚରେ ୱେଲ୍ସକୁ ଆର୍ଜେଣ୍ଟିନା ଭେଟିବ।

**ହକି ବିଶ୍ୱକପ୍**

(ଆଜିର ମ୍ୟାଚ୍)

**ମାଲେସିଆ ବନାମ ଜାପାନ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୧୧.୩୦

**ଚିଲି ବନାମ ଫ୍ରାନ୍ସ**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୨.୦୦

**ୱେଲ୍ସ ବନାମ ଆର୍ଜେଣ୍ଟିନା**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୪.୩୦

**ଭାରତ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ୭.୦୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୮/୨୦୨୩ Bhubaneswar, Saturday, January 28/ 2023

# ୨୧ ରନରେ ହାରିଲା ଭାରତ

**ରାଞ୍ଚି,୨୭।୧**

ଭାରତ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚକୁ ୨୧ ରନ୍‌ରେ ଜିତି ନେଇଛି ନ୍ୟୁଜିଲାଣ୍ଡ। ଡାରିଲ ମିଚେଲ ଓ ଡେଭନ କନଓ୍ୱେଙ୍କ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟରେ ୧୭୬ ରନ କରିଥିଲା। ଜବାବରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ରାଞ୍ଚିର ଜେଏସ୍‌ସିଏ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଡେଭନ୍ କନଓ୍ୱେ(୫୨) ଓ ଫିନ୍ ଆଲେନ୍(୩୫) ପ୍ରଥମ ଉଇକେଟରେ ୪୩ ରନ ଯୋଡିଥିଲେ। ୱାଶିଂଟନ୍ ସୁନ୍ଦର ମାତ୍ର ୪ ବଲ୍ ବ୍ୟବଧାନରେ ଫିନ୍ ଆଲେନ୍ ଓ ମାର୍କ ଚାପମ୍ୟାନ(୦)ଙ୍କୁ ଆଉଟ କରିଥିଲେ। ଗ୍ଲେନ୍ ଫିଲିପ୍ସ(୧୭) ଧିମା ବ୍ୟାଟିଂ କରିବାରୁ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଡାରିଲ ମିଚେଲ୍ ୩୦ ବଲରୁ ୫୯ ରନ୍ କରିବାରୁ ଦଳ ୧୭୬ ରନ ସ୍କୋର କରିଥିଲା। ମିଚେଲଙ୍କ ଇନିଂସରେ ୩ ଚୌକା ଓ ୫ ଛକା ସାମିଲ ଥିଲା। ୧୯ ଓଭର ସୁଦ୍ଧା ନ୍ୟୁଜିଲାଣ୍ଡ ୧୪୯ ରନ୍ କରିଥିବା ବେଳେ ୨୦ ତମ ଓଭରରେ ୨୭ ରନ୍ ଦେଇଥିଲେ ଅର୍ଶଦୀପ ସିଂ। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୨ ଓ କୁଲଦୀପ ଯାଦବ, ଶିବମ ମାଭି ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ଉଲ୍ଲସିତ ମାଇକେଲ ବ୍ରେସ୍‌ୱେଲ୍।

**ପ୍ରଥମ ଟି୨୦**

୧୭୭ ରନ୍‌ର ପିଛା କରୁଥିବା ଭାରତର ଆରମ୍ଭ ଅତ୍ୟନ୍ତ ଖରାପ ରହିଥିଲା। ୩ ଟପ୍ ଅର୍ଡର ବ୍ୟାଟର ଶୁବମାନ ଗିଲ(୭), ଲୋକାଲ ବୟ ଇଶାନ କିଶନ(୪) ଓ ରାହୁଲ ତ୍ରିପାଠୀ(୦) ଦଳୀୟ ସ୍କୋର ୧୫ ମଧ୍ୟରେ ପ୍ୟାଭିଲିୟନ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବ(୪୭) ଓ ହାର୍ଦ୍ଦିକ ପାଣ୍ଡ୍ୟା(୨୧)ଙ୍କ ମଧ୍ୟରେ ୬୮ ରନ୍‌ର ଭାଗୀଦାରି ହୋଇଥିଲା। ମାତ୍ର ୬ ରନ୍ ମଧ୍ୟରେ ଉଭୟ ପ୍ୟାଭିଲିୟନ ଫେରିବା ପରେ ନ୍ୟୁଜିଲାଣ୍ଡ ଡ୍ରାଇଭର ସିଟରେ ରହିଥିଲା।ଶେଷ ଆଡକୁ ୱାଶିଂଟନ୍ ସୁନ୍ଦର(୫୦) କିଛି ଆକର୍ଷଣୀୟ ଶଟ୍ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମାଇକେଲ ବ୍ରେସୱେଲ ଓ ମିଚେଲ ସାଣ୍ଟନର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୭୬/୬ (ଡାରିଲ ମିଚେଲ-୫୯*, ଡେଭନ୍ କନଓ୍ୱେ-୫୨, ଫିନ୍ ଆଲେନ୍-୩୫, ୱାଶିଂଟନ୍ ସୁନ୍ଦର-୨/୨୨, ଶିବମ ମାଭି-୧/୧୯, କୁଲଦୀପ ଯାଦବ-୧/୨୦)। ଭାରତ: ୨୦ ଓଭରରେ ୧୫୫/୯ (ୱାଶିଂଟନ୍ ସୁନ୍ଦର-୫୦, ସୂର୍ଯ୍ୟକୁମାର ଯାଦବ-୪୭, ହାର୍ଦ୍ଦିକ ପାଣ୍ଡ୍ୟା-୨୧, ମିଚେଲ ସାଣ୍ଟନର-୨/୧୧, ମାଇକେଲ ବ୍ରେସୱେଲ-୨/୩୧, ଲୋକି ଫର୍ଗୁସନ୍-୨/୩୩)।

# ବେଙ୍ଗଲକୁ ୭ ଉଇକେଟରେ ହରାଇଲା ଓଡ଼ିଶା

**ଭୁବନେଶ୍ୱର,୨୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ବିଜୟୀ ହୋଇଛି ଓଡ଼ିଶା। ୧୧୨ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ଓଡ଼ିଶା ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏହା ସହିତ ଚଳିତ ସିଜନର ଅନ୍ତିମ ମ୍ୟାଚରେ ଓଡ଼ିଶା ନିଜର ପ୍ରଥମ ବିଜୟ ହାସଲ କରିଛି। ବେଙ୍ଗଲ ପ୍ରଥମ ଇନିଂସରେ ଫଲୋଅନ ଡାକରା ପାଇ ୨୭୬ ରନରେ ଅଲଆଉଟ ହୋଇଥିଲା। ଭାରତୀୟ ଦଳରେ ସାମିଲ ହୋଇଥିବା ଓପନର ଅଭିମନ୍ୟୁ ଇଶ୍ୱରନ୍‌ଙ୍କ ୧୦୧ ରନ୍ ବଳରେ ବେଙ୍ଗଲ ୨୭୬ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ସୁନୀଲ ରାଉଳ ୬ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓପନର ଅନୁରାଗ ଷଡଙ୍ଗୀଙ୍କ ୩୭, ସନ୍ଦୀପ ପଟ୍ଟନାୟକଙ୍କ ୨୮*, ଶୁଭ୍ରାଂସୁ ସେନାପତିଙ୍କ ୩୦ ଓ ରାକେଶ ପଟ୍ଟନାୟକଙ୍କ ୨୦* ରନ୍ ବଳରେ ଓଡ଼ିଶା ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲେ।


ବିଜୟ ପରେ ବସନ୍ତ ମହାନ୍ତିଙ୍କୁ କାନ୍ଧରେ ବସାଇଛନ୍ତି ଓଡ଼ିଶା ଖେଳାଳି।

**ରଣଜୀ ଟ୍ରଫି**

ଶୁଭ୍ରାଂସୁ ସେନାପତିଙ୍କ ୬୭ ରନ୍ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୬୫ ରନରେ ଅଲଆଉଟ ହୋଇଥିଲା। ଜବାବରେ ସୁନୀଲ ରାଉଳ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ୩ ଉଇକେଟ ସଫଳତା ବଳରେ ବେଙ୍ଗଲ ମାତ୍ର ୧୦୦ ରନରେ ଅଲଆଉଟ ହୋଇଥିଲା। ଇଶ୍ୱରନଙ୍କ ଶତକ ଓ ଅଧିନାୟକ ମନୋଜ ତିୱାରୀଙ୍କ ୫୨ ରନ୍ ବଳରେ ବେଙ୍ଗଲ ଦ୍ୱିତୀୟ ଇନିଂସରେ ୨୭୬ ରନ୍ କରି ଓଡ଼ିଶା ଆଗରେ ୧୧୨ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ୯ ଉଇକେଟ ନେଇଥିବା ଓଡ଼ିଶାର ସୁନୀଲ ରାଉଳଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ବେଙ୍ଗଲ ୭ ମ୍ୟାଚରୁ ୩୨ ପଏଣ୍ଟ ସହିତ ଗ୍ରୁପ୍ ଡିରେ ପ୍ରଥମ ସ୍ଥାନରେ ଥିବା ବେଳେ ଓଡ଼ିଶା ସମାନ ସଂଖ୍ୟକ ମ୍ୟାଚରୁ ଗୋଟିଏ ବିଜୟ ସହ ୫ମ ସ୍ଥାନରେ ରହିଛି।

# ୪ ଉରୁଗୁଏ ଖେଳାଳି ଦଣ୍ଡିତ

**ଜୁରିଚ୍, ୨୭।୧ (ଏପି):** ବିଶ୍ୱକପ୍ ବେଳେ ବିଶୃଙ୍ଖଳା ପାଇଁ ଅନ୍ତର୍ଜାତୀୟ ଫୁଟ୍‌ବଲ ପରିଚାଳନା ମହାସଂଘ ଫିଫା ଉରୁଗୁଏର ୪ଜଣ ଖେଳାଳିଙ୍କୁ ଦଣ୍ଡିତ କରିଛି। ଫର୍ନାଣ୍ଡୋ ମୁସ୍‌ଲେରା ଓ ଜୋସ୍ ମାରିଆ ଜିମେଞ୍ଜଙ୍କୁ ୪ଟି ଲେଖାଏଁ ମ୍ୟାଚରୁ ବାସନ୍ଦ ହୋଇଛନ୍ତି। ଗତ ମାସରେ ବିଶ୍ୱକପ୍ ବେଳେ ଏହି ଖେଳାଳିମାନେ ମ୍ୟାଚ ଅଫିସିଆଲଙ୍କ ସହ ମୁହାଁମୁହିଁ ହୋଇଥିଲେ। ଦୁଇ ଭେଟେରାନ ଖେଳାଳି ଏଡିନ୍‌ସନ କାଭାନି ଓ ଡିଏଗୋ ଗଡିନ୍ ଉରୁଗୁଏର ପରବର୍ତ୍ତି ମ୍ୟାଚରୁ ବାସନ୍ଦ ହୋଇଛନ୍ତି। ଖେଳାଳିମାନଙ୍କୁ ୨୦,୦୦୦ ସୁଇସ୍ ଫ୍ରାଙ୍କ୍ (୨୧,୬୦୦ ଡଲାର) ପର୍ଯ୍ୟନ୍ତ ଜରିମାନା କରାଯାଇଥିବା ଫିଫା କହିଛି। ଡିସେମ୍ବର ୨ରେ ଗ୍ରୁପ ପର୍ଯ୍ୟାୟ ଶେଷ ମ୍ୟାଚରେ ଘାନାକୁ ୨-୦ ଗୋଲ୍‌ରେ ହରାଇବା ସତ୍ତ୍ୱେ ଉରୁଗୁଏ ରାଉଣ୍ଡ ଅଫ୍ ୧୬କୁ ଉନ୍ନୀତ ହୋଇ ନ ପାରି ନ ଥିବାରେ ଏହି ଖେଳାଳିମାନେ କ୍ରୋଧ ପ୍ରକାଶ କରିଥିଲେ। ଉରୁଗୁଏର ଫୁଟ୍‌ବଲ ମହାସଂଘକୁ ମଧ୍ୟ ୫୦,୦୦୦ ସୁଇସ୍ ଫ୍ରାଙ୍କ୍ (୫୪,୦୦୦ ଡଲାର) ଜରିମାନା ହୋଇଛଇ।

# ବସନ୍ତଙ୍କ କଥା ରହିଲା

**ଭୁବନେଶ୍ୱର,୨୭।୧(ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଥମ ଶ୍ରେଣୀ କ୍ରିକେଟରୁ ବିଦାୟ ନେଇଥିବା ଓଡ଼ିଶାର ଭେଟେରାନ ପେସ ବୋଲର ବସନ୍ତ ମହାନ୍ତି ବିପକ୍ଷ ଦଳର ଅଧିନାୟକଙ୍କୁ ଦେଇଥିବା କଥା ରଖିଛନ୍ତି। ୨୦୦୭ରେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ବସନ୍ତ ମହାନ୍ତି। ବେଙ୍ଗଲ ବିପକ୍ଷରେ ପଦାର୍ପଣ କରିଥିବା ବେଳେ ସମାନ ଦଳ ବିପକ୍ଷରେ ଖେଳିଛନ୍ତି ନିଜର ଅନ୍ତିମ ମାଚ୍। ତେବେ ଏହା ସହିତ ବସନ୍ତ ଆଉ ଏକ ରେକର୍ଡ ହାସଲ କରିଛନ୍ତି। ନିଜର ପ୍ରଥମ ଉଇକେଟ ଭାବରେ ସେ ମନୋଜ ତିୱାରୀଙ୍କୁ ଆଉଟ କରିଥିବା ବେଳେ ଅନ୍ତିମ ଖେଳାଳି ଭାବରେ ମଧ୍ୟ ସେ ମନୋଜ ତିୱାରୀଙ୍କ ଉଇକେଟ ନେଇଥିଲେ। ଇଡେନ ଗାର୍ଡେନ୍ସରେ ଖେଳା ଯାଇଥିବା ରଣଜୀ ଟ୍ରଫି ମ୍ୟାଚର ପ୍ରଥମ ଦିନରେ ବେଙ୍ଗଲ ଅଧିନାୟକ ମନୋଜ ତିୱାରୀ ଏକ ଟୁଇଟ୍ କରିଥିଲେ। ବସନ୍ତଙ୍କ ପ୍ରଶଂସା କରିବା ସହିତ ବସନ୍ତ ନିଜର ଅନ୍ତିମ ଉଇକେଟ ଭାବରେ ତାଙ୍କୁ ଆଉଟ କରିବାକୁ ଚାହାନ୍ତି ବୋଲି ମଧ୍ୟ ଲେଖିଥିଲେ। ବେଙ୍ଗଲର ଦ୍ୱିତୀୟ ଇନିଂସରେ ମନୋଜ ୫୨ ରନ୍ କରିଥିବା ବେଳେ ତାଙ୍କୁ ଆଉଟ କରିଥିଲେ ବସନ୍ତ। ଆଉ ଏହା ସହିତ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ପୂରଣ କରିଥିଲେ। ବସନ୍ତ ୧୦୫ ପ୍ରଥମ ଶ୍ରେଣୀ ମ୍ୟାଚରୁ ୪୦୩ ଉଇକେଟ ନେଇଥିଲେ। ୭/୨୭ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଦେବାଶିଷ ମହାନ୍ତିଙ୍କ ପରେ ଦ୍ୱିତୀୟ ଓଡ଼ିଆ ଖେଳାଳି ଭାବରେ ସେ ନିଜ କ୍ୟାରିୟରରେ ୪୦୦ରୁ ଅଧିକ ପ୍ରଥମ ଶ୍ରେଣୀ ଉଇକେଟ ନେଇଛନ୍ତି।


ବସନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଓଡ଼ିଶା କ୍ରିକେଟ ଦଳ ମ୍ୟାନେଜର ଯୁଗଳ କିଶୋର ସାମଲ, ମୁଖ୍ୟ କୋଚ ଆର୍. ଶ୍ରୀକାନ୍ତ, ବ୍ୟାଟିଂ କୋଚ୍ ରଶ୍ମି ରଞ୍ଜନ ପରିଡ଼ା ଓ ଫିଲ୍ଡିଂ କୋଚ୍ ଗୌତମ ଗୋପାଳ।




^^ Ex-showroom price of XL100 Comfort Kick Start variant. ^ Ex-showroom price of TVS Scooty Pep+ Gloss variant. * Applicable only on XL100 variants. Finance at the sole discretion of the financier. T&C apply.

TVS 3 YEAR WARRANTY TVS CREDIT L&T Financial Services IDFC FIRST Bank ALWAYS YOU FIRST SHRIRAM City

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: 3S TVS, Ph: 8860629978, Rita TVS, Ph: 9827133318, Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371. PURI: Modern TVS, Ph: 7978707757, 7440002101; CUTTACK: Sai Durga TVS, Ph: 9937117562, Arnapurna TVS, Ph.: 9778422980,. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE: Sasmita TVS, Ph: 8860793803; JAGATSINGHPUR: Gita TVS, Ph: 06724-222717, 7788901717. Authorised Dealers: Gothopatna:Ph:8249710415, Nachuni:Ph:9337788799, Tomando:Ph:7008905034, Balipatna:Ph:9776036999, Jatani:Ph:7978421266, Balugaon:Ph:9937886712, Nirakarpur:Ph:9658971360, CRP Square, Bhubaneswar:Ph:9337022334, Baghamari:Ph:9437015363, Erasama:Ph:7978497028, Naugoan:Ph:8339939725, Krushnanandapur:Ph:9237066573, Balitutha:Ph:7894845878, Dasapalla:Ph:9437354285, Rohibank:Ph: 9777737177, Kalapathar:Ph:9937844941, Ranpur:Ph:9778520193, Khandapada: Ph:7008659421, Purunakatak:Ph:9439071610, Chandpur:Ph: 9337112565, Raj Sunakhela:Ph:9437637421, Narasinghpur:Ph:9658410027, Odogaon:Ph: 98619 11414, Pipili:Ph:9861150706, Sakhigopal:Ph:9861150706, Nimapara:Ph:7381765800, Delang:Ph:9090214582, Brahmagiri:Ph:8480928882, 6370937155, Chari Chowk: Ph:8327783765, Paradeep:Ph:9937472707, Athagarh:Ph:9853429148, Abhimanpur Post:Ph:9937019555, Banki:Ph:9437666687, Badamba:Ph:9337135769, Niali:Ph:9437307967, Kandarpur:Ph:9090098000, Jagatpur:Ph:9337268787, Phulnakhara:Ph:9437037344, Salepur :Ph:8018556514 Nischintakoili:Ph:9337438686, Tangi: Ph:9437270482, Pattamundai:Ph:9938602209, Marshaghai:Ph:9938837705, Rajnagar:Ph:9439650236, Rajkanika:Ph:7978903410, Chandbali:Ph:9238514769, Basudevpur:Ph:8249905878, Balichandrapur:Ph:7978388298, Brahmabarada:Ph:7894020786, Raipur:Ph:9937963372, Mangalpur:Ph:9853486660, Bari:Ph:9437510237, Binjharpur:Ph:9090503379. Kuakhia: Ph: 9348035630, Singhpur: Ph: 9040646458.

dentsu/dha bhu/01/23

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ